# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ଜୁନ୍ ୫/୨୦୨୫ (୧୬ ପୃଷ୍ଠା) | Bhubaneswar, Thursday, June 5/2025 | Page 16 | ₹ 7.00 | BALASORE

୫୧ଶ ଭାଗ ୧୯୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 190 | ମୂଲ୍ୟ ₹୭/-





ODISHA
NEW OPPORTUNITIES

DSPL - 93



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# କଥା ଦେଇ କଥା ରଖିଲେ ମୋହନ ସରକାର
# ସୃଷ୍ଟି ହେଲା ନୂଆ ରୋଜଗାର

# ଗଞ୍ଜାମ ଜିଲ୍ଲାରେ ଶିଳ୍ପ ପ୍ରକଳ୍ପ ଗୁଡ଼ିକର
## ଭିତ୍ତିପ୍ରସ୍ତର ସ୍ଥାପନ

**ମୁଖ୍ୟ ଅତିଥି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

**ଗରିମାମୟ ଉପସ୍ଥିତି**

**ଶ୍ରୀ ବିଭୂତି ଭୂଷଣ ଜେନା**
ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଏବଂ ଖଣି

**ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ**
ମନ୍ତ୍ରୀ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ, ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ

**ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ**
ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା

**ଶ୍ରୀ ପ୍ରଦୀପ କୁମାର ପାଣିଗ୍ରାହୀ**
ସାଂସଦ, ବ୍ରହ୍ମପୁର

**ଶ୍ରୀ କୃଷ୍ଣଚନ୍ଦ୍ର ନାୟକ**
ବିଧାୟକ, ଛତ୍ରପୁର

**ଭିତ୍ତିପ୍ରସ୍ତର ସ୍ଥାପନ**

ତରଙ୍ଗିଣୀ ଡ଼ିଷ୍ଟିଲାରୀସ୍ ପ୍ରାଇଭେଟ୍ ଲିମିଟେଡ୍ | ସାତ୍ତ୍ୱିକ୍ ସୋଲାର ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍
ୱାର୍ଲ୍ଡ ଗ୍ରୀନ୍ ଏନର୍ଜି ପ୍ରାଇଭେଟ୍ ଲିମିଟେଡ୍ | ପେଟ୍ରୋନେଟ୍ ଏଲ୍.ଏନ୍.ଜି. ଲିମିଟେଡ୍ | ଓଡ଼ିଶା ମୋନୋଲିଥିକ୍
ୟୁ.ପି.ଏଲ୍. ଲିମିଟେଡ୍ | ଓସିଓର୍ ଏନର୍ଜି ପ୍ରାଇଭେଟ୍ ଲିମିଟେଡ୍ | ଏଚ୍.ଏଚ୍.ପି. ଫାଇଭ୍ ପ୍ରାଇଭେଟ୍ ଲିମିଟେଡ
ଜିଓ ଇମ୍ପେକ୍ସ ଆଣ୍ଡ ଲଜିଷ୍ଟିକ୍ସ ପ୍ରାଇଭେଟ୍ ଲିମିଟେଡ | କ୍ରୋଚେଟ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍ | ଯେ.ଏସ୍.ଆର୍ ଗ୍ରିନେକ୍ସ
ଲିନକ୍ସ ଅର୍ଥୋସର୍ଜିକାଲ୍ ପ୍ରାଇଭେଟ୍ ଲିମିଟେଡ୍ | ଇଡ୍‌କୋ ଇନ୍ଫ୍ରାଷ୍ଟ୍ରକ୍ଚର ପ୍ରୋଜେକ୍ଟସ୍ | ଇଡ୍‌କୋ ୱାଟର ପାଇପ୍ ଲାଇନ୍ ୟୁଟିଲିଟି କରିଡ଼ର୍

**୧୫ , ୪୫୫ ରୁ ଅଧିକ ନିଯୁକ୍ତି ସୁଯୋଗ | ୨୮, ୦୮୪ କୋଟି ଟଙ୍କା ର ପୁଞ୍ଜି ନିବେଶ**

**୫ ଜୁନ୍ ୨୦୨୫ । ଦିବା ୧୦ଘଟିକା । ଅନସ୍ଲୋ, ଷ୍ଟାଡ଼ିୟମ୍, ଛତ୍ରପୁର, ଗଞ୍ଜାମ**

OIPR:

**ଶିଳ୍ପ ବିଭାଗ, ଓଡ଼ିଶା ସରକାର**

# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ଜୁନ୍ ୫/୨୦୨୫ | Bhubaneswar, Thursday, June 5/2025 | ପୃଷ୍ଠା-୧







# ବେଙ୍ଗାଲୁରୁରେ ଦଳାଚକଟା: ୧୧ ମୃତ

## ଆର୍‌ସିବିର ଭିକ୍ଟ୍ରି ସେଲିବ୍ରେଶନ୍ ବେଳେ ଅଘଟଣ

କର୍ଣ୍ଣାଟକର ବେଙ୍ଗାଲୁରୁସ୍ଥିତ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ବୁଧବାର ରୟାଲ ଚ୍ୟାଲେଞ୍ଜର୍ସ ଅଫ୍ ବେଙ୍ଗାଲୁରୁ(ଆର୍‌ସିବି)ର ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍-୨୦୨୫) ଭିକ୍ଟ୍ରି ସେଲିବ୍ରେଶନ୍ ବେଳେ ଦଳାଚକଟା ହୋଇଛି। ଏଥିରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଅନେକ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ମଧ୍ୟ ଶୋକବ୍ୟକ୍ତ କରିଛନ୍ତି। ମୃତକଙ୍କ ପରିବାରକୁ ୧୦ ଲକ୍ଷ ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଏବଂ ଆହତଙ୍କୁ ମାଗଣା ଚିକିତ୍ସା ପ୍ରଦାନ ପାଇଁ ସିଦ୍ଧାରାମାୟା ଘୋଷଣା କରିଛନ୍ତି।



**ବେଙ୍ଗାଲୁରୁ,୪।୬**

ଦୀର୍ଘ ୧୮ ବର୍ଷର ବ୍ୟବଧାନ ପରେ ଆର୍‌ସିବି ଟିମ୍ ମଙ୍ଗଳବାର ଅହମଦାବାଦ୍ ଷ୍ଟାଡିୟମ୍‌ରେ ଆଇପିଏଲ୍ ଫାଇନାଲରେ ପଞ୍ଜାବ କିଙ୍ଗସ୍‌କୁ ହରାଇ ଚାମ୍ପିୟନ୍ ଟ୍ରଫି ହାସଲ କରିଥିଲା। ଏହାର ଦିନକ ପରେ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଆର୍‌ସିବିର ଭିକ୍ଟ୍ରି ପରେଡ୍ ଏବଂ ଖେଳାଳିଙ୍କୁ ସମ୍ବର୍ଦ୍ଧନା ପାଇଁ କର୍ଣ୍ଣାଟକ ଷ୍ଟେଟ୍ କ୍ରିକେଟ ଆସୋସିଏଶନ୍ (କେଏସ୍‌ସିଏ) ପକ୍ଷରୁ ଭବ୍ୟ ସମାରୋହର ଆୟୋଜନ କରାଯାଇଥିଲା। ଏଥିରେ ବିରାଟ କୋହଲି, ରଜତ ପଟିଦାର, କୃନାଲ ପାଣ୍ଡ୍ୟା, ଦୀନେଶ କାର୍ତ୍ତିକଙ୍କ ସମେତ ବିଜୟୀ ଟିମ୍‌ର ପ୍ରାୟ ସମସ୍ତ ହିରୋ ସାମିଲ ହୋଇଥିଲେ। ଏହି ମୁହୂର୍ତ୍ତର ସାକ୍ଷୀ ହେବା ପାଇଁ କର୍ଣ୍ଣାଟକ ତଥା ଦେଶବିଦେଶର ବିଭିନ୍ନ ଭାଗରୁ ଅନେକ ହଜାର ଆର୍‌ସିବିପ୍ରେମୀ ଛୁଟିଆସିଥିଲେ। କିନ୍ତୁ ଅପରାହ୍ନରେ ଷ୍ଟାଡିୟମ୍ ବାହାରେ ଅସମ୍ଭାଳ ଭିଡ଼ ସାଙ୍ଗକୁ ବର୍ଷା ସବୁକିଛି ବିଗାଡ଼ିଦେଇଥିଲା। ଦଳାଚକଟା ଓ ଠେଲାପେଲା ଭିତରେ ଯିଏ ଯୁଆଡ଼େ ଧାଇଁବାରେ ଲାଗିଥିଲେ। ବହୁ କ୍ରିକେଟପ୍ରେମୀ ସଂଜ୍ଞାହୀନ ହୋଇ ତଳେ ପଡ଼ିଯାଇଥିଲେ। ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତମାନଙ୍କୁ ଶିବାଜୀନଗରସ୍ଥିତ ବୋରିଂ ଆଣ୍ଡ୍ ଲେଡି କର୍ଜନ ହସ୍ପିଟାଲ ଏବଂ ବୈଦେହୀ ସୁପରସ୍ପେଶିଆଲିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ☞ପୃଷ୍ଠା-୧୧

**ଆଜିର ସମ୍ପାଦକୀୟ** ସମୟ ଧାରାରେ ରାମାୟଣ

# ଇଞ୍ଜେକ୍ସନ ନେବା ପରେ ୬ ରୋଗୀଙ୍କ ଜୀବନ ଗଲା

ଜୀବନ ବଞ୍ଚାଇବା ପାଇଁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ୬ଜଣ ରୋଗୀଙ୍କ ମଙ୍ଗଳବାର ରାତିରେ ଇଞ୍ଜେକ୍ସନ ନେବା ପରେ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ୫ଜଣ ମାତ୍ର ଦେଢ଼ ଘଣ୍ଟା ମଧ୍ୟରେ ଆଖିବୁଜିଛନ୍ତି। ମେଡିକାଲରେ ଚରମ ଅବ୍ୟବସ୍ଥା ସ୍ୱରୂପ ରୋଗୀଙ୍କୁ ଭୁଲ୍ ଇଞ୍ଜେକ୍ସନ ଦିଆଯାଇଥିବା ଯୋଗୁ ଏଭଳି ଘଟଣା ଘଟିଲା ବୋଲି ଅଭିଯୋଗ ହେଉଛି। ଏନେଇ ବିଧିବଦ୍ଧ ତଦନ୍ତ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ତଦନୁଯାୟୀ କଟକ ଏସ୍‌ସିବି ମେଡିକାଲ କଲେଜ ଏବଂ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜର ବରିଷ୍ଠ ବିଶେଷଜ୍ଞମାନଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ଘଟଣାର କ୍ଷେତ୍ରସ୍ତରୀୟ ତଦନ୍ତ କରି ୨ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଉକ୍ତ ଟିମ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

## କୋରାପୁଟ ମେଡିକାଲ କଲେଜରେ ଅବ୍ୟବସ୍ଥା

**କୋରାପୁଟ/ଭୁବନେଶ୍ୱର, ୪।୬ (ଅମିତାଭ ବେହେରା/ସୁନିତ୍ ମିଶ୍ର)**

କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଇଞ୍ଜେକ୍ସନ ନେବାରେ ପ୍ରାଣ ହରାଇଥିବା ରୋଗୀମାନେ ହେଲେ ବୋରିଗୁମ୍ମା ବ୍ଲକ ବଡ଼ପିଣ୍ଡାପଦରର ଭଗବାନ ପରଜା (୩୮), ମୀନାଗୁଡ଼ାର ରୁକ୍ମିଣୀ ପେଣ୍ଟିଆ (୪୨), ସେମିଳିଗୁଡ଼ା ଜଗମଗୁଡ଼ାର ଶୁକ୍ରା ମାଝୀ(୪୫), କଳାହାଣ୍ଡି ଜିଲା କୋକସରାର ଫୁଲମତି ମାଝୀ, କୋରାପୁଟ ମାଛରା ଅଞ୍ଚଳର ବତୀ ଖରା, ବୋରିଗୁମ୍ମା ଡାବୁଗୁଡ଼ାର ଜଗନ୍ନାଥ ପୂଜାରୀ(୨୯)। ସେମାନଙ୍କ ମଧ୍ୟରୁ ଫୁଲମତି, ଶୁକ୍ରା ଓ ରୁକ୍ମିଣୀ ଆଇସିୟୁରେ ଥିଲେ। ସେହିପରି ବତୀ, ଜଗନ୍ନାଥ ଓ ଭଗବାନ ସାଧାରଣ ୱାର୍ଡରେ ରହି ଚିକିତ୍ସିତ ହେଉଥିଲେ। ଏକ କମିଟି ଗଠନ କରାଯାଇ ଘଟଣାର ତଦନ୍ତ କରାଯିବ ବୋଲି ଜିଲାପାଳ ଭି. କୀର୍ତ୍ତି ଭାସନ ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ରହ୍ମପୁର ଓ କଟକରୁ ୨ ଡିଏମ୍‌ଏଲ୍‌ଟି ଟିମ୍ ☞ପୃଷ୍ଠା-୧୧


DSPL-94

ଓଡ଼ିଶା ଶାସନ



**ଶ୍ରୀଯୁକ୍ତ ମୋହନ ଚରଣ ମାଝୀ**

ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ବିଶ୍ୱ ପରିବେଶ ଦିବସ ୨୦୨୫ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

ବିଶ୍ୱ ପରିବେଶ ଦିବସ ୨୦୨୫ ଅବସରରେ ମୁଁ ଓଡ଼ିଶାବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ, ଶାନ୍ତି, ଉତ୍ତମ ସ୍ୱାସ୍ଥ୍ୟ ଏବଂ ସମୃଦ୍ଧି କାମନା କରୁଛି। ଚଳିତ ବର୍ଷ ପାଇଁ ବିଶ୍ୱ ପରିବେଶ ଦିବସର ବିଷୟ ବସ୍ତୁ 'Ending Plastic Pollution' ପ୍ଲାଷ୍ଟିକ ପ୍ରଦୂଷଣର ଅନ୍ତ ଉପରେ ଧ୍ୟାନ ଦେବା ପ୍ରତି ସମସ୍ତଙ୍କୁ ଆହ୍ୱାନ କରୁଛି। ଆମର ମୃତ୍ତିକା, ଜଳ, ଜଙ୍ଗଲ ଓ ଜୈବବିବିଧତା ପ୍ଲାଷ୍ଟିକ ଆବର୍ଜନା ବୃଦ୍ଧି ଯୋଗୁଁ ବିପଦର ସମ୍ମୁଖୀନ ହେଉଛି। ଏହି ଗୁରୁତ୍ୱପୂର୍ଣ୍ଣ ଦିବସକୁ ପାଳନ କରିବା ଅବସରରେ ପରିବେଶକୁ ସୁରକ୍ଷା ଦେବା ଏବଂ କ୍ରମବର୍ଦ୍ଧିଷ୍ଣୁ ପ୍ଲାଷ୍ଟିକ୍ ପ୍ରଦୂଷଣ ଜନିତ ବିପଦର ମୁକାବିଲା କରିବା ପାଇଁ ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି।

ଓଡ଼ିଶାର ପାରମ୍ପରିକ ରୀତିନୀତି ଓ ଜୀବନଶୈଳୀ ସର୍ବଦା ପ୍ରକୃତି ଅନୁକୂଳ ରହି ଆସିଛି, କିନ୍ତୁ ଆଜି ଆମର ପବିତ୍ର ନଦୀ ଓ ଜଳାଶୟ ସମୂହ ପ୍ଲାଷ୍ଟିକ୍ ଦ୍ୱାରା ପ୍ରଦୂଷିତ ହେଉଛି। ଆମର ସହରାଞ୍ଚଳ ଗୁଡ଼ିକ ପ୍ଲାଷ୍ଟିକ୍ ବର୍ଜ୍ୟ ସମସ୍ୟା ସହ ସଂଘର୍ଷ କରୁଛି। ଆମ ରାଜ୍ୟ ସରକାର ସିଙ୍ଗିଲ୍ ୟୁଜ୍ ପ୍ଲାଷ୍ଟିକ୍ ନିଷେଧ ସହ ଏହାର ଦୀର୍ଘସ୍ଥାୟୀ ବିକଳ୍ପକୁ ପ୍ରୋତ୍ସାହନ ଏବଂ ବର୍ଜ୍ୟ ପରିଚାଳନା ପ୍ରଣାଳୀକୁ ସଶକ୍ତ କରିବା ପାଇଁ ସକ୍ରିୟ ପଦକ୍ଷେପ ନେଇଛନ୍ତି। ସମାଜରେ ପ୍ରକୃତ ପରିବର୍ତ୍ତନ ଆଣିବାକୁ ହେଲେ ଏହା ପ୍ରଥମେ ନିଜ ଓ ନିଜ ପରିବାରଠାରୁ ଆରମ୍ଭ ହେବା ଆବଶ୍ୟକ।

ତେଣୁ ମୁଁ ପ୍ରତ୍ୟେକ ଓଡ଼ିଶାବାସୀଙ୍କୁ ପାରମ୍ପରିକ ଜୀବନଶୈଳୀ ଓ ରୀତିନୀତିକୁ ଆପଣେଇବା ସହ ପୂର୍ବ ପିଢ଼ି ଭଳି କପଡା / ଝୋଟ ବ୍ୟାଗ୍ ବ୍ୟବହାର, ପ୍ରତ୍ୟେକ ଉତ୍ସବରେ ପତ୍ର ତଥା ମାଟି ତିଆରି ସାମଗ୍ରୀର ବ୍ୟବହାର ଏବଂ ପ୍ଲାଷ୍ଟିକ୍ ତିଆରି ଦ୍ରବ୍ୟ ଓ ପ୍ୟାକେଜିଂକୁ ପରିତ୍ୟାଗ କରିବା ପାଇଁ ସଙ୍କଳ୍ପ ନେବାକୁ ଆହ୍ୱାନ କରୁଛି। ଆସନ୍ତୁ, ଆମେ ମିଳିମିଶି ଆମ ପରିବେଶ, ତୀର୍ଥସ୍ଥଳ, ବେଳାଭୂମି ଓ ବଜାରକୁ ପ୍ଲାଷ୍ଟିକ୍ ମୁକ୍ତ କରିବା। ଏକାଠି ହୋଇ ଆମେ ଭବିଷ୍ୟତ ପିଢ଼ି ପାଇଁ ଓଡ଼ିଶାର ସୁରମ୍ୟ ପରିବେଶକୁ ସୁରକ୍ଷିତ କରିପାରିବା।

'ମୋ ଓଡ଼ିଶା, ନିର୍ମଳ ଓଡ଼ିଶା-ପ୍ଲାଷ୍ଟିକ ମୁକ୍ତଓଡ଼ିଶା'

ବନ୍ଦେ ଉତ୍କଳ ଜନନୀ

(ମୋହନ ଚରଣ ମାଝୀ)

ଓଡ଼ିଶା ଶାସନ

**ଶ୍ରୀଯୁକ୍ତ ଗଣେଶ ରାମ ସିଂଖୁଣ୍ଟିଆ**

ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା



**ବିଶ୍ୱ ପରିବେଶ ଦିବସ ୨୦୨୫ ଉପଲକ୍ଷେ**
**ମାନ୍ୟବର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀଙ୍କ ବାର୍ତ୍ତା**

ପରିବେଶ ପ୍ରତି ଆମମାନଙ୍କର ଦାୟିତ୍ୱ ଏବଂ କର୍ତ୍ତବ୍ୟବୋଧ ସମ୍ବନ୍ଧରେ ସ୍ମରଣ କରାଇବା ଏବଂ ପ୍ରଦୂଷଣର ଭୟାବହତା ଓ ପ୍ରତିକାର ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସରୂପେ ପାଳନ କରାଯାଇ ଆସୁଅଛି।

ବିଶ୍ୱ ପରିବେଶ ଦିବସ ୨୦୨୫ର ବିଷୟବସ୍ତୁ 'Ending Plastic Pollution', 'ପ୍ଲାଷ୍ଟିକ୍ ପ୍ରଦୂଷଣକୁ ପ୍ରତିହତ କରନ୍ତୁ'। ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ପ୍ଲାଷ୍ଟିକ୍‌ର ଅପବ୍ୟବହାର ଏବଂ ବିଶ୍ୱ ସ୍ତରରେ ଜୀବଜଗତ ସହ ମାନବ ସ୍ୱାସ୍ଥ୍ୟ ଉପରେ ଏହାର ବିନାଶକାରୀ ପ୍ରଭାବକୁ ମୂଳପୋଛ କରିବାର ଆବଶ୍ୟକତାକୁ ଗୁରୁତ୍ୱ ପ୍ରଦାନ କରିବା।

ପ୍ଲାଷ୍ଟିକ୍ ପ୍ରଦୂଷଣ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ଭାବରେ ଉଭା ହୋଇଛି, ଯାହା ଆମର ପରିବେଶ, ଜୀବନ-ଜୀବିକା ଏବଂ ବିକାଶକୁ ପ୍ରଭାବିତ କରୁଛି। ଏକକ ବ୍ୟବହୃତ ପ୍ଲାଷ୍ଟିକର ଅତ୍ୟଧିକ ଉତ୍ପାଦନ ଏବଂ ବ୍ୟବହାର, ଅପର୍ଯ୍ୟାପ୍ତ ବର୍ଜ୍ୟର ସୃଷ୍ଟି ଏବଂ ଉପଯୁକ୍ତ ପରିବେଶ ଅନୁକୂଳ ବିସ୍ଥାପନ ବ୍ୟବସ୍ଥା ନଥିବା ଯୋଗୁଁ ଆମ ପରିବେଶରେ ପ୍ଲାଷ୍ଟିକ୍ ଆବର୍ଜନା ବୃଦ୍ଧି ପାଉଛି। ଆମ ରାଜ୍ୟ ସରକାର ଏହି ସମସ୍ୟାର ସମାଧାନ ପାଇଁ ଦୃଢ଼ ପ୍ରତିବଦ୍ଧ ଏବଂ ପ୍ଲାଷ୍ଟିକ୍ ପ୍ରଦୂଷଣ ହ୍ରାସ କରିବା ପାଇଁ ପୂର୍ବରୁ ଅନେକ ପଦକ୍ଷେପ ନେଇସାରିଛନ୍ତି। ସକ୍ରିୟ ଭାବରେ ପ୍ଲାଷ୍ଟିକ ବ୍ୟବହାର ନିୟନ୍ତ୍ରଣ, ପୁନଃ ଚକ୍ରଣ ବୃଦ୍ଧି କରିବା ଓ ପରିବେଶ ଅନୁକୂଳ ବିକଳ୍ପ ସ୍ଥାୟୀ ଅଭ୍ୟାସକୁ ପ୍ରୋତ୍ସାହନ ଦେବା ପାଇଁ ନୀତି କାର୍ଯ୍ୟକାରୀ କରୁଛନ୍ତି।

ମୁଁ ପ୍ରତ୍ୟେକ ନାଗରିକଙ୍କୁ ଆହ୍ୱାନ କରୁଛି ଯେ ଏକକ ବ୍ୟବହୃତ ପ୍ଲାଷ୍ଟିକ କିପରି ଓଡ଼ିଶାର ଅନନ୍ୟ ପରିବେଶକୁ କ୍ଷତିଗ୍ରସ୍ତ ନ କରିବ ସେଥିପ୍ରତି ଯତ୍ନବାନ ହେବେ। ମୁଁ ସମସ୍ତ ଓଡିଶାବାସୀଙ୍କୁ ଅନୁରୋଧ କରୁଛି ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ କରନ୍ତୁ, ପ୍ଲାଷ୍ଟିକ୍ ବର୍ଜ୍ୟ ପୃଥକୀକରଣକୁ ଅଭ୍ୟାସରେ ପରିଣତ କରନ୍ତୁ ଏବଂ ପରିବେଶ ଅନୁକୂଳ ସ୍ଥାୟୀ ଅଭ୍ୟାସ ଓ ପଦକ୍ଷେପ ଗୁଡିକୁ ସମର୍ଥନ କରନ୍ତୁ। ଆସନ୍ତୁ, ଭବିଷ୍ୟତ ପିଢ଼ି ପାଇଁ ଆମର ପରିବେଶକୁ ସୁରକ୍ଷିତ କରିବାକୁ ପ୍ରତିଜ୍ଞାବଦ୍ଧ ହେବା।

ବନ୍ଦେ ଉତ୍କଳ ଜନନୀ।

(ଗଣେଶ ରାମ ସିଂଖୁଣ୍ଟିଆ)

OIPR-

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ବିଶ୍ୱ ପରିବେଶ ଦିବସ ପାଳନ ଅବସରେ ଦିନିକିଆ କର୍ମଶାଳା, ସ୍ଥାନ: ବନସୁରୀ ଗୁରୁ ଅଡିଟୋରିୟମ୍, ଆଇଟିଇଆର୍ କ୍ୟାମ୍ପସ, ଜାଗମରା, ସମୟ: ପୂର୍ବାହ୍ନ ୧୦ଟା।
- ୩ୟ କଳାଭୂମି ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ନଟସୂତ୍ର ରିସର୍ଚ୍ଚ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ନଟନ ଉତ୍ସବ, ସ୍ଥାନ: ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ଏଫ୍‌ଏମ୍‌ୟୁ ପକ୍ଷରୁ ବିଶ୍ୱ ପରିବେଶ ଦିବସ, ସ୍ଥାନ: ବ୍ଲୁ ଲେକ୍ ପରିସର, ମାଛୁଆଗାଁ, ନୀଳଗିରି, ସମୟ: ସକାଳ ୭ଟା।
- ସ୍ୱଚ୍ଛ ଭାରତ ଅଭିଯାନ, ସ୍ଥାନ: ଚାନ୍ଦିପୁର ବେଳାଭୂମି, ବାଲେଶ୍ୱର, ସମୟ: ସକାଳ ୭ଟା।
- ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ପର୍ବ, ସ୍ଥାନ: କୁଶୁଡ଼ିହା ମହାଦେବ ମନ୍ଦିର, ରସଲପୁର, ସଦର, ସମୟ: ସକାଳ ୯ଟା ୩୦।
- ବିଶ୍ୱ ପରିବେଶ ଦିବସ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସପ୍ତଦଶ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିକଶିତ ଗାଁ, ବିକଶିତ ଓଡ଼ିଶା ଅନ୍ତର୍ଗତ ପ୍ରକଳ୍ପ ଶିଳାନ୍ୟାସ ଓ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମନ୍ତ୍ରୀ ରବିନାରାୟଣ ନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ରାମେଶ୍ୱର ମନ୍ଦିର, ବାଲିଆ, ରେମୁଣା, ସମୟ: ଅପରାହ୍ନ ୩ଟା।
- ଆମ ନ୍ୟୁଜ୍‌ର ଏକବିଂଶତମ ବାର୍ଷିକ ଉତ୍ସବ, ସ୍ଥାନ: ଭେନିୟା ପାରାଡାଇଜ୍, ଓଟି ରୋଡ୍, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ: ଷେଣ୍ଡିରା, ବନ୍ତ, ସମୟ: ସକାଳ ୮ଟା।
- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ: ସାହାପୁର, ତିହିଡି, ସମୟ: ସକାଳ ୮ଟା।
- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ: କରଦା, ଧାମନଗର, ସମୟ: ସକାଳ ୮ଟା।
- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ:ଜଗଦଳପୁର, ଭଦ୍ରକ, ସମୟ: ଅପରାହ୍ନ ୩ଟା ୩୦।
- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ:ବାଲିଗାଁ, ଚାନ୍ଦବାଲି, ସମୟ: ଅପରାହ୍ନ ୩ଟା ୩୦।
- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ:ରାମଚନ୍ଦ୍ରପୁର, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୩ଟା ୩୦।

## କେନ୍ଦୁଝର
- ପ୍ଲାଷ୍ଟିକ୍ ସଚେତନତା ସାଇକେଲ ରାଲି, ସ୍ଥାନ: କେନ୍ଦୁଝର ଲାବଣ୍ୟ ଛକ, ସମୟ: ସକାଳ ୭ ଟା।
- ବିଶ୍ୱ ପରିବେଶ ଦିବସ ସମାରୋହ, ସ୍ଥାନ: କେନ୍ଦୁଝର ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୯ ଟା।

## ମୟୂରଭଞ୍ଜ
- ପରିବେଶ ସ୍ୱଚ୍ଛତା ଓ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପରିବା ମାର୍କେଟ ବାରିପଦା,ସମୟ: ସକାଳ ୮ଟା।
- ବିଶ୍ୱ ପରିବେଶ ଦିବସରେ ବାଇକ୍ ରାଲି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ବାରିପଦା, ସମୟ: ସକାଳ ୭ଟା।
- ଶିମିଳିପାଳ ସଂଲଗ୍ନ ଅଞ୍ଚଳରେ ପ୍ଲାଷ୍ଟିକ ସଫେଇ କାର୍ଯ୍ୟକ୍ରମ,ସ୍ଥାନ: ଲୁଲୁଙ୍ଗ, ଶାମାଖୁଣ୍ଟା ବ୍ଲକ ,ସମୟ: ପୂର୍ବାହ୍ନ ୧୦ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ଓଡ଼ିଶା ପ୍ରାନ୍ତ ଆନୁକୂଲ୍ୟରେ ପ୍ରାନ୍ତୀୟ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର, ସ୍ଥାନ:ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାରିପଦା,ସମୟ:ସକାଳ ୯ଟା।
- ବିଶ୍ୱ ପରିବେଶ ଦିବସ ପାଳନ ଓ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ, ସ୍ଥାନ: ସଙ୍କଳ୍ପ ମଣ୍ଡପ, ବାରିପଦା ବନଖଣ୍ଡ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।
- ଡିଆରକେ କ୍ଲବ୍ ଆନୁକୂଲ୍ୟରେ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ,ସ୍ଥାନ: ମଧୁବନ ଷ୍ଟାଡିୟମ, ବାରିପଦା, ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର
- ଚାରାରୋପଣ କାର୍ଯ୍ୟକ୍ରମ,ସ୍ଥାନ: ଖଲ୍ଲିକୋଟ କଲେଜ କ୍ରୀଡା ପ୍ରାଙ୍ଗଣ,ସମୟ: ସକାଳ ୮ଟା।
- ଚାରାରୋପଣ, ସ୍ଥାନ: ଏମକେସିଜି ମେଡିକାଲ ପରିସର,ସମୟ: ସକାଳ ୮ଟା।
- ସବୁଜ ରଥ ପରିଭ୍ରମଣ, ସ୍ଥାନ: ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନରୁ ଆରମ୍ଭ, ସମୟ: ସକାଳ ୮ଟା ୧୫।
- ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ଲାଞ୍ଜିପଲୀ ତାରାଦେବୀ ଠାକୁରାଣୀ ଯାତ୍ରାକୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ, ସ୍ଥାନ: ଲାଞ୍ଜିପଲୀ, ସମୟ: ଅପରାହ୍ନ ୩ଟା।

## ଗଞ୍ଜାମ
- କଳସ ଯାତ୍ରା, ସ୍ଥାନ: ଆସିକା ସୁନାମ୍ବ ସାହି ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା।
- ବିଶ୍ୱ ପରିବେଷ ଦିବସ ପାଳନ, ସ୍ଥାନ: ବୁଗୁଡା ବନାଞ୍ଚଳ କାର୍ଯ୍ୟାଳୟ, ସମୟ: ସକାଳ ୭ଟା ୩୦ ।
- ବିଶ୍ୱ ପରିବେଶ ଦିବସ ପାଳନ, ସ୍ଥାନ: ଆସିକା ବ୍ଲକ ଚେରମାରିଆ ଇକୋ ଟୁରିଜିମ ସେଣ୍ଟର, ସମୟ: ଅପରାହ୍ନ ୩ଟା।

## ଗଜପତି
- ବିଶ୍ୱ ପରିବେଶ ଦିବସ ପାଳନ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ଗୁଣ୍ଡିଚାବାଡ଼ି ଠାରୁ ବୃନ୍ଦାବନ ପ୍ୟାଲେସ୍, ସମୟ: ସକାଳ ୮ଟା।

## ଜଗତ୍‌ସିଂହପୁର
- ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାରାଦୀପ କାର୍ଯ୍ୟାଳୟ, ପାରାଦୀପ ପୌର ପରିଷଦ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ସଚେତନତା ପଦଯାତ୍ରା, ସ୍ଥାନ: ଅଠରବାଙ୍କି ଲକ୍‌ପଡ଼ା, ପାରାଦୀପ, ସମୟ: ସକାଳ ୭ ଟା।
- ସ୍ୱେଚ୍ଛାସେବୀ ସଙ୍ଗଠନ ନେଚର କେୟାର ଇନସିଟିଭ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଆଲୋଚନାଚକ୍ର, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି (ଇସ୍କଫ) ପକ୍ଷରୁ ପରିବେଶ ଉପରେ ବିଶ୍ୱାୟନର ପ୍ରଭାବ ଶୀର୍ଷକ ଆଲୋଚନା ଚକ୍ର, ସ୍ଥାନ: ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନ, ଖଡିଅଙ୍ଗ, କେନ୍ଦ୍ରପଡ଼ା ସହର, ସମୟ: ଅପରାହ୍ନ ୪ଟା।

## ଯାଜପୁର
କଂଗ୍ରେସ ପକ୍ଷରୁ ପରିବେଶ ସୁରକ୍ଷା ଉପରେ ସଭା, ସ୍ଥାନ : କଳିଙ୍ଗନଗର ଡୁବୁରୀ ହାଟପଡିଆ, ସମୟ : ପୂର୍ବାହ୍ନ ୧୦ଟା।

ସିଭିଲ ସୋସାଇଟି ପକ୍ଷରୁ ଜବାବ ମାଗିବ ସୁକିନ୍ଦା କାର୍ଯ୍ୟକ୍ରମ ପାଇଁ ରାଲି ଓ ସାଧାରଣ ସଭା, ସ୍ଥାନ : କଳିଙ୍ଗନଗର ଡୁବୁରୀ ଛକ,ସମୟ : ଅପରାହ୍ନ ୪ଟା।

## ନୟାଗଡ଼
- ରାମଲୀଳା ନାଟକର ପ୍ରସ୍ତୁତି ବୈଠକ, ସ୍ଥାନ:ଖଣ୍ଡପଡ଼ା ବ୍ଲକ୍ କଣ୍ଟିଲୋ ବାପୁଜୀ ନଗର, ସମୟ:ସନ୍ଧ୍ୟା ୭ଟା।

## ନବରଙ୍ଗପୁର
- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ: ଝରିଗାଁ ବ୍ଲକର ବିଭିନ୍ନ ସ୍ଥାନ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦ ।
- ଜିଲା କ୍ରୀଡା ସଂଘ ଆୟୋଜିତ ଗ୍ରୀଷ୍ମକାଳୀନ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା ।
- ସମ୍ବଲପୁରୀ ଦରପନ ପତ୍ରିକାର ବାର୍ଷିକ ଉତ୍ସବ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୫ଟା ।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମ, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ସନ୍ଧ୍ୟା ୬ଟା ୩୦ ।

## ବଲାଙ୍ଗୀର
- ହରିଶଙ୍କରଠାରେ ବନ ବିଭାଗ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ, ବନ ବିଭାଗ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ବିଶ୍ୱ ପରିବେଶ ଦିବସ ପାଳନ, ସ୍ଥାନ: ଡିଏଫ୍‌ଓ ଅଫିସ ସମ୍ମିଳନୀ କକ୍ଷ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ ।
- ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ ।

## ରାଉରକେଲା
- ରାଉରକେଲା ପ୍ରଦୂଷଣ ବିଭାଗ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ, ସ୍ଥାନ: ସେକ୍ଟର-୧୯, ସିଭିକ ସେଣ୍ଟର, ସମୟ: ସକାଳ ୯ଟା ୩୦ ।
- ଶ୍ରଦ୍ଧା ଅନୁଷ୍ଠାନ ପକ୍ଷରୁ ବିଶ୍ୱ ପରିବେଶ ଦିବସ, ସ୍ଥାନ: ସେକ୍ଟର ୧୬, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼
- ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସ,ସ୍ଥାନ:ଗଣପତି ହୋଟେଲ ସମ୍ମିଳନୀ କକ୍ଷ, ବରଗଡ଼,ସମୟ:ପୂର୍ବାହ୍ନ ୧୧ଟା।
- ଜିଲାପାଳଙ୍କୁ କଂଗ୍ରେସର ଦାବିପତ୍ର ପ୍ରଦାନ,ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼,ସମୟ:ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି
- ଅଖିଳ ଭାରତୀୟ କିଷାନ ମଜଦୁର ସଭା, ସ୍ଥାନ: ଲାଞ୍ଜିଗଡ଼ ବ୍ଲକର ସିନ୍ଧବାହାଲି ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ, ସ୍ଥାନ: ଭବାନୀପାଟଣା ବ୍ଲକ, ମେଦିନିପୁର ହାଇସ୍କୁଲ, ସମୟ: ସକାଳ ୮ଟା।

## ବୌଦ୍ଧ
- ରାଜ୍ୟସ୍ତରୀୟ ସଂକୀର୍ତ୍ତନ ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ହରିଶଙ୍କର କଳାମଣ୍ଡପ, କଣ୍ଟାମାଳ, ବୌଦ୍ଧ, ସମୟ: ଅପରାହ୍ନ ୩ଟା।
- ନଗର ଉନ୍ନୟନ ମନ୍ତ୍ରୀଙ୍କ ବୌଦ୍ଧ ଗସ୍ତ ଓ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସଭା ଗୃହ, ବୌଦ୍ଧ, ସମୟ: ଅପରାହ୍ନ ୫ଟା।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ:ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ଡୁଙ୍ଗୁରିପାଲିସ୍ଥିତ ଗଜବନ୍ଧ ବାବାଜୀ ସାହୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଅଧକ୍ଷଙ୍କ ଦାୟିତ୍ୱ ଗ୍ରହଣ କାର୍ଯ୍ୟକ୍ରମ, ସ୍ଥାନ: ଶିକ୍ଷାନୁଷ୍ଠାନ ପରିସର, ସମୟ: ସକାଳ ୯ ଟା।
- ମୁଖ୍ୟମନ୍ତ୍ରୀଙ୍କ ସୁବର୍ଣ୍ଣପୁର ଗସ୍ତ ପାଇଁ ଭାଜପା ପକ୍ଷରୁ ଜୋନସ୍ତରୀୟ ବୈଠକ, ସ୍ଥାନ : ତରଭା ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଜିଲାସ୍ତରୀୟ ଗ୍ରୀଷ୍ମକାଳୀନ ଚେସ୍ ପ୍ରଶିକ୍ଷଣ ଶିବିର ତୃତୀୟ ଦିବସ, ସ୍ଥାନ: ସ୍ଥାନୀୟ କେଏନ୍ କିଡ୍‌ସ ପବ୍ଲିକ ସ୍କୁଲ ନୂଆପଡ଼ା, ସମୟ: ସକାଳ ୮ଟା।
- କୋମନା ପ୍ରିମିୟର ଲିଗ କ୍ରିକେଟ ତୃତୀୟ ଦିବସ, ସ୍ଥାନ: ଜିତାମିତ୍ର ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ସମୟ: ଅପରାହ୍ନ ୪ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ, ସ୍ଥାନ: କୋମନା ବ୍ଲକ କାଣ୍ଡେତରା ପଞ୍ଚାୟତ ମୂଷାପାଲି ଗାଁ, ସମୟ: ପ୍ରାତଃ ୪ଟା ୩୦ ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜିର ଚନ୍ଦ୍ର କର୍ମାଧିପତିଙ୍କ ଦୃଷ୍ଟିରେ ଥିବାରୁ ନୂତନ କାମର ରୂପରେଖ ପ୍ରସ୍ତୁତ କରାଇପାରନ୍ତି। ଦୀର୍ଘଦିନରୁ ଆପଣ ଯାହା ଆଶା କରୁଥିଲେ ଆଜି ତାହା ସହଜ ଓ ସୁବିଧାରେ ପାଇଯିବେ। ସାହିତ୍ୟ, ସଙ୍ଗୀତ, ବୃତ୍ତି, ବାଣିଜ୍ୟ, ଯାତ୍ରା ପାଇଁ ଅସୁବିଧା ହେବନାହିଁ। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଯୋଗିତାମୂଳକ ମନୋଭାବ ଉପୁଜିପାରେ।

**ବୃଷ** — ବୁଧାଦିତ୍ୟ ଯୋଗ ପ୍ରଭାବରେ ବିଶିଷ୍ଟବ୍ୟକ୍ତିଙ୍କ କଥାରେ ପରିଚାଳିତ ହୋଇପାରନ୍ତି। ଚତୁର୍ଥାଧିପ ଶନିଙ୍କ ଦୃଷ୍ଟିରେ ଥିବାରୁ ପାରିବାରିକ ସମସ୍ୟାଜନିତ ମନ ଭଲ ରହି ନ ପାରେ। କେତେକ କ୍ଷେତ୍ରରେ ଶେଷ ସମୟରେ ନିଷ୍ପତ୍ତି ବଦଳାଇ ପାରନ୍ତି। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ତଥା ଲେଖାପଢ଼ା ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ମିଥୁନ** — ରାଶିରେ ବୃହସ୍ପତି ମାନସିକ ବିକ୍ଷିପ୍ତତା ମଧ୍ୟରେ ଅଭିଳଷିତ କାର୍ଯ୍ୟରେ ସିଦ୍ଧିଲାଭ କରାଇବେ। ତଥାପି ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ସାମାନ୍ୟ ମନ୍ଥର କରିପାରେ। ଆର୍ଥିକ ପରିସ୍ଥିତି ଭଲ ରହିବା ସହ ପଡ଼ୋଶୀଙ୍କୁ କାମରେ ଲଗାଇ କୌଶଳରେ କାର୍ଯ୍ୟ ହାସଲ କରିବେ। ନିର୍ମାଣାଧୀନ କାର୍ଯ୍ୟ ବଢ଼ିଚାଲିବାରୁ ଖୁସି ହୋଇପାରନ୍ତି।

**କର୍କଟ** — ଦ୍ୱାଦଶସ୍ଥ ଗ୍ରହମାନେ ଆପଣଙ୍କୁ ବାରମ୍ବାର ସ୍ଥାନ ପରିବର୍ତ୍ତନ କରାଇ କର୍ମପରିସରକୁ ବ୍ୟାପକ କରିପାରନ୍ତି। ଅବଶ୍ୟ ଆପଣ ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ଆଡଜଷ୍ଟ କରି ଚଳିପାରିବା ହେତୁ କିଛି ଅସୁବିଧା ହେବନାହିଁ। ପ୍ରତିଦ୍ୱନ୍ଦ୍ୱିତା ବଢିଚାଲିବା କାରଣରୁ ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

**ସିଂହ** — କେନ୍ଦ୍ରକୋଣାଧିପ ମଙ୍ଗଳ ଆପଣଙ୍କ ଆଶା ଓ ଅଭିଳାଷକୁ ପୂରଣ କରିବାରେ ସମର୍ଥ ହେବେ। ଏକ ଭିନ୍ନ ପରିସ୍ଥିତିରେ ସମ୍ପର୍କୀୟଙ୍କ ସାହାଯ୍ୟ ଲାଭ କରି ଅଟକି ରହିଥିବା କାମଟିକୁ ସମ୍ପନ୍ନ କରିବେ। ସ୍ତ୍ରୀଙ୍କ ସାହାଯ୍ୟରୁ କାମ ସୁବିଧାରେ ସମ୍ପନ୍ନ ହେବ। ଅର୍ଥ ଲାଭ ସାଙ୍ଗକୁ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା** — ଶୁକ୍ର ଏବଂ ଚନ୍ଦ୍ରଙ୍କ ସ୍ଥିତିରୁ ଆର୍ଥିକାବସ୍ଥାରେ ପରିବର୍ତ୍ତନ ସକାଶେ ବିଭିନ୍ନ ଯୋଜନା କରିବେ। ଅପୂରଣୀୟ ଆଶା ମନକୁ ଆଲୋଡ଼ିତ କରିବାରୁ ମନ ଅଶାନ୍ତ ରହିବ। ଆମଦାନୀ କାରବାର କ୍ଷେତ୍ରରେ ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବ ଓ ଲାଭବାନ୍ ମଧ୍ୟ ହେବେ। ଆରୋଗ୍ୟଲାଭ କରିବା ସାଙ୍ଗକୁ ବନ୍ଧୁମାନଙ୍କ ସହାନୁଭୂତି ଲାଭ କରିପାରିବେ।

**ତୁଳା** — ଶୁକ୍ର ରାଶିକୁ ଅବଲୋକନ କରୁଥିବାରୁ ଶାରୀରିକ ଦୁର୍ବଳତା ଦୂର ହେବା ସହ ଆଶ୍ୱସ୍ତି ଲାଭ କରିବେ। ପଦସ୍ଥ ବ୍ୟକ୍ତିବିଶେଷଙ୍କ ନିକଟରୁ ଆନୁଷ୍ଠାନିକ କାମରେ ପ୍ରେରଣା ମିଳିବ। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ ପ୍ରଶାସନିକ ସ୍ତରରେ ବ୍ୟତିକ୍ରମ ପରିଲକ୍ଷିତ ହେବ। ପଡ଼ୋଶୀଙ୍କ ସହାୟତା ଲାଭ କରି ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି।

**ବିଛା** — ଚନ୍ଦ୍ରଙ୍କ ଶୁଭତ୍ୱରୁ ସ୍ୱାସ୍ଥ୍ୟରେ ଉନ୍ନତି, କର୍ମାରମ୍ଭ, ପୁଞ୍ଜି କାରବାରରେ ଅଗ୍ରଗତି, ବିବାଦୀୟ ଘଟଣାରେ ବିଜୟ ଲାଭ କରିବେ। ବିଶାଖା ନକ୍ଷତ୍ରର ଚେଷ୍ଟା କରୁଥିବା କାମଟି ନ ହେବା କାରଣରୁ ମନ ଉଦାସ ରହିପାରେ। କ୍ରୀଡ଼ା, ସହିତ୍ୟ, ସଙ୍ଗୀତରେ ସମସ୍ୟା ସମାଧାନ ହୋଇଯିବ। ବନ୍ଧୁ ସମ୍ପର୍କରେ ଉନ୍ନତି ଘଟିବା ହେତୁ ଖୁସି ଅନୁଭବ କରିବେ।

**ଧନୁ** — ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ଆପଣଙ୍କ ଉନ୍ନତ ଚିନ୍ତାଧାରା ସନ୍ତାନଙ୍କ ସମସ୍ୟା, ଉଚ୍ଚଶିକ୍ଷାର ସୁଯୋଗ ପାଇପାରନ୍ତି। ପ୍ରତିଯୋଗିତା, କ୍ରୀଡ଼ା, ଗବେଷଣା, ପରିବହନ, ବାଣିଜ୍ୟ ମାନ୍ଦା ହେବ ନାହିଁ। ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହେବେ। ସାମାଜିକ ସ୍ତରରେ ପ୍ରିୟ କଥା କହି ସମସ୍ୟା ସୁଧାରି ନେବେ।

**ମକର** — ସପ୍ତମସ୍ଥ ମଙ୍ଗଳ ପ୍ରଭାବରେ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ । ଜମିଜମା, ବ୍ୟବସାୟ, ପରିବହନ ପାଇଁ ଅସୁବିଧା ହେବ ନାହିଁ। କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟାଲୋଚନା ପରିପ୍ରେକ୍ଷୀରେ ସମ୍ପର୍କୀୟ ପରାମର୍ଶ ଲୋଡ଼ିପାରନ୍ତି। ବନ୍ଧୁମିଳନ, ଆନୁଷ୍ଠାନିକ କାମ, ରପ୍ତାନି କାରବାର, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ** — ଗ୍ରହସ୍ଥିତିର ସାମ୍ୟତା ଆପଣଙ୍କ ଦିନଚର୍ଯ୍ୟା ସକାଶେ ଶୁଭପ୍ରଦ ରହିବ। ଆଳସ୍ୟ ଓ ଅବହେଳା ପରିହାର କରି କାମ କରିଚାଲିଲେ ଅଭିଳାଷ ପୂରଣ ହେବ। ଗୃହସୀମାଜନିତ ବିବାଦ, କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଆର୍ଥିକ ଉନ୍ନତି ଘଟିବ, କିଛି ବ୍ୟାଙ୍କ ଜମା ମଧ୍ୟ କରିପାରିବାର ସୂଚନା ମଧ୍ୟ ରହିଛି।

**ମୀନ** — ସ୍ୱାସ୍ଥ୍ୟ ଭଲ ରହିବା ସହ କର୍ମାରମ୍ଭ, ନିଯୁକ୍ତି ଖବର, ବନ୍ଧୁଙ୍କ ନିମନ୍ତ୍ରଣରେ ଯାତ୍ରା ଭଳି ଶୁଭସୂଚକ କେତେକ କାର୍ଯ୍ୟ କରିବେ। ଶନିଙ୍କ ସ୍ଥିତିଜନିତ ମାନସିକ ଅସ୍ଥିରତା ଲାଗି ରହିଲେ ମଧ୍ୟ କାମ ଅଟକିବ ନାହିଁ । ପରିବାର ଖର୍ଚ୍ଚ ବୃଦ୍ଧିହେତୁ ମନରେ ସରସତା ରହି ନ ପାରେ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିପାରନ୍ତି।

ଆଜି ଜୁନ୍ ୫ ତାରିଖ, ବିଶ୍ୱ ପରିବେଶ ଦିବସ, ମକ୍କାରେ ହଜ୍ ଆରମ୍ଭ, ଜ୍ୟେଷ୍ଠ ଶୁକ୍ଳପକ୍ଷର ଦଶହରା ଦଶମୀ ଗୁରୁବାର। ଶ୍ରୀମନ୍ଦିରରେ ରାଜେନ୍ଦ୍ରାଭିଷେକ, ଆଜି ସୁଦଶାବ୍ରତ, ରାଶିନକ୍ଷତ୍ର-ହସ୍ତା/କନ୍ୟା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ। ଦିବା ଘ.୦୫.୧୦ ଗତେ ଘ.୦୬.୦୩ ମଧ୍ୟେ, ଘ.୦୯.୩୩ ଗତେ ଘ.୧୧.୧୮ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ. ୦୧.୨୩ ଗତେ ଘ.୦୩.୦୨ ମଧ୍ୟେ ରାହୁ କାଳ ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ତୁଳାଗଦା ଦେଖି, ବିଚାର କଲି ମୁଁ**
**ହୁଅନ୍ତା କି ଖଣ୍ଡେ ଲୁଗା**
**କପାଳ ଲିଖନ ହୁଅଇ କି ଆନ**
**ସବୁବେଳେ ଭିକ ମଗା।**

ଭାଗ୍ୟର ବିଡ଼ମ୍ବନା। କର୍ମ ଗୁଣେ ଭାଗ୍ୟ ଫଳେ ଓ ସେହି ଅନୁସାରେ ଫଳ ଭୋଗ ହୋଇଥାଏ। ମଣିଷର ଆଶା ଅସୁମାରୀ। ହେଲେ ଭାଗ୍ୟରେ ଯାହାର ସୁଖ ଫଳ ଭୋଗ ହେବାର ନ ଥାଏ ସେ ଯେତେ ମୁଣ୍ଡ ପିଟିଲେ ମଧ୍ୟ ଆଉ କିଛି ମିଳି ନ ଥାଏ। ଏ ପରିସ୍ଥିତିରେ ନିଜ ଭାଗ୍ୟକୁ ଦୋଷ ଦେବା ଛଡ଼ା ଆଉ କିଛି ଚାରା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ତତଲା ବାଲି**
**ଆମକୁ ଦେଖିଲେ ଗହନ ଚାଲି।**

ଯାହାର ଯାହା ସଙ୍ଗେ ପଡ଼ି ନ ଥାଏ ବା ଭାବପ୍ରୀତି ରହି ନ ଥାଏ, ତାହାଠୁ ସେ ଯଥାସମ୍ଭବ ଦୂରତ୍ୱ ବଜାୟ ରଖିବାକୁ ଉଚିତ୍ ମଣିଥାଏ। କାଳେ ମୁହାଁମୁହିଁ ହୋଇଗଲେ କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଯିବ, ସେଥିପାଇଁ ସେ ସ୍ଥାନ ଛାଡ଼ି ଚାଲିଯାଇଥାଏ। ଜଣକର ଉପସ୍ଥିତି ଅନ୍ୟ ଜଣଙ୍କ ପାଇଁ ଅସହ୍ୟବୋଧ ହେଉଥିବା ସ୍ଥଳେ ଜାଣିଶୁଣି ଏଡ଼ାଇ ଯିବାର ଉଦ୍ୟମ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଅଞ୍ଜି, ଚେନାବ ରେଳ ସେତୁ ଉଦ୍‌ଘାଟନ କରିବେ ମୋଦି

ଭୁବନେଶ୍ୱର,୪।୬(ଅନୁରାଧା ମହାରଣା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୁନ୍ ୬ରେ ଜମ୍ମୁ-କଶ୍ମୀର ଗସ୍ତ କରିବେ। ଏହି ଗସ୍ତ ସମୟରେ ମୋଦି ଐତିହାସିକ ଚେନାବ ସେତୁ ଉଦ୍‌ଘାଟନ ସହ ସେତୁ ଡେକ୍ ପରିଦର୍ଶନ କରିବେ। ଏହାପରେ ସେ ଅଞ୍ଜି ସେତୁ ପରିଦର୍ଶନ କରି ଏହାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସେ ବନ୍ଦେ ଭାରତ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏଥିସହ କଟରାଠାରେ ୪୬,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ।

ସୂଚନାଥାଉ କି, ଚେନାବ ଏବଂ ଅଞ୍ଜି ରେଳ ସେତୁ ନଦୀଠାରୁ ୩୫୯ ମିଟର ଉଚ୍ଚତାରେ ଅବସ୍ଥିତ। ଚେନାବ ସେତୁ ହେଉଛି ବିଶ୍ୱର ସର୍ବୋଚ୍ଚ ରେଳ ଆର୍ଚ୍ଚ ବ୍ରିଜ। ଏହା ୧,୩୧୫ ମିଟର ଲମ୍ବା ଇସ୍ପାତ ଆର୍ଚ୍ଚ ବ୍ରିଜ୍, ଯାହା ଭୂକମ୍ପ ଏବଂ ପବନର ପ୍ରତିକୂଳ ପରିସ୍ଥିତିକୁ ସହ୍ୟ କରିବା ପାଇଁ ଆଧୁନିକ ଇଞ୍ଜିନିୟରିଂ ଢାଞ୍ଚାରେ ନିର୍ମାଣ କରାଯାଇଛି। ଏହି ସେତୁର ଏକ ପ୍ରମୁଖ ପ୍ରଭାବ ଜମ୍ମୁ ଏବଂ ଶ୍ରୀନଗର ମଧ୍ୟରେ ସଂଯୋଗୀକରଣ

## ୬ରେ ପ୍ରଧାନମନ୍ତ୍ରୀଙ୍କ ଜମ୍ମୁ-କଶ୍ମୀର ଗସ୍ତ

## କଟରାଠାରେ ୪୬ହଜାର କୋଟିର ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ

ବୃଦ୍ଧି କରିବ। ଏହା ଉପରେ ବନ୍ଦେ ଭାରତ ଟ୍ରେନ ଚଳାଚଳ ଦ୍ୱାରା କଟରା ଏବଂ ଶ୍ରୀନଗର ମଧ୍ୟରେ ଯାତ୍ରା କରିବାକୁ ପ୍ରାୟ ୩ ଘଣ୍ଟା ସମୟ ଲାଗିବ। ଫଳରେ ବର୍ତ୍ତମାନର ଯାତ୍ରା ସମୟ ୨-୩ ଘଣ୍ଟା ହ୍ରାସ ପାଇବ। ସେହିପରି ଅଞ୍ଜି ସେତୁ ହେଉଛି ଭାରତର ପ୍ରଥମ କେବୁଲ-ଷ୍ଟେଡ୍ ରେଳ ସେତୁ, ଯାହା ଏକ ଚ୍ୟାଲେଞ୍ଜିଂ ଭୂଖଣ୍ଡରେ ଦେଶକୁ ସେବା ଯୋଗାଇ ଦେବ।

ଏହାସହିତ ପ୍ରଧାନମନ୍ତ୍ରୀ ଉଧମପୁର-ଶ୍ରୀନଗର-ବାରମୁଲ୍ଲା ରେଳ ଲିଙ୍କ୍ ପ୍ରକଳ୍ପକୁ ମଧ୍ୟ ଲୋକାର୍ପଣ କରିବେ। ପ୍ରାୟ ୪୩,୭୮୦ କୋଟି ଟଙ୍କା ମୂଲ୍ୟରେ ନିର୍ମିତ ୨୭୨ କି.ମି. ଦୀର୍ଘ ୟୁଏସ୍‌ବିଆର୍‌ଏଲ୍ ପ୍ରକଳ୍ପରେ ୩୬ଟି ସୁଡ଼ଙ୍ଗ (୧୧୯ କି.ମି.) ଏବଂ ୯୪୩ଟି ସେତୁ ରହିଛି। ଏହି ପ୍ରକଳ୍ପ କଶ୍ମୀର ଉପତ୍ୟକା ଏବଂ ଦେଶର ଅନ୍ୟାନ୍ୟ ସ୍ଥାନ ମଧ୍ୟରେ ସବୁଦିନିଆ ସୁଗମ ରେଳ ସଂଯୋଗ ସ୍ଥାପନ କରିବ। ମାତା ବୈଷ୍ଣୋଦେବୀ କଟରାରୁ ଶ୍ରୀନଗର ଚଳାଚଳ କରିବାକୁ ଥିବା ଦୁଇଟି ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏଥିସହ ବିଭିନ୍ନ ସଡ଼କ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ ହେବ। ଜାତୀୟ ରାଜପଥ-୭୦୧ରେ ରଫିଆବାଦରୁ କୁପୱାଡା ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ପ୍ରକଳ୍ପ ଏବଂ ଏନ୍‌ଏଚ୍-୪୪୪ରେ ୧,୯୫୨ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଶୋପିଆନ ବାଇପାସ୍ ରାସ୍ତା ନିର୍ମାଣର ଶିଳାନ୍ୟାସ ଏବଂ ଶ୍ରୀନଗର ଜାତୀୟ ରାଜପଥ-୧ର ସଂଗ୍ରାମା ଜଙ୍କସନ ଏବଂ ଜାତୀୟ ରାଜପଥ-୪୪ର ବେମିନା ଜଙ୍କସନରେ ଦୁଇଟି ଫ୍ଲାଏଓଭର ପ୍ରକଳ୍ପର ଉଦ୍‌ଘାଟନ କରିବେ ମୋଦି। କଟରାରେ ୩୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଶ୍ରୀ ମାତା ବୈଷ୍ଣୋଦେବୀ ମେଡିକାଲ ଉତ୍କର୍ଷ ପ୍ରତିଷ୍ଠାନର ମଧ୍ୟ ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିବେ, ଯାହା ରିଆସି ଜିଲାର ପ୍ରଥମ ମେଡିକାଲ କଲେଜ ହେବ।

# ସ୍ତ୍ରୀ ଓ ପ୍ରସୂତି ଡାକ୍ତର ନିଲମ୍ବିତ

ନୟାଗଡ଼,୪।୬(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ମାତୃ ଶିଶୁ ଚିକିତ୍ସାଳୟରେ ଗର୍ଭସ୍ଥ ଶିଶୁ ଓ ମହିଳା ମୃତ୍ୟୁ ଘଟଣାରେ ରାଜ୍ୟ ସରକାର ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ରବୀନ୍ଦ୍ର ନାଥ ସାହୁଙ୍କୁ ବୁଧବାର ନିଲମ୍ବନ କରିଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର କମ୍ ସଚିବଙ୍କ ଚିଠି ନଂ.୧୬୪୩୬/୪।୬।୨୦୨୫ରେ ନିଲମ୍ବନ ଆଦେଶ ପ୍ରକାଶ ପାଇଛି । ଗତ ୩୧ ତାରିଖରେ ନୟାଗଡ଼ ବ୍ଲକ୍ ବାଲୁଗାଁର ମମତା ସ୍ୱାଇଁ(୩୫) ଓ ତାଙ୍କ ଗର୍ଭସ୍ଥ ଶିଶୁର ଚିକିତ୍ସାରେ ଅବହେଳା ଯୋଗୁ ମୃତ୍ୟୁ ଘଟିଥିଲା ବୋଲି ଅଭିଯୋଗ ହୋଇଥିଲା। ଉକ୍ତ ଘଟଣା ଘଟିବାର ୫ଦିନ ଭିତରେ ଦୋଷୀଙ୍କ ବିରୋଧରେ ରାଜ୍ୟ ସରକାର

## ଗର୍ଭସ୍ଥ ଶିଶୁ,ମହିଳା ମୃତ୍ୟୁ ଘଟଣା

କାର୍ଯ୍ୟାନୁଷ୍ଠାନ କରିଛନ୍ତି । ଉକ୍ତ ଘଟଣାର ତଦନ୍ତ ପାଇଁ ମଙ୍ଗଳବାର ରାଜ୍ୟ ସରକାରଙ୍କ ଏକ ଟିମ୍ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି ତଦନ୍ତ କରି ଫେରିଥିଲେ । ବୁଧବାର ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଅନୁରୂପ ଭାବେ ତଦନ୍ତ କରିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ସାଧାରଣରେ ସ୍ୱାଗତ କରାଯାଇଛି । ବିଭିନ୍ନ ସମୟରେ ଗର୍ଭବତୀ ମହିଳା, ନବଜାତ ଶିଶୁ, ଗର୍ଭସ୍ଥ ଶିଶୁଙ୍କ ମୃତ୍ୟୁ ହେଲେ ଘଟଣାର ଠିକ୍ ତଦନ୍ତ ହେଉ ନ ଥିଲା । ଅଭିଯୋଗ ନ ଥିବା ଦର୍ଶାଇ ସବୁ ଚାପି ଦିଆଯାଉଥିଲା ।

# ବିଜେଡିରୁ ନିଲମ୍ବନ ହେଲେ ଶର୍ମିଷ୍ଠା, ସୁରଥ

ଭୁବନେଶ୍ୱର, ୪।୬(ସୁନିତ୍ ମିଶ୍ର)

ଦଳ ବିରୋଧୀ କାର୍ଯ୍ୟ ସକାଶେ ବିଜେଡିରୁ ୨ ଜଣଙ୍କୁ ନିଲମ୍ବନ ହୋଇଛନ୍ତି। ସେମାନେ ହେଲେ ଗଞ୍ଜାମ ବ୍ଲକ୍‌ର ଶର୍ମିଷ୍ଠା ପ୍ରଧାନ ଏବଂ ସୁରଥ ପ୍ରଧାନ। ଏନେଇ ଦଳ ପକ୍ଷରୁ ବୁଧବାର ବିଜ୍ଞପ୍ତି ଜାରି କରାଯାଇଛି। ଦଳର ଉପସଭାପତି, ମୁଖ୍ୟାଳୟ ପ୍ରତାପ ଜେନାଙ୍କ ଦସ୍ତଖତରେ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ନିର୍ଦ୍ଦିଷ୍ଟ ଭାବେ ନିଲମ୍ବିତ ହୋଇଥିବା ୨ ନେତା କେଉଁ ପ୍ରକାର ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତଥିଲେ ସେନେଇ ସୂଚନା ଦିଆଯାଇ ନାହିଁ।

# ଉତ୍ସବରେ ଖର୍ଚ୍ଚହେବାକୁ ଥିବା ଅର୍ଥ ରାଜ୍ୟବାସୀଙ୍କ କଲ୍ୟାଣରେ ଲଗାଯାଉ: ବିଜେଡି

ଭୁବନେଶ୍ୱର, ୪।୬(ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତିରେ ରାଜ୍ୟବ୍ୟାପୀ ଉତ୍ସବ ପାଳନ କରାଯିବା ପ୍ରସ୍ତାବକୁ ବିଜେଡି ପକ୍ଷରୁ ନାପସନ୍ଦ କରାଯାଇଛି। ଉତ୍ସବ ପାଳନରେ ଖର୍ଚ୍ଚ ହେବାକୁ ଥିବା ଅର୍ଥ ରାଜ୍ୟବାସୀଙ୍କ କଲ୍ୟାଣ କାର୍ଯ୍ୟରେ ଲଗାଯାଉ ବୋଲି ବିଜେଡି ଦାବି କରିଛି। ଶଙ୍ଖ ଭବନରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ବର୍ଷକ ମଧ୍ୟରେ ଭାଜପା ସରକାରଙ୍କ ବିଭିନ୍ନ କ୍ଷେତ୍ରରେ ବିଫଳତାକୁ ବିଜେଡି ଉପସ୍ଥାପନ କରିଆସୁଛି। ମୁଖ୍ୟମନ୍ତ୍ରୀଙ୍କ ଦସ୍ତଖତ ଥିବା ଏକ ନୋଟିସ୍‌କୁ ଦେଖାଇ ଲେନିନ୍ କହିଛନ୍ତି, ଫାଇଲଗୁଡିକ ଅନେକ ସମୟ ଧରି ପଡ଼ି ରହୁଛି। ଏଥିଲାଗି ବଜେଟରେ ପ୍ରାବଧାନ କରାଯାଇଥିବା ଅର୍ଥ ଖର୍ଚ୍ଚ ହୋଇପାରୁନାହିଁ। ଏଥିଯୋଗୁ ସରକାରଙ୍କ କାର୍ଯ୍ୟଦକ୍ଷତା ଉପରେ ନକାରାତ୍ମକ ପ୍ରଭାବ ପଡିବାର ଆଶଙ୍କା ସୃଷ୍ଟି ହୋଇଛି। ଏହି ଫାଇଲଗୁଡିକ ମନ୍ତ୍ରୀ, ବିଭାଗୀୟ ସଚିବ ଓ ନିର୍ଦ୍ଦେଶକଙ୍କ ସ୍ତରରେ ବିଳମ୍ବ ଘଟୁଥିବା କୁହାଯାଇଛି। ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ଉତ୍ସବ ପାଳନ କେବଳ ନିଜ ପ୍ରଚାର ପାଇଁ ଉଦ୍ଦିଷ୍ଟ ବୋଲି ସେ କହିଛନ୍ତି।

# ଢେଙ୍କାନାଳ ହେବ ଓଡ଼ିଶାର ସୌରଶକ୍ତି ସମୃଦ୍ଧ ଜିଲା: ମୁଖ୍ୟମନ୍ତ୍ରୀ




ଢେଙ୍କାନାଳଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହିତ ବାଜିରାଉତ କ୍ରୀଡ଼ା କେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଏମ୍‌ପି ରୁଦ୍ରନାରାୟଣ ପାଣି ଏବଂ ଅନ୍ୟ ବିଧାୟକ ଓ ବିଧାୟିକା।

## ୩୦୮ କୋଟିର ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ

ଢେଙ୍କାନାଳ, ୪।୬ (ରତନ ନାୟାର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଢେଙ୍କାନାଳଠାରେ ପ୍ରାୟ ୫୦ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବିଭିନ୍ନ ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ, ପ୍ରାୟ ୧୮୮ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ପ୍ରାୟ ୧୨୦ କୋଟି ଟଙ୍କା ବ୍ୟୟବରାଦରେ ବାଜି ରାଉତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୧୧୨ କୋଟି ଟଙ୍କାର ୧୨ଟି ପ୍ରକଳ୍ପର ଉଦ୍‌ଘାଟନ ହୋଇଥିବା ବେଳେ ୭୬ କୋଟି ଟଙ୍କାର ୧୦ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ସହରସ୍ଥିତ ପଲ୍ଲିଶ୍ରୀ ମେଳା ପଡ଼ିଆଠାରେ ଆୟୋଜିତ ଜନ ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଢେଙ୍କାନାଳଠାରେ ୫୦ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟ ବରାଦରେ ହେବାକୁଥିବା ଶିଳ୍ପ ପ୍ରକଳ୍ପ ଓଡ଼ିଶାର ବିକାଶ ଧାରାରେ ଆଉ ଏକ ସ୍ରୋତ ଯୋଡ଼ିଦେଇଛି। ଯେଉଁ ନୂତନ ଶିଳ୍ପର ଶୁଭାରମ୍ଭ ହୋଇଛି ଏଥିରୁ ୩୦ ହଜାର କୋଟି ଟଙ୍କା ବ୍ୟୟରେ କେବଳ ସୋଲାର ଶକ୍ତି ଶିଳ୍ପ ସମ୍ବଳିତ ପ୍ରକଳ୍ପ। ଢେଙ୍କାନାଳରେ ମଧ୍ୟ ଆଇନକ୍ସ ସୋଲାର ଲିମିଟେଡ୍ କମ୍ପାନୀ ପାଇଁ ଶିଳାନ୍ୟାସ ହୋଇଛି । ଏଣୁ ଢେଙ୍କାନାଳ ଜିଲାକୁ ଓଡ଼ିଶାର ସୌରଶକ୍ତିସମୃଦ୍ଧ ଜିଲା ଭାବେ ପରିଗଣିତ କରିବା ଆମର ଲକ୍ଷ୍ୟ। ଏଠାରେ ୫୦ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ ଯୋଗୁ ପ୍ରାୟ ୨୬ ହଜାର ୪୦୦ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗର ସମ୍ଭାବନା ରହିଛି। ବନମାଳୀପ୍ରସାଦ ଅଞ୍ଚଳରେ ପ୍ରାୟ ୧୨୦ କୋଟି ଟଙ୍କା ବ୍ୟୟବରାଦରେ ବାଜି ରାଉତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହେଲା। ଏଥିରେ ଫୁଟ୍‌ବଲ ପଡ଼ିଆ, ସିନ୍ଥେଟିକ୍ ଆଥ୍‌ଲେଟିକ ଟ୍ରାକ୍, ହକି ଟ୍ରେନିଂ ସେଣ୍ଟର, ଇନ୍‌ଡୋର ଷ୍ଟାଡିୟମ, ସୁଇମିଂ ପୁଲ, ୧୦୦ ଶଯ୍ୟାବିଶିଷ୍ଟ କ୍ରୀଡ଼ା ଛାତ୍ରାବାସ ଇତ୍ୟାଦିର ବିକଶିତ କରାଯିବ। ସେ ଆହୁରି କହିଥିଲେ, ଆମେ ୨୦୩୬ ସୁଦ୍ଧା ଓଡ଼ିଶାକୁ ସମୃଦ୍ଧ ଓଡ଼ିଶାରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛୁ । ଏହି କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଓ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ।




# ୧୩ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର,୪।୬(ସୁଚିସ୍ମିତା ସାହୁ)

ରାଜ୍ୟର ପ୍ରମୁଖ ୧୩ ବିଶ୍ୱବିଦ୍ୟାଳୟରେ ନିଯୁକ୍ତ ହେବେ ନୂଆ କୁଳପତି (ଭିସି)। ଏଥିଲାଗି ଆବେଦନ ଗ୍ରହଣ ପାଇଁ ବୁଧବାର ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କୁଳପତି ପଦ ପାଇଁ ଯୋଗ୍ୟ ପ୍ରାର୍ଥୀମାନେ ୧ ଡିସେମ୍ବର ୨୦୨୫ ସୁଦ୍ଧା ୬୭ ବର୍ଷ ବୟସର ହୋଇଥିବେ। ବିଶ୍ୱବିଦ୍ୟାଳୟରେ ୧୦ ବର୍ଷ ଧରି ପ୍ରଫେସର ଭାବେ କାର୍ଯ୍ୟ କରିଥିବା ଅଭିଜ୍ଞତା ରହିଥିବ ନଚେତ ୧୦ ବର୍ଷ ଧରି ସମାନ ପଦବୀରେ ରହିଥିବେ। ୪ ବର୍ଷ କିମ୍ବା ୭୦ ବର୍ଷ ଯାଏ କାର୍ଯ୍ୟ କରିପାରିବେ। ଏମାନଙ୍କ ମାସିକ ଦରମା ୨ଲକ୍ଷ ୧୦ହଜାର ସହିତ ସ୍ପେଶାଲ ଓ ଅନ୍ୟାନ୍ୟ ଆଲାଉନ୍ସ ପ୍ରଦାନ କରାଯିବ। ତେବେ ଏ ସମ୍ପର୍କରେ ଅଧିକ ସୂଚନା ବିଭାଗୀୟ ୱେବ୍‌ସାଇଟ୍ www.dhe.odisha.gov.inରେ ଉପଲବ୍ଧ ରହିଛି। ନିର୍ଦ୍ଧାରିତ ଗାଇଡ୍‌ଲାଇନ୍ ଆଧାରରେ ଇଚ୍ଛୁକ ପ୍ରାର୍ଥୀମାନେ ଅନଲାଇନ କିମ୍ବା ହାୟର ଏଜୁକେସନ ଇନ୍‌ଫର୍ମେଶନ ମ୍ୟାନେଜମେଣ୍ଟ ସିଷ୍ଟମ (ହିମସ) ମାଧ୍ୟମ ଜରିଆରେ ଜୁଲାଇ ୫ ସୁଦ୍ଧା ଦରଖାସ୍ତ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଆବେଦନର ହାର୍ଡ କପିଗୁଡ଼ିକ ଜୁଲାଇ ୧୦ ସୁଦ୍ଧା ବିଭାଗୀୟ କାର୍ଯ୍ୟାଳୟରେ ପହଞ୍ଚିବା ଜରୁରୀ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ଏବେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ କୁଳପତି ପଦ ଖାଲି ରହିଛି। ଭୁବନେଶ୍ୱରର ଉତ୍କଳ ବିଶ୍ୱବିଦ୍ୟାଳୟ ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଭଳି ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଏବେ ଭାରପ୍ରାପ୍ତ କୁଳପତି ରହିଛନ୍ତି। ସେହିପରି କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟ ଓ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ, ବାରିପଦାର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ବାଲେଶ୍ୱରର ଫକିର ମୋହନ ସେନାପତି ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁରର ଖଲ୍ଲିକୋଟ ୟୁନିଟାରୀ ବିଶ୍ୱବିଦ୍ୟାଳୟ, ପୁରୀର ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ବଲାଙ୍ଗିରର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟ, ଜୟପୁରର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଏବଂ କଳାହାଣ୍ଡିର ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପ୍ରଭୃତିରେ ଏବେ ସ୍ଥାୟୀ କୁଳପତି ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

# ତେଜସ୍ ଏକ୍ସପ୍ରେସ୍ ଇଞ୍ଜିନରେ ନିଆଁ



## ଦେଢ଼ଘଣ୍ଟା ଅଟକିଲା ଟ୍ରେନ୍

ବସ୍ତା,୪।୬(ହରିଶଙ୍କର ପାଢ଼ୀ)

ବାଲେଶ୍ୱର ଜିଲା ବସ୍ତା ରେଲଷ୍ଟେସନର ଦକ୍ଷିଣ କାବିନ ନିକଟରେ ଭୁବନେଶ୍ୱରରୁ ଦିଲ୍ଲୀ ଯାଉଥିବା ୧୨୨୧୯ 'ତେଜସ୍ ଏକ୍ସପ୍ରେସ୍' ଇଞ୍ଜିନରେ ହଠାତ୍ ନିଆଁ ଲାଗିଯିବାରୁ ଦେଢ଼ଘଣ୍ଟା ଟ୍ରେନ୍ ଅଟକି ରହିଥିଲା। ପ୍ରାକୃତିକ ବିପର୍ଯ୍ୟୟରୁ ଏଭଳି ଘଟିଥିବା ଦେଖିବାକୁ ମିଳିଛି। ସମସ୍ତ ଯାତ୍ରୀ ସୁରକ୍ଷିତ ରହିଛନ୍ତି। ବୁଧବାର ଅପରାହ୍ଣ ପ୍ରାୟ ୨ଟା ୨୦ ମିନିଟରେ ତେଜସ୍ ଏକ୍ସପ୍ରେସ୍ ବସ୍ତା ଦକ୍ଷିଣ କାବିନ ନିକଟରେ ପହଞ୍ଚିଥିଲା। ଏହି ସମୟରେ ଇଞ୍ଜିନ ଉପରେ ହଠାତ୍ ଧୂଆଁ ହୋଇ ନିଆଁ ଜଳୁଥିବା ଦେଖିବାକୁ ମିଳିଥିଲା। ଡ୍ରାଇଭର ଏହା ଜାଣିପାରି ଗାଡ଼ିକୁ କାବିନ ନିକଟରେ ଅଟକାଇ ସୁରକ୍ଷିତ ଭାବରେ ଓହ୍ଲାଇ ଯାଇଥିଲେ। ପ୍ରବଳ ପବନ ଯୋଗୁ ଇଞ୍ଜିନ ଉପରେ ଏକ ନଡ଼ିଆ ଗଛର ଡାଳ ପଡ଼ିବାରୁ ଇଞ୍ଜିନରେ ନିଆଁ ଲାଗିଯାଇଥିଲା। ଠିକ୍ ସେହି ସମୟରେ ଘଡ଼ଘଡ଼ି ସହ ବର୍ଷା ହେବାରୁ ନିଆଁ ଲିଭିଯାଇଥିଲା। ଘଟଣାସ୍ଥଳରେ କେହି ଅଧିକାରୀ ତୁରନ୍ତ ପହଞ୍ଚି ନ ଥିବାରୁ ଟ୍ରେନ୍ ରେଳଫାଟକ ନିକଟରେ ଦେଢ଼ଘଣ୍ଟା ପର୍ଯ୍ୟନ୍ତ ଅଟକି ରହିଥିଲା। ଟ୍ରେନରେ ଥିବା ଯାତ୍ରୀମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ପ୍ରବଳ ବର୍ଷା ଲାଗି ଫାଟକର ଉଭୟ ପାର୍ଶ୍ୱରେ ଲୋକେ ଅଟକି ରହିବା ଯୋଗୁ ଅସୁବିଧା ଦେଖାଦେଇଥିଲା। ନିଆଁରେ ଜଳିଯାଇଥିବା ନଡ଼ିଆ ବାହୁଙ୍ଗା ସଫା କରିବା ପାଇଁ ରୂପସା ଷ୍ଟେସନରୁ ଟାୱାର ଗାଡ଼ି ଡକାଯାଇଥିଲା। ସମସ୍ତ ସୁରକ୍ଷା ଯାଞ୍ଚ କରାଯିବା ପରେ ଟ୍ରେନ୍ ବସ୍ତା ଷ୍ଟେସନ ଛାଡ଼ିଥିଲା।

# ବରଫ କାରଖାନା ଆମୋନିଆ ଗ୍ୟାସ୍ ଲିକ୍: ୪ ଅସୁସ୍ଥ

- ପାରାଦୀପ ଗଡ଼ ଶିଳ୍ପାଞ୍ଚଳ
- କିଛି ସମୟ ପାଇଁ ଭୟାତୁର ପରିବେଶ
- ପରିବେଶ ଦିବସ ପୂର୍ବରୁ ଅଘଟଣ

ପାରାଦୀପ,୪।୬(ଶରତ ରାଉତ)

ଗୁରୁବାର ପାଳନ ହେବ ବିଶ୍ୱ ପରିବେଶ ଦିବସ। ତା'ର ଅବ୍ୟବହିତ ପୂର୍ବରୁ ବୁଧବାର ପାରାଦୀପଗଡ଼ ଶିଳ୍ପାଞ୍ଚଳରେ ଅଘଟଣ ଘଟିଛି। ଏଠାରେ ଏକ ବରଫ କାରଖାନା ମଧ୍ୟରେ ଥିବା ଆମୋନିଆ ଟାଙ୍କି ଫାଟି ଯାଇଥିଲା। ସେଥିରେ ଥିବା ପ୍ରାୟ ୭୦ କେଜିରୁ ଊର୍ଦ୍ଧ୍ୱ ଆମୋନିଆ ଗ୍ୟାସ ପବନରେ ମିଶି ଉକ୍ତ ଅଞ୍ଚଳରେ ଗନ୍ଧ ବ୍ୟାପିଯାଇଥିଲା। ଖରା ଗୁଳୁଗୁଳି ସାଙ୍ଗକୁ ଆମୋନିଆ ଗ୍ୟାସ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଉକ୍ତ ଗ୍ୟାସ ପ୍ରଭାବରେ ଜଣେ ବୃଦ୍ଧାଙ୍କ ସମେତ ୪ ଜଣ ଅସୁସ୍ଥ ହୋଇ ପଡ଼ିଥିଲେ। ସେମାନଙ୍କୁ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।



ଲିକ୍ ହୋଇଥିବା ଆମୋନିଆ ଗ୍ୟାସ ସିଲିଣ୍ଡରର ବନ୍ଦ କରାଯାଇଛି।

କିଛି ସମୟ ପରେ ୪ଜଣ ସୁସ୍ଥ ହୋଇ ଫେରିଥିଲେ। ଘଟଣା ନିୟନ୍ତ୍ରଣ ପାଇଁ କୁଜଙ୍ଗ ଅଗ୍ନିଶମ ବିଭାଗ, ପିପିଏଲ, ଇଫ୍‌କୋ କାରଖାନା ଦମକଳ ପହଞ୍ଚି ଗ୍ୟାସ୍ ନିର୍ଗତକୁ ନିୟନ୍ତ୍ରଣ କରିଥିଲେ। ଖବରପାଇ ପାରାଦୀପ ଏଡିଏମ୍ ନିରଞ୍ଜନ ବେହେରା, ଲକ୍ ଥାନା ପୋଲିସ ଓ କାରଖାନା ବାଷ୍ପିତ ବିଭାଗର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରଶେଖର ବେହେରା ପହଞ୍ଚି ତଦନ୍ତ କରିଥିଲେ। ଘଟଣା ସମ୍ପର୍କରେ କାରଖାନା ବାଷ୍ପିତ ବିଭାଗର ବେହେରାଙ୍କୁ ପଚାରିବାରେ ସେଠାରେ ୭୦ କେଜି ବୋଝେଇ ହେଉଥିବା ୮ଟି ଆମୋନିଆ ସିଲିଣ୍ଡର ଥିଲା। ସେଥିରୁ ଗୋଟିଏ ଫାଟି ଯାଇଛି। କେହି ମୃତାହତ ହୋଇନାହାନ୍ତି। ସ୍ଥିତି ଏବେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ମଧ୍ୟରେ ଅଛି। କାହିଁକି ଫାଟିଲା ଏବଂ କାରଖାନା ପକ୍ଷରୁ କ'ଣ ପଦକ୍ଷେପ ନିଆଯାଇଛି ପ୍ରଶ୍ନରେ ସେସବୁ ତଦନ୍ତ ଚାଲିଛି। ତଦନ୍ତ ପରେ ସରକାରୀ ବିଧି ବ୍ୟବସ୍ଥା ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ତଦନ୍ତ ପାଇଁ ଗଲେ ୩ ଜଣିଆ ରାଜ୍ୟସ୍ତରୀୟ ଏକ୍ସପର୍ଟ ଟିମ୍

## ନୟାଗଡ଼ରେ ପ୍ରସୂତି ମୃତ୍ୟୁ ଘଟଣା

ଭୁବନେଶ୍ୱର,୪।୬(ସୁନିଲ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରସୂତି ମହିଳା ମମତା ନାୟକଙ୍କ ମୃତ୍ୟୁ ଘଟଣା ସରକାରଙ୍କ ଦୃଷ୍ଟିକୁ ଆସିବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ପ୍ରାଥମିକ ରିପୋର୍ଟ ଅନୁସାରେ ଇତିମଧ୍ୟରେ ସମ୍ପୃକ୍ତ ଡାକ୍ତରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଘଟଣାର ବିଧିବଦ୍ଧ ତଦନ୍ତ ପାଇଁ ରାଜ୍ୟ ସ୍ତରରୁ ୩ ଜଣିଆ ଏକ୍ସପର୍ଟ ଟିମ୍ ପଠାଯାଇଛି। ଟିମ୍ ନୟାଗଡ଼ରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତଦନ୍ତ ରିପୋର୍ଟ ଉପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ସ୍ପଷ୍ଟ କରିଦିଆଯାଇଛି। ତଦନ୍ତ ଶେଷକରି ୭ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଏକ୍ସପର୍ଟ ଟିମ୍‌କୁ ନିର୍ଦ୍ଦେଶ ଦିଆଯାଇଛି।

# ଜବତ ହେଲାଣି ୩.୮ ଟନ୍ : ଡିଜିପି

## ମାଓବାଦୀଙ୍କ ଦ୍ୱାରା ବିସ୍ଫୋରକ ଲୁଟ୍ ଘଟଣା

### ପାଳନ ହୋଇ ନ ଥିଲା ଏସ୍‌ଓପି

ଭୁବନେଶ୍ୱର,୪।୬(ସତ୍ୟଜିତ୍ ରାଉତ)

ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ବାଙ୍କୋ (ଲଙ୍ଗକବଟା) ପଥର କ୍ୱାରିକୁ ଆସିଥିବା ୨୫ହ ପେଟି ବିସ୍ଫୋରକକୁ ମାଓବାଦୀମାନେ ଲୁଟ୍ କରିବା ଘଟଣାରେ ପୋଲିସ ଅଧିକ ଖୋଳତାଡ଼ କରୁଛି। ଏଯାଏ ୩.୮ ଟନ୍ ବିସ୍ଫୋରକ ଜବତ ହୋଇଥିବାବେଳେ ଓଡ଼ିଶା ଓ ଝାଡ଼ଖଣ୍ଡ ପୋଲିସର ମିଳିତ ଅପରେସନ ଜାରି ରହିଛି। ତେବେ ଖଣିକୁ ବିସ୍ଫୋରକ ପରିବହନ ହେଉଥିବାବେଳେ ଷ୍ଟାଣ୍ଡର୍ଡ ଅପରେଟିଂ ପ୍ରୋସିଜର(ଏସ୍‌ଓପି) ପାଳନ କରାଯାଇ ନ ଥିଲା ବୋଲି ପୋଲିସ ହେଡ୍‌କ୍ୱାର୍ଟର କାର୍ଯ୍ୟ ଅଫିସରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ସୂଚନା ଦେଇଛନ୍ତି। ଡିଜିପି ଖୁରାନିଆ କହିଛନ୍ତି, ଗତ ମେ ୨୭ରେ ଶସ୍ତ୍ର ମାଓବାଦୀମାନେ ବହୁ ପରିମାଣରେ ବିସ୍ଫୋରକ ଲୁଟ୍ କରିଥିଲେ। ଏହି ସୂଚନା ମିଳିବାପରେ ଘଟଣାଦିନ ରାତିରେ ସାରଣ୍ଡା ଜଙ୍ଗଲରେ ଓଡ଼ିଶା-ଝାଡ଼ଖଣ୍ଡ ପୋଲିସ ଓ ସିଆରପିଏଫ୍ ମିଳିତ ଅପରେସନ ଆରମ୍ଭ ହୋଇଥିଲା। ଏହି ଅପରେସନ ଜାରି ରହିଛି। ପ୍ରାୟ ୫ ଟନ୍ ବିସ୍ଫୋରକ ଲୁଟ୍ ହୋଇଥିବାବେଳେ ସେଥିମଧ୍ୟରୁ ୩.୮ଟନ୍ ଜବତ ହୋଇଛି। ବାକି ଥିବା ବିସ୍ଫୋରକକୁ ଜବତ କରିବାକୁ ଚେଷ୍ଟା ଚାଲିଛି। ଘଟଣା ପରିପ୍ରେକ୍ଷୀରେ ଏସ୍‌ଟିଏଫରେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଗଠନ ହୋଇଛି। ମାମଲାର ତଦନ୍ତ ସମୟରେ ରାଉରକେଲାର ଏକ ପେଟ୍ରୋଲ ପମ୍ପ ନିକଟରେ ବିସ୍ଫୋରକ ଭର୍ତ୍ତି ଗାଡ଼ି ଜବତ ହୋଇଥିଲା। ଏହି ଘଟଣାରେ ଅନ୍ୟ ଏକ ମାମଲା ରୁଜୁ କରାଯାଇ ତଦନ୍ତ ହେଉଛି। ମାଗାଜିନ୍ ସିଲ୍ କରାଯିବା ସହ ମାଲିକ ଓ ଡ୍ରାଇଭରଙ୍କୁ ଗିରଫ କରାଯାଇ ଜେଲ ପଠାଯାଇଛି। ଡିଜିପି ଆହୁରି କହିଛନ୍ତି ଯେ, ରାଜ୍ୟର ବିଭିନ୍ନ ଜିଲାରେ ବିସ୍ଫୋରକ ମାଗାଜିନ୍ ରହିଥିବା ସ୍ଥାନରେ ଯାଞ୍ଚ ଚାଲିଛି। ବିସ୍ଫୋରକ ପାଇଁ ରହିଥିବା ଏସ୍‌ଓପିକୁ ଠିକ୍ ଭାବେ ଅନୁପାଳନ କରାଯାଉଛି କି ନାହିଁ ଏବଂ ରେକର୍ଡ ଅନୁଯାୟୀ ବିସ୍ଫୋରକ ମାଗାଜିନ୍‌ରେ ଅଛି କି ନାହିଁ ତାହା ଜାଣିବାକୁ ଅନୁସନ୍ଧାନ ଚାଲିଛି। ଏହାର ତଥ୍ୟ ଆସିବାକୁ ଦିନେ କିମ୍ବା ୨ଦିନ ଲାଗିପାରେ। ବିସ୍ଫୋରକ ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ସମସ୍ତଙ୍କୁ ଧରିବାକୁ ଚେଷ୍ଟା ଜାରି ରହିଛି ବୋଲି ଡିଜିପି କହିଛନ୍ତି। ତେବେ ଆଇନ ଅନୁଯାୟୀ ଏସ୍‌ଓପି ଠିକ୍ ଭାବେ ପାଳନ ହେଉଛି କି ନାହିଁ ତାହାର ମଧ୍ୟ ତର୍ଜମା କରାଯାଉଛି। ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଜିପି ଚେତାବନୀ ଦେଇଛନ୍ତି।

# ୬ରେ ୮୨୬ ପିଜିଟି ଶିକ୍ଷକଙ୍କୁ ନିଯୁକ୍ତି

ଭୁବନେଶ୍ୱର,୪।୬(ସୁଚିସ୍ମିତା ସାହୁ)

ରାଜ୍ୟରେ ଥିବା ସରକାରୀ ବିଦ୍ୟାଳୟଗୁଡ଼ିକରେ ଖାଲି ଥିବା ଶିକ୍ଷକ ପଦବୀ ପୂରଣ ସହ ଭିତ୍ତିଭୂମି ସୁଦୃଢ଼ କରିବାକୁ ସରକାର ଅଣ୍ଟା ଭିଡ଼ିଛନ୍ତି। ଆସନ୍ତା ୬ ତାରିଖରେ ନିଯୁକ୍ତି ମେଳା ମାଧ୍ୟମରେ ଶିକ୍ଷକ ନିଯୁକ୍ତି ଦିଆଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୮୨୬ଜଣ ପିଜିଟି ଶିକ୍ଷକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ ବୋଲି ଗଣଶିକ୍ଷା ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ କହିବା ଅନୁସାରେ, ନୂଆ ସରକାର ଆସିବା ଦିନରୁ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷକଙ୍କ ପଦବୀଗୁଡ଼ିକୁ ପୂରଣ କରିବାକୁ ପ୍ରାଧାନ୍ୟ ଦିଆଯାଉଛି। ନୂଆ ସରକାର ଆସୁ ଆସୁ ପ୍ରାୟ ୧୬ହଜାର କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତି ଦେଇଥିଲେ। ଏହାପରେ ମଧ୍ୟ ଆହୁରି ୨ହଜାର ନିଯୁକ୍ତି ପତ୍ର ଦିଆଯାଇଛି। ବିଦ୍ୟାଳୟରେ ଯେପରି ପିଲାମାନେ ଗୁଣାତ୍ମକ ଶିକ୍ଷା ପାଇପାରିବେ ସେଥିପାଇଁ ସରକାର ପଦକ୍ଷେପ ନେଉଛନ୍ତି। ଛାତ୍ରଛାତ୍ରୀଙ୍କ ପାଠପଢ଼ା ଶୈଳୀରେ କିଛି ପରିବର୍ତ୍ତନ ଆଣିବା ସହିତ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପାଇଁ ଶିକ୍ଷକମାନଙ୍କୁ ମଧ୍ୟ ତାଲିମ ଦିଆଯାଉଛି। ସରକାରୀ ସ୍କୁଲରେ ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

# ଅନଧିକୃତ ରେଳ ଟିକେଟ୍ ବୁକିଂ ଉପରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୪।୬ (ଅନୁରାଧା ମହାରଣା)

ଭାରତୀୟ ରେଳପଥ ଏହାର ଟିକେଟିଂ ଭିତ୍ତିଭୂମିର ବ୍ୟାପକ ଡିଜିଟାଲ ପରିବର୍ତ୍ତନ କରିଛି। ଅତ୍ୟାଧୁନିକ ଆର୍କି-ବଟ୍ ସିଷ୍ଟମ ବ୍ୟବହାର ଏବଂ ଅଗ୍ରଣୀ କଣ୍ଟେଣ୍ଟ ଡେଲିଭରି ନେଟୱର୍କ (ସିଡିଏନ) ସେବା ପ୍ରଦାନକାରୀଙ୍କ ସହିତ ସମନ୍ୱୟ ମାଧ୍ୟମରେ ଅନଧିକୃତ ସ୍ୱୟଂଚାଳିତ ବୁକିଂ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତତ୍କାଳ ପ୍ରଥମ ପାଞ୍ଚ ମିନିଟ ମଧ୍ୟରେ ସର୍ବାଧିକ ବଟ୍ ଟ୍ରାଫିକ୍ ଦେଖିବାକୁ ମିଳୁଥିବାବେଳେ ନୂତନ ସିଷ୍ଟମ ପ୍ରଣାଳୀଗୁଡ଼ିକ ଦ୍ୱାରା ଏହି ସଂଖ୍ୟା ହ୍ରାସ କରିଛି। ଏହି ସମୟ ମଧ୍ୟରେ ମୋଟ ଲଗଇନ୍‌ର ୫୦% ପର୍ଯ୍ୟନ୍ତ କେବଳ ବଟ୍ ଟ୍ରାଫିକ ହୋଇଥାଏ। ତେବେ ବାସ୍ତବ ଟିକେଟ ବୁକିଂ ସଂଖ୍ୟା ବୃଦ୍ଧି ପାଇଁ ୨.୫ କୋଟି ସନ୍ଦିଗ୍ଧ ଉପଭୋକ୍ତା ଆଇଡିକୁ ନିଷ୍କ୍ରିୟ କରାଯାଇଛି। ଫଳରେ ମେ ୨୨ରେ ଏକ ଐତିହାସିକ ସଫଳତା ରେକର୍ଡ କରାଯାଇଥିଲା, ଯାହାକି ପ୍ରତି ମିନିଟରେ ସର୍ବାଧିକ ୩୧,୮୧୪ ଟିକେଟ ବୁକିଂ ହୋଇଥିଲା। ଏହାସହ ଭାରତୀୟ ରେଳପଥ ପକ୍ଷରୁ ନୂତନ ଉପଭୋକ୍ତା ପ୍ରୋଟୋକଲ ପ୍ରଚଳନ କରାଯାଇଛି। ଆଧାର ଯାଞ୍ଚ ହୋଇ ନ ଥିବା ଉପଭୋକ୍ତାମାନେ ପଞ୍ଜୀକରଣର ୩ ଦିନ ପରେ କେବଳ ଓପନିଂ ଏଆରପି, ତତ୍କାଳ କିମ୍ବା ପ୍ରିମିୟମ ତତ୍କାଳ ଟିକେଟ ବୁକ୍ କରିପାରିବେ। ମାତ୍ର ଆଧାର ଯାଞ୍ଚ ହୋଇଥିବା ଉପଭୋକ୍ତାମାନେ ଅବିଳମ୍ବେ ଟିକେଟ ବୁକ କରିପାରିବେ। ଏସବୁ ପଦକ୍ଷେପ ଦ୍ୱାରା ୨୦୨୩-୨୪ ଆର୍ଥିକ ବର୍ଷରେ ହାରାହାରି ଦୈନିକ ଉପଭୋକ୍ତା ଲଗଇନ ୧୯.୫୩% ବୃଦ୍ଧି ପାଇଛି ୬୯.୦୮ ଲକ୍ଷରୁ ଏହି ସଂଖ୍ୟା ୨୦୨୪-୨୫ ଆର୍ଥିକ ବର୍ଷରେ ୮୨.୫୭ ଲକ୍ଷରେ ପହଞ୍ଚିଛି ଓ ସମାନ ସମୟ ମଧ୍ୟରେ ହାରାହାରି ଦୈନିକ ଟିକେଟ ବୁକିଂ ୧୧.୫୮% ବୃଦ୍ଧି ପାଇଛି। ଏହା ସହିତ ଇ-ଟିକେଟିଂ ମାଟ ସଂରକ୍ଷିତ ଟିକେଟ ବୁକିଂର ୮୬.୩୮% ରହିଛି।

# ବଦଳିଲେ ଆର୍‌ଏମ୍‌ସି, ବିଏମ୍‌ସି ସହକାରୀ କମିଶନର

ଭୁବନେଶ୍ୱର, ୪।୬(ସୁନିଲ୍ ମିଶ୍ର)

ରାଉରକେଲା ମ୍ୟୁନିସିପାଲ କର୍ପୋରେଶନ(ଆର୍‌ଏମ୍‌ସି)ରେ ସହକାରୀ କମିଶନର ଭାବେ କାର୍ଯ୍ୟରତ ଓଏଏସ୍ ଅଧିକାରୀ ଅଭିଷେକ ମିଶ୍ରଙ୍କୁ ବଦଳି କରାଯାଇ ଖଣ୍ଡପଡ଼ା ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ(ବିଏମ୍‌ସି)ରେ ସହକାରୀ କମିଶନର ଭାବେ କାର୍ଯ୍ୟରତ ଅର୍ପିତ ନାୟକଙ୍କୁ ବଦଳି କରାଯାଇ ପୁରୀ ମ୍ୟୁନିସିପାଲିଟିର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଏହାସହ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପୂର୍ବରୁ ଜାରି କରିଥିବା ବିଜ୍ଞପ୍ତିରେ କଟକ ମ୍ୟୁନିସିପାଲ କର୍ପୋରେଶନରେ ପ୍ରବର୍ତ୍ତନ ଅଧିକାରୀ ଭାବେ କାର୍ଯ୍ୟରତ ରୋହିତକାନ୍ତି ଦାସଙ୍କ ପୁରୀ ମ୍ୟୁନିସିପାଲିଟିର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତି ନିଷ୍ପତ୍ତିକୁ ବାତିଲ କରାଯାଇଛି।




# ସମୟ ଧାରାରେ ରାମାୟଣ



ଦେବଦତ୍ତ ପଟ୍ଟନାୟକ

ସମୟକ୍ରମେ ଅନେକ ରାମାୟଣ କାହାଣୀ ସାମ୍ନାକୁ ଆସିଛି, ଯେଉଁଥିରେ ହିନ୍ଦୁ ସମାଜର ପ୍ରମୁଖ ପରିବର୍ତ୍ତନଗୁଡ଼ିକ ସମାହିତ ରହିଛି। ଗୋଟିଏ କାହାଣୀରେ ଅଶ୍ୱାରୋହୀଙ୍କ ବର୍ଣ୍ଣନା ନାହିଁ। ଅର୍ଥାତ୍ ଏହା ସୂଚାଉଛି, ଏହି କାହାଣୀ ୨୫୦୦ ବର୍ଷର ପୁରୁଣା। ଆଉ ଏକ ରାମାୟଣରେ ରାବଣର ରଥକୁ ଗଧ ଟାଣୁଥିବା ବର୍ଣ୍ଣନା କରାଯାଇଛି ଏବଂ ଏହା ସୂଚିତ କରେ କାହାଣୀ ୩୦୦୦ ବର୍ଷ ପୂର୍ବର। କିନ୍ତୁ ପ୍ରାଚୀନଗ୍ରନ୍ଥରେ ଗ୍ରୀସ୍‌ବାସୀ ଓ ସ୍କିଥିଆନ୍ସ (ପୁରାତନ ଇରାନର ପୂର୍ବାଞ୍ଚଳରେ ରହୁଥିବା ଲୋକ)ଙ୍କୁ ଦର୍ଶାଯିବା ସୂଚିତ କରେ ଯେ କାହାଣୀ ରଚନା ୨୦୦୦ ବର୍ଷ ପୂର୍ବେ ହୋଇଥିଲା। ସବୁଠୁ ପୁରୁଣା ରାମାୟଣରେ ଜଣେ କ୍ଷତ୍ରିୟ ଯୋଦ୍ଧାଙ୍କ କାହାଣୀ ଅଛି। ସେହି ଯୋଦ୍ଧା ଗଣ୍ଡକ ନଦୀ ପୂର୍ବରେ ଥିବା ଗଙ୍ଗାନଦୀ ଅବବାହିକାରେ ରହୁଥିଲେ। ଯୋଦ୍ଧା ଜଣକ ଗଣ୍ଡକ ନଦୀର ପଶ୍ଚିମ ଭାଗରେ ରହୁଥିବା ଜଣେ ମହିଳାଙ୍କୁ ବିବାହ କରିଥିଲେ ଏବଂ ଦକ୍ଷିଣ ଦିଗରେ ଘଞ୍ଚ ଶାଳବଣ ମଧ୍ୟରେ ଦୁଃସାହସିକ ଯାତ୍ରା କରି ମହାନଦୀ ଅବବାହିକାରେ ପହଞ୍ଚିଥିଲେ। ସେଠାରେ ହଂସକ ଗୋଷ୍ଠୀ (ରାକ୍ଷସ) ଏବଂ ମେଳାପୀ ଗୋଷ୍ଠୀ(ବାନର)ଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ଶାଳ (ସୋରିଆ ରୋବୁଷ୍ଟା) ଗଛ କେବଳ ଉତ୍ତର ତରାଇ ଏବଂ ଏହାର ପୂର୍ବଭାଗରେ ଥିବା ଏବକାର ପଶ୍ଚିମବଙ୍ଗ, ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ଓଡ଼ିଶାରେ ଦେଖିବାକୁ ମିଳେ। ଏହି ଅଞ୍ଚଳର ଦକ୍ଷିଣକୁ ଆଉ ଶାଳ ଗଛ ଦେଖାଯାଏ ନାହିଁ। ଏହି ଅଞ୍ଚଳକୁ ଏବେ ମଧ୍ୟ ମହାସମୁଦ କିମ୍ବା ମହାସମୁଦ୍ର (ବିଶାଳ ଜଳଉତ୍ସ), ଦକ୍ଷିଣ କୋଶଳ ଓ ପଶ୍ଚିମ ଲଙ୍କା କୁହାଯାଉଛି। ଓଡ଼ିଶାର ସୁବର୍ଣ୍ଣପୁର ( ସୁବର୍ଣ୍ଣ ସହର)ରେ ଏବେ ମଧ୍ୟ ଲଙ୍କେଶ୍ୱରୀ (ଲଙ୍କାର ରକ୍ଷାକର୍ତ୍ତା)ଙ୍କ ମନ୍ଦିର ଅଛି। ଏହି ଅଞ୍ଚଳର ଶାସକ ଗଣ୍ଡ ରାଜାଙ୍କର ପୁଲସ୍ତ୍ୟ ବଂଶ ସହ ସମ୍ପର୍କ ରହିଛି, ଯାହା ରାବଣଙ୍କ ପୈତୃକ ପରିବାର। ରାବଣଙ୍କ ମା'ଙ୍କ ଘର(ମାମୁଘର) ଶାଳଙ୍କଟକଣ୍ଟ ବଂଶ ଶାଳ ଜଙ୍ଗଲର ଶାସକ ଥିଲେ। ଏହା ପ୍ରାରମ୍ଭିକ ବୈଦିକ ସମୟର ସ୍ମୃତି ହୋଇପାରେ। ଏହି କାହାଣୀ ହେଉଛି ସେହି ସମୟ ପୂର୍ବର ଯେତେବେଳେ ଅଯୋଧ୍ୟାକୁ ଶ୍ରାବସ୍ତି ଓ ସାକେତ ଭାବେ ପୁନଃ ନାମକରଣ କରାଯାଇଥିଲା ଏବଂ ମିଥିଳା ବୈଶାଳୀ ସହ ମିଶ୍ରଣ ଘଟିଥିଲା। ଏହା ଥିଲା ବୁଦ୍ଧଙ୍କ ସମୟର ବହୁ ପୂର୍ବର, ଅର୍ଥାତ୍ ଖ୍ରୀଷ୍ଟପୂର୍ବ ୮୦୦ର ପ୍ରାରମ୍ଭିକ କାଳ ହୋଇପାରେ।

ଏହା ପରେ ଯେଉଁ କାହାଣୀ ସାମ୍ନାକୁ ଆସିଛି ସେଥିରେ ଇନ୍ଦ୍ରଙ୍କୁ ବୈଦିକ ହିରୋ ଭାବେ ବର୍ଣ୍ଣନା କରାଯାଇଛି। ଇନ୍ଦ୍ର ବ୍ରାହ୍ମଣ, ଯଜ୍ଞ ଓ ଗୋରକ୍ଷା କରିଥିଲେ। ଋଷ୍ୟଶୃଙ୍ଗଙ୍କ ଦ୍ୱାରା କରାଯାଇଥିବା ବୈଦିକ ଯଜ୍ଞ ସାହାଯ୍ୟରେ ରାମ ଜନ୍ମ ହୋଇଛନ୍ତି। ରାମଙ୍କର ଅନେକ ବ୍ରାହ୍ମଣ ଋଷି ଓ ସନ୍ନ୍ୟାସୀଙ୍କ ସହ ସମ୍ପର୍କ ରହିଛି, ଯଥା ଗୁରୁ ବୈଶିଷ୍ଟ ଓ ବିଶ୍ୱାମିତ୍ର। ଏବଂ ଜଙ୍ଗଲରେ ଭରଦ୍ୱାଜ ଓ ଅଗସ୍ତ୍ୟଙ୍କ ସହ ତାଙ୍କର ସାକ୍ଷାତ ବି ହୋଇଛି। କାହାଣୀରେ ବୈଦିକ ଦେବତାଙ୍କୁ ସାମିଲ କରାଯାଇଛି। ଏହାସହ ବାୟୁପୁତ୍ର ହନୁମାନ, ସୂର୍ଯ୍ୟଙ୍କ ପୁତ୍ର ସୁଗ୍ରୀବ, ଇନ୍ଦ୍ରଙ୍କ ପୁତ୍ର ବାଳି, ଅଗ୍ନିଙ୍କ ପୁତ୍ର ନୀଳ, ବିଶ୍ୱକର୍ମାଙ୍କ ପୁତ୍ର ନଳ ଏବଂ ଅରୁଣୀଙ୍କ ପୁତ୍ର ଜଟାୟୁଙ୍କ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ପାଖାପାଖି ଖ୍ରୀଷ୍ଟାବ୍ଦ ୧୦୦ରେ ବାସକରୁଥିବା ଅଶ୍ୱଭାଘୋଷ ମଧ୍ୟ ମହାକାବ୍ୟ ସହ ଜଡ଼ିତ ଥିଲେ ଏବଂ କାହାଣୀରେ ରାମଙ୍କ ନାମ ଖୋଦିତ ମୁଦି ସମ୍ପର୍କରେ ଦର୍ଶାଯାଇଛି, ଯାହାକୁ ଖ୍ରୀଷ୍ଟପୂର୍ବ ୧୦୦ରେ ଇଣ୍ଡୋ-ଗ୍ରୀକ ରାଜାମାନଙ୍କ ଦ୍ୱାରା ପ୍ରଥମେ ବ୍ୟବହାର ହୋଇଥିଲା। ରାବଣଙ୍କ ଉଡ଼ନ୍ତା ରଥରେ ଗଜଲକ୍ଷ୍ମୀ ଓ ଇହମୃଗ( ହାଇବ୍ରିଡ ଆନିମଲ)ଙ୍କ ମୂର୍ତ୍ତି ପ୍ରଥମେ ଖ୍ରୀଷ୍ଟାବ୍ଦ ୧୦୦ରେ ନିର୍ମିତ ଭାରହୁତର ବୌଦ୍ଧସ୍ତୂପରେ ଦେଖାଯାଇଛି। ଲଙ୍କା ସହରରେ ଦେଖାଯାଇଥିବା କ୍ରୁଦ-ଗୃହ( ଷ୍ଟାଡିୟମ)ଗୁଡ଼ିକର କାବେରୀ ଡେଲଟାରେ ଖ୍ରୀଷ୍ଟାବ୍ଦ ୩୦୦ରେ ଇକ୍ଷ୍ୱାକୁ ରାଜାଙ୍କ ଦ୍ୱାରା ନିର୍ମିତ ନାଗାର୍ଜୁନକୋଣ୍ଡା ସହର ସହ ସାମଞ୍ଜସ୍ୟ ରହିଛି।




ତା' ପରେ ଆସିଛି ଏକ ରାମାୟଣ କାହାଣୀ, ଯେଉଁଥିରେ ରାମଙ୍କୁ ସଂଯମତା, ପବିତ୍ରତା ଏବଂ ଇନ୍ଦ୍ରଙ୍କ ପ୍ରାଧାନ୍ୟ ହ୍ରାସ କରିଥିବା ପରମ ଦିବ୍ୟସତ୍ତା ବିଷ୍ଣୁଙ୍କ ସହ ଯୋଡ଼ାଯାଇଛି। ଏହି ମହାକାବ୍ୟରେ ଶିବଙ୍କ କଥା ସାମିଲ କରାଯାଇଛି। ଏଥିରେ ରାମ ହେଉଛନ୍ତି ଜଣେ ଆଦର୍ଶ ରାଜା ଓ ସେ ରାମରାଜ୍ୟ ପ୍ରତିଷ୍ଠା କରିଛନ୍ତି, ଯାହାକୁ ଅନ୍ୟ ରାଜାମାନେ ତାହା କରିବାକୁ ଚେଷ୍ଟା କରିଛନ୍ତି। ତାଙ୍କ କାହାଣୀ ମହାଭାରତରେ ବର୍ଣ୍ଣିତ କୃଷ୍ଣଙ୍କ ଦ୍ୱାରା ଆହୁରି ଆକର୍ଷକ ହୋଇଛି। ସୀତାଙ୍କ ସତିତ୍ୱକୁ ସବୁଠୁ ଅଧିକ ଗୁରୁତ୍ୱ ଦିଆଯାଇଛି। ପାଖାପାଖି ୩୦୦ ଖ୍ରୀଷ୍ଟାବ୍ଦରେ ଗୁପ୍ତବଂଶ ଦ୍ୱାରା ନିର୍ମିତ ପ୍ରାଚୀନ ମନ୍ଦିରଗୁଡ଼ିକରେ ପ୍ରଥମେ ରାମ ଓ କୃଷ୍ଣଙ୍କ ମୂର୍ତ୍ତି ଦେଖିବାକୁ ମିଳେ। ଏହି ସମୟରେ ବୌଦ୍ଧ ଧର୍ମାବଲମ୍ବୀଙ୍କ ଦ୍ୱାରା ନିର୍ମିତ ବୋଧିସତ୍ତ୍ୱ ଏବଂ ଜୈନଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ବଳଦେବଙ୍କ ମୂର୍ତ୍ତି ମଧ୍ୟ ଦେଖିବାକୁ ମିଳିଛି। ଏହା ପରବର୍ତ୍ତୀ ସମୟରେ ରାମାୟଣ କାହାଣୀଗୁଡ଼ିକୁ ସଂସ୍କୃତ ନାଟକରେ ପୁନଃବର୍ଣ୍ଣନା କରାଯାଇଛି। ଭାଷଙ୍କ ଦ୍ୱାରା ରଚିତ ନାଟକରେ ରାବଣ ଜଣେ ବ୍ରାହ୍ମଣ ରୂପ ନେଇଛନ୍ତି ଓ ଅନ୍ତ୍ୟେଷ୍ଟି କ୍ରିୟାରେ ସମର୍ପଣ କରାଯାଉଥିବା ଖାଦ୍ୟରେ ମୃଗ ମାଂସ ଦେବା ଲାଗି ରାମଙ୍କୁ କହିଛନ୍ତି। ଭାବବୁତିଙ୍କ ରଚିତ ଅନ୍ୟ ଏକ ନାଟକରେ ରାମ ବିଶ୍ୱାମିତ୍ରଙ୍କ ଆଶ୍ରମରେ ସୀତାଙ୍କୁ ଭେଟିଛନ୍ତି ଓ ତାଙ୍କ ଭଲପାଇବା ସୃଷ୍ଟି ହୋଇଛି। ଖ୍ରୀଷ୍ଟାବ୍ଦ ୮୦୦ ପରେ ରାମାୟଣ ଓ ମହାଭାରତର ପଥର ଖୋଦେଇ କାରୁକାର୍ଯ୍ୟ ପ୍ରଥମେ ସୁଦୂର ଜାଭା ଦ୍ୱୀପ ଓ କାମ୍ବୋଡ଼ିଆରେ ଦେଖିବାକୁ ମିଳିଛି।

ଖ୍ରୀଷ୍ଟାବ୍ଦ ୧୦୦୦ ପର୍ଯ୍ୟନ୍ତ ଶ୍ରୀଲଙ୍କାକୁ ରାବଣଙ୍କ ଲଙ୍କା ଏବଂ ଡେକାନ ଅଞ୍ଚଳକୁ ସୁଗ୍ରୀବଙ୍କ କିସ୍କିନ୍ଦା ବୋଲି କୁହାଯାଉଥିଲା। ଚୋଳ ବଂଶର ରାଜାମାନେ ତାମ୍ର ଖଣି ପାଇବା ଲାଗି ବୌଦ୍ଧ ଧର୍ମ ଗ୍ରହଣ କରିଥିବା ସଂହଳ ରାଜାଙ୍କ ସହ ଯୁଦ୍ଧ କରିଥିଲେ ଏବଂ ତାମିଲରେ ରାମାୟଣ ଲେଖିବା ପାଇଁ ଉତ୍ସାହିତ କରିଥିଲେ। ଏହା ପରେ ଏହି ରାମାୟଣକୁ ତେଲୁଗୁ, କନ୍ନଡ, ଓଡ଼ିଆ, ବେଙ୍ଗଲୀ ଏବଂ ଅହମିୟା(ଆସାମୀ) ଭାଷାରେ ପୁନଃବର୍ଣ୍ଣନା କରାଯାଇଥିଲା। ରାମଙ୍କୁ ମଣିଷ ଭାବେ କମ୍ ଦର୍ଶାଯିବା ଏବଂ ଦିବ୍ୟପୁରୁଷ ଭାବେ ଅଧିକ ବିଚାର କରାଯିବାର ଧାରା ଏହିଠାରୁ ଆରମ୍ଭ ହୋଇଛି। ତାଙ୍କ କଥା ଯିଏ ଶୁଣିବ ରାମ ତାଙ୍କୁ ମୁକ୍ତି ପ୍ରଦାନ କରିବେ ବୋଲି କୁହାଯାଇଛି।

୫୦୦ରୁ ୧୫୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ, ରାମାୟଣରେ ତାନ୍ତ୍ରିକ ବିଚାରର ପ୍ରବେଶ ଆରମ୍ଭ ହୋଇଥିବା ଦେଖିବାକୁ ମିଳେ। ଏଥିରେ ସୀତାଙ୍କୁ କାଳୀଭାବେ ବର୍ଣ୍ଣନା କରାଯାଇଛି। ହନୁମାନଙ୍କୁ ରୁଦ୍ରଙ୍କ ଅବତାର ବୋଲି କୁହାଯାଇଛି। ହନୁମାନ ମାୟାବୀ ମହିରାବଣକୁ ପରାସ୍ତ କରି, ପନୋତି ଭଳି ଦୁଷ୍ଟ ଜ୍ୟୋତିଷୀୟ ଶକ୍ତିଙ୍କୁ କାବୁ କରିବା ସହ ରାମ ଓ ଲକ୍ଷ୍ମଣଙ୍କୁ ଉଦ୍ଧାର କରିଛନ୍ତି। ରାମ ଯୁଦ୍ଧ କଳା ଭଳି ରାଜପୁତ ରାଜାମାନେ ମନ୍ଦିର ଧ୍ୱଂସ କରୁଥିବା ତୁର୍କ 'ରାକ୍ଷସ'ଙ୍କ ବିରୋଧରେ ଲଢ଼େଇ କରୁଥିବା ବିଷୟକୁ ଶିଳାଲେଖରେ ଦର୍ଶାଇଥିଲେ। ଶେଷରେ ରାମାୟଣ କାହାଣୀରେ ଭକ୍ତି ସ୍ୱାଦ ରହିଛି ଏବଂ ଏହାକୁ ବୈଦିକ ବିଚାରର ଏକ ପ୍ରତୀକ ଭାବେ ଦେଖାଯାଇଛି। ୧୫୦୦ ଖ୍ରୀଷ୍ଟାବ୍ଦ ପରେ ସୁଫି ବିଚାର ଭାରତରେ ପ୍ରବେଶ କରିବା ଯୋଗୁ ଏହା ଘଟିଛି। ୧୭୦୦ ପରେ ଭାରତରେ ମୋଗଲ ସାମ୍ରାଜ୍ୟର ପତନ ଆରମ୍ଭ ହେବା ଯୋଗୁ ହିନ୍ଦୁ ରାଜାମାନେ ନାସିକ, କୁଲୁ ଏବଂ ଜମ୍ମୁରେ ରଘୁନାଥ ରାମ ମନ୍ଦିର ପ୍ରତିଷ୍ଠା କରି ସେମାନଙ୍କ ସ୍ୱାୟତ୍ତତା ହାସଲ କରିବା ଆରମ୍ଭ କରିଥିଲେ।

-devduttofficial@gmail.com

# ମୌସୁମୀର ସନ୍ଦେଶ



ସୌଭାଗ୍ୟ ରଞ୍ଜନ ମହାନ୍ତି

ଭାରତୀୟ କୃଷି ଓ କୃଷକର ଜୀବନରେଖା ଭାବେ ପରିଚିତ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଚଳିତବର୍ଷ ପରମ୍ପରାଗତ ପୂର୍ବ ନିର୍ଦ୍ଧାରିତ ସମୟର ୮ଦିନ ପୂର୍ବରୁ କେରଳରେ ପ୍ରବେଶ କରିଛି। ଗତ ୨୦୦୯ ପରଠାରୁ ଦୀର୍ଘ ୧୬ବର୍ଷ ପରେ ଏହା ହେଉଛି ସବୁଠୁ ଆଗୁଆ କେରଳ ଛୁଇଁଥିବା ମୌସୁମୀ। ଚଳିତ ବର୍ଷ ଦେଶରେ ମୌସୁମୀ ବର୍ଷା ସ୍ୱାଭାବିକଠାରୁ ଅଧିକ ରହିବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବାନୁମାନ କରିଛି। ଯାହାକି ଅର୍ଥନୀତିର ଅଭିବୃଦ୍ଧି ପାଇଁ ଏକ ଉତ୍ତମ ସଙ୍କେତ ବୋଲି କୁହାଯାଇପାରିବ। ଆମ ଦେଶରେ ଆଗୁଆ ମୌସୁମୀ ପହଞ୍ଚିବା ନୂଆ ନୁହେଁ କିମ୍ବା ଏଥିରେ ଖୁସି ପ୍ରକଟ କରିବାର କୌଣସି କାରଣ ନାହିଁ। ଆମ ଦେଶରେ ମୌସୁମୀ ପହଞ୍ଚିବା ନେଇ ପୂର୍ବ ପରମ୍ପରାଗତ ସମୟ ଜୁନ୍ ୧ତାରିଖ ପୂର୍ବରୁ ୧୯୭୧ ମସିହା ପରଠାରୁ ଦୀର୍ଘ ୫୫ବର୍ଷ ମଧ୍ୟରେ ୨୩ଥର ଆଗୁଆ ମୌସୁମୀ କେରଳ ଛୁଇଁଛି। ଏହାର ପ୍ରଭାବରେ କେରଳରେ ନିଅଣ୍ଟିଆ ବର୍ଷାର ସମ୍ଭାବନା ହ୍ରାସ କରିଥିବାବେଳେ ଦେଶର ଅନ୍ୟ ଭାଗରେ ତାହା ପ୍ରତିଫଳିତ ହୋଇ ନ ଥିବା ଏକ ଅନୁଧ୍ୟାନକାରୀ ରିପୋର୍ଟ କହେ। ଆଉ ଏକ ଗମ୍ଭୀର ଚିନ୍ତାର ପ୍ରସଙ୍ଗ ଆଗୁଆ ମୌସୁମୀ ହେଉଛି ଅକାଳପକ୍ୱ ଶିଶୁ ପରି, ଯାହାକି ସର୍ବଦା ନିଜର ସମ୍ଭାବନାକୁ ରଖିପାରେ ନାହିଁ। ସେହିପରି ଚଳିତ ବର୍ଷ ଆସିଥିବା ଆଗୁଆ ମୌସୁମୀ ଦେଶରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବା ନେଇ ଆଇଏମ୍‌ଡି କରିଥିବା ଭବିଷ୍ୟବାଣୀ କେବଳ ଆଶାରେ ରହିପାରେ। କହିବା ବାହୁଲ୍ୟ ଯେ, ୨୦୦୯ରେ ଆଗୁଆ ମୌସୁମୀ କେରଳ ଛୁଇଁଥିବା ସତ୍ତ୍ୱେ ୧୯୦୧ ପରଠାରୁ ଦେଶରେ ସବୁଠୁ ତୃତୀୟ ଭୟଙ୍କର ମରୁଡ଼ିର ବର୍ଷ ଥିଲା। ଅବଶ୍ୟ ଇତିମଧ୍ୟରେ ଆଇଏମ୍‌ଡିର ଭବିଷ୍ୟବାଣୀରେ ବହୁ ଉନ୍ନତି ଘଟିଛି। ତେବେ ଚଳିତ ବର୍ଷ ଏଲ୍-ନିନୋର ପ୍ରଭାବ ନ ଥିବାରୁ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବା ନେଇ ଆଇଏମ୍‌ଡି ଦୃଢ଼ ଆଶାବାଦୀ ରହିଛି।

ଏହା ସତ୍ୟ ଯେ, ଗତ ଦଶନ୍ଧି ଦଶନ୍ଧି ଧରି ଭାରତୀୟ ଉପମହାଦେଶରେ ନିଜର ଗୁରୁତ୍ୱ ହରାଇ ନ ଥିବା ଗୋଟିଏ ପ୍ରସଙ୍ଗ ହେଉଛି ଦକ୍ଷିଣ-ପଶ୍ଚିମ ମୌସୁମୀ। ଯାହାକି ଭାରତରେ ବର୍ଷାର କାରଣ ହୋଇଥାଏ। ଏହା ଦେଶ ପାଇଁ ତଥା କୃଷି ପାଇଁ ଆବଶ୍ୟକ ଜଳ ଯୋଗାଇଥିବାବେଳେ ପାନୀୟ ଜଳର ଆବଶ୍ୟକତା ମେଣ୍ଟାଇଥାଏ। କେବଳ ଏତିକି ନୁହେଁ, ଦେଶରେ ଜଳ ବିଦ୍ୟୁତ୍ ଉତ୍ପାଦନର ଆବଶ୍ୟକତା ପୂରଣ କରିବା ସହ ଭୂତଳ ଜଳସ୍ତରକୁ ମଧ୍ୟ ବଜାୟ ରଖିଥାଏ। ଆହୁରି ମଧ୍ୟ ଯେତେବେଳେ ଅସହ୍ୟ ରୌଦ୍ରତାପରେ ଜନସାଧାରଣଙ୍କଠାରୁ ଆରମ୍ଭ କରି ସମଗ୍ର ସୃଷ୍ଟି ସିଝୁଥାଏ, ସେତେବେଳେ ମୌସୁମୀର ଆଗମନ ନୂତନ ଜୀବଦାନ ପ୍ରଦାନ କରିଥାଏ ବୋଲି କହିଲେ ହୁଏତ ଅତିରଞ୍ଜିତ ହୋଇ ନ ପାରେ। ଚଳିତ ପ୍ରାକ୍‌ମୌସୁମୀ ବର୍ଷା ପ୍ରଭାବରେ ମେ' ମାସରେ ଅସହ୍ୟ ଗ୍ରୀଷ୍ମ ଅନୁଭବ ହୋଇନାହିଁ କି ଜନସାଧାରଣ ବିଶେଷ ଜଳକଷ୍ଟ ଭୋଗିନାହାନ୍ତି। ମେ' ମାସରେ ପ୍ରାକ୍ ମୌସୁମୀ ପ୍ରଭାବରେ ଯହା ବର୍ଷା ହୋଇଛି ତାହା ସ୍ୱାଭାବିକ ବର୍ଷାର ପରିମାଣଠାରୁ ଅଧିକ ବୋଲି କୁହାଯାଇଛି । ଯାହାର ପ୍ରଭାବରେ ଦେଶରେ ରେକର୍ଡ ଭଙ୍ଗକାରୀ ଗ୍ରୀଷ୍ମପ୍ରବାହ ହୋଇନାହିଁ ବୋଲି ଦେଶର ୩୬ଟି ଆଞ୍ଚଳିକ ପାଣିପାଗ ସଂସ୍ଥା ମଧ୍ୟରୁ ୨୭ଟି ପାଣିପାଗ ସଂସ୍ଥା ପକ୍ଷରୁ କୁହାଯାଇଛି। ମେ' ମାସରେ ପ୍ରାକ୍‌ମୌସୁମୀ ବର୍ଷା ୨୦ଭାଗ ବଳକା ଜଳ ଦେବା ସହ ତାପମାତ୍ରାକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଛି।

ଏହା ନିଃସନ୍ଦେହ ଯେ, ସ୍ୱାଭାବିକ ଠାରୁ ଅଧିକ ମୌସୁମୀ ବର୍ଷା ଦେଶର କୃଷି ଓ ଅର୍ଥନୀତି ପାଇଁ ଶୁଭ ସଙ୍କେତ ବହନ କରିଥାଏ। ଚଳିତ ବର୍ଷ ସ୍ୱାଭାବିକଠାରୁ ଅଧିକ ବର୍ଷା ଦେଶରେ ପର୍ଯ୍ୟାପ୍ତ ଖରିଫ ଶସ୍ୟର ଅମଳ ହେବାର ସମ୍ଭାବନାକୁ ଉଜ୍ଜୀବତ କରୁଛି। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଏବେ ଅର୍ଥାତ୍ ୨୦୨୫-୨୬ ଆର୍ଥିକ ବର୍ଷରେ ରେକର୍ଡ ପରିମାଣର ଖାଦ୍ୟଶସ୍ୟ ମହଜୁଦ ରହିଛି। ତେଣୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ କେନ୍ଦ୍ର ସରକାର ଦେଶର ୮୧କୋଟି ଲୋକଙ୍କୁ ମାଗଣାରେ ଯୋଗାଇ ଦେଉଥିବା ଚାଉଳ ଓ ଗହମ ଏକକାଳୀନ ୩ମାସ ପାଇଁ ଉଠାଇବାକୁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଏ। ଯାହାଦ୍ୱାରା ଗୋଦାମଗୁଡିକରେ ଆଗାମୀ ଖରିଫ ଶସ୍ୟ ମହଜୁଦ ରଖାଯାଇପାରିବ। ତେବେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି, ଭାରତ ଏବେ ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୈତିକ ରାଷ୍ଟ୍ର ହୋଇପାରିଥିବା ନେଇ ନୀତି ଆୟୋଗ ଘୋଷଣା କରିଛି। ଚଳିତ ବର୍ଷ ଉତ୍ତମ ମୌସୁମୀ ବର୍ଷାର ସମ୍ଭାବନା ଦେଶର ଆର୍ଥିକ ଅଭିବୃଦ୍ଧି ହାରକୁ ଆହୁରି ଉଚ୍ଚ କରିବ, ଏଥିରେ ସନ୍ଦେହ ନାହିଁ।

**ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼**
**ମୋ: ୭୯୭୮୬୬୬୪୦୩**

## ଏଇ ଭାରତରେ

ମଧ୍ୟପ୍ରଦେଶ ରାଜଗଡ଼ର ମୋହନପୁର କଲୋନିର ଇଣ୍ଟିଗ୍ରେଟେଡ ମିଡିଲ ସ୍କୁଲର ଶିକ୍ଷକ ଗୋପାଳ ବାଲୱାଲାଙ୍କ ଉଦ୍ୟମରେ ଏହି ସ୍କୁଲ ନୂଆ ରୂପ ପାଇପାରିଛି। ଗୋପାଳ ପାଉଥିବା ଦରମାରୁ ଅର୍ଥ ସଞ୍ଚୟ କରି ସ୍କୁଲରେ ଲାଇବ୍ରେରି କରିଛନ୍ତି। ଏହା ବ୍ୟତୀତ ପିଲାମାନେ ପାଣି ପିଇବା ଲାଗି ଜଳ ଯୋଗାଣ ବ୍ୟବସ୍ଥା ମଧ୍ୟ କରିପାରିଛନ୍ତି। କେବଳ ଏତିକି ନୁହେଁ, ସେ ସ୍କୁଲରେ ନିଜ ହାତରୁ ଖର୍ଚ୍ଚକରି ରଙ୍ଗ ଦେଇଛନ୍ତି। ତାଙ୍କ ଉଦ୍ୟମରେ ସ୍କୁଲରେ କରାଯାଇଥିବା ବଗିଚା ବିଭିନ୍ନ ପ୍ରକାର ଗଛ ଲଗାଇ ଛନ୍ତି। ଏସବୁ ବିକାଶମୂଳକ କାମରେ ସେ ମୋଟ ୩ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରିସାରିଲେଣି। ମୋହନପୁରରେ ଏହି ସ୍କୁଲ ଖୋଲାଯିବା ପରେ ଏହା ପ୍ରତି କାହାର ଦୃଷ୍ଟି ନ ଥିଲା। ଏହି ସ୍କୁଲରେ ପ୍ରଥମେ ୨୩ ଜଣ ପିଲା ପଢୁଥିଲେ। କିନ୍ତୁ ୨୦୧୮ରେ ଗୋପାଳ ବାଲୱାଲା ଶିକ୍ଷକ ଭାବେ ଯୋଗଦେବା ପରେ ତାହାର ବିକାଶ ପାଇଁ କାମ ଆରମ୍ଭ କରିଥିଲେ। ସ୍କୁଲର ବିକାଶ ହେବା ସହ ଏବେ ସେଠାରେ ୧୦୦ରୁ ଅଧିକ ପିଲା ପଢୁଛନ୍ତି। ଗୋପାଳଙ୍କର ଏଭଳି ଉଦ୍ୟମ ଏବେ ଅନ୍ୟ ସ୍କୁଲଗୁଡ଼ିକର ଶିକ୍ଷକଙ୍କୁ ସେମାନଙ୍କ ସ୍କୁଲର ବିକାଶ କରିବା ଲାଗି ପଥ ଦେଖାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୫ ଜୁନ୍ ୧୯୭୬

- ସତକୋଶିଆ ଗଣ୍ଡ କୁମ୍ଭୀର ଚାଷ ପାଇଁ ଏକ 'ନିରାପଦ ଜଳଭଗା' ରୂପେ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି।
- ସୋନେ ପ୍ରୟାଗରୁ ବଦ୍ରିନାଥକୁ ଯାଉଥିବା ଏକ ବସ୍ ଚାମୋଲି ଜିଲାର ବଢ଼ାଇଠାରେ ଦୁର୍ଘଟଣାଗ୍ରସ୍ତ ହୋଇ ଗଙ୍ଗାନଦୀକୁ ଖସିପଡ଼ିବା ଫଳରେ ବସ୍ ଚାଳ ସମେତ ୩୯ ଜଣ ବ୍ୟକ୍ତିଙ୍କ ମୃତ୍ୟୁ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | 3 | 8 | | | | | 2 |
| | | | | 1 | | | | |
| | 1 | | | | 4 | 3 | 8 | 9 |
| | 3 | 9 | | | | | | |
| 6 | | | | | 9 | 5 | 7 | |
| | | | | 7 | | | 3 | |
| | 5 | | | | 6 | 7 | | |
| | | 2 | | | 1 | | 6 | |
| | | | 5 | 9 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 5 | 9 | 1 | 8 | 7 | 2 | 3 |
| 3 | 9 | 7 | 2 | 6 | 5 | 1 | 8 | 4 |
| 2 | 8 | 1 | 4 | 7 | 3 | 9 | 5 | 6 |
| 9 | 7 | 4 | 5 | 8 | 1 | 6 | 3 | 2 |
| 8 | 5 | 3 | 6 | 9 | 2 | 4 | 1 | 7 |
| 6 | 1 | 2 | 7 | 3 | 4 | 8 | 9 | 5 |
| 7 | 4 | 8 | 3 | 5 | 9 | 2 | 6 | 1 |
| 5 | 2 | 9 | 1 | 4 | 6 | 3 | 7 | 8 |
| 1 | 3 | 6 | 8 | 2 | 7 | 5 | 4 | 9 |

ଗତକାଲିର ଉତ୍ତର

# ସାନ ଜୁଆନର ସକାଳ ଯାଏ




ଡ. ସାରଦା ପ୍ରସାଦ କର

ଭାଗ୍ରାନ୍ସି ଆକ୍ଟ-୧୮୨୪, ଯାହା ଇଂଲଣ୍ଡ ଓ ୱେଲ୍‌ସରେ 'ରଫ୍ ସ୍ଲିପିଙ୍ଗ' (ଅବ୍ୟବସ୍ଥିତ ଶୋଇବା)କୁ ବିରୋଧକରେ। ଏଭଳି ଯାଯାବର ଶୋଇବା ପାଇଁ ୧ହଜାର ପାଉଣ୍ଡ ଜରିମାନା ଆଇନରେ ଅଛି। ୧୮୨୨ ମସିହାରେ ବ୍ରିଟେନ ସଂସଦ ଏଭଳି ଆଇନର ଆଉ ଆବଶ୍ୟକତା ନ ଥିବା ଅନୁଭବକରି ଯେଉଁ ମତାମତ ଲୋଡ଼ିଲେ ତାହା ହାସ୍ୟାସ୍ପଦ। ଲଣ୍ଡନ ରାଜରାସ୍ତାରୁ ଭିକାରୀ ଶୋଇବା ଅନ୍ତରକରି ଅନ୍ୟତ୍ର ଶୁଆଇଲେ ଲାଭ କ'ଣ ? ସର୍ବସାଧାରଣ ସ୍ଥାନରେ ଶୋଉଥିବା ଲୋକଙ୍କୁ ଉପରେ ସର୍ବୋଚ୍ଚ ଅଦାଲତ ରୋକ ଲଗାଇଲେ ଜୁନ୍ ୨୦୨୪ରେ। ସମାଲୋଚକଙ୍କ ମତରେ, ଏଭଳି ଲଗାମ ଦ୍ୱାରା ନିରାଶ୍ରିତ ଲୋକଙ୍କ ଶୋଇବା ଉପରେ ଜରିମାନା ବଢ଼ିବ ଆଉ କେତେକ ମନ୍ଦ ଉଦ୍ଦେଶ୍ୟଧାରୀ ଟୋକେନ ବ୍ୟବସ୍ଥାକରି ମାଲାମାଲ ହେବେ। ଫେବୃଆରୀ ୨୦୧୨ରେ ରାୟ ଶୁଣାଇଲେ ଭାରତର ସର୍ବୋଚ୍ଚ ଅଦାଲତ। 'ଶୋଇବା ହେଉଛି ମୌଳିକ ଅଧିକାର ଧାରା-୨୧ ଅନ୍ତର୍ଭୁକ୍ତ। ତେଣୁ ଶୋଇବା ଲୋକର ନିଦ ବ୍ୟାହତ କରିବା ଉପରେ ନ୍ୟାୟାଳୟଙ୍କ ହୁକୁମତ ରହିବ' ବୋଲି କହିଲେ।

ବଜ୍ରବାହୁ ହନୁମାନଙ୍କ ସ୍କନ୍ଧରେ ବିରାଜିତ ଶ୍ରୀରାମ, ବିନତା ନନ୍ଦନ ଗରୁଡ଼ କିମ୍ବା ମହାବଳୀ ଭୀମଙ୍କୁ ଶୟନ ପୂର୍ବ ସ୍ମରଣକଲେ ସୁଖନିଦ୍ରା ଆସେ। ହିମାଳୟରେ ଗୁମ୍ଫା ଦଖଲ କିମ୍ବା ଜହ୍ନରେ ଘର କରିଦେଲେ ଯଦି ଉତ୍ତମ ନିଦ୍ରା ଆସୁଥା'ନ୍ତା ତେବେ ପୁଞ୍ଜିପତି ମାନେ ହିମାଳୟରେ ଆଉ ନିଶାମାଫିଆମାନେ ଜହ୍ନରେ ସବୁତକ ଜାଗା କିଣିବାକୁ ସରକାରଙ୍କୁ ଆଗୁଆ ରାଶି ପୈଠ କରିଦିଅନ୍ତେ। ୪୩୨ କୋଟି ସୌର ବର୍ଷ ବା ୪.୩୨ ବିଲିଅନ ମାନବ ବର୍ଷ ଯାହା ବ୍ରହ୍ମାଙ୍କର ଗୋଟିଏ ଦିନ ବା କଳ୍ପ ଅନ୍ତେ ସନ୍ଧ୍ୟା ଆସେ, ବ୍ରହ୍ମା ନିଦ୍ରା ଯାଆନ୍ତି। ସେତେବେଳକୁ ୪ଯୁଗ, ପ୍ରତ୍ୟେକ ହଜାରେ ଥର ଭୋଗହୋଇ ସାରିଥାଏ। ବ୍ରହ୍ମାଣ୍ଡ ପ୍ରଳୟ ସହ ନୂଆ ବ୍ରହ୍ମାଣ୍ଡ ନବୀକରଣ ପର୍ବ ଚାଲେ।

ଜଳଚରମାନେ ଶୁଅନ୍ତି, ଆଖି ପତା ନ ଥାଇ ବି ମାଛ ଶୁଏ। ତିମି ମାଛ ପାଣି ଉପରେ କାଠ ଭାସିଲା ପରି ଶୁଏ ଆଉ ସେହି ସମୟରେ ତା' ମସ୍ତିଷ୍କ କୋଷର ଅଧା ଅଂଶ ଶୋଇପଡ଼ିଥାଏ। ଶୋଇକରି ଗତିଶୀଳ ହେବାରେ ଡଲ୍‌ଫିନ୍ ଅଭ୍ୟସ୍ତ। ନିଃଶ୍ୱାସ ଚାଲୁଥାଇ ଏଭଳି ଶୋଇବାକୁ 'ୟୁନି-ହେମିସ୍ଫିଅରିକ ସ୍ଲୋ ୱେଭ ସ୍ଲିପ୍' କୁହାଯାଏ। ଆଲ୍‌ବାଟ୍ରୋସ୍ ପକ୍ଷୀ ଆକାଶରେ ଡେଣା ଦୁଇଟିକୁ ପରସ୍ପର ସହ ଛନ୍ଦି ଶୋଇପଡ଼େ। ୨୦୦ଦିନିଆ ଯାତ୍ରାରେ ସଫଳ ଆଲ୍‌ପିନ ସ୍ୱିଫ୍ଟ ପକ୍ଷୀ ବାଟଟିକୁ ବିନା ରହଣିରେ ଆରାମ ଶୋଇବା ସହ ଶେଷକରେ। କେବଳ ଅଷ୍ଟ୍ରେଲିଆରେ ଦେଖାଯାଉଥିବା ପଶୁଙ୍କ ଭିତରେ କୋଆଲାସ ଦିନକୁ ୨୨ଘଣ୍ଟା, ଜୀବନର ନବେଭାଗ ସମୟ ଶୋଇବାରେ କଟାଏ। କଳା ଭାଲୁ ଅଧିକ ଶୀତଦିନରେ ଖାଇବା ପିଇବା ଭୁଲି ୬ ମାସ ଶୁଏ। ଗେଣ୍ଡା ଏକକାଳୀନ ୩ ବର୍ଷ ଶୋଇପାରେ। ମଣିଷ ଶୁଏ ଆୟୁଷର ୩ଭାଗରୁ ଭାଗେ ସମୟ।

ଗ୍ରୀକ୍ ପୌରାଣିକ କଥାବସ୍ତୁ ଅନୁସାରେ 'ହିପ୍‌ନସ' ହେଉଛନ୍ତି ନିଦ ଦେବତା ଯିଏ 'ଇରେବୁଶ'(ଅନ୍ଧାର ଦେବତା) ଓ 'ନୀକ୍ସ'(ରାତ୍ରିଦେବୀ)ଙ୍କ ସୁପୁତ୍ର। ହିପ୍‌ନସଙ୍କ ଯାଆଁଳା ଭାଇ 'ଥାନ୍ତୋଷ' ହେଉଛନ୍ତି ମୃତ୍ୟୁ ଦେବତା। ବାଇବେଲ କହନ୍ତି, ଭଗବାନ ବିଶ୍ରାମ ରହିତ ହୋଇ ସୃଷ୍ଟିର କାର୍ଯ୍ୟ ସମ୍ପାଦନା କରନ୍ତି। କିନ୍ତୁ ମାତ୍ର ଥରୁଟିଏ ଶୋଇବାକୁ ଯାଆନ୍ତି। 'ଜୁଇଶ ହୋମ୍' ବର୍ଣ୍ଣିତ ଏହି ଦିନକୁ 'ଶବ୍ବଥ ଇଭ' ଦିନ ବା ସୃଷ୍ଟିର ନୂଆ ଦିନ କୁହାଯାଏ। ବାଇବେଲ କହେ, ମାତ୍ର ୬ ଦିନ ଭିତରେ ଈଶ୍ୱର ସ୍ୱର୍ଗ ଆଉ ମର୍ତ୍ତ୍ୟ ତିଆରି କଲେ। ସପ୍ତମ ଦିନରେ ନିଦ୍ରାବସ୍ଥାକୁ ଚାଲିଗଲେ। ବୌଦ୍ଧ ମୋନାଷ୍ଟ୍ରିମାନଙ୍କରେ ଅନୁବ୍ରତୀ ମାନଙ୍କ ଶୋଇବା କଟକଣା ୫-୬ ଘଣ୍ଟାର ଅବଧି। ହିନ୍ଦୁ ବିଶ୍ୱାସରେ ମହାକାଳୀଙ୍କ ପାଦର ଭାରା ସମ୍ଭାଳିବାକୁ ଶୟନ ହିଁ ମହାକାଳଙ୍କ ବିକଳ୍ପ ଉପାୟ। ଆଷାଢ଼ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରୁ ଆରମ୍ଭ ହୁଏ ଶିବ ଶୟନ ବା ଚତୁଃମାସ୍ୟା ବ୍ରତ। ଲିଙ୍ଗରାଜଙ୍କ ପବିତ୍ର ପୀଠରେ ସ୍ୱତନ୍ତ୍ର ପୂଜା କରାଯାଇ ଶିବଙ୍କୁ ଶେଯ ଶୁଆ କରାଯାଏ।



ନିଦୁଆ ଆଖିର ତଡ଼ାଗରେ କେବେ ପ୍ରେମର ଶୁଭ୍ର କଇଁ ଫୁଟେ। ନିର୍ମଳା ମିଶ୍ରଙ୍କ ସୁମଧୁର କଣ୍ଠରୁ ନିଦଭରା ଆଖିର ପ୍ରେମଭରା ନିବେଦନ - 'ନିଦ ଭରା ରାତି ମଧୁ ଭରା ଜହ୍ନ ଫିକା ଫିକା ଏଇ ଜୋଛନା', ଜହ୍ନ ଆଲୁଅକୁ କେବେ ଫିକା କରେ। ସଞ୍ଜ ନଇଁଲେ ବିଶ୍ୱର ସବୁଠାରୁ ସୁରକ୍ଷିତ କ୍ଷେତ, ମା' କୋଳର ଶେଯ ଆବୋରି ପିଲା ଶୁଏ। 'ଧୋ ରେ ବାଇଆ ଧୋ, ଯୋଉ କିଆରିରେ ଗହଳ ମାଣ୍ଡିଆ ସେଇ କିଆରିରେ ଶୋ' ପରି ନାନାବାୟା ଗୀତ ଓଡ଼ିଆ ପଲ୍ଲୀପ୍ରାଣର ନିଦ ଭାଗବତ ହୁଏ। ଏଲିଜାବେଥ୍ ବ୍ରାଉନିଂ ନିଦକୁ ଈଶ୍ୱରଙ୍କ ଦାନ ବୋଲି ବର୍ଣ୍ଣନା କଲେ। 'ଦି ସ୍ଲିପରସ' କବିତାରେ ୱାଲ୍ଟ ହ୍ୱାଇଟ୍‌ମ୍ୟାନ ପିଣ୍ଟେରଷ୍ଟ ନିଦକୁ ପାହିଯାଇଥିବା ରାତିର ପୁନଃ ଆଗମନ ଅଭିହିତ କଲେ। ଏକଥାଟି ପୁରାଣରେ ଆଦ୍ୟ ବ୍ରହ୍ମଙ୍କ ଦୁଇଥର ନିଦ ଯିବା କଥାକୁ ମନେ ପକାଇଦିଏ। 'ଏ ଲଙ୍ଗ୍ ଲଙ୍ଗ୍ ସ୍ଲିପ୍' ଓ 'ଏ ଫେମସ ସ୍ଲିପ୍' କବିତା ପଢ଼ି ଅନେକ ନିଦ ଆଉ ମୃତ୍ୟୁର ସମାନତା ପରଖିବାକୁ ଲାଗିଲେ। ପଛରୁ ଉତ୍ସାହିତ କରୁଥିଲା କେଇଜଣ ଚିରନିଦ୍ରା ସ୍ତାବକଙ୍କ ଦୁଷ୍ଟାମି। ୧୯୨୩ରେ ପ୍ରକାଶିତ କବିତା 'ଷ୍ଟପିଂ ବାଇ ଉଡ୍‌ସ ଅନ୍ ଏ ସ୍ନୋଇ ଇଭିନିଂ' ଜରିଆରେ ରବର୍ଟ ଫ୍ରଷ୍ଟ ନିଜ ଦୂରଭିସନ୍ଧି ନିଦ ରହସ୍ୟ କଥା ମନେପକାଇଲେ। 'ମାଇଲସ ଟୁ ଗୋ ବିଫୋର ଆଇ ସ୍ଲିପ୍' ପରି ଉକ୍ତି ଜରିଆରେ ଚିରନିଦ୍ରା (ମୃତ୍ୟୁ) ଆସିବା ଆଗରୁ ଅନେକ କିଛି ସ୍ୱପ୍ନକୁ ବାସ୍ତବରେ ପରିଣତ କରିବାକୁ ପଡ଼ିବ ବୋଲି ସୂଚନା ଦେଲେ।

ସ୍ପେନୀୟ ଗଳ୍ପ 'ଦି ସ୍ଲିପିଙ୍ଗ୍ କିଙ୍ଗ୍'ର ଲୋକକଥା ଆଧାରରେ ପିଲେ ଗୀତ ଗାଉଥିଲେ- 'ଦି କିଙ୍ଗ୍ ଉଇଲ ସ୍ଲିପ୍ ଆଣ୍ଡ ଉଇଲ ନଟ୍ ୱେକ୍ ଅଣ୍ଟିଲ ଦି ଆର୍ଲି ମର୍ନିଂ ଅଫ୍ ସାନ୍ ଜୁଆନ'। ଏହାର ଅର୍ଥ ହେଲା, ସାନ୍ ଜୁଆନ ସକାଳ ଯାଏ ରାଜା ଶୋଇବେ। ରାଜକନ୍ୟାଙ୍କ ଉତ୍ସାହ ଜାଣି ପିଲାଟି ଉତ୍ତରଦେଲା, ମୋ ମା' କହୁଥିଲେ- ସୁଦୂର ଦୁର୍ଗରେ ଜଣେ ରାଜା ଅଛନ୍ତି ଯାହାଙ୍କୁ ନିର୍ଦ୍ଦେଶ ଅଛି ବର୍ଷ ତମାମ ଶୋଇକରି ରହିବାକୁ। ସେ କେବଳ ସାନ୍ ଜୁଆନ ଦିବସର ବଡ଼ି ସକାଳୁ ଉଠନ୍ତି ଆଉ ଠିକ୍ ସେତିକିବେଳେ ଯଦି ତାଙ୍କ ଶଯ୍ୟା ପାଖରେ କାହାକୁ ନ ଦେଖନ୍ତି ବା ଜଣେ ରାଜକୁମାରୀଙ୍କୁ ବିବାହ ନ କରନ୍ତି ତେବେ ରାଜା ପୁଣି ନିଦରେ ଶୋଇପଡ଼ନ୍ତି ଆର ସାନ୍ ଜୁଆନ ସକାଳ ହେବାଯାଏ।' ରାଜା ଝିଅ ପ୍ରଚେଷ୍ଟାକରି ଶେଷରେ ପହଞ୍ଚଲେ ରାଜାଙ୍କ ନିଦ ଭାଙ୍ଗିବା ଦିନ ସାନ୍ ଜୁଆନର ସକାଳେ। ରାଜା ଖୁସି ହେଲେ, ରାଜକନ୍ୟାଙ୍କୁ ବିବାହକରି ସବୁ ଦିନକୁ ବିଦାୟ ଦେଲେ ନିଦକୁ। ଠେକୁଆ ଆଉ କଇଁଛର ଗପ ପରି ନିଦ କେବେ ଠେକୁଆକୁ କଚ୍ଛପ ଗତି କରାଏ ପୁଣି କଚ୍ଛପକୁ ମୁକୁଟ ପିନ୍ଧାଏ। 'ଶୋଇଲା ପୁଅର ଭାଗ ନାହିଁ' ନ୍ୟାୟଟି ପ୍ରଯୁଜ୍ୟ ହୁଏ ବନରାଜ ସିଂହ ପାଇଁ।

**ଡାକବଙ୍ଗଳା ଛକ, ପୁରୁଣା ଭୁବନେଶ୍ୱର**
**ମୋ: ୮୨୪୯୮୨୭୧୪୮**

## ପାଠକ ଶ୍ରେଷ୍ଠ ବିଚାରକ

### କହିବା କାହାକୁ

ମହାଶୟ,

ଢେଙ୍କାନାଳ ଅବକାରୀ ଅଧୀକ୍ଷକ ନିଜ କାର୍‌ରେ ନଗଦ ୩ ଲକ୍ଷ ଟଙ୍କା ରଖି ଯାଉଥିବା ବେଳେ ଭିଜିଲାନ୍ସ ଦ୍ୱାରା ଚଢ଼ାଉରେ ଧରାପଡି ଗିରଫ ହେବା ଖବର ପ୍ରକାଶ ପାଇଛି । ପ୍ରଶାସନରେ ଦୁର୍ନୀତି କାୟାବିସ୍ତାର କରିଥିବା ବେଳେ କେତେବେଳେ କେମିତି ଗୋଟେ ଅଧେ ଏପରି ଖବର ସାମୟିକ ଚାଞ୍ଚଲ୍ୟ ଖେଳାଇ ଦିଏ। ଏ ତ ନିତିଦିନିଆ ଘଟଣା। ଏହାର ସେପରି ଗୁରୁତ୍ୱ ରହେ ନାହିଁ। ଫରେନ୍ ଲିକର୍, ଚୋରା ଦେଶୀ ମଦ, ଗଞ୍ଜେଇ, ଅଫିମ, ଚରସ୍, ହିରୋଇନ ଆଦି ସମସ୍ତ ପ୍ରକାର ମାଦକ ଦ୍ରବ୍ୟର କାରବାରର ତଦାରଖ ଏହି ବିଭାଗ ହାତରେ । ଏହି ବିଭାଗରେ କାମ କରିବା ପାଇଁ ସମସ୍ତେ ବ୍ୟଗ୍ର । ବେଆଇନ ଅର୍ଥ ଆଦାୟ ଏହି ବିଭାଗରେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ସରକାର ନିଜ ୧୧ ମାସ କାର୍ଯ୍ୟକାଳ ମଧ୍ୟରେ କେତୁଟା ବଡ଼ ବଡ଼ ଭାକୁର ମାଛ ଧରି କାଠଗଡାକୁ ପଠାଇ ଚମକ ସୃଷ୍ଟି କରିଛନ୍ତି। ବିଜେଡି ସରକାର ସମୟରେ ଅନେକ ଦୁର୍ନୀତିଗ୍ରସ୍ତ ଚାକିରିରୁ ବିଦା ହୋଇଥିଲେ। ଏ ସବୁର ପ୍ରଭାବ ଏପରି ପଇସାଖିଆଙ୍କ ଉପରେ କିଛି ପ୍ରଭାବ ପଡ଼ିନାହିଁ । ପ୍ରଶାସନରେ ସ୍ୱଚ୍ଛତା କେବଳ ଧ୍ୱନିରେ ସୀମିତ । ଦେଶକୁ କେବଳ ଭଗବାନ ଭରସା ।

**-ହରମୋହନ ମହାନ୍ତି, ଦଉତୋଟା, ପୁରୀ**

### ଚିରନ୍ତନୀ

ମାନବର ସୃଷ୍ଟି ଏ ଯେ
ମାନବର ଅନ୍ତର-ଆରତି,
ନମଇଁ ମୁଁ ତେଣୁ ଏଥି,
ଜଣାଏ ମୋ ବ୍ୟଥାର ଭାରତୀ।
-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




## ଜୁଲାଇ ୨୧ରୁ ସଂସଦର ମୌସୁମୀ ଅଧିବେଶନ



ନୂଆଦିଲ୍ଲୀ,୪।୬(ପି.ଟି.)

ସଂସଦର ମୌସୁମୀ ଅଧିବେଶନ ଜୁଲାଇ ୨୧ରେ ଆରମ୍ଭ ହୋଇ ଅଗଷ୍ଟ ୧୨ ପର୍ଯ୍ୟନ୍ତ ଚାଲିବ ବୋଲି ବୁଧବାର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ସୂଚନା ଦେଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଂସଦୀୟ ବ୍ୟାପାର ସମ୍ପର୍କିତ କ୍ୟାବିନେଟ୍ କମିଟି ଏନେଇ ସୁପାରିସ କରିଥିବା ରିଜିଜୁ କହିଛନ୍ତି। ବିରୋଧୀ ଦଳଗୁଡ଼ିକ 'ଅପରେଶନ୍ ସିନ୍ଦୂର' ସମ୍ପର୍କରେ ଆଲୋଚନା ପାଇଁ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଅଡ଼ିବସିଥିବାବେଳେ ସରକାରଙ୍କ ପକ୍ଷରୁ ଉପରୋକ୍ତ ଘୋଷଣା କରାଯାଇଛି। ତେବେ ନିୟମ ଅନୁସାରେ ମୌସୁମୀ ଅଧିବେଶନ ବେଳେ ସବୁ ପ୍ରସଙ୍ଗରେ ଆଲୋଚନା ହୋଇପାରିବ ବୋଲି ରିଜିଜୁ କହିଛନ୍ତି। ଅନ୍ୟପକ୍ଷେ ନିର୍ଦ୍ଧାରିତ ଅବଧିର ୪୭ ଦିନ ପୂର୍ବରୁ ମୌସୁମୀ ଅଧିବେଶନର ତାରିଖ ଘୋଷଣା କରାଯାଇଥିବାରୁ ବିରୋଧୀ ସରକାରଙ୍କୁ ସମାଲୋଚନା କରିଛନ୍ତି। ସାଧାରଣତଃ ଅଧିବେଶନ ଆରମ୍ଭ ହେବାର କିଛିଦିନ ପୂର୍ବରୁ ତାରିଖ ଘୋଷଣା କରାଯାଇଥାଏ। ହେଲେ କଂଗ୍ରେସ ଓ ଇଣ୍ଡିଆ ବ୍ଲକ୍‌ର ଦାବିକୁ ଦେଖି ସରକାର ପଳାୟନପନ୍ଥୀ ସାଜି ଏପରି କରିଥିବା କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଏକ୍ସ'ରେ ସମାଲୋଚନା କରିଛନ୍ତି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ଡେରେକ୍ ଓ'ବ୍ରାଏନ୍ ମଧ୍ୟ ସୋସିଆଲ ମିଡିଆରେ ଅନୁରୂପ ମତ ଦେଇ କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି।

# କେନ୍ଦ୍ର କହିଲା ପ୍ରସ୍ତୁତ ରୁହ

### ଦେଶରେ ସକ୍ରିୟ ମାମଲା ୪, ୩୦୦ ଟପିଲା


### ୨୪ ଘଣ୍ଟାରେ ୭ ମୃତ, ୮୬୪ ଆକ୍ରାନ୍ତ



ନୂଆଦିଲ୍ଲୀ,୪।୬

ଅଦୃଶ୍ୟ ଭୂତାଣୁ କୋଭିଡ୍-୧୯ ପୁଣି କଡ଼ ଲେଉଟାଇଛି। ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସଂକ୍ରମଣ ବଢ଼ିବାରେ ଲାଗିଥିବାବେଳେ ଏହାର ମୁକାବିଲା ପାଇଁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରସ୍ତୁତି ଚଳାଇବାକୁ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। ହସ୍ପିଟାଲଗୁଡ଼ିକରେ ଅକ୍ସିଜେନ୍, ଭେଣ୍ଟିଲେଟର ଓ ଜରୁରୀ ଔଷଧ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିପରି ସର୍ଭିଲାନ୍ସ ଓ ଟେଷ୍ଟିଂକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଲୋକଙ୍କୁ ମଧ୍ୟ କୋଭିଡ୍-ଉପଯୁକ୍ତ ବ୍ୟବହାର ଅନୁସରଣ କରିବାକୁ ପରାମର୍ଶ ଦିଆଯାଇଛି।

ବର୍ତ୍ତମାନ ବିଭିନ୍ନ ଦେଶରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିଲେ ହେଁ ମୃତ୍ୟୁ ଆଶଙ୍କା କମ୍ ରହିଛି। ଅଧିକାଂଶ ସଂକ୍ରମିତଙ୍କଠାରେ ମାଇଲ୍ଡ ଲକ୍ଷଣ ଦେଖିବାକୁ ମିଳୁଛି। ପୂର୍ବରୁ ନିଆଯାଇଥିବା କୋଭିଡ୍ ଟିକାର



ସୁରକ୍ଷା ମଣିଷ ଶରୀରରେ ହ୍ରାସ ପାଇଥିବାରୁ ଭୂତାଣୁ ପୁନର୍ବାର ସକ୍ରିୟ ହୋଇ ଉଠିଥିବା କୁହାଯାଉଛି। ଭାରତରେ ଗତ ୨୪ ଘଣ୍ଟା ଭିତରେ ୮୬୪ ନୂଆ ସଂକ୍ରମିତ ଚିହ୍ନଟ ହେବା ସହ କୋଭିଡ୍-୧୯ ସଂକ୍ରମିତଙ୍କ ସଂଖ୍ୟା ବୁଧବାର ୪,୩୦୨ ଛୁଇଁଛି। ସେହିପରି ଦିନକ ଭିତରେ ୭ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ମହାରାଷ୍ଟ୍ରରେ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଦିଲ୍ଲୀ, କେରଳ ଓ ତାମିଲନାଡୁରେ ଜଣେ ଲେଖାଏ ପ୍ରାଣ ହରାଇଛନ୍ତି। ୨୦୨୫ରେ ଉଭୟ ସଂକ୍ରମଣ ଓ ମୃତ୍ୟୁରେ ଏହା ହେଉଛି ସର୍ବାଧିକ। ଏହାକୁ ମିଶାଇ ଗତ ଜାନୁଆରୀରୁ ୪୪ କୋଭିଡ୍ ସଂକ୍ରମିତଙ୍କ ମୃତ୍ୟୁ ଘଟିଲାଣି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ୱେବ୍‌ସାଇଟ୍‌ରେ ପ୍ରଦତ୍ତ ତଥ୍ୟରୁ ଜଣାପଡ଼ିଛି। ଅନ୍ୟପକ୍ଷେ ୨୪ ଘଣ୍ଟା ଭିତରେ ୫୮୧ ରୋଗୀ ସଂକ୍ରମଣମୁକ୍ତ ହୋଇଛନ୍ତି। ଏଥିସହ ଆରୋଗ୍ୟଙ୍କ ସଂଖ୍ୟା ୩,୨୮୧ ଛୁଇଁଛି।

### ବିପଦ ଡାକୁଛି କୋଭିଡ୍‌ର ୪ ନୂଆ ଭାରିଆଣ୍ଟ

ଭାରତରେ ସର୍ବାଧିକ ପ୍ରାଦୁର୍ଭାବ ଦେଖାଉଥିବା କୋଭିଡ୍‌ର ୪ ଭାରିଆଣ୍ଟ ହେଲା ଏଲ୍‌ଏଫ୍.୭, ଏକ୍ସଏଫ୍‌ଜି, ଜେଏନ୍.୧ ଏବଂ ଏନ୍‌ବି.୧.୮.୧.। ତେବେ ସବ୍-ଭାରିଆଣ୍ଟ ଏନ୍‌ବି.୧.୮.୧. ଭାରତରେ ଚିହ୍ନଟ ହୋଇଥିବା କୁହାଯାଉଛି। ଭାଇରସ୍ ଇଭୋଲ୍ୟୁଶନ୍ ସମ୍ପର୍କିତ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ର ଟେକ୍ନିକାଲ ଆଡ୍‌ଭାଇଜରି ଗ୍ରୁପ୍ ଏହି ଭାରିଆଣ୍ଟକୁ 'ଭାରିଆଣ୍ଟ ଅଣ୍ଡର ମନିଟରିଂ' ରୂପେ ବର୍ଗୀକୃତ କରିଛି।

## ପାକିସ୍ତାନ ପାଇଁ ଗୁପ୍ତଚରଗିରି: ପଞ୍ଜାବୀ ୟୁଟ୍ୟୁବର ଗିରଫ

### ଜ୍ୟୋତି ମାଲ୍‌ହୋତ୍ରାଙ୍କ ସହ ସମ୍ପର୍କରେ ଥିଲେ



ଜ୍ୟୋତି ମାଲ୍‌ହୋତ୍ରାଙ୍କ ସହ ଜସ୍‌ବୀର ସିଂ

ଚଣ୍ଡିଗଡ଼, ୪।୬ (ପି.ଟି.)

ପଞ୍ଜାବର ରୂପନଗରରୁ ବୁଧବାର ପାକିସ୍ତାନ ପାଇଁ ଗୁପ୍ତଚରଗିରି କରୁଥିବା ଅଭିଯୋଗରେ ୟୁଟ୍ୟୁବର ଜସ୍‌ବୀର ସିଂଙ୍କୁ ପୋଲିସ ଗିରଫ କରିଛି। ଜସ୍‌ବୀର ଜାନ୍ ମହଲ୍ ନାମରେ ଏକ ୟୁଟ୍ୟୁବ ଚ୍ୟାନେଲ ଚଳାଉଥିବା ବେଳେ ସେ ପାକିସ୍ତାନ ପାଇଁ ଗୁପ୍ତଚରଗିରି ଅଭିଯୋଗରେ ପୂର୍ବରୁ ଗିରଫ ହୋଇଥିବା ଜ୍ୟୋତି ମାଲ୍‌ହୋତ୍ରା ଏବଂ ପାକିସ୍ତାନୀ ନାଗରିକ ତଥା ବହିଷ୍କୃତ ପାକିସ୍ତାନୀ ହାଇକମିଶନର ଅଧିକାରୀ ଏହସାନ-ଉର୍-ରହିମ ଓରଫ ଦାନିଶଙ୍କ ସହ ସମ୍ପର୍କରେ ଥିଲେ। ପଞ୍ଜାବ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଗୌରବ ଯାଦବ କହିଛନ୍ତି, ଦାନିଶଙ୍କ ନିମନ୍ତ୍ରଣରେ ଜସ୍‌ବୀର ଦିଲ୍ଲୀରେ ଆୟୋଜିତ ପାକିସ୍ତାନ ଜାତୀୟ ଦିବସ ସମାରୋହରେ ଯୋଗଦେଇଥିଲେ, ଯେଉଁଠାରେ ସେ ପାକିସ୍ତାନୀ ସେନା ଅଧିକାରୀ ଏବଂ ବ୍ଲଗରମାନଙ୍କୁ ଭେଟିଥିଲେ। ସେ ୨୦୨୦, ୨୦୨୧ ଏବଂ ୨୦୨୪ରେ ୩ ଥର ପାକିସ୍ତାନ ଯାଇଥିଲେ। ଜସ୍‌ବୀରଙ୍କ ମୋବାଇଲରୁ ଅନେକ ପାକିସ୍ତାନ ଭିତ୍ତିକ ନମ୍ବର ମିଳିଛି, ଯାହାର ଫୋରେନ୍ସିକ୍ ଯାଞ୍ଚ ଜାରି ରହିଛି ବୋଲି ସେ କହିଛନ୍ତି।

## ୨୦୨୭ ମାର୍ଚ୍ଚରୁ ସେନ୍‌ସସ୍

### ଜାତିଗତ ଜନଗଣନାକୁ ସାମିଲ କରାଯିବ

ନୂଆଦିଲ୍ଲୀ,୪।୬(ପି.ଟି.)

ଦେଶରେ ପରବର୍ତ୍ତୀ ଜନଗଣନା ୨୦୨୭ ମାର୍ଚ୍ଚ ୧ରୁ ଆରମ୍ଭ ହେବ। ଏଥିରେ ଲୋକଙ୍କ ଜାତି ଓ ସାମାଜିକ-ଆର୍ଥିକ ବିବରଣୀକୁ ମଧ୍ୟ ସାମିଲ କରାଯିବ ବୋଲି ବୁଧବାର ସରକାରୀ ସୂତ୍ରରୁ ଜଣାପଡ଼ିଛି। ତେବେ କେନ୍ଦ୍ରଶାସିତ ଅଞ୍ଚଳ ଲଦାଖ, ଜମ୍ମୁ-କଶ୍ମୀର ଏବଂ ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ ଭଳି ରାଜ୍ୟଗୁଡ଼ିକରେ ତୁଷାରପାତକୁ ଦୃଷ୍ଟିରେ ରଖି ୨୦୨୬ ଅକ୍ଟୋବରରେ ଜନଗଣନା ଆରମ୍ଭ କରିବା ନେଇ ସ୍ଥିର କରାଯାଇଛି। ଏହି ଜନଗଣନା ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ମହିଳା ଓ ପୁରୁଷମାନଙ୍କ ଜାତି ତଥା ଉପଜାତି ସମ୍ପର୍କରେ ଜନଗଣନାରେ ଉଲ୍ଲେଖ କରାଯିବ। ଜାତିଗତ ଜନଗଣନା କରାଇବା ପାଇଁ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଦାବି ଜୋର୍ ଧରିଥିବାବେଳେ ଗତ ଏପ୍ରିଲ ୩୦ରେ କେନ୍ଦ୍ର ସରକାର ଏନେଇ ଘୋଷଣା କରିଥିଲେ। ଭାରତରେ ପ୍ରତି ୧୦ ବର୍ଷରେ ଜନଗଣନା କରାଯାଇଆସୁଥିଲା। କିନ୍ତୁ କୋଭିଡ୍-୧୯ ମହାମାରୀ ଯୋଗୁ ୨୦୨୧ରେ ହେବାକୁ ଥିବା ଜନଗଣନା କରାଯାଇପାରି ନ ଥିଲା। ଗତ ଜନଗଣନା ୨୦୧୧ରେ ହୋଇଥିବାବେଳେ ଏହାର ୧୬ ବର୍ଷ ପରେ ପରବର୍ତ୍ତୀ ଜନଗଣନା ହେବାକୁ ଯାଉଛି। ଏ ସମ୍ପର୍କିତ ସରକାରୀ ବିଜ୍ଞପ୍ତି ଆସନ୍ତା ୧୬ ତାରିଖରେ ପ୍ରକାଶ ପାଇପାରେ। ପ୍ରକାଶ ଯେ, ଭାରତ ସରକାର ସେନ୍‌ସସ୍ ଆକ୍ଟ, ୧୯୪୮ ଓ ସେନ୍‌ସସ୍ ରୁଲ୍ସ ୧୯୯୦ ଅନୁସାରେ ଜନଗଣନା କରାଇଥାଆନ୍ତି।

## ମୁଜିବୁରଙ୍କ ପାଇଁ ଜାତିର ପିତା ମାନ୍ୟତା ପ୍ରତ୍ୟାହାର କଲା ବାଂଲାଦେଶ

ଢାକା, ୪।୬ (ପି.ଟି.)

ବାଂଲାଦେଶର ଅନ୍ତରୀଣ ସରକାର ବୁଧବାର ଦେଶ ସ୍ୱାଧୀନତାରେ ପ୍ରମୁଖ ଭୂମିକା ନିଭାଇଥିବା ଶେଖ୍ ମୁଜିବୁର ରହମାନଙ୍କୁ ମିଳିଥିବା ଜାତିର ପିତା ମାନ୍ୟତାକୁ ପ୍ରତ୍ୟାହାର କରିଛନ୍ତି। ସ୍ୱାଧୀନତା ସଂଗ୍ରାମୀଙ୍କୁ ନେଇ ରହିଥିବା ଆଇନରେ ସଂଶୋଧନ କରି ଅନ୍ତରୀଣ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ସ୍ଥାନୀୟ ଖବରକାଗଜ ଢାକା ଟ୍ରାଇବ୍ୟୁନ୍ ମୁତାବକ, ଅନ୍ତରୀଣ ସରକାର ଦେଶର 'ଜାତୀୟ ସ୍ୱାଧୀନତା ସଂଗ୍ରାମୀ ପରିଷଦ ଆଇନ'କୁ ସଂଶୋଧନ କରି ସ୍ୱାଧୀନତା ସଂଗ୍ରାମୀଙ୍କ ପରିଭାଷାକୁ ପରିବର୍ତ୍ତନ କରିଛନ୍ତି। କିଛିଦିନ ତଳେ ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ସରକାର ବାଂଲାଦେଶର ନୂତନ କରେନ୍ସି ନୋଟ୍‌ରୁ ମୁଜିବୁର ରହମାନଙ୍କ ଫଟୋ ହଟାଇ ଦେଇଥିଲେ। ପ୍ରକାଶ ଯେ, ସମ୍ପ୍ରତି ଭାରତରେ ଆଶ୍ରୟ ନେଇଥିବା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ହେଉଛନ୍ତି ମୁଜିବୁର ରହମାନଙ୍କ ଝିଅ।

## ଯମୁନାରେ ଭାସିଗଲେ ୬ ଝିଅ

### ଚିଲ୍ସ ନେଲା ଜୀବନ

ଆଗ୍ରା,୪।୬



ଉତ୍ତର ପ୍ରଦେଶର ଆଗ୍ରାସ୍ଥିତ ଯମୁନା ନଦୀରେ ଚିଲ୍ସ କରିବାବେଳେ ୬ ଜଣ ସ୍ୱଳ୍ପବୟସ୍କା ଝିଅ ଭାସିଯାଇଛନ୍ତି। ସେମାନେ ନିକଟସ୍ଥ ଚାଷଜମିରେ କାମ କରିବା ପରେ ମଙ୍ଗଳବାର ଅପରାହ୍ନରେ ଗରମରୁ ତ୍ରାହି ପାଇବା ପାଇଁ ଯମୁନା ନଦୀକୁ ଯାଇଥିଲେ। ପ୍ରଥମେ ଖେଳାବୁଲା କରିବା ପରେ ନଦୀକୂଳକୁ ଯାଇ ମୋବାଇଲରେ ଭିଡିଓ ରେକର୍ଡିଂ କରିଥିଲେ। ଏହା ପରେ ସେମାନେ ନଦୀପାଣିକୁ ଡେଇଁଥିଲେ। ଜଳସ୍ରୋତରେ ଭାସିଯାଇଥିଲେ। ଘଟଣାସ୍ଥଳରେ ୪ ଝିଅଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ଏକ ହସ୍ପିଟାଲକୁ ନିଆଯାଇଥିଲା। ତେବେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଝିଅମାନେ ନଦୀକୂଳରୁ ୮୦୦ ମିଟର ଦୂର ନଗଲାସ୍ୱାମୀ ଗ୍ରାମର ଏବଂ ପରସ୍ପରର ସମ୍ପର୍କୀୟା ବୋଲି କୁହାଯାଉଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ସ୍ଥାନୀୟ ପ୍ରଶାସନ ସହାୟତାର ପ୍ରତିଶ୍ରୁତି ଦେଇଛି।

## ବିପର୍ଯ୍ୟୟ ଯୋଗୁ ଭାରତରେ ୩.୨ କୋଟି ବିସ୍ଥାପିତ

### ୨୦୧୫ରୁ ୨୦୨୪: ଆଇଡିଏମ୍‌ସି ଅଧ୍ୟୟନ

ନୂଆଦିଲ୍ଲୀ, ୪।୬ (ପି.ଟି.)

ଭାରତରେ ୨୦୧୫ରୁ ୨୦୨୪ ମଧ୍ୟରେ ବନ୍ୟା, ବାତ୍ୟା ସମେତ ବିଭିନ୍ନ ପ୍ରକାରର ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ୩.୨୩ କୋଟି ଲୋକଙ୍କୁ ଆଭ୍ୟନ୍ତରୀଣ ବିସ୍ଥାପନର ସମ୍ମୁଖୀନ ହେବାକୁ ପଡ଼ିଛି। ଏହି ଅବଧି ମଧ୍ୟରେ ସର୍ବାଧିକ ବିସ୍ଥାପିତ ହୋଇଥିବା ଲୋକଙ୍କ ତାଲିକାରେ ଚାଇନା ଏବଂ ଫିଲିପାଇନ୍ସ ପରେ ଭାରତ ତୃତୀୟ ସ୍ଥାନରେ ରହିଛି। ଜେନେଭାସ୍ଥିତ ଆଭ୍ୟନ୍ତରୀଣ ବିସ୍ଥାପନ ତଦାରଖ କେନ୍ଦ୍ର (ଆଇଡିଏମ୍‌ସି) ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ଉକ୍ତ ଅଧ୍ୟୟନରେ କୁହାଯାଇଛି, ୨୦୧୫ରୁ ୨୦୨୪ ମଧ୍ୟରେ ବିଭିନ୍ନ ପ୍ରକାରର ବିପର୍ଯ୍ୟୟ ଯୋଗୁ ସାରା ବିଶ୍ୱରେ ୨୬.୪୮ କୋଟି ଲୋକ ଆଭ୍ୟନ୍ତରୀଣ ବିସ୍ଥାପନର ସମ୍ମୁଖୀନ ହୋଇଛନ୍ତି। ଏହି କ୍ଷେତ୍ରରେ ପୂର୍ବ ଏବଂ ଦକ୍ଷିଣ ଏସିଆ ସର୍ବାଧିକ ପ୍ରଭାବିତ ଅଞ୍ଚଳ ହୋଇଥିବା ନେଇ ଅଧ୍ୟୟନରୁ ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ, ଗତ ଦଶନ୍ଧିରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଚାଇନା, ଫିଲିଫାଇନ୍ସ, ଭାରତ, ବାଂଲାଦେଶ ଏବଂ ଆମେରିକାରେ ସର୍ବାଧିକ ଲୋକ ବିସ୍ଥାପନର ସମ୍ମୁଖୀନ ହୋଇଛନ୍ତି। ଚାଇନାରେ ୪.୬୯ କୋଟି ଏବଂ ଫିଲିପାଇନ୍ସର ୪.୬୧ କୋଟି ଲୋକ ବିସ୍ଥାପନର ସମ୍ମୁଖୀନ ହୋଇଛନ୍ତି।

ବୈଶ୍ୱିକ ସ୍ତରରେ ବିପର୍ଯ୍ୟୟଜନିତ ବିସ୍ଥାପନର କେବଳ ୯୦% ମାମଲା ବନ୍ୟା ଏବଂ ଝଡ଼ରୁ ହୋଇଥିବା ଏହି ରିପୋର୍ଟ କହିଛି। ୨୦୧୫ରୁ ୨୦୨୪ ମଧ୍ୟରେ ବୈଶ୍ୱିକ ସ୍ତରରେ ବାତ୍ୟା ଯୋଗୁ ୧୨.୦୯ କୋଟି ଏବଂ ବନ୍ୟା ଯୋଗୁ ୧୧.୪୮ କୋଟି ଲୋକ ବିସ୍ଥାପିତ ହୋଇଛନ୍ତି। ସେହିପରି ଏହି ଅଧ୍ୟୟନ ଅନୁଯାୟୀ, ବିପର୍ଯ୍ୟୟ ଯୋଗୁ ଆଭ୍ୟନ୍ତରୀଣ ବିସ୍ଥାପନର ସମ୍ମୁଖୀନ ହେଉଥିବା ଲୋକଙ୍କ ସଂଖ୍ୟା ୨୦୧୫ଠାରୁ ଲଗାତର ବୃଦ୍ଧି ଘଟୁଛି। ଗତ ଦଶନ୍ଧିରେ ପ୍ରତିବର୍ଷ ହାରାହାରି ୨.୬୫ କୋଟି ଲୋକ ବୈଶ୍ୱିକ ସ୍ତରରେ ବିସ୍ଥାପିତ ହୋଇଥିବାବେଳେ କେବଳ ୨୦୨୪ରେ ଏହି ସଂଖ୍ୟା ୪.୫୮ କୋଟି ରହିଥିଲା, ଯାହା ରେକର୍ଡ ସର୍ବାଧିକ ହୋଇଥିବା ଆଇଡିଏମ୍‌ସି କହିଛି। ୨୦୨୪ରେ ଭାରତରେ ବାତ୍ୟା, ବନ୍ୟା ଏବଂ ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ୫୪ ଲକ୍ଷ ଲୋକ ବିସ୍ଥାପିତ ହୋଇଥିଲେ ଯାହା ଗତ ୧୨ ବର୍ଷ ମଧ୍ୟରେ ସର୍ବାଧିକ ବୋଲି ଏହି ରିପୋର୍ଟ କହିଛି।

**ଫୁରସତ୍**

## ୩୦ ହଜାର କି.ମି.ର ସବୁଠୁ ଲମ୍ବା ରାସ୍ତା

ୱାଶିଂଟନ୍

ପ୍ୟାନ୍-ଆମେରିକାନ୍ ହାଇୱେ ହେଉଛି ବିଶ୍ୱର ସବୁଠାରୁ ଲମ୍ବା ରାସ୍ତା। ୧୪ଟି ଦେଶ ଦେଇ ଏହି ହାଇୱେ ଗତି କରିଛି। ୩୦ ହଜାର ୬୦୦ କିଲୋମିଟର (ପ୍ରାୟ ୧୯ ହଜାର ମାଇଲ) ଲମ୍ବ ବିଶିଷ୍ଟ ଏହି ରାସ୍ତା ଉତ୍ତର ଆମେରିକା ମହାଦେଶକୁ ଦକ୍ଷିଣ ଆମେରିକା ମହାଦେଶ ସହ ସଂଯୋଗ କରିଛି। ଆମେରିକାର ଆଲାସ୍କାସ୍ଥିତ ପ୍ରୁଧୋ ବେ ସହରରୁ ଏହି ରାସ୍ତା ଆରମ୍ଭ ହୋଇଥିବା ବେଳେ ଆର୍ଜେଣ୍ଟିନାର ଉଶୁଆଇଆ ସହରରେ ଏହା ଶେଷ ହୋଇଛି।

ପ୍ୟାନ୍-ଆମେରିକାନ୍ ହାଇୱେ କେବଳ ବିଶ୍ୱର ସବୁଠାରୁ ଲମ୍ବା ରାସ୍ତା ନୁହେଁ, ବରଂ ଏହା ସବୁଠାରୁ ସିଧା ରାସ୍ତା ମଧ୍ୟ। ଏହି ରାସ୍ତାରେ ଯିବା ସମୟରେ କୌଣସି ବଡ଼ ମୋଡ଼ ପଡ଼ି ନ ଥାଏ। ଯଦି କେହି ଏହି ରାସ୍ତାରେ ଦୈନିକ ୫୦୦ କି.ମି. ଅତିକ୍ରମ କରନ୍ତି, ତେବେ ସମ୍ପୂର୍ଣ୍ଣ ରାସ୍ତା ପାର୍ କରିବାକୁ ତାଙ୍କୁ ୨ ମାସରୁ ଅଧିକ ସମୟ ଲାଗିଯିବ।



ପ୍ୟାନ୍-ଆମେରିକାନ୍ ହାଇୱେ କାନାଡା, ଆମେରିକା, ମେକ୍ସିକୋ, ଗୁଏଟ୍‌ମାଲା, ପାନାମା, କଲମ୍ବିଆ, ଏଲ୍ ସଲ୍‌ଭାଡୋର, ହଣ୍ଡୁରାସ୍, ନିକାରାଗୁଆ, କୋଷ୍ଟାରିକା, ଇକ୍ୱେଡର, ପେରୁ, ଚିଲି ଏବଂ ଆର୍ଜେଣ୍ଟିନା ଭଳି ୧୪ଟି ଦେଶ ଦେଇ ଗତି କରିଛି। ଏହି ରାସ୍ତାରେ କେବଳ ଯାତାୟାତ ହୋଇ ନ ଥାଏ ବରଂ ଏହା ବିଭିନ୍ନ ଦେଶର ଐତିହ୍ୟ, ସଂସ୍କୃତି ଏବଂ ଜୀବନଶୈଳୀକୁ ଯୋଡ଼ିଥାଏ। ଏହି ରାଜପଥ ଯେଉଁ ୧୪ଟି ଦେଶ ଦେଇ ଗତି କରିଛି, ସେହି ଦେଶଗୁଡ଼ିକ ଏହାର ରକ୍ଷଣାବେକ୍ଷଣରେ ଅଂଶଗ୍ରହଣ କରିଥାନ୍ତି। ଏହି ରାସ୍ତାରେ ଯାତ୍ରା କରିବା ସମୟରେ ବିଭିନ୍ନ ପ୍ରକାରର ପ୍ରାକୃତିକ ଏବଂ ମନୋରମ ଦୃଶ୍ୟ ଦେଖିବାକୁ ମିଳିଥାଏ। ପ୍ୟାନ୍-ଆମେରିକାନ୍ ହାଇୱେରେ ଯାଉଥିବା ବ୍ୟକ୍ତି ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ମରୁଭୂମି, ଉଚ୍ଚ ପର୍ବତ, ଘନ ଜଙ୍ଗଲ, ସମୁଦ୍ର କୂଳ ଆଦିକୁ ଉପଭୋଗ କରିଥାଏ।

ଆମେରିକାରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ୟାନ୍-ଆମେରିକାନ୍ ହାଇୱେର ନିର୍ମାଣ ୧୯୨୩ରେ ଆରମ୍ଭ ହୋଇଥିଲା। ତେବେ ୧୯୩୭ରେ ଏହି ରାସ୍ତା ଦେଇ ଯାଉଥିବା ସମସ୍ତ ୧୪ଟି ଦେଶ ପ୍ୟାନ୍-ଆମେରିକାନ୍ ହାଇୱେର ନିର୍ମାଣ ଏବଂ ସଂରକ୍ଷଣକୁ ନେଇ ଏକ ସାଧାରଣ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ। ୧୯୬୦ରେ ସାଧାରଣ ଯାତାୟାତ ପାଇଁ ଏହି ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ଖୋଲା ଯାଇଥିଲା।

## ବିକ୍ରାନ୍ତଙ୍କ ବିପକ୍ଷରେ ଶନାୟା କପୁର

ମୁମ୍ବାଇ



ଅଭିନେତା ଅନିଲ କପୁରଙ୍କ ଝିଆରୀ ତଥା ଅଭିନେତା ସଞ୍ଜୟ କପୁରଙ୍କ ଝିଅ ଶନାୟା କପୁର ଖୁବ୍‌ଶୀଘ୍ର ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ବୁଧବାର ତାଙ୍କର ଡେବ୍ୟୁ ଫିଲ୍ମ 'ଆଖୋଁ କି ଗୁସ୍ତାଖିୟାଁ'ର ପ୍ରଥମ ପୋଷ୍ଟରକୁ ଜାରି କରାଯାଇଛି। ଏହି ଫିଲ୍ମରେ ଶନାୟାଙ୍କ ବିପକ୍ଷରେ ଅଭିନେତା ବିକ୍ରାନ୍ତ ମେସି ନଜରକୁ ଆସିବେ। ଗୁରୁବାର ଫିଲ୍ମର ଟିଜରକୁ ଜାରି କରାଯିବ।

### ଜୁଲାଇ ୧୧ରେ ରିଲିଜ୍ ହେବ 'ଆଖୋଁ କି ଗୁସ୍ତାଖିୟାଁ'

ସେହିପରି ଆସନ୍ତା ଜୁଲାଇ ୧୧ରେ ଏହି ଫିଲ୍ମ ରିଲିଜ୍ ହେବ ବୋଲି ଫିଲ୍ମ ନିର୍ମାତା କମ୍ପାନୀ 'ଜି ଷ୍ଟୁଡିଓଜ୍' ପକ୍ଷରୁ ବୁଧବାର ଘୋଷଣା କରାଯାଇଛି। ଫିଲ୍ମର ପ୍ରଥମ ପୋଷ୍ଟରରେ ଉଭୟ ଶନାୟା ଏବଂ ବିକ୍ରାନ୍ତଙ୍କ ଲଭ୍ କେମେଷ୍ଟ୍ରିକୁ ଦେଖିବାକୁ ମିଳିଛି। ପୋଷ୍ଟରରେ ଦୁହେଁ ପରସ୍ପର ମଧ୍ୟରେ ହଜିଯାଇଥିବାର ଦେଖା ଯାଉଛନ୍ତି। ସନ୍ତୋଷ ସିଂଙ୍କ ନିର୍ଦ୍ଦେଶନାରେ ଏହି ରୋମାଣ୍ଟିକ ଲଭ୍‌ଷ୍ଟୋରି ଫିଲ୍ମର ନିର୍ମାଣ ହୋଇଛି। ଗାୟକ ବିଶାଳ ମିଶ୍ରା ଏହି ଫିଲ୍ମର ଗୀତଗୁଡ଼ିକୁ ପ୍ରସ୍ତୁତ କରିଛନ୍ତି।

# ପ୍ଲାଷ୍ଟିକ୍ ଆଉ କାଳ ନ ହେଉ



ଘରଦ୍ୱାର, ରାସ୍ତାଘାଟ, ମାଟିପଥର, ଗଛଲତା, ପାହାଡ଼ପର୍ବତ, ନଦୀଝରଣା, ମଣିଷ, ପଶୁପକ୍ଷୀ ଓ ଜୀବାଣୁଭୂତାଣୁ – ଏମାନଙ୍କୁ ନେଇ ଆମ 'ପରିବେଶ' ଗଠିତ। କିନ୍ତୁ ପରିବେଶ କହିଲେ ଆମେ ବୁଝୁ ବାୟୁ–ପାଣି–ମାଟି (ବା–ପା–ମା)। ପିତାମାତା ଆମକୁ ଜନ୍ମ ଦିଅନ୍ତି, କିନ୍ତୁ ବାୟୁ–ପାଣି–ମାଟି ଆମକୁ ଜୀବନ ଦିଏ। ପରିବେଶର ପ୍ରାକୃତିକ ସମ୍ପଦ ଆମର ମୌଳିକ ଆବଶ୍ୟକତାକୁ ପୂରଣ କରେ। ପରିବେଶ ଆମର ସ୍ୱାସ୍ଥ୍ୟ। ପରିବେଶକୁ ସୁସ୍ଥ ରଖିବା ସକାଶେ ୧୯୭୪ ମସିହାରୁ ସାରା ପୃଥିବୀରେ ମିଳିତ ଜାତିସଂଘ ତରଫରୁ ପ୍ରତି ବର୍ଷ ଜୁନ୍ ୫ ତାରିଖକୁ 'ବିଶ୍ୱ ପରିବେଶ ଦିବସ' ଭାବେ ପାଳନ କରାଯାଉଛି। ୧୯୯୭ ପରେ ଚଳିତ ବର୍ଷର ବିଶ୍ୱ ପରିବେଶ ଦିବସ ଆୟୋଜନ କରୁଛି କୋରିଆ। ଏଥର ପ୍ଲାଷ୍ଟିକ୍ ପ୍ରଦୂଷଣକୁ ବନ୍ଦ କରିବା ଦିଗରେ ଗୁରୁତ୍ୱ ଦିଆଯାଇଛି। ଏହି ଦିବସ ଅବସରରେ ଚଳିତ ବର୍ଷର ବାର୍ତ୍ତା ରହିଛି 'ବିଟ୍ ପ୍ଲାଷ୍ଟିକ୍ ପଲ୍ୟୁଶନ' ଅର୍ଥାତ୍ ପ୍ଲାଷ୍ଟିକ୍ ପ୍ରଦୂଷଣ ବନ୍ଦ କର।

**ଏ ବର୍ଷର ବାର୍ତ୍ତା**

ପରିବେଶକୁ ସୁସ୍ଥ ରଖିବା ଲାଗି ୧୯୭୪ ମସିହାରୁ ଜୁନ୍ ୫ ତାରିଖ 'ବିଶ୍ୱ ପରିବେଶ ଦିବସ' ଭାବରେ ପାଳିତ ହୋଇଆସୁଛି। ଏହି ଅବସରରେ ଚଳିତ ବର୍ଷ ଲାଗି ବାର୍ତ୍ତା ରହିଛି 'ବିଟ୍ ପ୍ଲାଷ୍ଟିକ୍ ପଲ୍ୟୁଶନ' ଅର୍ଥାତ୍ ପ୍ଲାଷ୍ଟିକ୍ ପ୍ରଦୂଷଣ ବନ୍ଦ କର।

ଶକ୍ତ–ହାଲୁକା–ଲୋଭନୀୟ ପ୍ଲାଷ୍ଟିକ୍ ଦିନେ ଆମକୁ ଆନନ୍ଦ ଦେଇଥିଲା। ଆଜି କିନ୍ତୁ ଏହାର ଅତିରିକ୍ତ ଓ ଅବିବେକୀ ବ୍ୟବହାର ପରିବେଶକୁ ନଷ୍ଟ କରିବା ସହ ଜୀବଜଗତ ପାଇଁ ଜହର ପ୍ରମାଣିତ ହୋଇଛି। ନାଳନର୍ଦ୍ଦମାରେ ପ୍ଲାଷ୍ଟିକ୍ ଜମୁଛି। ପ୍ରତିବର୍ଷ ୧୧୦ ଲକ୍ଷ ଟନ୍ ପ୍ଲାଷ୍ଟିକ୍ ଆବର୍ଜନା ସମୁଦ୍ରରେ ମିଶୁଛି। ପବନରେ ମିଶୁଛି ପ୍ଲାଷ୍ଟିକ୍ ଗୁଣ୍ଡ ଓ ବିଷାକ୍ତ ଧୂଆଁ। ତେଣୁ ବାୟୁ–ପାଣି–ମାଟି ଆଜି ବ୍ୟବହାର ଅନୁପଯୋଗୀ। ସୂକ୍ଷ୍ମ ପ୍ଲାଷ୍ଟିକ୍ ଖାଦ୍ୟପାନୀୟ ମାଧ୍ୟମରେ ଶରୀରରେ ପ୍ରବେଶ କରି ମାରାତ୍ମକ ରୋଗ ସୃଷ୍ଟି କରୁଛି। ତେଣୁ ଏ ବର୍ଷର ବାର୍ତ୍ତା ଜନସାଧାରଣଙ୍କୁ ପ୍ଲାଷ୍ଟିକ୍ ପ୍ରଦୂଷଣର ମାରାତ୍ମକ ଭୟାବହତା, ପ୍ଲାଷ୍ଟିକ୍ ବର୍ଜନ, ପରିବେଶଗ୍ରାହୀ ଓ ବିଘଟନକ୍ଷମ ପ୍ଲାଷ୍ଟିକ୍ ବ୍ୟବହାର, ପ୍ଲାଷ୍ଟିକ୍ ଆବର୍ଜନାର ପୁନଃଚକ୍ରୀକରଣ, କାଗଜ କିମ୍ବା କପଡା ଥଳି ବ୍ୟବହାର ସମ୍ପର୍କରେ ସତର୍କ କରିବ। ସମୁଦାୟ ପୃଥିବୀକୁ ପ୍ଲାଷ୍ଟିକ୍–ମୁକ୍ତ ଗ୍ରହରେ ପରିବର୍ତ୍ତନ କରିବା ଦିଗରେ ଉତ୍ସାହିତ କରିବ।

**–ଡ. କମଳାକାନ୍ତ ଜେନା,**
ଓଇଏସ୍ (ଏ), ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ



ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଶିଆଳିଠାରେ ସମୁଦ୍ର କୂଳ ଖାଇଚାଲିଛି।

## ଭିତରକନିକା ପାଇଁ ବିପଦ ତଟକ୍ଷୟ

ଜାତୀୟ ଉଦ୍ୟାନ ଭିତରକନିକା କେନ୍ଦ୍ରପଡ଼ା ଜିଲାର ବୈଭବ। ଜୈବ ବିବିଧତାରେ ପରିପୁଷ୍ଟ ଏହି ଜାତୀୟ ଉଦ୍ୟାନ ଏବେ ସମୁଦ୍ର ତଟକ୍ଷୟର ଶିକାର ହୋଇଛି। ଏହାର ପ୍ରଭାବ ପରିବେଶକୁ ବିପଦସଙ୍କୁଳ କରିଛି। ଏହି ଜିଲାରେ ୪୮ କିମି ସମୁଦ୍ର ତଟ, ସେଥିରୁ ୨୮ କିମି ଅଞ୍ଚଳରେ ୬ ଦଶନ୍ଧି ଧରି ଦ୍ରୁତଗତିରେ ତଟକ୍ଷୟ ହେଉଛି। ଜୁଆର ସହିତ ସାମୁଦ୍ରିକ ଝଡ଼ବାତ୍ୟାରେ ହେନ୍ତାଳବଣ ଉଜୁଡି ଯାଉଛି। ତଟବନ୍ଧ ଉଚ୍ଚ ହୋଇ ନ ଥିବାରୁ ଜୁଆର ଗ୍ରାମ ଭିତରକୁ ମାଡି ଯାଉଛି। ଫଳରେ ଚାଷବାସ ନଷ୍ଟ ହେଉଛି। ସେହିପରି ତଟକ୍ଷୟ ଦ୍ୱାରା ବନ୍ୟଜନ୍ତୁ ଓ ସାମୁଦ୍ରିକ ଜୀବ ପ୍ରଭାବିତ ହେଉଛନ୍ତି। ଏପରିକି କୁମ୍ଭୀର ଓ ବିରଳ ଅଲିଭ ରିଡ୍ଲେଙ୍କ ପାଇଁ ଜାତୀୟ ଉଦ୍ୟାନ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଛି। ହେଲେ ତଟକ୍ଷୟ ସେହି ପ୍ରାଣୀମାନଙ୍କ ବାସସ୍ଥଳୀକୁ ନଷ୍ଟ କରୁଛି। ତଟକ୍ଷୟ ପାଇଁ କେନ୍ଦ୍ରାପଡ଼ା ଜିଲାର ଉପାନ୍ତ ଅଞ୍ଚଳର ଭୂଗର୍ଭ ଜଳ ଲୁଣିଆ ପାଲଟିବା ପରେ ବହୁ ଔଷଧୀୟ ଗୁଳ୍ମ ସହ ବଡ଼ ବଡ଼ ଗଛ ନଷ୍ଟ ହେଉଛି।

ଗତ ଗୁରୁବାର ସମୁଦ୍ର ଜୁଆର ଉତ୍ତାଳ ହୋଇଥିଲା। ଜୁଆର ତଟବନ୍ଧ ଡେଇଁ ଲାଞ୍ଜୁଡ଼ା, ଆଖଡ଼ାଶାଳୀ, ବଟିଘର, ତନ୍ତିଆପାଳ, ବଡ଼ଟୁବି, ସାନଟୁବି, କଜଳପାଟିଆ, କନ୍ଦରାପଟିଆ, ସୁନିତି, ବାବର, ତାଳଚୁଆ, ରଙ୍ଗଣୀ ସହିତ ଅନ୍ୟଗ୍ରାମକୁ ମାଡ଼ି ଯାଇଥିଲା। ଫଳରେ ଏସବୁ ଗ୍ରାମର ଚାଷ ସହିତ ବନ୍ୟ ପରିବେଶ ନଷ୍ଟ ହୋଇଛି। ବାତ୍ୟା, ବନ୍ୟା ସହ ସାମୁଦ୍ରିକ ଝଡ଼ରେ ସର୍ବଦା ହେନ୍ତାଳବଣ ନଷ୍ଟ ହେଉଛି। ହେନ୍ତାଳବଣ ତଟକ୍ଷୟ ସମୟରେ ଏକ ପ୍ରାକୃତିକ ପ୍ରାଚୀର ଭାବେ କାର୍ଯ୍ୟ କରିଥାଏ। ତେବେ ସମସ୍ତ ଅଞ୍ଚଳରେ ସମୁଦ୍ରର ଲୁଣି ପାଣି ସହ ମଧୁର ଜଳ ସମ୍ମିଶ୍ରଣ ହୋଇପାରୁ ନ ଥିବାରୁ ହେନ୍ତାଳ ବଣ ବୃଦ୍ଧି ହୋଇ ପାରୁନାହିଁ। ଏହାସହିତ ବିଶ୍ୱତାପନ ଓ ପାଣିପାଗ ପରିବର୍ତ୍ତନ ପାଇଁ ଭିତରକନିକାର ଜୈବ ବିବିଧତା ନଷ୍ଟ ହେଉଛି। ତଟକ୍ଷୟ ଏବେ ତଟାଞ୍ଚଳ ସହ ନଦୀ ମୁହାଣକୁ ନଷ୍ଟ କରୁଛି। କେନ୍ଦ୍ରାପଡ଼ା ଜିଲାରେ ତଟକ୍ଷୟ ଓ ପରିବେଶ ଉପରେ ପ୍ରଭାବ ପାଇଁ ସରକାରୀସ୍ତରରେ ସାତଭାୟା ଅଞ୍ଚଳର ପ୍ରଥମ ପର୍ଯ୍ୟାୟରେ ୫୭୧ ପରିବାରକୁ ବଗପାଟିଆକୁ ସ୍ଥାୟୀ ଭାବେ ସ୍ଥାନାନ୍ତର କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ୯୯ ପରିବାର ସ୍ଥାନାନ୍ତର ପାଇଁ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ପରିବାର ଚିହ୍ନଟ ପ୍ରକ୍ରିୟାରେ ଅଛନ୍ତି। ସାତଭାୟା ଅଞ୍ଚଳ ଏବେ ସମୁଦ୍ରର ଆଁ ମଧ୍ୟରେ ଅଛି। ସେହିପରି ସାମୁଦ୍ରିକ ଜୁଆର ଭିତରକନିକାର ପରିବେଶ ସହିତ ଜୀବନଜୀବିକାକୁ ନଷ୍ଟ କରିଚାଲିଛି। ତଟକ୍ଷୟ ରୋକାଯାଇ ପାରିଲେ ଏପରି କ୍ଷୟକ୍ଷତିକୁ ରୋକାଯାଇପାରିବ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।

ସଂପ୍ରତି କେନ୍ଦ୍ର ସରକାରଙ୍କ ସାଗରମାଳା ଯୋଜନାରେ ଉପକୂଳ ରାଜପଥ ନିର୍ମାଣ ହେଉଛି। ରାଜ୍ୟର ଗୋପାଳପୁରଠାରୁ ଦୀଘା ପର୍ଯ୍ୟନ୍ତ ନିର୍ମାଣାଧୀନ ରାଜପଥ ସହିତ ଉପକୂଳ କେନାଲ ପାଇଁ ବିଭିନ୍ନ ସମୟରେ ପରିବେଶବିତ୍‌ମାନେ ଦାବି ଜଣାଇ ଆସିଛନ୍ତି। ଦାବି ମୁତାବକ ଉପକୂଳ କେନାଲଠାରୁ ୧୦ କିମି ଚଉଡ଼ାର ହେନ୍ତାଳ ବଣ ସୃଷ୍ଟି ହୋଇପାରିଲେ ସାମୁଦ୍ରିକ ତଟକ୍ଷୟ ବହୁ ପରିମାଣରେ କମିବ ବୋଲି ବିଭିନ୍ନ ସମୟରେ ଗବେଷକମାନେ ମତ ରଖିଛନ୍ତି।

**– ଜଗନ୍ନାଥ ଧଳ, କେନ୍ଦ୍ରାପଡ଼ା**

## ଶିଆଳିରେ କୂଳ ଖାଉଛି ସମୁଦ୍ର

ଜଗତସିଂହପୁର ଜିଲ୍ଲାର ଅନ୍ୟତମ ମୁଖ୍ୟ ପର୍ଯ୍ୟଟନ ସ୍ଥଳୀ ଭାବେ ପରିଚିତ ଏରସମା ବ୍ଲକ ଶିଆଳିଠାରେ ସମୁଦ୍ର କୂଳ ଖାଇବାରେ ଲାଗିଛି। ଗତ ଶୁକ୍ରବାର ବିଳମ୍ବିତ ରାତିରେ ସମୁଦ୍ର କୂଳ ଲଘି ବେଳାଭୂମି ଓ ଜନବସତି ପର୍ଯ୍ୟନ୍ତ ମାଡ଼ିଆସିଥିଲା। ଏହାକୁ ନେଇ ପଦ୍ମପୁର, ଶଙ୍ଖା, କଳାବେଦି, ନୋଳିଆସାହି, ଶିଆଳି ଗ୍ରାମର ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ତେବେ ଗତ ୧୫ ବର୍ଷ ତଳେ ସମୁଦ୍ର ଉପକୂଳଠାରୁ ଯଥେଷ୍ଟ ଦୂରରେ ଥିଲା। ଉପକୂଳରେ ଘଞ୍ଚ ଝାଉଁ ଜଙ୍ଗଲ ଥିଲା। ସମୁଦ୍ର ତଟରେ ଉଚ୍ଚା ବାଲି ବନ୍ଧ ଥିଲା। ମାତ୍ର ୨୦୧୨ରେ ସମୁଦ୍ର ଧୀରେ ଧୀରେ କୂଳମୁହାଁ ହୋଇଥିଲା। ଫଳରେ ଜଙ୍ଗଲ କ୍ଷୟ ହେବା ସହିତ ଉପକୂଳରେ ଥିବା ଉଚ୍ଚା ବନ୍ଧ ନଷ୍ଟ ହୋଇଗଲା। ପ୍ରଶାସନ ପକ୍ଷରୁ ଝାଉଁ କାଠ ଓ ବୃହତ ବାଲି ବସ୍ତା ପକା ଯାଇଥିଲା। ମାତ୍ର ସମୟ କ୍ରମେ ତାହା ସମୁଦ୍ର ଗର୍ଭରେ ଲୀନ ହୋଇଗଲା। ପରେ ତାର ଜାଲି ଦ୍ୱାରା ପଥର ବନ୍ଧ କରାଯାଇଥିଲା। ତାହା ମଧ୍ୟ ସମୁଦ୍ରରେ ଲୀନ ହୋଇଛି। ଅପରପକ୍ଷରେ ୨୦୧୪ ରେ ଶିଆଳି ବେଳାଭୂମି ଓଡିଶା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇବା ପରେ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ସେଠାରେ ଥିବା ଭିୟୁ ଟାୱାର ଲୁଣା ଜୁଆର ମାଡ଼ରେ ଅସୁରକ୍ଷିତ ହୋଇ ପଡିବାରୁ ୨୦୨୪ରେ ତାକୁ ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇଛି। ଏବେ ସାମାନ୍ୟ ଲଘୁଚାପ ହେଲେ ଏଠାରେ ସମୁଦ୍ର କୂଳ ଲଘୁଥିବା ଦେଖିବାକୁ ମିଳୁଛି।

– **ଦୀପ୍ତି ଖଣ୍ଡୁଆଳ**, ଏରସମା



ବନ୍ଧ ଡେଇଁ ସମୁଦ୍ର ଜଳ ମହାକାଳପଡ଼ା ବ୍ଲକ୍‌ର ଏକ ଗାଁରେ ପଶିଛି।

## କୃଷ୍ଣସାରଙ୍କ ଉପରେ ପଡ଼ିନି ଜଳବାୟୁ ପରିବର୍ତ୍ତନର ପ୍ରଭାବ

ଗଞ୍ଜାମ ଜିଲା ଘୁମୁସର ଦକ୍ଷିଣ ବନଖଣ୍ଡର ବାଲିପଦର, ଭେଟନଈ ଓ ରାମଣ୍ଡା ଅଞ୍ଚଳରେ ବିରଳ କୃଷ୍ଣସାର ମୃଗ ଅନେକ ବର୍ଷଧରି ଅଛନ୍ତି। ଏହି ପ୍ରଜାତିର ମୃଗଙ୍କ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପଡ଼ିନାହିଁ। ପ୍ରତି ୨ ବର୍ଷରେ ଥରେ ମୃଗ ଗଣନା ସମୟରେ ଏମାନଙ୍କ ସଂଖ୍ୟା ବୃଦ୍ଧି ଏହା ସୂଚାଇଦିଏ। ଗଞ୍ଜାମ ଜିଲାର ଗର୍ବ ଓ ଗୌରବ ହେଉଛି କୃଷ୍ଣସାର ମୃଗ। ଏମାନଙ୍କ ପ୍ରତି ଲୋକଙ୍କ ଆଧ୍ୟାତ୍ମିକ ବିଶ୍ୱାସ ଭରିରହିଛି। ତେଣୁ ମୃଗକୁ ଲୋକେ ମାରନ୍ତି ନାହିଁ। ଦୁର୍ଘଟଣା, ନିଜ ଭିତରେ ଲଢ଼େଇ, କୁକୁରକାମୁଡ଼ା, ଭୂତାଣୁଜନିତ ରୋଗ ଏବଂ ବୟସ ବଢ଼ିଲେ ଅଧିକାଂଶ ମୃଗ ପ୍ରାଣ ହରାଇଥାନ୍ତି। ଆହତ ମୃଗମାନଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ସେମାନଙ୍କ ସୁରକ୍ଷା ପାଇଁ ଚାଷୀଙ୍କୁ ମାଗଣାରେ ଶସ୍ୟ ବିହନ ବଣ୍ଟନ ସହ ପାରିତୋଷିକ ଓ ଜଳାଶୟ ଖନନ କରାଯାଇଛି। ଅଧିକାଂଶ ସମୟରେ ମୃଗ, ମଣିଷ ଏବଂ ଗୃହପାଳିତ ପ୍ରାଣୀ ଏକାଠି ଖୋଲା ଜମିରେ ବିଚରଣ କରୁଥିବା ଦେଖିବାକୁ ମିଳୁଛି। ଆସିକା ତହସିଲର ଭେଟନଈ, ନାରାୟଣପୁର, ବଜ୍ରକୋଟ, ପାଣ୍ଡିଆପଥର, ଭେଜିପୁଟ, ସାମନ୍ତପୁର, ସିଦ୍ଧନଈ, ଗହଙ୍ଗୁ, ଧନିଜା, ଦାନ, ଚନ୍ଦନପେଡ଼ି, ଫାପଲପୁର ଏବଂ ବୁଗୁଡ଼ା ତହସିଲର ଡେଉକା, ତାଳସାକର, ଖୋଳଖାଲି, ବୁରୁଖୋଲା, କାଙ୍କିଆପଲ୍ଲୀ, ରାମଣ୍ଡା, ବାଲିପଦର ଅଞ୍ଚଳରେ ମୃଗମାନେ ବିଚରଣ କରନ୍ତି। ତେଣୁ ଉକ୍ତ ୭୬୦୦ ହେକ୍ଟର ଅଞ୍ଚଳକୁ ଗୋଷ୍ଠୀ ସଂରକ୍ଷଣ ସ୍ଥଳୀ ଘୋଷଣା କରିବା ପାଇଁ ଦାବି ହେଉଛି। ଉପରୋକ୍ତ ଅଞ୍ଚଳର ମୃଗ ଘୁମୁସର ଉତ୍ତର ବନଖଣ୍ଡ ଏବଂ ବ୍ରହ୍ମପୁର ବନଖଣ୍ଡରେ ମଧ ବଂଶ ବିସ୍ତାର କରିଥିବା ଜଣାପଡ଼ିଛି। ଚଳିତବର୍ଷ କୃଷ୍ଣସାର ମୃଗ ଗଣନା ଅନୁଯାୟୀ, ଘୁମୁସର ଦକ୍ଷିଣ ବନଖଣ୍ଡରେ ୫୭୫୬, ବ୍ରହ୍ମପୁର ବନଖଣ୍ଡରେ ପ୍ରାୟ ୧୫ ଶହ ଏବଂ ଉତ୍ତର ଘୁମୁସର ବନଖଣ୍ଡରେ ୬୫୪ଟି ମୃଗ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୂଳପାଣି ଶତପଥୀ କହିଛନ୍ତି, ଯେଉଁ ଅଞ୍ଚଳରେ ମୃଗମାନେ ବିଚରଣ କରନ୍ତି ସମ୍ପୃକ୍ତ ଅଞ୍ଚଳରେ ମରୁଡି ହୁଏ ନାହିଁ।



**–ବାବୁଲା ପ୍ରଧାନ**, ଭଞ୍ଜନଗର

## କ୍ଷତିକାରକ ପ୍ଲାଷ୍ଟିକ ଉତ୍ପାଦନ, ବ୍ୟବସାୟ, ବ୍ୟବହାର ବନ୍ଦ ଜରୁରୀ

**ପରିବେଶବିତ୍‌ଙ୍କ ମତରେ**



ଚଳିତ ବର୍ଷ ବିଶ୍ୱ ପରିବେଶ ଦିବସର ଥିମ୍ ତୃତୀୟଥର ପାଇଁ ରିପିଟ୍ କରାଯାଇଛି। ଏହା ସୂଚାଇ ଦେଉଛି ଯେ, ବିଶ୍ୱସ୍ତରରେ ଜାତିସଂଘ ଏବଂ ଅନ୍ୟାନ୍ୟ ସମସ୍ତେ ପ୍ଲାଷ୍ଟିକ ପ୍ରଦୂଷଣକୁ ଯଥେଷ୍ଟ ଗମ୍ଭୀରତାର ସହ ନେଇ ବିଚାର କରୁଛନ୍ତି। ପ୍ଲାଷ୍ଟିକ୍ ପ୍ରଦୂଷଣକୁ ଯଥାଶୀଘ୍ର ନିୟନ୍ତ୍ରଣକୁ ଆଣିବା ସହ ପ୍ଲାଷ୍ଟିକ୍‌ର ଅତ୍ୟଧିକ ବ୍ୟବହାରକୁ ରୋକିବା, ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ପଦାର୍ଥ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଆବଶ୍ୟକ। ଏବେ ବିଶ୍ୱରେ ବର୍ଷକୁ ପ୍ରାୟ ୪୩୦ ନିୟୁତ ଟନ୍ ପ୍ଲାଷ୍ଟିକ୍ ଉତ୍ପାଦନ ହେଉଥିବାବେଳେ ସେଥିରୁ ମାତ୍ର ୧୦% ପୁନଃଚକ୍ରଣ ହେଉଛି। ବାକି ପ୍ଲାଷ୍ଟିକ ପରିବେଶରେ ବର୍ଜ୍ୟ ଭାବେ ମିଶୁଛି ଏବଂ ବିଭିନ୍ନ ଚାପର ବଶବର୍ତ୍ତୀ ହୋଇ ଛୋଟଛୋଟ କଣିକାରେ ପରିଣତ ହେଉଛି। ଏଗୁଡିକୁ ମାଇକ୍ରୋ ପ୍ଲାଷ୍ଟିକ୍, ନାନୋ ପ୍ଲାଷ୍ଟିକ୍‌ରେ କୁହାଯାଉଛି। ଏଗୁଡିକ ଖାଲି ଆଖିକୁ ଦେଖାଯାଉ ନ ଥିବାବେଳେ ପରିବେଶକୁ କ୍ଷତି କରିବା ସହ ପାଣି, ପବନ ମାଧମରେ ଆମ ଶରୀର ମଧକୁ ଯାଇ ରୋଗ ସୃଷ୍ଟି କରୁଛି। ତେଣୁ କ୍ଷତିକାରକ ପ୍ଲାଷ୍ଟିକର ଉତ୍ପାଦନ, ବ୍ୟବସାୟ ଏବଂ ବ୍ୟବହାର ଏହି ୩ଟି ସ୍ତରରେ ପ୍ଲାଷ୍ଟିକକୁ ବନ୍ଦ କରିବାକୁ ପଡିବ। ଏଥିସହ ସରକାର ଆଇନକୁ ଠିକ୍‌ଭାବେ କାର୍ଯ୍ୟକାରୀ କରିବା ଆବଶ୍ୟକ।

– ଜୟକୃଷ୍ଣ ପାଣିଗ୍ରାହୀ, ପରିବେଶବିତ୍

### ପ୍ଲାଷ୍ଟିକ୍ ପ୍ରଦୂଷଣ ଜଳବାୟୁ ପରିବର୍ତ୍ତନର ପ୍ରମୁଖ କାରଣ



ଓଡ଼ିଶାରେ ଜଳବାୟୁ ପରିବର୍ତ୍ତନ ପାଇଁ ଲୋକମାନେ ଅନେକ ସମସ୍ୟା ଭୋଗୁଛନ୍ତି, ମାତ୍ର ପ୍ଲାଷ୍ଟିକ୍ ପ୍ରଦୂଷଣ ଏହାର ପ୍ରମୁଖ କାରଣ ବୋଲି ଆଜି ପର୍ଯ୍ୟନ୍ତ ଜାଣି ପାରୁନାହାନ୍ତି। ପ୍ଲାଷ୍ଟିକ ପ୍ରଦୂଷଣ ନେଇ ସବୁବେଳେ ଆଲୋଚନା ହୋଇଆସୁଛି, ମାତ୍ର ଯେଉଁଭଳି ଭାବେ ପଦକ୍ଷେପ ନିଆଯିବା କଥା ତାହା ହେଉନାହିଁ। ସେହିପରି ଓଡ଼ିଶା ସରକାର ପ୍ଲାଷ୍ଟିକ୍ ବ୍ୟାନ୍ କରିବା ପାଇଁ ବହୁ ଆଗରୁ ଚିନ୍ତା କରି ଆସୁଥିଲେ ହେଁ ଆଜି ପର୍ଯ୍ୟନ୍ତ ଏହା ସମ୍ଭବପର ହୋଇପାରୁ ନାହିଁ। ରାଜ୍ୟର ବିଭିନ୍ନ ହୋଟେଲ, ଇଣ୍ଡଷ୍ଟ୍ରି, ଡ୍ରେନ୍‌ଗୁଡିକରୁ ଆସୁଥିବା ବର୍ଜ୍ୟ ଏବଂ ପ୍ଲାଷ୍ଟିକ୍ ଆବର୍ଜନା ନଦୀ ଓ ସମୁଦ୍ରରେ ମିଶୁଛି। ଏହା ସାମୁଦ୍ରିକ ସ୍ୱାସ୍ଥ୍ୟକୁ ସମ୍ପୂର୍ଣ୍ଣ ରୂପେ ବିଗାଡିବାରେ ଲାଗିଛି। ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟ ହୋଇଥିବାବେଳେ ପ୍ଲାଷ୍ଟିକ୍ ପ୍ରଦୂଷଣ ବିପର୍ଯ୍ୟୟର ଅନ୍ୟତମ କାରଣ ପାଲଟୁଛି। ପ୍ଲାଷ୍ଟିକ୍ କେଉଁଠୁ ସ୍ଥାନରୁ ଆସୁଛି, ପ୍ଲାଷ୍ଟିକ୍‌ର ବିକଳ୍ପ ଏବଂ ଏନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ପଡିବ। ସେହିପରି ଗାଁସ୍ତରରେ ବିଭିନ୍ନ ବିଦ୍ୟାଳୟରେ ପରିବେଶ ସମ୍ପର୍କିତ ଶିକ୍ଷା ପ୍ରଦାନ କରାଯାଉଥିଲେ ହେଁ କିଛିଟା ଅଭାବ ରହି ଯାଉଛି। ପ୍ଲାଷ୍ଟିକ୍ ପ୍ରଦୂଷଣ ରୋକିବା ପାଇଁ ସରକାରଙ୍କୁ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ପଡିବ। ନଚେତ୍ ଏହା କେବଳ ସ୍ଲୋଗାନ ହୋଇ ରହିଯିବ।

– ସୌମ୍ୟରଞ୍ଜନ ବିଶ୍ୱାଳ, ଓପ୍‌ସା ପ୍ରତିଷ୍ଠାତା


### ମାଟିକୁ ତାପମୁକ୍ତ କରିବାର ଆବଶ୍ୟକତା ରହିଛି



ବର୍ତ୍ତମାନ ମାନବ ସମାଜ ମାନସିକ ଦୁଶ୍ଚିନ୍ତାରେ ଗତି କରୁଛି। ସମସ୍ତଙ୍କ ପାଇଁ ଏକ ସୁସ୍ଥ ପରିବେଶର ଆବଶ୍ୟକତା ରହିଛି। ପ୍ରତିଟି ପରିବାରରୁ ବାହାରୁଥିବା ବର୍ଜ୍ୟବସ୍ତୁ ମାଟିରେ ପକାଇବା ଯୋଗୁ ପରିବେଶକୁ ଦୂଷିତ ହୋଇଚାଲିଛି। ମାଟିକୁ ସୁରକ୍ଷା ଦେବା ପାଇଁ ଘରୋଇ ଅଳିଆ ପରିଚାଳନାର ଆବଶ୍ୟକତା ରହିଛି। ପରିବେଶକୁ ସୁରକ୍ଷା ଦେବାରେ ପରିବାରରୁ ବାର୍ତ୍ତା ଆସିବା ଦରକାର। ମାଟିକୁ ଚାପମୁକ୍ତ କରିବା ଜରୁରୀ ହେଲାଣି। ଗଛ କଟାକୁ ବନ୍ଦ କରି ଅଧିକ ପରିମାଣ ଚାରାରୋପଣ ଉପରେ ଗୁରୁତ୍ୱାରୋପର ଆବଶ୍ୟକତା ରହିଛି। ଫଳରେ ଅଙ୍ଗାରକାମ୍ଳ ଓ ଅମ୍ଳଜାନ ମଧ୍ୟରେ ସନ୍ତୁଳନ ରକ୍ଷା ହୋଇପାରିବ। ସରକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ଗ୍ରାମ ଓ ପଞ୍ଚାୟତସ୍ତରରୁ ସଚେତନ କରାଇବା ଦରକାର। ପରିବେଶକୁ ସୁରକ୍ଷା ଦେଇ ନ ପାରିଲେ ଆଗାମୀ ପିଢ଼ି ଶାରିରୀକ ଓ ମାନସିକ ଭାବରେ ଦୁସ୍ଥ ଜୀବନଯାପନ କରିବେ। ଶିଶୁମାନଙ୍କୁ ଚାରାରୋପଣ ଓ ସୁରକ୍ଷା ଦିଗରେ ସଚେତନ କରିବା ଦିଗରେ ଶିକ୍ଷା ଦେବା ଜରୁରୀ ହୋଇପଡ଼ିଛି।

– ସଂଯୁକ୍ତା ବସା, ଅଧକ୍ଷା, ସଂଗ୍ରାମ

### ପରିବେଶ ସୁରକ୍ଷାକୁ ସମସ୍ତେ ଗୁରୁତ୍ୱ ଦେବା ଆବଶ୍ୟକ



ଜଳବାୟୁ ପରିବର୍ତ୍ତନ ଏବେ ସମଗ୍ର ବିଶ୍ୱ ପାଇଁ ଆହ୍ୱାନ ପାଲଟିଛି। ବିଶ୍ୱତାପମାନ ବୃଦ୍ଧି ପାଇବା ସହ ବରଫାଚ୍ଛନ୍ନ ଅଞ୍ଚଳଗୁଡିକ ତରଳିବାରେ ଲାଗିଛି। ସମୁଦ୍ରତଟବର୍ତ୍ତୀ ବାଲେଶ୍ୱର, କେନ୍ଦ୍ରାପଡ଼ା, ଭଦ୍ରକ, ଜଗତ୍‌ସିଂହପୁର ଆଦି ଜିଲାର ବହୁ ଅଞ୍ଚଳ ସମୁଦ୍ର ଗର୍ଭରେ ଲୀନ ହେବାକୁ ବସିଲାଣି। ତେଣୁ ଏବେଠାରୁ ପରିବେଶ ସୁରକ୍ଷାକୁ ନେଇ ସମସ୍ତେ ଗୁରୁତ୍ୱ ଦେବା ଆବଶ୍ୟକ। ଅପରପକ୍ଷେ ପ୍ଲାଷ୍ଟିକ୍ ପ୍ରଦୂଷଣ ଏବେ ଅନ୍ୟ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ପ୍ରତିବର୍ଷ ୮ରୁ ୧୨ ମିଲିୟନ ଟନ୍‌ର ପ୍ଲାଷ୍ଟିକ୍ ମହାସାଗରକୁ ଯାଉଛି। ଫଳରେ ସାମୁଦ୍ରିକ ଜୈବ ବିବିଧତା ଲୋପ ପାଇବା ସହ ଏଥିରେ ଥିବା ଜୀବଜଗତ ଧ୍ୱଂସାଭିମୁଖୀ ହେବାରେ ଲାଗିଛି। ତେଣୁ ଏସବୁକୁ ଗୁରୁତ୍ୱର ସହ ନେଇ ଆମେ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକର ଯଥାସମ୍ଭବ କମ୍ ବ୍ୟବହାର କରିବା ଦରକାର। ଆଗାମୀ ଭବିଷ୍ୟତ ପିଢୀ କିପରି ଏକ ପ୍ରଦୂଷଣମୁକ୍ତ ପୃଥିବୀ ପାଇବେ ସେଥିପ୍ରତି ସଚେତନ ହେବା ଆବଶ୍ୟକ।

– ବାପି ଗୋଚ୍ଛାୟତ, ପରିବେଶକର୍ମୀ

### କମ୍ ପ୍ଲାଷ୍ଟିକ ବ୍ୟବହାର କରିବାକୁ ଶପଥ ନେବା



ଚଳିତବର୍ଷ ବିଶ୍ୱ ପରିବେଶ ଦିବସର ବାର୍ତ୍ତା ରହିଛି 'ବିଟ୍ ପ୍ଲାଷ୍ଟିକ୍ ପଲ୍ୟୁଶନ୍'। ଏହାର ଅର୍ଥ ପ୍ଲାଷ୍ଟିକ୍ ପ୍ରଦୂଷଣକୁ ରୋକିବା ସହିତ ଏନେଇ ସମସ୍ତଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା। ସେହିପରି ପରିବେଶ ଦିବସକୁ ଉତ୍ସବ ଭାବେ ପାଳନ କରିବା ଦରକାର। ସେଦିନ ନିଜ ଫୋନ୍‌ରେ କେବଳ ଷ୍ଟାଟସ୍ ନ ରଖି ପରିବେଶର ସୁରକ୍ଷା ପାଇଁ ଅତି କମ୍‌ରେ ଘଣ୍ଟାଟେ କାମ କରିବା ଆବଶ୍ୟକ। ଏଥିସହ ଗୋଟିଏ ଦିନରେ ଯେତେ ସମ୍ଭବ ଖୁବ୍ କମ୍ ପ୍ଲାଷ୍ଟିକ୍ ବ୍ୟବହାର କରିବା ପାଇଁ ଶପଥ ନେବା। ବ୍ୟବହାର ପରେ ଏହାକୁ ଅନ୍ୟ ଆବର୍ଜନା ସହିତ ନ ମିଶାଇ ଅଲଗା କରି ରଖିବା। ଏପରିକି ଅଟା ପ୍ୟାକେଟ, କ୍ଷୀର, ଲୁଗାସଫା ଡିଟରଜେଣ୍ଟ ପ୍ୟାକେଟ୍‌ରେ ଗଛ ଲଗାଇ ତାହାର ପୁନଃବ୍ୟବହାର କରିପାରିବା। ଆମ ପାଖରେ ପୃଥିବୀ ଭଳି ଅନ୍ୟକିଛି ଗ୍ରହ ନାହିଁ, ଯେଉଁଠାରେ ଜୀବଜଗତ ରହିପାରିବ। ତେଣୁ ଆମର ଭବିଷ୍ୟତ ପିଢ଼ିଙ୍କ ପାଇଁ ପରିବେଶକୁ ସୁରକ୍ଷିତ କରି ରଖିବାକୁ ପଡିବ। ଏନେଇ ସାତ୍ତ୍ୱିକ ସୋଲ୍ ଫାଉଣ୍ଡେଶନ୍ ଦୀର୍ଘ ବର୍ଷ ହେବ କାମ କରି ଆସୁଛି। ଆଗକୁ ମାଇକ୍ରୋ ମ୍ୟାନେଜ୍‌ମେଣ୍ଟ କରି ପ୍ରତି ରବିବାର ବିଭିନ୍ନ ଗାଁ, କ୍ଲବ୍ ଏବଂ ପ୍ରାକୃତିକ ଉତ୍ସଗୁଡିକରେ ସଫେଇ କାର୍ଯ୍ୟ କରିବା ପାଇଁ ଯୋଜନା ରହିଛି।

– ସତ୍ୟବ୍ରତ ସାମଲ, ପ୍ରତିଷ୍ଠାତା, ସାତ୍ତ୍ୱିକ୍ ସୋଲ୍ ଫାଉଣ୍ଡେଶନ

### ପରିବେଶ ସୁରକ୍ଷା ପାଇଁ ଯୁବପିଢି ଆଗେଇ ଆସନ୍ତୁ



ପ୍ଲାଷ୍ଟିକ୍‌ର ମାତ୍ରାଧିକ ବ୍ୟବହାର ଆମ ପରିବେଶ ଉପରେ କୁପ୍ରଭାବ ପକାଉଥିବା ଆମେ ସମସ୍ତେ ଜାଣିଥିଲେ ମଧ ଦୈନନ୍ଦିନ ଜୀବନରେ ଏହାର ବ୍ୟବହାର କରିଆସୁଛନ୍ତି। ତେଣୁ ପ୍ଲାଷ୍ଟିକ୍ ବ୍ୟବହାରକୁ ବନ୍ଦ କରିବା ନେଇ ସରକାରଙ୍କ ପକ୍ଷରୁ ଦୃଢ ପଦକ୍ଷେପ ନିଆଯିବା ଦରକାର। ପ୍ଲାଷ୍ଟିକ୍ ଉତ୍ପାଦନ ଉପରେ ମଧ ସରକାରଙ୍କ କର୍ତ୍ତୃତ୍ୱ ରହୁନାହିଁ। ସେହିପରି ପରିବେଶ, ଜୀବଜନ୍ତୁଙ୍କ ଉପରେ ପ୍ଲାଷ୍ଟିକ୍‌ର କ'ଣ କୁପ୍ରଭାବ ରହୁଛି ସେ ନେଇ ଅନେକ ସ୍ତରରେ ସଚେତନତାର ଅଭାବ ରହୁଛି। ପରିବେଶର ସୁରକ୍ଷା ପାଇଁ ଏବେ ଯୁବପିଢି ଆଗେଇ ଆସିବା ଦରକାର। ତେବେ ଏନେଇ କିଛି କାମ କରିବା ପୂର୍ବରୁ ପ୍ରଥମେ ନିଜେ ଏନେଇ ପଢିବା, ଜାଣିବା ଦରକାର।

– ଆକାଶ ରଞ୍ଜନ ରଥ, ପ୍ରତିଷ୍ଠାତା ଟ୍ରଷ୍ଟି, ଜଙ୍ଗଲ ଲୋୟର ଫାଉଣ୍ଡେଶନ


### ସମସ୍ତେ ଏକଜୁଟ ହେବାର ସମୟ ଆସିଛି



ବିଶ୍ୱ ଏବେ ପରିବେଶ ଜନିତ ନାନାବିଧ ସମସ୍ୟା ମଧରେ ଗତି କରୁଛି। ଅତ୍ୟଧିକ ଜନସଂଖ୍ୟା ସାଙ୍ଗକୁ ଗ୍ଲୋବାଲ ୱାର୍ମିଂ, ସମୁଦ୍ର ପ୍ରଦୂଷଣ, ବନ୍ୟଜୀବ ବିଲୁପ୍ତ ଭଳି ବିଷୟ ଉପରେ ସଚେତନତା ସୃଷ୍ଟି ଏବେ ଜରୁରୀ ହେଲାଣି। ଜଙ୍ଗଲ କ୍ଷୟଜନିତ ଅନାବୃଷ୍ଟି ଓ ଭୂତଳ ଜଳର ଅତ୍ୟଧିକ ବ୍ୟବହାର ହେତୁ ଜଳସ୍ତର ଖସିବା ସହିତ ପୃଥିବୀର ତାପ ବଢ଼ିବାରେ ଲାଗିଛି। ପୃଥିବୀ ଏବେ ଧ୍ୱଂସ ପଥରେ ଗତିମୁଖର, ଏକଥା ଆମେ ସମସ୍ତେ ଜାଣି ସାରିଲେଣି। ତେଣୁ ଏବେ ସମୟ ଆସିଛି ସମସ୍ତେ ଏକଜୁଟ ହୋଇ ଏହି ବୈଶ୍ୱିକ ସମସ୍ୟାର ସମାଧାନ ଦିଗରେ ନିଶ୍ଚିତ ଚେଷ୍ଟା କରିବା।

– ପଦ୍ମଶ୍ରୀ ଡ.ଦମୟନ୍ତୀ ବେଶ୍ରା, ବାରିପଦା

### ପରିବେଶ ସୁରକ୍ଷିତ ରହିଲେ ଜୀବଜଗତ ତିଷ୍ଠି ରହିବ



ବିଗତ ୫୦ବର୍ଷ ଧରି ପରିବେଶ ଦିବସ ବିଭିନ୍ନ ସ୍ତରରେ ପାଳିତ ହୋଇଆସୁଛିକା ମାତ୍ର ଏହି ଦିବସର ତାତ୍ପର୍ଯ୍ୟକୁ ଗମ୍ଭୀରତାର ସହ ଗ୍ରହଣ କରୁ ନ ଥିବାରୁ ଦିନକୁ ଦିନ ପରିବେଶ ଅସନ୍ତୁଳିତ ହୋଇପଡିଛି। ଅବାଧ ଗଛକଟା, ଶୀତତାପ ନିୟନ୍ତ୍ରଣ ମେଶିନ ବ୍ୟବହାର, ପ୍ଲାଷ୍ଟିକର ବହୁଳ ବ୍ୟବହାର ଓ ମୃତ୍ତିକାର ଅବକ୍ଷୟ ପରିବେଶକୁ ପ୍ରଭାବିତ କରିବାରେ ଲାଗିଛି। ପରିବେଶକୁ ସୁରକ୍ଷିତ ରଖିପାରିଲେ ଏ ଜୀବଜଗତ ତିଷ୍ଠି ରହିବ। ଏହି ଦିବସକୁ ବର୍ଷରେ କେବଳ ଗୋଟିଏ ଦିନ ପରିବର୍ତ୍ତେ ୩୬୫ଦିନ ପାଳନ କରିବା ଉଚିତ। ପ୍ରତ୍ୟେକ ବ୍ୟକ୍ତି ନିଜ ପାଇଁ ଗଛଟିଏ ଲଗାଇବା ଏବେ ଜରୁରୀ ହୋଇପଡିଲାଣି।

– ଭାନୁମିତ୍ର ଆଚାର୍ଯ୍ୟ, ପରିବେଶବିତ୍


### ଗୋଟିଏ ଗଛ କାଟିଲେ ୧୦ଗୁଣା ଲଗାଇବା



ସକାଳୁ ଉଠିବାଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ ଆମେ ସମସ୍ତେ ପ୍ଲାଷ୍ଟିକ୍‌ର ବ୍ୟବହାର କରୁଛୁ। ପ୍ଲାଷ୍ଟିକ୍‌ରେ ତିଆରି ପଦାର୍ଥ ସହିତ ଆମେ ଏତେ ଅଭ୍ୟସ୍ତ ହୋଇ ଯାଇଛୁ ଯେ, ତା' ବିନା ଚଳିବା କଷ୍ଟକର ହୋଇ ପଡୁଛି। ତେଣୁ ପ୍ରଥମେ ପ୍ରତ୍ୟେକ ବ୍ୟକ୍ତି ବ୍ୟକ୍ତିଗତସ୍ତରରେ ପ୍ଲାଷ୍ଟିକ୍ ବ୍ୟବହାରକୁ ବନ୍ଦ କରିବା ଆବଶ୍ୟକ। ଏହା ହୋଇପାରିଲେ ଡେରି ହେଲେ ମଧ ପ୍ଲାଷ୍ଟିକ୍ ଫ୍ରି ଇଣ୍ଡିଆର ସ୍ୱପ୍ନ ସାକାର ହୋଇପାରିବ। ନଚେତ୍ ଏହା କେବଳ ଏକ ସ୍ଲୋଗାନରେ ପରିଣତ ହୋଇ ରହିଯିବ। ସେହିପରି ସହରୀକରଣ ନାମରେ ବୃକ୍ଷକୁ ବଳି ପକାଯାଉ ଥିବାରୁ ପରିବେଶ ପ୍ରଦୂଷଣ ହେବା ସହିତ ଜଳବାୟୁ ପରିବର୍ତ୍ତନ ଘଟୁଛି। ତେଣୁ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦେବାକୁ ହେବ। ଗୋଟିଏ ଗଛ କାଟିଲେ ତାହାର ୧୦ଗୁଣା ଗଛ ଲଗାଇବାକୁ ପଡ଼ିବ।

– ତ୍ରିଲୋଚନ ସାହୁ, ପରିବେଶକର୍ମୀ

ଆଜି ବିଶ୍ୱ ପରିବେଶ ଦିବସ




## ହାତୀ ମୃତ୍ୟୁରେ ଲାଗୁନି ଲଗାମ

ରାଜ୍ୟରେ ଦିନକୁ ଦିନ ହାତୀ ମୃତ୍ୟୁ ବଢ଼ିଚାଲିଛି। କେତେବେଳେ ଶିକାରୀଙ୍କ ଗୁଳି ତ ଆଉ କେତେବେଳେ ଟ୍ରେନ୍ ଦୁର୍ଘଟଣା ଏବଂ ବିଦ୍ୟୁତ୍ ଆଘାତ ସେମାନଙ୍କ ପାଇଁ କାଳ ସାଜୁଛି। ଏଥିସହ ବିଭିନ୍ନ ସମୟରେ ହାତୀଙ୍କ ଅସ୍ୱାଭାବିକ ମୃତ୍ୟୁ ନଜରକୁ ଆସୁଛି। ହାତୀ ମୃତ୍ୟୁ ରୋକିବାରେ ବନ ବିଭାଗ ଆପଣାଉଥିବା ଷ୍ଟ୍ରାଟେଜି ଫେଲ୍ ମାରୁଛି। ବନ କର୍ମଚାରୀଙ୍କ ଅବହେଳା ଏବଂ ଶିକାରୀଙ୍କ ପ୍ରାଦୁର୍ଭାବ ଚିନ୍ତା ବଢ଼ାଉଥିବାବେଳେ ହାତୀ ମୃତ୍ୟୁର ସବୁଠାରୁ ବଡ଼ କାରଣ ସାଜୁଛି ବିଦ୍ୟୁତ୍ ଆଘାତ। ଗତ ୫ ବର୍ଷର ତଥ୍ୟକୁ ଦେଖିଲେ ରାଜ୍ୟରେ ମୋଟ୍ ୪୨୮ଟି ହାତୀଙ୍କ ମୃତ୍ୟୁ ହୋଇଛି। ସେଥିମଧ୍ୟରୁ ୯୫ଟି ହାତୀଙ୍କର ବିଦ୍ୟୁତ୍ ଆଘାତରେ ଜୀବନ ଯାଇଛି। ୨୦୨୦-୨୧ରେ ମୋଟ୍ ୭୭ଟି ହାତୀଙ୍କ ମୃତ୍ୟୁ ହୋଇଥିବାବେଳେ ବିଦ୍ୟୁତ୍ ଆଘାତରେ ୮ ହାତୀଙ୍କ ଜୀବନ ଯାଇଛି। ସେଥିରୁ ଗୋଟିଏ ହାତୀର ଆକ୍ସିଡେଣ୍ଟାଲ୍ ଅର୍ଥାତ୍ ଝୁଲି ରହିଥିବା ବିଦ୍ୟୁତ୍ ତାର କିମ୍ବା ଟ୍ରାନ୍ସଫର୍ମରରେ ଶୁଣ୍ଢ ଗଳାଇ ଦୁର୍ଘଟଣା କାରଣରୁ ମୃତ୍ୟୁ ହୋଇଛି। ବାକି ୭ଟି ହାତୀଙ୍କର ଡେଲିବରେଟ୍ ଅର୍ଥାତ୍ ବିଦ୍ୟୁତ୍ ଫାଶ କିମ୍ବା ଶିକାର ପାଇଁ ବସାଯାଇଥିବା ବିଦ୍ୟୁତ୍ ତାର ଆଘାତରେ ମୃତ୍ୟୁ ହୋଇଛି। ଏହାବାଦ୍ ଶିକାର ପାଇଁ ୨ଟି ହାତୀ, ଟ୍ରେନ୍ ଦୁର୍ଘଟଣାରେ ୪ଟି, ଅନ୍ୟାନ୍ୟ ଦୁର୍ଘଟଣାରେ ୮ଟି, ବିଭିନ୍ନ ରୋଗରେ ୩୨ଟି, ପ୍ରାକୃତିକ ଭାବେ ୧୩ଟି ହାତୀଙ୍କର ମୃତ୍ୟୁ ହୋଇଛି ଏବଂ ବାକି ୧୦ ହାତୀ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ସେହିପରି ୨୦୨୧-୨୨ରେ ୮୬ଟି ହାତୀର ମୃତ୍ୟୁ ଘଟିଛି। ଏଥିରୁ ବିଦ୍ୟୁତ୍ ଆଘାତରେ ୧୩ଟି, ଶିକାର ପାଇଁ ୨ଟି, ଟ୍ରେନ୍ ଦୁର୍ଘଟଣାରେ ୩ଟି ଏବଂ ଅନ୍ୟାନ୍ୟ ଦୁର୍ଘଟଣାରେ ୯ଟି, ରୋଗରେ ୪୦ଟି, ପ୍ରାକୃତିକ ଭାବେ ୭ଟି ହାତୀଙ୍କ ମୃତ୍ୟୁ ଘଟିଥିବାବେଳେ ୧୨ ହାତୀଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ୨୦୨୨-୨୩ରେ ବିଦ୍ୟୁତ୍ ଆଘାତରେ ୨୬ଟି, ଶିକାର ପାଇଁ ୯ଟି, ଟ୍ରେନ୍ ଦୁର୍ଘଟଣାରେ ୩, ସଡ଼କ ଦୁର୍ଘଟଣାରେ ଗୋଟିଏ ଏବଂ ଅନ୍ୟାନ୍ୟ ଦୁର୍ଘଟଣାରେ ୧୪ଟି, ରୋଗରେ ୨୮ଟି, ପ୍ରାକୃତିକ ଭାବେ ୩ଟି, କାରଣ ଅସ୍ପଷ୍ଟ ଭାବେ ୫ଟି ଏବଂ ପ୍ରତିଶୋଧମୂଳକ ଭାବେ ୪ଟି ହାତୀକୁ ମିଶାଇ ମୋଟ ୯୩ ହାତୀଙ୍କ ମୃତ୍ୟୁ ହୋଇଛି। ୨୦୨୩-୨୪ରେ ବିଦ୍ୟୁତ୍ ଆଘାତରେ ୧୫ଟି, ଶିକାର ପାଇଁ ୩ଟି, ଟ୍ରେନ୍ ଦୁର୍ଘଟଣାରେ ୫ଟି, ସଡ଼କ ଦୁର୍ଘଟଣାରେ ଗୋଟିଏ ଏବଂ ଅନ୍ୟାନ୍ୟ ଦୁର୍ଘଟଣାରେ ୯ଟି, ରୋଗରେ ୧୩ଟି, ପ୍ରାକୃତିକ ଭାବେ ୩, କାରଣ ଅସ୍ପଷ୍ଟ ଭାବେ ୯ଟି ଏବଂ ପ୍ରତିଶୋଧମୂଳକ ଭାବେ ୮ଟି ମୋଟ୍ ୬୬ଟି ହାତୀଙ୍କ ଜୀବନ ଯାଇଛି। ୨୦୨୪-୨୫ରେ ବିଦ୍ୟୁତ୍ ଆଘାତରେ ୩୩ଟି ହାତୀଙ୍କ ମୃତ୍ୟୁ ହୋଇଥିବାବେଳେ ଶିକାର ପାଇଁ ୩ଟି, ଟ୍ରେନ୍ ଦୁର୍ଘଟଣାରେ ୩ଟି ଏବଂ ଅନ୍ୟାନ୍ୟ ଦୁର୍ଘଟଣାରେ ୬ଟି, ରୋଗରେ ୧୯ଟି, ପ୍ରାକୃତିକ ଭାବେ ୧୭ଟି, କାରଣ ଅସ୍ପଷ୍ଟ ଭାବେ ୨୦ଟି ଏବଂ ପ୍ରତିଶୋଧମୂଳକ ଭାବେ ୫ଟିକୁ ମିଶାଇ ମୋଟ୍ ୧୦୬ ହାତୀଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଚଳିତବର୍ଷ ରାଜ୍ୟରେ ପ୍ରଥମ ଥର ଶୀତଦିନିଆ ହାତୀଗଣନା କରାଯାଇଥିଲା। ନଭେମ୍ବର ୧୪ରୁ ୧୬ ପର୍ଯ୍ୟନ୍ତ ରାଜ୍ୟର ୪୮ଟି ବନଖଣ୍ଡରେ ଏହି ଗଣନା ହୋଇଥିଲା। ଏଥିରୁ ରାଜ୍ୟରେ ମୋଟ୍ ୨୧୦୩ ହାତୀ ଥିବା ଜଣାପଡ଼ିଥିଲା। ତେବେ ଗତ କିଛିଦିନ ଧରି ରାଜ୍ୟରେ ହେଉଥିବା ହାତୀ ମୃତ୍ୟୁ ଫଳରେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇଚାଲିଛି, ଯାହାକୁ ନେଇ ପ୍ରାଣୀପ୍ରେମୀମାନେ ଅସନ୍ତୋଷ ଜାହିର କରିଛନ୍ତି।

ଅପରପକ୍ଷେ ହାତୀମୃତ୍ୟୁ ରୋକିବା ଓ ସେମାନଙ୍କ ସଂରକ୍ଷଣ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ନେଇ ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରାକୃତିକ ବାସସ୍ଥାନରେ ଜଙ୍ଗଲୀ ହାତୀଙ୍କ ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ବନ୍ୟପ୍ରାଣୀ(ସୁରକ୍ଷା) ଆଇନ ୧୯୭୨ ଅନୁଯାୟୀ ମୟୂରଭଞ୍ଜ, ମହାନଦୀ ଏବଂ ସମ୍ବଲପୁରରେ ୩ଟି ହାତୀ ସଂରକ୍ଷଣ ଗଠନ କରାଯାଇଛି। ସେହିପରି ୧୪ଟି ପାରମ୍ପରିକ ହାତୀ କରିଡର ଚିହ୍ନଟ କରାଯାଇ ସେମାନଙ୍କ ସଂରକ୍ଷଣ କରିବା, ଜଙ୍ଗଲ ନିଆଁ ଯାଞ୍ଚ କରିବା, ହାତୀଙ୍କ ଦୁର୍ଘଟଣାଜନିତ ମୃତ୍ୟୁକୁ ହ୍ରାସ କରିବା ପାଇଁ ଡିଏଫ୍ଓ/ଆର୍‌ସିସିଏଫ୍/ପିସିସିଏଫ୍ ସ୍ତରରେ ଶକ୍ତି, ଏନ୍‌ଏଚ୍, ପୂର୍ତ୍ତ ଏବଂ ରେଳ ବିଭାଗ ସହିତ ନିୟମିତ ସମନ୍ୱୟ ବୈଠକ ଅନୁଷ୍ଠିତ ହେଉଛି। ପଡ଼ୋଶୀ ରାଜ୍ୟ ଯଥା ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗରୁ ଓଡ଼ିଶାକୁ ହାତୀଙ୍କ ସୀମାପାର ସ୍ଥାନାନ୍ତରଣରୁ ଉପୁଜିଥିବା ସମସ୍ୟାକୁ ହ୍ରାସ କରିବା ପାଇଁ ମାନବ-ହାତୀ ସଂଘର୍ଷ ନେଇ ଆନ୍ତଃରାଜ୍ୟ ସମନ୍ୱୟ କମିଟିର ବୈଠକ ନିୟମିତ ଭାବରେ ଆୟୋଜନ କରାଯାଉଛି। ସେହିପରି ଜଙ୍ଗଲୀ ହାତୀଙ୍କ ସୁରକ୍ଷା/ସଂରକ୍ଷଣ ସହ ହାତୀ ଶିକାର ରୋକିବା ପାଇଁ ରାଜ୍ୟର ଦୁର୍ବଳ ସ୍ଥାନଗୁଡ଼ିକରେ ଟ୍ରାକର ଏବଂ ହାତୀ ସ୍କ୍ୱାଡ୍ ନିୟୋଜିତ କରାଯାଇଛି। ଭ୍ରମଣକାରୀ ଜଙ୍ଗଲୀ ହାତୀଙ୍କ ଗତିବିଧି ଉପରେ ନଜର ରଖିବା ଏବଂ ମଣିଷ-ହାତୀ ସଂଘର୍ଷର ମୁକାବିଲା ପାଇଁ କ୍ଷେତ୍ର କାର୍ଯ୍ୟକର୍ତ୍ତାଙ୍କୁ ଉପଯୁକ୍ତ ନିର୍ଦ୍ଦେଶ ଦେବା ପାଇଁ ମୁଖ୍ୟ ବନ ସଂରକ୍ଷକଙ୍କ ଅଧ୍ୟକ୍ଷତାରେ ଓଡ଼ିଶାର ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନଙ୍କ କାର୍ଯ୍ୟାଳୟରେ ହାତୀ ସେଲ୍ ପ୍ରତିଷ୍ଠା ଆଦି ବିଭିନ୍ନ ପଦକ୍ଷେପ ନିଆଯାଉଛି। ହେଲେ ହାତୀ ମୃତ୍ୟୁ ରୋକାଯାଇ ପାରୁ ନ ଥିବାରୁ ବନ ବିଭାଗର ପଦକ୍ଷେପ ଓ କାର୍ଯ୍ୟଧାରା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

**ଫଟୋ ଭିତର ଲେଖା:** ୫ବର୍ଷରେ ୪୨୮ ହାତୀଙ୍କ ମୃତ୍ୟୁ



– **ବନ୍ଦନା ସେଠୀ**, ଭୁବନେଶ୍ୱର

## ଜଙ୍ଗଲକୁ ଉଜାଡ଼ୁଛି ଖଣି



କେନ୍ଦୁଝର ଜିଲାରେ ଅବିଚାରିତ ଖଣି ଖନନ ଯୋଗୁ ଜଙ୍ଗଲ ବହୁ ମାତ୍ରାରେ ପ୍ରଭାବିତ ହେଉଛି। ଗତ ୨୫ ବର୍ଷ ମଧ୍ୟରେ ଖଣି ଖାଦାନ ଯୋଗୁ ବହୁ ମୂଲ୍ୟବାନ୍ ଜଙ୍ଗଲ ନଷ୍ଟହୋଇଥିବା ବେଳେ ପରିବେଶ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ଜିଲାରେ ବିଭିନ୍ନ କାରଣରୁ ଜଙ୍ଗଲ ନଷ୍ଟ ହେଉଥିଲେ ହେଁ ଖଣିଖାଦାନ ଯୋଗୁ ଅଧିକ ଜଙ୍ଗଲ ନଷ୍ଟ ହୋଇଥିବା କୁହାଯାଇଛି। ଅପରପକ୍ଷେ ବନୀକରଣ କାର୍ଯ୍ୟକ୍ରମରେ ବହୁ ଟଙ୍କା ଖର୍ଚ୍ଚ କରାଯାଉଥିଲେ ହେଁ ଜଙ୍ଗଲରେ ହୋଇଥିବା କ୍ଷତି ଭରଣା କରାଯାଇପାରୁନାହିଁ।

ବିଶେଷକରି ଖଣିଜ ପଥର ଜଙ୍ଗଲ ଓ ପାହାଡ଼ରେ ମିଳିଥାଏ। ଏଣୁ ବେଆଇନ ଭାବରେ ଖଣି ଖନନ, ଚୋରାରେ ଖଣିଖନନ ଯୋଗୁ ଜଙ୍ଗଲ ନଷ୍ଟ ହେଉଛି। ଏହି କାରଣରୁ ଏକଦା ଥଣ୍ଡା ପରିବେଶ ପାଇଁ ପରିଚିତ କେନ୍ଦୁଝର ଜିଲା ଏବେ ଉତ୍ତପ୍ତ ଜିଲାରେ ପରିଣତ ହୋଇଛି। ଜିଲାର ଯୋଡ଼ା, ଝୁମ୍ପୁରା, ଚମ୍ପୁଆ, ବାଂଶପାଳ, ହରିଚନ୍ଦନପୁର, ହାଟଡ଼ିହୀ, ସଦର ଆଦି ବ୍ଲକ୍ ତଥା ବଡ଼ବିଲ ସହରାଞ୍ଚଳରେ ଶତାଧିକ ଲୁହା, ମାଙ୍ଗାନିଜ, କ୍ରୋମାଇଟ ଆଦି ବିଭିନ୍ନ ପ୍ରକାର ଖଣି ରହିଛି। ସେହିପରି ଜିଲାର ୧୩ ବ୍ଲକ୍‌ରେ ଶତାଧିକ ପଥର କ୍ୱାରି ରହିଛି। ସେଥିମଧ୍ୟରୁ ଅନେକ କ୍ୱାରି ବେଆଇନ ଭାବରେ ଚାଲିଥିବାରୁ ବହୁ ପରିମାଣରେ ଜଙ୍ଗଲ ନଷ୍ଟ ହୋଇଛି। ବନ ବିଭାଗ ସୂଚନା ଅନୁଯାୟୀ, କେନ୍ଦୁଝର ବନଖଣ୍ଡରେ ସମୁଦାୟ ୧୨୦ ଖଣି ଲିଜ୍ ରହିଥିବା ବେଳେ ସେଥିରୁ ୧୧୫ ଖଣି ଜଙ୍ଗଲ ଜମିରେ ରହିଛି। ସେଥିରୁ ୩୬ଟି ଖଣି କାର୍ଯ୍ୟକ୍ଷମ ରହିଥିବା ବେଳେ ଅବଶିଷ୍ଟ ବନ୍ଦ ରହିଛି। ସେଥିରୁ ୩୬ଟି ଖଣିର ଜଙ୍ଗଲ ଓ ପରିବେଶ ଅନୁମତି ମିଳିଛି। ସେହିପରି ୪୦୪ ଅଣ ଖଣି ପ୍ରକଳ୍ପ ଜଙ୍ଗଲ ଓ ପରିବେଶ ବିଭାଗ ଅନୁମତିରେ ଚାଲିଛି। ୧୨୦ ଖଣିର ଲିଜ୍ ଅଞ୍ଚଳ ୩୧, ୦୮୧.୧୯୫୩ ହେକ୍ଟର ଥିବା ବେଳେ ୨୩୯୧୭.୨୩୦୬ ହେକ୍ଟର ଜମି ଜଙ୍ଗଲାଞ୍ଚଳ ରହିଛି। ଅବଶିଷ୍ଟ ୭୧୬୩.୯୬୪୭ ହେକ୍ଟର ଅଣ ଜଙ୍ଗଲାଞ୍ଚଳ ରହିଛି। ଜଙ୍ଗଲ ସୁରକ୍ଷା ଆଇନ ୧୯୮୦ ଅନୁଯାୟୀ ୧୪୩୫୩.୦୯୭୯ ହେକ୍ଟର ଜଙ୍ଗଲ ଜମିକୁ ଅଣ ଜଙ୍ଗଲ କାର୍ଯ୍ୟରେ ବ୍ୟବହାର ପାଇଁ ପ୍ରଦାନ କରାଯାଇଛି। ସେଥିରୁ ୬୧୫୯. ୩୭୨୪ ହେକ୍ଟର ରିଜର୍ଭ ଜଙ୍ଗଲ, ୧୫୨୬.୮୦୪୮ ହେକ୍ଟର ରିଜର୍ଭ ଫରେଷ୍ଟ, ୩୮୫୨.୭୯୦୭ ହେକ୍ଟର ରେଭେନ୍ୟୁ ଫରେଷ୍ଟ, ୨୧୬୯.୩୮୬୩ ହେକ୍ଟର ଡିଏଲ୍‌ସି ଫରେଷ୍ଟ, ୬୪୪.୭୪୪ ସାବିକ ଫରେଷ୍ଟକୁ ଅଣ ଜଙ୍ଗଲ କାର୍ଯ୍ୟରେ ବ୍ୟବହାର କରାଯାଇଛି। ନିୟମାନୁଯାୟୀ, ଖଣିଜ ପଥର ସରିଗଲେ ଉକ୍ତ ଖଣିକୁ ଲିଜ୍ ସର୍ତ୍ତ ଅନୁଯାୟୀ ପରିବେଶ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦୃଷ୍ଟିରୁ ପୋତି ଦିଆଯାଇଥାଏ। ତାହା ଉପରେ ବନୀକରଣ କରାଯାଇ ଜଙ୍ଗଲ ସୃଷ୍ଟି ହୋଇଥାଏ। କିନ୍ତୁ ଦୀର୍ଘ ବହୁ ବର୍ଷ ଧରି ଏହି ସବୁ ଖଣି କାର୍ଯ୍ୟକ୍ଷମ ହେଉ ନ ଥିଲେ ହେଁ ସେସବୁରେ ଖଣିଜପଥର ମହଜୁଦ ଥିବା ଦର୍ଶାଇ ପୋତା ଯାଉନାହିଁ। ଫଳରେ ସେସବୁ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ବଡ଼ ଖଣି ପୋତିବା ପାଇଁ ବହୁ ଅର୍ଥ ଖର୍ଚ୍ଚ ହୋଇଥାଏ। ଏଣୁ ସେସବୁକୁ ଫାଙ୍କିବା ପାଇଁ ଏଭଳି ପୋତାଯାଉ ନ ଥିବା ଏବଂ ଏହା ପଛରେ ବହୁ ବଡ଼ ଦୁର୍ନୀତି ରହିଥିବାରୁ ଏଭଳି ବିପଦପୂର୍ଣ୍ଣ ଅବସ୍ଥାରେ ଛାଡ଼ି ଦିଆଯାଇଥିବା ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ କହିଛନ୍ତି। ଏପରିକି ଏହିସବୁ ବଡ଼ ଖାଲ ସୃଷ୍ଟି ହୋଇଥିବା ଖଣିଗୁଡ଼ିକ ଉନ୍ମୁକ୍ତ ଅବସ୍ଥାରେ ରହିଥିବା ବେଳେ ଏହାର ଚାରିପାଖରେ କୌଣସି ସୁରକ୍ଷା ବାଡ଼, ସତର୍କତା ସୂଚନା ବୋର୍ଡ ମଧ୍ୟ ଲଗାଯାଇନାହିଁ ବୋଲି ସେ କହିଛନ୍ତି। ସେହିପରି ବେଆଇନ ବା ଚୋରାରେ ଅନେକ ହଜାର ଛୋଟ, ବଡ଼ ଲୁହାପଥର ଓ ମାଙ୍ଗାନିଜ କ୍ୱାରି ଯୋଗୁ ଜଙ୍ଗଲ ସାରା ଖାଲଖମା ହୋଇ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଚୋରା ବ୍ୟବସାୟୀ ବେଧଡ଼କ ଭାବରେ ଜଙ୍ଗଲାଞ୍ଚଳରେ ଏଭଳି କ୍ୱାରି ଖୋଳି ଲୁହା ଓ ମାଙ୍ଗାନିଜ ଭଳି ମୂଲ୍ୟବାନ୍ ପଥର ଖନନକରି ଚୋରାରେ ଚାଲାଣ କରିଆସୁଛନ୍ତି। କାଁ ଭାଁ ବନ ଓ ଖଣି ବିଭାଗ ହାତରେ ଧରାପଡ଼ିଛନ୍ତି। ଫଳରେ ସେସବୁ କ୍ୱାରି ଅସୁରକ୍ଷିତ ଅବସ୍ଥାରେ ରହିଛି। ଜିଲାରେ ଶତାଧିକ ପଥର କ୍ୱାରି ବେଆଇନ ଭାବରେ ଜଙ୍ଗଲ ସାରା ମେଲିଥିବା ଯୋଗୁ ଖାଲଖମା ରେ ପରିଣତ ହୋଇଛି। ଏଭଳି ବେଆଇନ ଖଣି ଯୋଗୁ ଅଧିକ ଜଙ୍ଗଲ ନଷ୍ଟ ହୋଇଥିଲେ ହେଁ ଏହାର ଆକଳନ ବା ଏନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଏବେ ମଧ୍ୟ ବେଧଡ଼କ ଚାଲିଛି ବୋଲି ପରିବେଶବିତମାନେ ଉଦ୍‌ବେଗ ପ୍ରକାଶ କରୁଛନ୍ତି।

ଅପରପକ୍ଷେ ଯୋଡ଼ା ଖଣି ଉପନିର୍ଦ୍ଦେଶକ ଦିନେଶ ଅଗ୍ରୱାଲ କହିଛନ୍ତି, ଜିଲାରେ ସମୁଦାୟ ଭୌଗୋଳିକ ଅଞ୍ଚଳର ୩୭.୩୦ ପ୍ରତିଶତ ଜଙ୍ଗଲାଞ୍ଚଳ ରହିଛି। ସମୁଦାୟ ୩୦୯୭.୧୮ ବର୍ଗ କି.ମି. ଜଙ୍ଗଲାଞ୍ଚଳରୁ ୧୮୩୪.୦୯ ବର୍ଗ କି.ମି. ରିଜର୍ଭ ଜଙ୍ଗଲ,୨୭୩.୬୪ ବର୍ଗ କି.ମି. ଚିହ୍ନିତ ସୁରକ୍ଷିତ ଜଙ୍ଗଲ,୨୨୦.୭୯ ବର୍ଗ କି.ମି. ଅଚିହ୍ନିତ ଜଙ୍ଗଲ,ଓ ଅବଶିଷ୍ଟ ଅନ୍ୟାନ୍ୟ ଜଙ୍ଗଲ ରହିଛି।

–ନରେଶ ଚନ୍ଦ୍ର ପଟ୍ଟନାୟକ, କେନ୍ଦୁଝର

## ଶିମିଳିପାଳ: ବଢ଼ୁଛି ବାଘ ସଂଖ୍ୟା

ପ୍ରକୃତିର ବରଦାନ ଶିମିଳିପାଳ ଜାତୀୟ ଉଦ୍ୟାନ ମହାବଳ ବାଘଙ୍କ ପାଇଁ ପ୍ରକୃଷ୍ଟ ଅଞ୍ଚଳ ବୋଲି ଜାତୀୟ ବ୍ୟାଘ୍ର ସଂରକ୍ଷଣ ଅଥରିଟି(ଏନ୍‌ଟିସିଏ) ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି। ୨୦୨୩ ଗଣନାରେ ରାଜ୍ୟରେ ମୋଟ ୩୦ ମହାବଳ ବାଘ ମଧ୍ୟରୁ ୨୭ଟି କେବଳ ଶିମିଳିପାଳରେ ରହିଛନ୍ତି। ସେଥି ମଧ୍ୟରୁ ୧୪ଟି ମାଈ ଓ ୧୩ଟି ଅଣ୍ଡିରା ବାଘ ରହିଥିବା ବେଳେ ୧୨ଟି ଶାବକ ଥିବା ନେଇ ରାଜ୍ୟ ସରକାରଙ୍କ ଗଣନା ରିପୋର୍ଟରୁ ଜଣାପଡ଼ିଛି। ୨୦୨୪ରେ ଏହି ସଂଖ୍ୟା ବୃଦ୍ଧି ପାଇ ୪୦ରେ ପହଞ୍ଚିଥିବା ବେଳେ ଆଗାମୀ ୨୦୩୦ ସୁଦ୍ଧା ମହାବଳ ବାଘ ସଂଖ୍ୟା ୬୦ ଓ ୨୦୩୬ ସୁଦ୍ଧା ଶହେ ଟପିବ ବୋଲି ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ପ୍ରେମ କୁମାର ଝା ପ୍ରକାଶ କରିଛନ୍ତି। ପରିବେଶକୁ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ନିମନ୍ତେ ବନ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ବାଘ ସଂଖ୍ୟା ବୃଦ୍ଧି ନିମନ୍ତେ ଆବଶ୍ୟକ ଭିତ୍ତିଭୂମି, ନିଶବ୍ଦ ଓ ନିର୍ଭୟ ଅଞ୍ଚଳ, ଉପଯୁକ୍ତ ବାସସ୍ଥଳୀ, ପର୍ଯ୍ୟାପ୍ତ ଖାଦ୍ୟର ବ୍ୟବସ୍ଥା ଓ ଘଞ୍ଚ ଜଙ୍ଗଲ ରହିଛି। ଶିମିଳିପାଳର ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ବିଭାଗ ନିରନ୍ତର ପ୍ରୟାସ ଜାରି ରଖିଛି।



– **ନୀଳାଦ୍ରି ବିହାରୀ ଦଣ୍ଡପାଟ**, ବାରିପଦା

## ସହରାଞ୍ଚଳରେ ବୃକ୍ଷ ରୋପଣକୁ ଗୁରୁତ୍ୱ ବଢ଼ୁ

ବଞ୍ଚିବା ପାଇଁ ଆମେ ପରିବେଶ ଉପରେ ନିର୍ଭର କରୁ। ପରିବେଶର ପ୍ରାକୃତିକ ସମ୍ପଦ ଆମର ମୌଳିକ ଆବଶ୍ୟକତାକୁ ପୂରଣ କରେ। ପରିବେଶ ସୁସ୍ଥ ରହିଲେ ପୃଥିବୀ ଉପରେ ଜୀବଜଗତ ରହିପାରିବ। କିନ୍ତୁ ମାତ୍ରାଧିକ କାର୍ଯ୍ୟକଳାପ ଏବଂ ସହରୀକରଣ ନାମରେ ବୃକ୍ଷ କଟାଯାଉଥିବାରୁ ଏବେ ପରିବେଶ ପ୍ରଦୂଷିତ ହେବାକୁ ଲାଗିଛି। ଫଳରେ ଜଳବାୟୁ ପରିବର୍ତ୍ତନ, ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେଉଛି। ବିଶେଷକରି ସହରାଞ୍ଚଳଗୁଡିକ ଏବେ କଂକ୍ରିଟ୍ ସହରରେ ପରିଣତ ହେଲାଣି। କେବଳ ଖରା ଓ ବର୍ଷାକୁ ଛାଡିଦେଲେ ଅନ୍ୟ କୌଣସି ଋତୁ ଥିବା ଜଣାପଡୁନାହିଁ। ଋତୁଚକ୍ରର ପରିବର୍ତ୍ତନ ଫଳରେ ଅନେକ ସମସ୍ୟା ଦେଖା ଦେଉଛି। ତେଣୁ ଏହାକୁ ରୋକିବା ପାଇଁ ଲୋକଙ୍କୁ ସଚେତନ ହେବା ସହିତ ଅଧିକରୁ ଅଧିକ ଗଛ ଲଗାଯିବା ଆବଶ୍ୟକ। ଏହି ବାର୍ତ୍ତା ଦେଇ ଗତ ୧୭ବର୍ଷ ହେବ ଗ୍ରୀନ୍ ୱାର୍ଲ୍ଡ ପକ୍ଷରୁ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯାଉଛି। ଗ୍ରୀନ୍ ୱାର୍ଲ୍ଡର ପ୍ରତିଷ୍ଠାତା ନୃପେଶ ନାୟକ ନିଜସ୍ୱ ଅର୍ଥରେ ଏଯାବତ୍ ପ୍ରାୟ ୬୫ହଜାର ବୃକ୍ଷରୋପଣ କରିସାରିଛନ୍ତି। ସେଥିମଧ୍ୟରୁ ଭୁବନେଶ୍ୱର ଏବଂ ଉପକଣ୍ଠ ଅଞ୍ଚଳରେ ୫୦ହଜାର ଗଛ ଲଗାଇଥିବାବେଳେ, ଖୋର୍ଦ୍ଧା, ନିଆଳି, ନୟାଗଡ଼, ଦଶପଲ୍ଲା ଆଦି ବିଭିନ୍ନ ଅଞ୍ଚଳରେ ୧୫ହଜାର ଗଛ ଲଗାଯାଇଛି। ଭୁବନେଶ୍ୱରରେ ୧୨ଟି ମିଆୱାକି ଜଙ୍ଗଲ ମଧ୍ୟ ସୃଷ୍ଟି କରାଯାଇଛି। ବିଶେଷକରି ରୁଦ୍ରାକ୍ଷ, ଅର୍ଜୁନ, ଅଶୋକ, ବଉଳ, ବେଲ, ହରିଡ଼ା, ବାହାଡ଼ା, ଅଳାଁ, ନିମ୍ବ ସହିତ ଚାକୁଣ୍ଡା, ଶିରିସା, କୃଷ୍ଣଚୂଡ଼ା, ସୁନାରୀ, ପଣସ, ଆମ୍ବ, ରକ୍ତଚନ୍ଦନ ଭଳି ଗଛ ଲଗାଯାଇଛି। ଆଗାମୀ ଦିନରେ ଭୁବନେଶ୍ୱର ମହାନଗର ନିଗମ ସହିତ ମିଳିତ ଭାବେ ଆହୁରି ୧୦ହଜାର ଗଛ ଲଗାଯିବାର ଯୋଜନା ରହିଥିବା ନୃପେଶ କହିଛନ୍ତି। ସେହିପରି ସହରାଞ୍ଚଳରେ ଆଧୁନିକତା ନାମରେ ଅନେକ ସମୟରେ ଗଛ ବଳି ପଡୁଥିବାବେଳେ ଏଠାରେ ଅଧିକ ବୃକ୍ଷ ଲଗାଯିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ସହରରେ ରହୁଥିବା ପ୍ରତ୍ୟେକ ବ୍ୟକ୍ତି ଜନ୍ମଦିନ, ବିବାହ ବାର୍ଷିକୀ କିମ୍ବା ଅନ୍ୟ କୌଣସି ସ୍ମରଣୀୟ ଦିନରେ ଅତି କମ୍‌ରେ ଗୋଟିଏ ଲେଖାଏ ଗଛ ଲଗାଇବା ଆବଶ୍ୟକ। ଏହାଦ୍ୱାରା ପରିବେଶ ସୁରକ୍ଷା ହେବା ସହ ଆଗାମୀ ପିଢ଼ି ପାଇଁ ଭଲ ବାର୍ତ୍ତା ଦିଆଯାଇ ପାରିବ।


ନୃପେଶ ନାୟକ

–**ବନ୍ଦନା ସେଠୀ**, ଭୁବନେଶ୍ୱର

## ପରିବେଶ ଯତ୍ନନେବାରେ ଆମକୁ କ'ଣ ଅବରୋଧକଲା

**ଶ୍ରୀଶ୍ରୀ ରବିଶଙ୍କର**

ଯେଉଁ ବିକାଶ ଜୀବନର ସମସ୍ତ ଦିଗକୁ ସମ୍ମାନ ଦେଇପାରେନି, ତାହା ଆଦୌ ବିକାଶ ପଦବାଚ୍ୟ ନୁହେଁ। ଅପରପକ୍ଷେ ଐତିହାସିକ ମତାନୁଯାୟୀ, ପ୍ରକୃତି ସର୍ବଦା ଅନେକ ପୁରାତନ ସଂସ୍କୃତିର ଆରାଧନା କରିଆସିଛି। ପ୍ରକୃତି କେବେ ବି ଆମଠାରୁ ପୃଥକ୍ ଭଳି ଦୃଶ୍ୟ ହୋଇ ନାହିଁ। ନଦୀ, ପର୍ବତ, ବୃକ୍ଷ, ପବନ, ସୂର୍ଯ୍ୟ ଏବଂ ଚନ୍ଦ୍ରର ସମ୍ପର୍କ ଏକ ଗଭୀର ସଂଯୋଗର ବୋଧ କରେଇଥାଏ। ଯେତେବେଳେ ଶ୍ରଦ୍ଧା ବିଚ୍ଛିନ୍ନ ହୋଇଯାଏ, ସେତେବେଳେ ପରାକ୍ରମ ଆରମ୍ଭ ହୋଇଥାଏ। ଆଉ ଲୋଭ ମନୁଷ୍ୟକୁ ପ୍ରକୃତି ପ୍ରତି ଅସମ୍ବେଦନଶୀଳ କରିଦିଏ। ଯେତେବେଳେ ଜଣେ ଲୋଭର ବଶବର୍ତ୍ତୀ ହୁଏ, ସେତେବେଳେ କ୍ଷଣିକ ଲାଭ ପାଇଁ ତା' ପକ୍ଷରେ ପରିବେଶର ଯତ୍ନ , ସଂରକ୍ଷଣ ପଛ ହୋଇଯାଏ। ଲୋଭଗ୍ରସ୍ତ ମନ ପୃଥିବୀ ତଥା ସ୍ୱୟଂ ଜୀବନ ସହ ସଂଯୋଗକୁ ହରେଇଦିଏ। ତେଣୁ ଆମକୁ ସ୍ୱୟଂକୁ ନିରୀକ୍ଷଣ କରିବାକୁ ହେବ। ହିଂସାତ୍ମକ ଏବଂ ଉତ୍ତେଜନାପୂର୍ଣ୍ଣ ସମାଜରେ ସ୍ଥାୟୀ ବିକାଶ ଅସମ୍ଭବ। ଉତ୍ତେଜନା, ମାନସିକ ଚିନ୍ତାଗ୍ରସ୍ତ, ପ୍ରତିକୂଳ ପ୍ରଭାବପୂର୍ଣ୍ଣ ମନ ପ୍ରକୃତିର ଯତ୍ନ ନେବା ଅସମ୍ଭବ। କିନ୍ତୁ ଶାନ୍ତି, ତୃପ୍ତିପୂର୍ଣ୍ଣ ହୃଦୟ ପ୍ରକୃତ ଭାବେ ପ୍ରକୃତିର ଯତ୍ନନେବାକୁ ଆଗଭର ହେବ।

ଆଜି ଆମକୁ ଏହି ଶ୍ରଦ୍ଧାକୁ ପୁନର୍ଜୀବିତ କରିବାକୁ ହେବ। ଯେତେବେଳେ ଏକ ନଦୀକୁ ପବିତ୍ର, ଦିବ୍ୟତା ଭାବେ ଦେଖିବ, ସେତେବେଳେ ତାହାକୁ ପ୍ରଦୂଷିତ କରିପାରିବନି, ବୃକ୍ଷରେ ଦିବ୍ୟତା ଦେଖିଲେ ତାକୁ କ୍ଷତି ପହଞ୍ଚେଇ ପାରିବନି। ଯାହା ତମେ ପବିତ୍ର ଦେଖିବ, ନିଜ ଜୀବନ ସହ ତାକୁ ରକ୍ଷା କରିବ। ଯେତେବେଳେ କିଛି ତୁମ ପାଇଁ ପବିତ୍ର ହୋଇଥିବ, ତୁମେ ତାକୁ ସଜାଗତାର ସହ ନିଜ ପାଖରେ ଧରି ରଖିବ। ଏହି ସଜାଗତାର ଅଭାବ, ବିକାଶ ଲାଗି ସୂକ୍ଷ୍ମ ଦର୍ଶନ ଯୋଗୁ ପ୍ରବଳ ବନ ନାଶନ ହୋଇ ଚାଲିଛି। କିନ୍ତୁ ବୃକ୍ଷଙ୍କୁ କ୍ଷତି ପହଞ୍ଚେଇବା ଅର୍ଥ ଆମକୁ ଅଣନିଃଶ୍ୱାସୀ କରିବା। ତେଣୁ ଆମେ ସବୁଆଡ଼େ ଅଧିକ ବୃକ୍ଷରୋପଣ ଲାଗି ଉତ୍ସାହିତ କରୁଛୁ। ଆମର ସ୍ୱୟଂସେବକମାନେ ସାରା ପୃଥିବୀରେ ୧୦୦ ନିୟୁତ ବୃକ୍ଷରୋପଣ କରି ସାରିଛନ୍ତି। କେଉଁଠାରେ ଗଛ କଟା ହେଲେ ତା' ବଦଳରେ ପାଞ୍ଚଟା ବୃକ୍ଷରୋପଣ ହେବ। ପ୍ରକୃତିରୁ ପୋଷଣୀୟ ସହାବସ୍ଥାନ ବିଷୟରେ ଆମକୁ ଅନେକ ଶିଖିବାର ଅଛି। ଜଙ୍ଗଲରେ କିଛି ନଷ୍ଟ ହୁଏ ନାହିଁ, ସବୁ ଜିନିଷ ମୂଳବସ୍ତୁରେ ପରିବର୍ତ୍ତନ, ପୁନଃ ବ୍ୟବହାର୍ଯ୍ୟ ଓ ପୁନଃ ସୃଷ୍ଟି ହୋଇଥାଏ। ଏପରି କି ଶିକାର ଏବଂ ଶିକାରୀ ମଧ୍ୟରେ ତାରତମ୍ୟ ଦେଖାଯାଇଥାଏ। ଜିଆ ଏହାର ଏକ ପ୍ରକୃଷ୍ଟ ଉଦାହରଣ, ପ୍ରକୃତି କିପରି ନଷ୍ଟ କରିବା ଜିନିଷକୁ ପୁନଃ ବ୍ୟବହାର୍ଯ୍ୟ କରି ଆମକୁ ଜୀବନ ସମ୍ଭାଳିବା ଯୋଗ୍ୟ କରି ଫେରେଇ ଦେଇଥାଏ।



ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ପ୍ଲାଷ୍ଟିକ ପ୍ରଦୂଷଣ ରୋକିବା ସଂକ୍ରାନ୍ତ ସଚେତନତା ବାର୍ତ୍ତା ନେଇ ବୁଧବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ସାହିତ୍ୟିକଙ୍କ ପରଲୋକ

ଭଣ୍ଡାରିପୋଖରୀ,୪।୬(ରାଜେନ୍ଦ୍ର ଶତପଥି)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ୍ ମଞ୍ଜୁରୀ ଗ୍ରାମର ବିଶିଷ୍ଟ ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବାମନ ଚରଣ ଜେନା (୮୭)ଙ୍କ ବୁଧବାର ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ପ୍ରଦୀପ, ପ୍ରଫୁଲ୍ଲ, ବୋହୂ, କନ୍ୟା, ନାତିନାତୁଣୀ ଉପସ୍ଥିତ ଥିଲେ।


ବାମନଚରଣ ଜେନା

ବ୍ଲକ୍ ଅଧ୍ୟକ୍ଷ। ସୁମତୀ ସେଠୀ, ସରପଞ୍ଚ ସୁଜାତା ସାହୁ, ହିମାସାରମନା ସାହିତ୍ୟ ପରିଷଦ ସଭାପତି ହରେକୃଷ୍ଣ ପାଣିଗ୍ରାହୀ, ସମ୍ପାଦକ ଦାମୋଦର ନାୟକ, ପ୍ରାଣକୃଷ୍ଣ ସାହୁ, ଶିକ୍ଷକ ମହେନ୍ଦ୍ର ମଲ୍ଲିକ ପ୍ରମୁଖ ଅନ୍ତିମ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ପରେ ଅନ୍ତିମ ସଂସ୍କାର ପାଇଁ ଜନ୍ମସ୍ଥାନ ଯାଜପୁର ଜିଲା ହରିପୁର ଅଭିମନ୍ୟୁ ବାଲିଆକୁ ନିଆଯାଇଥିଲା। ସ୍ୱର୍ଗତ ଜେନାଙ୍କ ରଚିତ 'ଇତିବୃତ୍ତି', 'ମୋ ଦେଶ, ମୋ କଥା', 'ବିଧୁର ବସନ୍ତ', 'ବେଶ୍ୟାର ସତୀତ୍ୱ', 'ପ୍ରୀତି ପୁରବୀ', 'ବର୍ଣ୍ଣାଳୀ' ଆଦି ପୁସ୍ତକ ପାଠକୀୟ ଆଦୃତି ଲାଭ କରିଥିଲା।

# ନୂଆରୂପରେ ଝଲସିବ ଗୋହିରାଟିକିରି

## ନିର୍ମାଣ ହେବ ମୁକୁନ୍ଦଦେବଙ୍କ ପ୍ରତିମୂର୍ତ୍ତି, ସଂଗ୍ରହାଳୟ

ଧାମନଗର,୪।୬ (ସନ୍ତୋଷ କୁମାର ମହାପାତ୍ର/ ଦେବେନ୍ଦ୍ର ଆନ୍ଦିଆ)

ନୂଆରୂପରେ ଝଲସିବ ଭଦ୍ରକ ଜିଲା ଧାମନଗର ଅଞ୍ଚଳରେ ଥିବା ଗୋହିରାଟିକିରି ପୀଠ। ଗତ ଫେବୃଆରି ମାସରେ ଧାମନଗର ମହୋତ୍ସବ ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଧାମନଗର ବ୍ଲକ୍ ମୁସ୍ତାଫପୁର ପଞ୍ଚାୟତ ଗୋହିରାଟିକିରି ପୀଠର ଉନ୍ନତିକରଣ ପାଇଁ ଘୋଷଣା କରିଥିଲେ। ଗତ ସୋମବାର ମୁଖ୍ୟମନ୍ତ୍ରୀ ଗୋହିରାଟିକିରି ପୀଠରେ ମୁକୁନ୍ଦଦେବ ସ୍ମାରକୀ ପାର୍କ ଓ ସୁବିଧା କେନ୍ଦ୍ରର ଶିଳାନ୍ୟାସ କରିବା ସହ ଏହିସବୁ ପ୍ରକଳ୍ପ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି କହିବାପରେ ଆଶା ଉଜ୍ଜିବିତ ହୋଇଛି। ଦୀର୍ଘବର୍ଷ ଧରି ଅବହେଳିତ ହୋଇ ରହିଥିବା ପୀଠର ଉନ୍ନତିକରଣ ନିମନ୍ତେ ଶିଳାନ୍ୟାସ କରାଯାଇଥିବାରୁ ଧାମନଗର ବାସୀ ଓ ବୁଦ୍ଧିଜୀବୀ ମନ୍ତ୍ରୀ ସୂର୍ଯ୍ୟବଂଶୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

ପ୍ରକାଶ ଯେ, ଇତିହାସର ଗାରିମା ବହନ କରୁଥିବା, ବହୁ କିମ୍ବଦନ୍ତୀର ବାର୍ତ୍ତାବହ ଓ ପୁରାଣ ବର୍ଣ୍ଣିତ ଗୋହିରାଟିକିରି ଚିର ଅବହେଳିତ ହୋଇ ରହି ଆସିଥିଲା। ଶେଷ ହିନ୍ଦୁ ରାଜା ମୁକୁନ୍ଦ ଦେବଙ୍କ ସ୍ମାରକୀ ପୀଠ ଭାବେ ବିକଶିତ କରାଗଲେ ଭବିଷ୍ୟ ପିଢ଼ି ନିଜକୁ ଗର୍ବ ଅନୁଭବ କରିବେ ବୋଲି ଭଦ୍ରକ ଜିଲାପାଳ ଦିଲ୍ଲୀପ ରାଉତରାଏ ଗତ ଡିସେମ୍ବରରେ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସମର୍ଥ ବର୍ମାଙ୍କୁ ଚିଠି ଲେଖିଥିଲେ। ୧୦ କୋଟି ଟଙ୍କା ବ୍ୟୟରେ ମୁକୁନ୍ଦଦେବ ସ୍ମାରକୀ ପାର୍କ ଓ ସୁବିଧା କେନ୍ଦ୍ର କରାଯାଉଛି। ଏଥିରେ ୪ଟି ପ୍ରକଳ୍ପ ସାମିଲ ଅଛି। ଗୋହିରାଟିକିରି ପର୍ଯ୍ୟଟନସ୍ଥଳୀର ପ୍ରବେଶ ଦ୍ୱାରରେ ସୁଦୃଶ୍ୟ ତୋରଣ ଓ ସୁରକ୍ଷା ପ୍ରାଚିର କରାଯିବ। ପ୍ରାୟ ୧ କୋଟି ଟଙ୍କା ବ୍ୟୟରେ ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ଭବ୍ୟ ପ୍ରତିମୂର୍ତ୍ତି ନିର୍ମାଣ ହେବ। ପ୍ରତିମୂର୍ତ୍ତି ନିକଟରେ ସ୍ମାର୍ଟ ପାର୍କ ସହ ସଂଗ୍ରହାଳୟ ଏବଂ ପାର୍କିଂ ୟାର୍ଡ ନିର୍ମାଣ ହେବ। ଗତ ୨୮ ନଭେମ୍ବର ୨୦୧୬ରେ ରାଜ୍ୟ ସରକାର ଗୋହିରାଟିକିରିକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେଇଥିଲେ। ହେଲେ ଘୋଷଣାର ୮ ବର୍ଷ ପରେ ବି ସେମିତି କିଛି ଆଖି ଦୃଶିଆ ବିକାଶ ହୋଇ ନ ଥିଲା। ଦୁଇ ବର୍ଷ ପୂର୍ବରୁ କେବଳ ଗୋଟିଏ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇଛି। ପର୍ଯ୍ୟଟନସ୍ଥଳୀରେ ଲୋକ ରହିବା ପାଇଁ ସୁବିଧା ନ ଥିବା ବେଳେ ଶୌଚାଳୟ କି ପାନୀୟ ଜଳ ସୁବିଧା ନାହିଁ। ପର୍ଯ୍ୟଟନସ୍ଥଳୀକୁ ଏଯାଏ ଭଲ ରାସ୍ତା ହୋଇପାରିନାହିଁ। ବିଳମ୍ବରେ ହେଲେ ମଧ ଏହି ପର୍ଯ୍ୟଟନସ୍ଥଳୀର ବିକାଶକୁ ନେଇ ଧାମନଗରବାସୀ ଖୁସି ପ୍ରକଟ କରିଛନ୍ତି। ଅନପକ୍ଷେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପରାମର୍ଶ କ୍ରମେ ୟୁନେସ୍କୋ (ମିଳିତ ଜାତିସଂଘ ଶୈକ୍ଷିକ, ବୈଜ୍ଞାନିକ ଓ ସାଂସ୍କୃତିକ ସଂଗଠନ) ଦକ୍ଷିଣ ଏସିଆ ଆଞ୍ଚଳିକ କାର୍ଯ୍ୟାଳୟର ପର୍ଯ୍ୟବେକ୍ଷଣ ଓ ମୂଲ୍ୟାୟନ ଅଧିକାରୀ ଚିରଞ୍ଜିତ ଗାଙ୍ଗୁଲି ଭଦ୍ରକ ଜିଲା ପର୍ଯ୍ୟଟନ ଅଧିକାରୀଙ୍କ ସହ ମଙ୍ଗଳବାର ଅପରାହ୍ନରେ ଗୋହିରାଟିକିରି ଗସ୍ତ କରିଥିଲେ। ଏହାପରେ ଜିଲାପାଳଙ୍କ ସହ ଆଲୋଚନା କରି ଭୁବନେଶ୍ୱର ଫେରି ୟୁନେସ୍କୋ ଅଧିକାରୀ ସଂସ୍କୃତି ବିଭାଗର ଅଧିକାରୀଙ୍କ ସହ ଗୋହିରାଟିକିରିର ସଂରକ୍ଷଣ, ପ୍ରଚାର ପ୍ରସାର ଓ ବିକାଶ ନେଇ ଆଲୋଚନା କରିଥିଲେ।


ଗୋହିରାଟିକିରି ପୀଠରେ ୟୁନେସ୍କୋ ଅଧିକାରୀ।

# ବାଉଁଶ ଚାରରୁ ପଡ଼ି ନାବାଳକ ମୃତ

ଚାନ୍ଦବାଲି,୪।୬ (କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ୍ ଓରାସାହି ପଞ୍ଚାୟତ ନେଢୁଆଳି ଗାଁରେ ଏକ ଦୁଃଖଦ ଘଟଣା ଘଟିଯାଇଛି। ଏକ ବାଉଁଶ ଚାର ବା ପୋଲରୁ ପଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳକ ଜଣକ ହେଉଛନ୍ତି ଉକ୍ତ ଗ୍ରାମର ମଦନ ରାଉତଙ୍କ ୮ବର୍ଷର ପୁଅ ସୌମ୍ୟ ରଞ୍ଜନ। ସୂଚନା ମୁତାବକ, ବୁଧବାର ପୂର୍ବାହ୍ନ ୯ଟା ସମୟରେ ସୌମ୍ୟ ରଞ୍ଜନ ଅନ୍ୟ ୨ ଜଣ ସାଙ୍ଗଙ୍କ ସହିତ ଗାଁ ପାଖ ମାଟିଆ ମଙ୍ଗଳା ଦେଖିବାକୁ ବୈତରଣୀ ନଦୀ ଶାଖା ଜୋରର ଏକ ବାଉଁଶ ପୋଲରେ ପାର ହେଉଥିବା ଗୋଡ ଖସିଯାଇଥିଲା। ସେ ପାଣିରେ ପଡ଼ିଯାଇଥିଲେ। ସାଙ୍ଗମାନେ ଆସି ଖବର ଦେବା ପରେ ଗ୍ରାମବାସୀ ଯାଇ ଖୋଜାଖୋଜି କର କିଛି ସମୟ ପରେ ଉଦ୍ଧାର କରି ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

# ମହିଳାଙ୍କଠାରୁ ଝାମ୍ପିନେଲେ ମଙ୍ଗଳସୂତ୍ର, କାନଫୁଲ

ତିହିଡ଼ି, ୪।୬ (ସଞ୍ଜିତ ବଳ)

ଭଦ୍ରକ -ଚାନ୍ଦବାଲି ରାସ୍ତାର କୋହ୍ଲ ବଜାରଠାରୁ କିଛି ଦୂରରେ ସ୍କୁଟିନେଇ ଯାଉଥିବା ଜଣେ ମହିଳାଙ୍କଠାରୁ ଦୁର୍ବୃତ୍ତମାନେ ମଙ୍ଗଳସୂତ୍ର ଓ କାନଫୁଲ ଝାମ୍ପି ନେଇଥିବା ଅଭିଯୋଗ ହୋଇଛି। ଏହି ଲୁଟର ଶିକାର ହୋଇଥିବା ବାରସର ପଞ୍ଚାୟତ ଅଧୀନ ତିଆଡ଼ିସାହି ଗ୍ରାମର ପ୍ରଶାନ୍ତ ମହାକୁଡଙ୍କ ସ୍ତ୍ରୀ ସସ୍ମିତା ତିହିଡି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂସ୍ତ.୨୦୨/୨୫)ରୁଜୁ କରି ତଦନ୍ତ ଚଳାଇଛି। ସସ୍ମିତା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ମଙ୍ଗଳବାର ସନ୍ଧ୍ୟା ୭ଟା ସମୟରେ ସେ ତାଙ୍କ ପୁଅକୁ ସ୍କୁଟିରେ ବସାଇ ବିନ୍ଧାରେ ହେଉଥିବା ଏକ ବିବାହ ଉତ୍ସବରେ ଯୋଗଦେବାକୁ ଯାଉଥିଲେ। କୋହ୍ଲ ବଜାରଠାରୁ କିଛି ଦୂରରେ ୨ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କ ମଙ୍ଗଳସୂତ୍ର ଓ ଏକ କାନଫୁଲକୁ ଝାମ୍ପି ନେଇ ଫେରାର ହୋଇଯାଇଥିଲେ।

# ୨ ଟ୍ରକ୍ ମୁହାଁମୁହିଁ, ଚାଳକ ମୃତ

ବାସୁଦେବପୁର,୪।୬(ନାରାୟଣ ପ୍ରସାଦ ବାରିକ/କାଳୀପଦ ରାୟ)

ବାସୁଦେବପୁର-ଧାମରା ରାସ୍ତାର ପାରାପୋଖରୀ ଛକଠାରେ ବୁଧବାର ଅପରାହ୍ନ ୫ଟାରେ ଏକ ଆଇରନ ବୋଝେଇ ଟ୍ରକ ଓ ଗୋଟିଏ କୋଇଲା ବୋଝେଇ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ଆଇରନ ବୋଝେଇ ଟ୍ରକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକ ବିହାର ତବଲଦାର ତାନା ବେଲହାର ଗ୍ରାମର ସଞ୍ଜୟ କୁମାର ଯାଦବ (୩୮)। କୋଇଲା ବୋଝେଇ ଟ୍ରକ୍‌ର ଚାଳକ କେନ୍ଦ୍ରାପଡ଼ା ଜିଲା ତାଳଚୁଆ ଗ୍ରାମର ବିଜୟ କୁମାର ସାମନ୍ତରାୟ (୩୫)ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ବାସୁଦେବପୁର ଓ ପରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଛନ୍ତି। ଆଇରନ ଟ୍ରକ୍ ଧାମରା ଯାଉଥିବା ବେଳେ କୋଇଲା ଟ୍ରକ୍ ବିପରୀତ ଦିଗରୁ ଆସୁଥିଲା। ବେପରୁଆ ଗାଡ଼ି ଚାଳନା କାରଣରୁ ଦୁର୍ଘଟଣା ଘଟିଥିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ୧୪୪ ଅଭିଯୋଗର ଶୁଣାଣି


ଜିଲାପାଳ ଦିଲ୍ଲୀପ ରାଉତରାଏ ଅଭିଯୋଗ ଶୁଣାଣି କରୁଛନ୍ତି।

ଭଦ୍ରକ,୪।୬ (ସନାତନ ରାଉତ/ ରବିନାରାୟଣ ଖିଲାର)

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟରେ ବୁଧବାର ସକାଳ ୭ଟାରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୧୪୪ ଆବେଦନ ପତ୍ର ଦାଖଲ ହୋଇଥିଲା। ସେଥି ମଧ୍ୟରୁ ୧୧୩ ବ୍ୟକ୍ତିଗତ ଥିବା ବେଳେ ୨୩ଟି ସାମୁହିକ ଥିଲା। ଜିଲାପାଳ ଦିଲ୍ଲୀପ ରାଉତରାଏଙ୍କ ସହିତ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅରୁପ ଅଭିଷେକ ବେହେରା, ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ପ୍ରଜ୍ଞା ହୋତା, ସାଗରିକା ସାହୁ, ଜ୍ଞାନରଞ୍ଜନ ସାହୁ, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ, ତହସିଲଦାର ଓ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗ ପତ୍ରକୁ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଜିଲା ରେଡ୍‌କ୍ରସ ପାଣ୍ଠିରୁ ୬ ଜଣଙ୍କୁ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ଅନୁଦାନ ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# ଧାମରା ବସ୍‌ଷ୍ଟାଣ୍ଡ ଉଦ୍‌ଘାଟିତ



ଧାମରା ବସ୍‌ଷ୍ଟାଣ୍ଡ।

ଚାନ୍ଦବାଲି,୪।୬ (କିଷାନ ପାତ୍ର)

ବର୍ଷେ ପୂର୍ବରୁ ନିର୍ମାଣ ସରିଥିବା ଧାମରା ବସ୍‌ଷ୍ଟାଣ୍ଡ ଉଦ୍‌ଘାଟିତ ହୋଇଛି। ମଙ୍ଗଳବାର ଅପରାହ୍ନ ୫ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭର୍ଚୁଆଲ ମୋଡ୍‌ରେ ଏହାକୁ ଉଦ୍‌ଘାଟନ କରିଥିଲେ। ଏନେଇ ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ଭବତୋଷ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ସମୟରେ ଏକ ଉତ୍ସବର ଆୟୋଜନ କରାଯାଇଥିଲା। ଶତାଧିକ ଲୋକ ଏକତ୍ରିତ ହୋଇଥିଲେ। କିନ୍ତୁ ସଭା କାର୍ଯ୍ୟ ବିଳମ୍ବ ହେବାରୁ ଅସନ୍ତୋଷ ଦେଖା ଦେଇଥିଲା। ଧାମରା ଥାନା ଓ ଧାମରା ସାମୁଦ୍ରିକ ଥାନା ପକ୍ଷରୁ ପୋଲିସ ମୁତୟନ ରହିଥିଲେ।

ପ୍ରକାଶ ଥାଉ କି, ଧାମରାରେ ଏକ ମଡେଲ ବସଷ୍ଟାଣ୍ଡର ପରିକଳ୍ପନା ନେଇ ୨୦୨୦ ଅକ୍ଟୋବର ୧୪ରେ ରାଜ୍ୟ ସରକାର ଦକ୍ଷିଣ ଧାମରା ମୌଜାର ଖାତା ନଂ. ୬୦ ପ୍ଲଟ ନଂ. ୩୩୪ ଓ ୩୩୬ରେ ଥିବା ୨ ଏକର ସରକାରୀ ଜମିକୁ ରାଜ୍ୟ ସଡ଼କ ଓ ପରିବହନ ବିଭାଗକୁ ହସ୍ତାନ୍ତର କରିଥିଲେ। ୨୦୨୧ ନଭେମ୍ବର ୩୦ ତାରିଖରେ ୬୯ ଜଣ ଛୋଟବଡ଼ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇଥିଲା। ୯କୋଟି ଟଙ୍କାରେ ଏହି ମଡେଲ ବସଷ୍ଟାଣ୍ଡ ନିର୍ମାଣ ହୋଇଛି।

# ୭ରେ ପାଳନ ହେବ ଇଦ୍-ଉଲ୍-ଜୁହା

ଭଦ୍ରକ,୪।୬ (ସନାତନ ରାଉତ)

ଇଦ୍ ଉଲ୍ ଜୁହା ପର୍ବ ପାଳନ ନେଇ ଭଦ୍ରକ ମୁସଲିମ ଜମାତ ପକ୍ଷରୁ ଏକ ବୈଠକ ପୁରୁଣା ବଜାରସ୍ଥିତ ମଦିନା ମଇଦାନଠାରେ ଜମାତର ଉପ ସଭାପତି ମହମ୍ମଦ ଜକାଉଲ୍ଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ର ଦର୍ଶନର ପ୍ରମାଣ ପାଇଲା ପରେ ଆସନ୍ତା ୭ ତାରିଖରେ ପବିତ୍ର ଇଦ-ଉଲ-ଜୁହା ପର୍ବ ପାଳନ ହେବ ବୋଲି ବୈଠକରେ ସିଦ୍ଧାନ୍ତ ହୋଇଛି। ପୁରୁଣା ବଜାରସ୍ଥିତ ଜାମା ମସଜିଦରେ ସକାଳ ୮ଟା୧୫ ଓ ଇଦଗାହଠାରେ ସକାଳ ୮ଟା ୩୦ରେ ସମୂହ ନମାଜ ପାଠ ହେବ। ଅନ୍ୟ ସମସ୍ତ ମସଜିଦରେ ସକାଳ ୭ଟାରୁ ୯ଟା ମଧ୍ୟରେ ନମାଜ ପାଠ ସରିବ ବୋଲି ସିଦ୍ଧାନ୍ତ କରାଯାଇଛି। ଇସଲାମ ଧର୍ମର ଶେଷ ମାସ ଇଦ୍-ଉଲ୍-ଜୁହା ପର୍ବ ତ୍ୟାଗ, ବଳିଦାନ, ଦାନ ଓ ଖୁସିର ପର୍ବ ଅଟେ। ଜମାତର ସାଧାରଣ ସମ୍ପାଦକ ହାଜି ଶେଖ ଏନାମ ମହମ୍ମଦ, ସମ୍ପାଦକ ହାଜି ଅବଦୁଲ ମୁକିତ ଖାନ, ହାଜି ଅନୱାର ହୋସେନ, ହାଜି କାସିମ ଖାନ, ମିର୍ଜା ଏକ୍ରାମ ବେଗ, ଅସରଫ ଅଲି ଖାନ, ଜମିଲ ଅଖତର ଖାନ, ଇଂ ରେଜାଏ ରସୁଲ, ଇଂ. ହବିବୁଲ୍ଲା ଖାନ, ମାଷ୍ଟର ମୁସ୍ତାକ ଗୌହର ଓ ମିଡ଼ିଆ ସେଲ ସଂଯୋଜକ ଶେଖ ଅନୱର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଜୁନ ୭ରୁ୯ ତାରିଖ ତିନିଦିନ ପର୍ଯ୍ୟନ୍ତ ପର୍ବ ପାଳନ ହେବ।


ଇଦ୍‌ଗାହ।

# କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଧୂଷୁରୀ,୪।୬(ଦୀପ୍ତି ରଞ୍ଜନ ନାୟକ)

ଧାମନଗର ବ୍ଲକ ଶହୀଦନଗର ଠାରେ ଶହୀଦ ସ୍ମୃତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ବର୍ଷ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ବୁଧବାର ସକାଳ ୯ଟାରେ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ତିଳୋତ୍ତମା ଦାଶ ଅଧକ୍ଷତା କରିଥିଲେ। ସଭାରେ ଅଧାପକ ମୃତ୍ୟୁଞ୍ଜୟ ମଣ୍ଡଳ, ଅଧାପକ ପ୍ରଦ୍ୟୁମ୍ନ କୁମାର ପଣ୍ଡା, ଡ. ମୁରଲୀଧର ଶତପଥୀ, ରବୀନ୍ଦ୍ର କୁମାର ମହାପାତ୍ର, ଉମାକାନ୍ତ ମଲିକ, ବସନ୍ତ କୁମାର ବେହେରା,ରାଜେନ୍ଦ୍ର କୁମାର ପଟ୍ଟନାୟକ, ଅଧାପିକା ଅର୍ପିତା ବେହେରା, ମଧୁସ୍ମିତା ସାହୁ, ରୁକିୟା କାଦ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀ ମଧୁସ୍ମିତା ତ୍ରିପାଠୀ ସର୍ବାଧିକ ୫୦୪ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ଛାତ୍ର ଗୌରବ ସମ୍ମାନରେ ସମ୍ମାନିତ କରା ଯାଇଥିଲା। ଏହି ଅବସରରେ ଛାତ୍ରୀ ଶ୍ରୀମା ସାହୁ, ଲିଜାରାଣୀ ଜେନା, ସ୍ୱାଗତିକା ବେହେରା, ମାଧବୀ ନାୟକ, ରଶ୍ମୀ ରଞ୍ଜିତା ସାହୁ, ଶରଧା ମଲିକ, ସୁଚିସ୍ମିତା ପାଢୀ, ଇତିଶ୍ରୀ ମଞ୍ଜରୀ ନାଥ, ସୁନିତା ମୁଦୁଲିଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ବିଦ୍ୟାଳୟର କିରାଣି ବ୍ରହ୍ମାନନ୍ଦ ଖଟୁଆ, ଅଜୟ କୁମାର ନାୟକ, ସୁବୋଧ ସାହୁ, ଚତୁର୍ଥ ଶ୍ରେଣୀ କର୍ମଚାରୀ କୃଷ୍ଣଚନ୍ଦ୍ର ବାରିକ, ସଚ୍ଚିକାନ୍ତ ପାଢୀ, ବିଜୟ କୁମାର ସାହୁ, ବିଦ୍ୟାଧର ସେଠୀ ପ୍ରମୁଖ ମଧ କୃତୀ ଛାତ୍ରୀଛାତ୍ରଙ୍କ ସଫଳତା କାମନା କରିଥିଲେ।

# ଦୁର୍ଘଟଣାରେ ୨ ଗୁରୁତର

ବନ୍ତ,୪।୬ (ହରି ନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ବନ୍ତ-ବାରିକପୁର ରାସ୍ତାର ଖମଣ ପୋଲ ଟର୍ଣ୍ଣିଂ ପଏଣ୍ଟଠାରେ ବୁଧବାର ମଧ୍ୟାହ୍ନ ସମୟରେ ବାଇକ୍ ଦୁର୍ଘଟଣାରେ ୨ ଜଣ ଗୁରୁତର ହୋଇଛନ୍ତି। ବନ୍ତ-ବାରିକପୁର ରାସ୍ତାର ନିଳୋକ ପାର୍ଶ୍ୱରୁ ଏକ ସ୍କୁଟି ଯୋଗେ ଦୁଇ ଯୁବକ ବନ୍ତ ଅଭିମୁଖେ ଯାଉଥିଲେ। ଖମଣ ପୋଲ ଟର୍ଣ୍ଣିଂ ପଏଣ୍ଟ ଠାରେ ଭାରସାମ୍ୟ ହରାଇ ସ୍କୁଟିଟି ଦୁର୍ଘଟଣା ଗ୍ରସ୍ତ ହେବାରୁ ସେଥିରେ ଚାଳକ ଓ ଆରୋହୀ ଗୁରୁତର ଆହତ ହୋଇଥିଲେ। ରାସ୍ତାରେ ଯାଉଥିବା ଲୋକେ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ମାତ୍ର ଆମ୍ବୁଲାନ୍ସ ଆସିବାର ବିଳମ୍ବ ହେବାରୁ ଅନ୍ୟ ଏକ ଗାଡି ଯୋଗେ ଦୁଇ ଜଣଙ୍କୁ ପ୍ରଥମେ ବନ୍ତ ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଯୁବ ଆଇନ୍‌ଜୀବୀଙ୍କ ବିୟୋଗରେ ଶୋକ

ଧାମନଗର,୪।୬ (ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲାର ଯୁବ ଆଇନ୍‌ଜୀବୀ ପ୍ରେମଜିତ୍ ମହାପାତ୍ରଙ୍କ ମୃତ୍ୟୁରେ ଧାମନଗର ଓକିଲ ସଂଘ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଅଶୋକ ଦାସଙ୍କ ସଭାପତିତ୍ୱରେ ସାଧାରଣ ସମ୍ପାଦକ ରଞ୍ଜିତ କୁମାର ମହାନ୍ତି, ପୂର୍ବତନ ସାଧାରଣ ସମ୍ପାଦକ ଅମରେନ୍ଦ୍ର ମହାନ୍ତି, ଅବିରାମ ମହାନ୍ତି, ଆଇନଜୀବୀ ମୀନତି ମଲ୍ଲିକ, ଗୋପାଳ ବାରିକ, ବ୍ରହ୍ମାନନ୍ଦ ଜେନା, ସନ୍ତୋଷ ତ୍ରିପାଠୀ, ପର୍ଶୁରାମ ମହାପାତ୍ର, ରାମଚନ୍ଦ୍ର ରାଉତ, ଲକ୍ଷ୍ମୀନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଆଇନଜୀବୀ ପରିଷଦରୁ ପରିବାରକୁ ମୃତ୍ୟୁ କାଳୀନ ପ୍ରୋତ୍ସାହନ ରାଶି ମିଳି ପାରିବ ସେ ନେଇ ରାଜ୍ୟ ଆଇନଜୀବୀ ପରିଷଦକୁ ସଂଘର ସମ୍ପାଦକ ରଞ୍ଜିତ କୁମାର ମହାନ୍ତି ରାଜ୍ୟ ଆଇନ୍‌ଜୀବୀ ପରିଷଦର ଉପାଧକ୍ଷ ରାଜୀବ କୁମାର ମହାନ୍ତିଙ୍କୁ ଅବଗତ କରାଇଥିଲେ।

# ଉନ୍ନତ ଜ୍ଞାନ କୌଶଳରେ ଚାଷ ପାଇଁ ପରାମର୍ଶ

## ବିକଶିତ କୃଷି ସଂକଳ୍ପ ଅଭିଯାନ

ତିହିଡ଼ି,୪।୬ (ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡି କୃଷି ପରାମର୍ଶ କେନ୍ଦ୍ର ପକ୍ଷରୁ ବୁଧବାର ଅପରାହ୍ନ ୫ଟାରେ ତିହିଡି ବ୍ଲକ୍ ଅଧୀନ ବାମନବିନ୍ଧାରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ କୃଷି ଅଧିକାରୀ ଅମର ପ୍ରସାଦ ସାହୁଙ୍କ ସଞ୍ଚାଳନରେ ମୁଖ୍ୟ ଅତିଥିଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ ଦ୍ୱିଜବର ସେଠୀ ଯୋଗଦେଇ ଉନ୍ନତ ଜ୍ଞାନ କୌଶଳରେ ବିଭିନ୍ନ ଚାଷ କରିବାକୁ ପରାମର୍ଶ ଦେଇଥିଲେ। ବରେଣ୍ୟ ଅତିଥିଭାବେ ଭାରତୀୟ ଅନୁସନ୍ଧାନ ପରିଷଦର ବୈଜ୍ଞାନିକ ଡ. ରାଜଲକ୍ଷ୍ମୀ ବେହେରା, ରାଣୀତାଲ କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ବିଜୟଲକ୍ଷ୍ମୀ ମହାନ୍ତି ଓ ଡ. ବିଜୟଲକ୍ଷ୍ମୀ ରାଉତ, ବରିଷ୍ଠ ଗବେଷିକା ଭାନୁମତି ଧିନ୍ଦା, ସରପଞ୍ଚଙ୍କ ପ୍ରତିନିଧି ଖାରବେଳ ମହାକୁଡ଼ ପ୍ରମୁଖ ଯୋଗଦେଇ କୃଷିର ଉନ୍ନତି ହେଲେ କୃଷକଙ୍କ ଆର୍ଥିକ ଅବସ୍ଥା ସୁଦୃଢ଼ ହେବ ବୋଲି କହିଥିଲେ। ଏହି ଅବସରରେ ଯୋଗ ଦେଇଥିବା ଚାଷୀଙ୍କ ସହ ବୈଜ୍ଞାନିକଙ୍କ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମ୍ୟ କୃଷି କର୍ମଚାରୀ ବିଦ୍ୟାଧର ବେହେରା, ମୃତ୍ତିକା ସଂରକ୍ଷଣ ଅଧିକାରୀ ଜିତେନ କୁମାର ମହାପାତ୍ର, କୃଷକ ସାଥୀ ଚକ୍ରଧର ଜେନା ଓ ମଣ୍ଟୁ ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମରେ ଅତିଥିମାନେ।

# ଭାଗନେଲେ ୧୫ ଏସ୍‌ଏଚ୍‌ଜି

## ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ବନ୍ତ, ୪।୬ (ହରି ନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ ପରିସରରେ ଓଡ଼ିଶା ଜୀବିକା ମିଶନ ଆନୁକୂଲ୍ୟରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫ ସ୍ୱୟଂ ସହାୟକ ଗୋଷ୍ଠୀର ୪୫ ମହିଳା ଭାଗ ନେଇଥିଲେ। ଏହି ଖାଦ୍ୟ ପ୍ରତିଯୋଗିତାରେ ପାରମ୍ପରିକ ଏଣ୍ଡୁରି ପିଠା, ପୋଡ ପିଠା, ରସାବଳୀ, ଚୂଡା ଘସା, ଉପମା, ପୋଡ ଆଦି ବିଭିନ୍ନ ଖାଦ୍ୟ ପ୍ରଦର୍ଶିତ ହୋଇଥିଲା। ଭାରପ୍ରାପ୍ତ ଏବିଡିଓ ଦେବୀ ପ୍ରସାଦ ଜେନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡେଇ ଯୋଗଦେଇ ମହିଳାମାନେ ସ୍ୱାବଲମ୍ବୀ ହେବା ନେଇ ମତବ୍ୟକ୍ତ କରିଥିଲେ। ବିଡିଓ ସୀତାକାନ୍ତ ରାଉତ, ଅତିରିକ୍ତ ତହସିଲଦାର ପ୍ରସନ୍ନ ମହାନ୍ତି, ସିଡିପିଓ ଆଲାଦି ମାରାଣ୍ଡି ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ଖାଦ୍ୟ ସାମଗ୍ରୀଗୁଡ଼ିକର ମୂଲ୍ୟାୟନ କରିଥିଲେ। ଏହି ପ୍ରତିଯୋଗିତାରେ ବନ୍ତ ପଞ୍ଚାୟତର ଓମ୍ ମାଆ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ ହୋଇଥିବା ବେଳେ ଓଡଙ୍ଗ ପଞ୍ଚାୟତର ମାତୃଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ୨ୟ ସ୍ଥାନ ଅଧିକାର କରି ଜିଲା ସ୍ତରକୁ ମନୋନୀତ ହୋଇଥିଲା। ଓଡ଼ିଶା ଜୀବିକା ମିଶନର ବ୍ଲକ ପ୍ରକଳ୍ପ ପରିଚାଳକ ଦୁର୍ଗା ପ୍ରସାଦ ଦାଶ ଏବଂ ବ୍ଲକ ପ୍ରକଳ୍ପ ସଂଯୋଜକ ସୁବ୍ରତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରଶ୍ମିତା ପଣ୍ଡା, ଲିପ୍ସା ପାଣିଗ୍ରାହୀ, ସଞ୍ଜୁଲତା ନାୟକ ସହଯୋଗ କରିଥିଲେ।



ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ଉପସ୍ଥିତ ଅଧିକାରୀ ଓ ମହିଳାମାନେ।







**ସଂକ୍ଷେପରେ**

## ବସ୍ତା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ, ୩ ଗିରଫ

ବସ୍ତା, ୪ା୬(ହରିଶଙ୍କର ପାଢ଼ୀ)

ବାଲେଶ୍ୱର ଜିଲା ବସ୍ତା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୯୦ ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଅବକାରୀ ବିଭାଗର ଓଆଇସି ଗଙ୍ଗାମଣି ହେମ୍ବ୍ରମଙ୍କ ତତ୍ତ୍ୱାବଧାନରେ ବସ୍ତା ଥାନା ଦରଡ଼ା, ହଳଦିଆପଡ଼ା, ପଥୁରିଆ ଗ୍ରାମରେ ଚଢ଼ାଉ କରାଯାଇ ବେଆଇନ ଦେଶୀ ମଦ ଜବତ ସହିତ ଆରତୀ ରାମ (୪୩), ଦିଲୀପ କୁମାର ରାମ (୩୮), ଲାଲ ମୁର୍ମୁ (୨୭)ଙ୍କ ନାମରେ ପୃଥକ୍ ଭାବେ ୩ଟି ମାମଲା ରୁଜୁ କରି ବେଆଇନ ମଦ ବେପାରୀଙ୍କୁ ଅବକାରୀ ପୋଲିସ କୋର୍ଟଚାଲାଣ କରିଛି।

# ବେଳାଭୂମି ହୋଟେଲରେ ସେକ୍ସ ର୍ୟାକେଟ ଠାବ

ଭୋଗରାଇ, ୪ା୬(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ବେଳାଭୂମିରେ ଥିବା ଏକ ହୋଟେଲରୁ ମଙ୍ଗଳବାର ରାତି ପ୍ରାୟ ଗୋଟାଏ ବେଳେ ୧୦ଜଣ ଦେହଜୀବୀଙ୍କ ସହିତ ହୋଟେଲ ମ୍ୟାନେଜର, ୩ କର୍ମଚାରୀ ଓ ୩ ଗ୍ରାହକଙ୍କୁ ପୋଲିସ ଗିରଫ କରିଛି। ଏନେଇ ବିଭିନ୍ନ ଦଫାରେ ମାମଲା(ନଂ.୪୯/୨୫) ରୁଜୁ କରାଯିବା ସହ ବୁଧବାର ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ହେବାରୁ ୭ ଜଣଙ୍କୁ ବିଚାର ବିଭାଗୀୟ ହାଜତ ଓ ୧୦ଜଣ ଦେହଜୀବୀଙ୍କୁ ବାଲେଶ୍ୱର ସୁଧାରଗୃହକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଦୀର୍ଘଦିନ ଧରି ତାଳସାରୀ, ଉଦୟପୁର ବେଳାଭୂମି ଓ ସାହାବାଜିପୁର ଗାଁରେ ସେକ୍ସ ର୍ୟାକେଟ ଚାଲିଆସୁଥିବା ଅଭିଯୋଗ ହୋଇଆସୁଥିଲା। ଏଭଳି ସ୍ଥିତିରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱରରୁ ୩ ପୋଲିସ ଅଧିକାରୀ ଓ ତାଳସାରୀ ମେରାଇନ୍ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନଙ୍କ ନେତୃତ୍ୱରେ ବେଳାଭୂମିରେ ଥିବା ଉକ୍ତ ହୋଟେଲରେ ରାତିଅଧିଆ ଚଢ଼ାଉ କରାଯାଇଥିଲା। ଅସଂଯତ ଅବସ୍ଥାରେ ଥିବା ୩ ଗ୍ରାହକଙ୍କୁ କାବୁ କରାଯିବା ସହିତ ହୋଟେଲର ୪ କର୍ମଚାରୀଙ୍କୁ ଗିରଫ କରାଯାଇଥିଲା। ଗିରଫ ଗ୍ରାହକମାନେ ହେଲେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅଧୀନ ଆରୁହାବୃତ୍ତି ଗ୍ରାମର ମଳୟ କୁମାର ମାନିକ (୨୩), ମାନସ ମାନିକ(୨୧) ଓ ପଶ୍ଚିମବଙ୍ଗ ପୂର୍ବମେଦିନୀପୁର ଜିଲା ଏଗ୍ରା ଥାନା ବଡ଼ତୋଳା ଗ୍ରାମର ଗୌରହରି ସାହୁ(୨୪)। ଅନ୍ୟ ୪ ଜଣ ହୋଟେଲ କର୍ମଚାରୀଙ୍କ ଘର ପଶ୍ଚିମବଙ୍ଗ ପୂର୍ବମେଦିନୀପୁର ଜିଲା ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ବାଲେଶ୍ୱର ସାଇଣ୍ଟିଫିକ୍ ଟିମ୍ ପହଞ୍ଚି କେତେକ ଆପତ୍ତିଜନକ ସାମଗ୍ରୀ ଜବତ କରିଛି। ପୋଲିସ ଉକ୍ତ ହୋଟେଲର ରେଜିଷ୍ଟର, ସିଜର ଲିଷ୍ଟ ଜବତ କରି ପ୍ରାଥମିକ ତଦନ୍ତ ଜାରି ରଖିଥିବାବେଳେ ହୋଟେଲକୁ ସିଲ୍ କରାଯାଇଛି ।




ଗିରଫ ଅଭିଯୁକ୍ତମାନେ।

**୧୦ ଦେହଜୀବୀଙ୍କ ସମେତ ୧୭ ଗିରଫ, ହୋଟେଲ ସିଲ**

# ଔପଦାରେ ବିଜେଡି କର୍ମୀ ସମ୍ମିଳନୀ




କର୍ମୀ ସମ୍ମିଳନୀରେ ବିଜେଡି କର୍ମକର୍ତ୍ତା।

ଔପଦା, ୪ା୬(ଧରିତ୍ରୀ ପଣ୍ଡା)

ବାଲେଶ୍ୱର ଜିଲା ଔପଦା ବ୍ଲକ ତଳକିଆ ପଞ୍ଚାୟତ ଖଇରା ଗ୍ରାମର ବରିଷ୍ଠ ବିଜେଡି ନେତା ରମାକାନ୍ତ ମହାପାତ୍ରଙ୍କ ବାସଭବନରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ବାଲେଶ୍ୱର ଜିଲା ବିଜେଡି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ କର୍ମୀ ସମ୍ମିଳନୀରେ ଯୋଗଦେଇ ରାଜ୍ୟରେ ଭାଜପା ଶାସନକୁ ୧ ବର୍ଷ ପୂରିଥିବା ବେଳେ ବିରୋଧୀ ଦଳ ଭାବେ ସକ୍ରିୟ ହେବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ଦଳକୁ ସୁଦୃଢ଼ କରିବା ପାଇଁ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ପୂର୍ବତନ ବିଧାୟକ ନାୟକ ବିଜେଡି ସରକାର ନାରୀକୁ ସଶକ୍ତିକରଣ କରୁଥିବା ବେଳେ ଭାଜପା ସରକାର ନାରୀକୁ ଅସମ୍ମାନ କରୁଛନ୍ତି। ଔପଦାରେ ଚାଲିଥିବା ବିଭିନ୍ନ ଯୋଜନାରେ ଦୁର୍ନୀତିକୁ ରୋକିବା ପାଇଁ ବିଜେଡି କର୍ମୀମାନେ ସଙ୍ଗଠିତ ହୋଇ ଆଗକୁ ଆସିବା ପାଇଁ ଆହ୍ୱାନ ଦେଇଥିଲେ। ଜିଲା ବିଜେଡି ସଭାପତି ପାଣିଗ୍ରାହୀ ଭାଜପା ବିଭାଜନ କରିବାର ଦଳ କହି ଭାଷଣ ଓ ଶୋଷଣର ସରକାର ଚାଲିଥିବା ବେଳେ ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହୋଇଥିବାରୁ ସରକାରଙ୍କ ଶାସନ ଚଳାଇବା ପାଇଁ ସାମଞ୍ଜସ୍ୟ ରହୁନାହିଁ। ଖଇରା ଓ ଔପଦା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ହୋଇଥିବାରୁ ଟ୍ୱିନସିଟି ବୋଲି କହିବା ସହ ବିଜେଡି କର୍ମୀମାନଙ୍କୁ ସଚେତନ କରାଇ ଗୁରୁମନ୍ତ୍ର ଦେଇଥିଲେ। କର୍ମୀ ସମ୍ମିଳନୀରେ ବରିଷ୍ଠ ବିଜେଡି ନେତା ନିରଞ୍ଜନ ମହାନ୍ତି, ମଧୁସୂଦନ ମଲ୍ଲିକ, ଶୁଭେନ୍ଦୁ କୁମାର ପଣ୍ଡା, ଅନନ୍ତ ପ୍ରସାଦ ପଣ୍ଡା, ଗୟାଧର ସେଠୀ, ଭାସ୍କର ଖିଲାର, ଆଦିତ୍ୟ ନାରାୟଣ ବେହେରା, ଅଧିକାରୀ ପରିଡା, ପୂର୍ଣ୍ଣଚନ୍ଦ୍ର କଣୁଆଳ, ନାରୀନେତ୍ରୀ ସୁମତୀ ମହାନ୍ତି, ବାସୁଦେବ ବିଶ୍ୱାଳ ପ୍ରମୁଖ ଭାଜପା ସରକାରଙ୍କ ଶାସନ ବ୍ୟବସ୍ଥା ଉପରେ ବର୍ଷିଥିଲେ। ଔପଦା ବ୍ଲକ ଗଡ଼ସାହି ପଞ୍ଚାୟତ କୁସୁନ୍ଦାସପୁର ଗ୍ରାମର ଅବସରପ୍ରାପ୍ତ କର୍ମଚାରୀ ଦୈତାରୀ ଜେନା ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିବାରୁ ପୂର୍ବତନ ବିଧାୟକ ନାୟକ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ପୂର୍ବତନ ସରପଞ୍ଚ ଉଦୟ କୁମାର ସ ଧନ୍ୟବାଦ ଦେଇଥିଲେ।

**ଗୁରୁମନ୍ତ୍ର ଦେଲେ ବରିଷ୍ଠ ନେତା**

## ବାଇକ୍‌ର ବିକଟାଳ ଶବ୍ଦକୁ ନେଇ ଗଣ୍ଡଗୋଳ

ରେମୁଣା, ୪ା୬(ରବୀନ୍ଦ୍ର ମହାକୁଡ଼)

ବାଲେଶ୍ୱର ଜିଲା ରେମୁଣା ଥାନା ଅଞ୍ଚଳର ଏକ ଗାଁ ମଧ୍ୟଦେଇ ବାଇକ ଚଳାଇଯିବା ବେଳେ ବାଇକର ବିକଟାଳ ଶବ୍ଦକୁ ନେଇ ପ୍ରତିବାଦ ହେବାରୁ ବୁଧବାର ଉତ୍ତେଜନା ଦେଖାଦେଇଛି। ସନ୍ଧ୍ୟାରେ ଏହାର ପ୍ରତିବାଦରେ ରେମୁଣା ବଜାର ତାରିଣୀ ଛକରେ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା। ଗନିପୁର ଅଞ୍ଚଳର କେତେଜଣ ଯୁବକ ରେମୁଣା ବଜାରରୁ ଖୁସାଲିଗଞ୍ଜ ଦେଇ ଯିବାବେଳେ ରାସ୍ତାରେ ବାଇକ୍‌ର ବିକଟାଳ(ଢ଼ୋ-ଢ଼ା) ଶବ୍ଦ କରି ଯାଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଗ୍ରାମବାସୀ ପୂର୍ବରୁ ମଧ୍ୟ ଏହାର ପ୍ରତିବାଦ କରିଥିଲେ । ଅପରାହ୍ନରେ କେତେଜଣ ଯୁବକ ବାଇକ୍‌ରେ ଯାଉଥିବା ବେଳେ ପୂର୍ବପରି ଢ଼ୋ-ଢ଼ା ଶବ୍ଦ କରିଯାଉଥିଲେ। ଗ୍ରାମବାସୀ ଉକ୍ତ ଯୁବକମାନଙ୍କୁ କାହିଁକି ଏପରି ଶବ୍ଦ କରି ଯାଉଛ ବୋଲି ପଚାରିବାରୁ ସେମାନେ ସରକାରୀ ରାସ୍ତାରେ ଯାଉଛୁ କରି ଗାଳିଗୁଲଜ କରିଥିଲେ। ଗ୍ରାମବାସୀ ଉକ୍ତ ଯବକମାନଙ୍କୁ ବାନ୍ଧି ପକାଇଥିଲେ। ଗନିପୁର ଅଞ୍ଚଳରୁ କେତେଜଣ ଲୋକ ଆସି ଖୁସାଲିଗଞ୍ଜ ଗ୍ରାମବାସୀଙ୍କୁ ମାଡ଼ମାରି ଯୁବକମାନଙ୍କୁ ଛଡ଼ାଇ ନେଇଥିଲେ। ଗଣ୍ଡଗୋଳରେ ଗ୍ରାମର କିଛି ଲୋକ ଆହତ ହୋଇଛନ୍ତି। ଖୁସାଲିଗଞ୍ଜ ଗ୍ରାମବାସୀ ରେମୁଣା ବଜାର ତାରିଣୀ ଛକରେ ଟାୟାର ଜାଳି ପ୍ରତିବାଦ କରିଥିଲେ। ରେମୁଣା ଆଇଆଇସି ବିମଳ କୁମାର ନାୟକ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ସକାଶେ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ଘଟଣା ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଥିବା ଜଣାପଡ଼ିଛି।

**ଟାୟାର ଜାଳି ରାସ୍ତା ଅବରୋଧ**

# ସୀମାନ୍ତରେ ଓଡ଼ିଶା ବିରୋଧୀ ଶୋଭାଯାତ୍ରା

ଭୋଗରାଇ, ୪ା୬(ପ୍ରଦୀପ ଦାସ)

ଓଡ଼ିଶାରେ କାର୍ଯ୍ୟରତ ପଶ୍ଚିମବଙ୍ଗ ଲୋକଙ୍କୁ ବାଂଲାଦେଶୀ କହି ନିର୍ଯାତନା ଓ ଅତ୍ୟାଚାର ବନ୍ଦ ନ କଲେ ପଶ୍ଚିମବଙ୍ଗରେ ଥିବା ଓଡ଼ିଆମାନଙ୍କୁ ହାତରେ ନ ମାରି ଭାତରେ ମାରିବୁ ବୋଲି ବିସ୍ଫୋରକ ବୟାନ ଦେଇଛି ପଶ୍ଚିମବଙ୍ଗର ବାଂଲାପକ୍ଷ ସଙ୍ଗଠନ। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ପଶ୍ଚିମବଙ୍ଗ ଦୀଘା ଜଗନ୍ନାଥ ମନ୍ଦିରରୁ ମଙ୍ଗଳବାର ଉକ୍ତ ସଙ୍ଗଠନ ପକ୍ଷରୁ ଶତାଧିକ ମହିଳା ଓ ପୁରୁଷ ହାତରେ ପ୍ଲାକାର୍ଡ ଓ ଓଡିଶା ସରକାର ପ୍ରତି ବିଦ୍ୱେଷ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ଆସି ଭୋଗରାଇ ସୀମାନ୍ତରେ ପହଞ୍ଚି ଏକ ପ୍ରତିବାଦ ସଭାରେ ଗର୍ଜନ କରିଥିଲେ। ଏହି ସଙ୍ଗଠନର ନେତାମାନେ ପଶ୍ଚିମବଙ୍ଗ ଲୋକେ ଏକ ହୁଅ, ଓଡିଶାକୁ ପର୍ଯ୍ୟଟନ ଭ୍ରମଣ ବନ୍ଦ କରି ଦୀଘା, ଦାର୍ଜିଲିଂ, ପୁରୁଲିଆ ପର୍ଯ୍ୟଟନସ୍ଥଳୀ ଯିବାକୁ ଆହ୍ୱାନ ଦେଇଥିଲେ। ପଶ୍ଚିମବଙ୍ଗର ଭୂମିପୁତ୍ରଙ୍କୁ ସରକାରୀ ବା ବେସରକାରୀ ଭାବେ ସଂରକ୍ଷିତ ରଖିବାକୁ ସରକାରଙ୍କଠାରେ ଦାବି ରଖିଥିଲେ। ଦୀଘା ଏବଂ ଆଖପାଖ ସ୍ଥାନରେ କାର୍ଯ୍ୟରତ ୧୦ହଜାର ଓଡ଼ିଆମାନଙ୍କୁ ହଟାଇ ଦିଆଯାଉ ବୋଲି ନେତାମାନେ ଦାବି କରିଥିଲେ। ନିକଟରେ କୋଲକାତା ସିଆଲଦାହଠାରୁ ଉତ୍କଳ ଭବନ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରି ଓଡ଼ିଶାରେ ବଙ୍ଗ ଲୋକମାନଙ୍କୁ ନିର୍ଯାତନା ବନ୍ଦ କରାଯାଉ ବୋଲି ଓଡିଶା ସରକାରଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଥିବା ପ୍ରକାଶ କରିଥିଲେ। ଭୋଗରାଇ ସୀମାନ୍ତ ଦୀଘାରେ ଉକ୍ତ ବଙ୍ଗୀୟ ସଙ୍ଗଠନର ଓଡିଶା ପ୍ରତି ବିଦ୍ୱେଷ ବିବୃତ୍ତିକୁ ବହୁ ବୁଦ୍ଧିଜୀବୀ, ବିଭିନ୍ନ ଗଣସଙ୍ଗଠନ, ସ୍ୱାଭିମାନୀ ସଙ୍ଗଠନ ଓ ସୀମାନ୍ତବାସୀ ତୀବ୍ର ଭର୍ତ୍ସନା କରିବା ସହିତ ଓଡିଶା ଏକ ଶାନ୍ତିକାମୀ ରାଜ୍ୟ, ଏଠାରେ ବାଂଲାଦେଶ ବା ପାକିସ୍ତାନ ଭଳି ହିଂସା ବା ଅରାଜକତା ହେଉନାହିଁ ବୋଲି ପ୍ରକାଶ କରିଛନ୍ତି। ପଶ୍ଚିମବଙ୍ଗରେ ନୈରାଜ୍ୟ ଶାସନ ଚାଲିଥିବାରୁ ଓଡ଼ିଆଙ୍କ ପ୍ରତି ବିଦ୍ୱେଷ ମନୋଭାବ ରଖି ବିବୃତ୍ତି ଦେବା ସମ୍ବିଧାନ ବିରୋଧୀ ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ଏହା ଚାଲ୍ ବୋଲି ବୋଲି ଭାଜପା ନେତାମାନେ ପ୍ରକାଶ କରିଛନ୍ତି। ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଉଭୟ ରାଜ୍ୟର ଜନସାଧାରଣ ଭାଇଚାରା, ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦିଅନ୍ତୁ ବୋଲି ପ୍ରତିକ୍ରିୟାରେ ସୂଚନା ଦେଇଛନ୍ତି ।

## ଛାତ ଭୁଶୁଡ଼ି ଶ୍ରମିକଙ୍କ ମୃତ୍ୟୁ, ୨ ଗୁରୁତର



ବାହାନଗା, ୪ା୬(ଅରୂପ କୁମାର ଦାସ)

ଭୁବନେଶ୍ୱର ପୋଖରୀପୁଟଠାରେ ଥିବା ଲିଙ୍ଗରାଜ ବିହାରରେ ମଙ୍ଗଳବାର ଏକ ପୁରୁଣା ୩ ତାଲା ଘର ଭଙ୍ଗାଯାଉଥିବା ବେଳେ ଛାତ ଭୁଶୁଡ଼ି ପଡିବାରୁ ଚାପିହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକଙ୍କ ଘର ବାଲେଶ୍ୱର ଜିଲା ବାହାନଗା ବ୍ଲକ କଲ୍ୟାଣୀ ଗ୍ରାମରେ। ତାଙ୍କ ନାମ ଧରଣୀଧର ଦତ୍ତ। ଅନ୍ୟ ୨ଜଣ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି।

# ଜିଲାସ୍ତରୀୟ ବରିଷ୍ଠ ନାଗରିକ କର୍ମଶାଳା

ବାଲେଶ୍ୱର, ୪ା୬(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଜିଲାସ୍ତରୀୟ ବରିଷ୍ଠ ନାଗରିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାୟକ ଯୋଗଦେଇ ବରିଷ୍ଠ ନାଗରିକଙ୍କ ନିମନ୍ତେ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନିରଞ୍ଜନ ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କିଶୋର କୁମାର ଆଚାର୍ଯ୍ୟ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାୟକ, ଡେପୁଟି କଲେକ୍ଟର (ରାଜସ୍ୱ) ଏସ୍‌ଏସ୍ ଦାସ, ବରିଷ୍ଠ ନାଗରିକ ସଂଘ ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀ, ସମ୍ପାଦକ ଦାମୋଦର ନାୟକ ଓ ଉପଦେଷ୍ଟା ଗିରିଶ ଚନ୍ଦ୍ର ଦାଶ, ଉମାକାନ୍ତ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ୮୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ବରିଷ୍ଠ ନାଗରିକଙ୍କୁ ଗତ ଜାନୁଆରୀ ୧ରୁ ବର୍ଦ୍ଧିତ ପେନସନ୍ ପ୍ରଦାନ, ପୂର୍ବଭଳି ରେଳ ଭଡ଼ାରେ ରିହାତି, ପ୍ରସ୍ତାବିତ ବହୁମୁଖୀ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ, ଗତ ୧୯୭୫ରେ ଦେଶର ଜରୁରୀକାଳୀନ ଅବସ୍ଥା ଘୋଷଣା ବେଳେ ରାଜନୈତିକ ବନ୍ଦୀମାନଙ୍କୁ ଓଡ଼ିଶା ସରକାରଙ୍କ ଘୋଷଣା ଅନୁସାରେ ପେନସନ୍ ପ୍ରଦାନ, ଜିଲାସ୍ତରୀୟ ସମସ୍ତ କାର୍ଯ୍ୟକ୍ରମରେ ଜିଲା ବରିଷ୍ଠ ନାଗରିକ ମଞ୍ଚକୁ ସମ୍ପୃକ୍ତ କରିବା, ସରକାରୀ ଚିକିତ୍ସାଳୟମାନଙ୍କରେ ବରିଷ୍ଠ ନାଗରିକଙ୍କୁ ଅଗ୍ରାଧିକାର ଭିତ୍ତିରେ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ସଂଘ ପକ୍ଷରୁ ଦାବି ହୋଇଥିଲା। ଜିଲା ଅଧୀନ ୨୫ଟି ସଙ୍ଗଠନରୁ ୨ଶହରୁ ଊର୍ଦ୍ଧ୍ୱ ପ୍ରତିନିଧି ଏହି କର୍ମଶାଳାରେ ଯୋଗଦେଇଥିଲେ। ବରିଷ୍ଠ ନାଗରିକ ଗୌରାଙ୍ଗ ଦାସ ଧନ୍ୟବାଦ ଦେଇଥିଲେ। ଜିଲା ସାମାଜିକ ସୁରକ୍ଷା ଓ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।



କର୍ମଶାଳାରେ ଉପସ୍ଥିତ ବରିଷ୍ଠ ନାଗରିକଗଣ।

**ସରକାରୀ ଯୋଜନା ଉପରେ ଆଲୋଚନା**

## ଲଜନା ଇମାଉଲ୍ଲୀର ଜିଲାସ୍ତରୀୟ ବାର୍ଷିକ ଇଜତେମା ଉଦ୍‌ଯାପିତ

ସୋର, ୪ା୬(ଜନ୍ମେଜୟ ମିଶ୍ର)

ସୋର ଅହମଦୀୟା ମୁସଲିମ ଜମାତ୍ ଆନୁକୂଲ୍ୟରେ ଜିଲା ବାଲେଶ୍ୱର ଓ ଭଦ୍ରକ ଅହମଦୀୟା ମୁସଲିମ ମହିଳା ସଙ୍ଗଠନ ଲଜନା ଇମାଉଲ୍ଲୀର ବାର୍ଷିକ ଇଜତେମା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୨ଦିନ ଧରି ଚାଲିଥିଲା। ଏଥିରେ ଅହମଦୀୟା ମୁସଲିମ ମହିଳା ସଙ୍ଗଠନର ଦୁଇ ଆନ୍ତଃ ସଙ୍ଗଠନ ଲଜନା ଇମାଉ ଓ ନାସିରାତୁଲ ଅହମଦୀୟା ସଙ୍ଗଠନର ଅନେକ ସଦସ୍ୟା ଅଂଶଗ୍ରହଣ କରିଥିଲେ। ବାର୍ଷିକ ଇଜତେମାରେ ମହିଳାମାନଙ୍କ ମଧ୍ୟରେ ପବିତ୍ର କୋରାନ ଆବୃତ୍ତି, ଉର୍ଦ୍ଦୁ ଓ ଓଡ଼ିଆ ନଜମ ସଙ୍ଗୀତ, ବକ୍ତୃତା, କୁଇଜ ଭଳି ଧାର୍ମିକ ପ୍ରତିଯୋଗିତା ତଥା କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ଏଥିରେ ବାଲେଶ୍ୱର, ଗଡ଼ପଦା, ରାଉରକେଲା, ଯାଜପୁର, ଭଦ୍ରକ, ତାରାକୋଟ, ବେଲପୁର, ହଳଦୀପଦା, ବାରିପଦା ଏବଂ ସୋର ସଙ୍ଗଠନ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଓ ସଭାନେତ୍ରୀଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମହିଳା ସଙ୍ଗଠନ ପକ୍ଷରୁ ବୁକ ଷ୍ଟଲ ତଥା ହସ୍ତଶିଳ୍ପର ଏକ ପ୍ରଦର୍ଶନୀ ରଖାଯାଇଥିଲା। ଯାହା ମହିଳାମାନଙ୍କୁ ଖୁବ୍ ପ୍ରେରଣା ଯୋଗାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲା ମହିଳା ସଙ୍ଗଠନ ଲଜନା ଇମାଉର ସଭାନେତ୍ରୀ ଫାଏଜା ଜାହିଦା ପୌରୋହିତ୍ୟ କରିଥିଲେ। ଏଥିସହ ଜିଲା ଉପସଭାନେତ୍ରୀ ନବିଲା ଓଦୁଦ ସହଯୋଗ କରିଥିଲେ। ସାଧାରଣ ସମ୍ପାଦିକା ନୁସରତ କାହାଁ ମଞ୍ଚ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ମଜଲିସ ଅନସାରୁଲ୍ଲାର ନାଜିମ ଜିଲା ଭଦ୍ରକ, ଯାଜପୁର ଓ ବାଲେଶ୍ୱରର ଅବ୍ଦୁଲ ଓଦୁଦ ଖାନ, ସୋର ଅହମଦୀୟା ମୁସଲିମ ସଙ୍ଗଠନର ସଭାପତି ଅବ୍ଦୁଲ ଜହୁର ଖାନ, ବାଲେଶ୍ୱରର ମୌଲାନା ନବିଦୁଲ ଫତାଃ, ଭଦ୍ରକର ମୌଲାନା ମିର ଅବ୍ଦୁଲ ହଫିଜ, ସୋରର ମୌଲାନା ଶରିଫ ଖାନ, ତାରାକୋଟର ମୌଲାନା ସେକ ଅଲ୍ଲି କାଦିର ଓ ହଳଦୀପଦାର ମୌଲାନା ସେକ ଫଖରୁଦ୍ଦିନ ଯୋଗ ଦେଇଥିଲେ।

## କଟ୍‌ନି ଛଟ୍‌ନିକୁ ନେଇ ମଣ୍ଡିରେ ଉତ୍ତେଜନା

କାଳିପଦା, ୪ା୬(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ଦେଭୋଗ ସମବାୟ ସମିତିରେ ବୁଧବାର ମଧ୍ୟାହ୍ନରେ ମିଲରଙ୍କ ମନମାନିରେ ଚାଷୀଙ୍କଠାରୁ କୁଇଣ୍ଟାଲ ପ୍ରତି ୧୦କେଜି ହାରରେ କଟ୍‌ନୀ ଛଟ୍‌ନୀ ଯୋଗୁ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ବାଲିଆପାଳ ସ୍ୱାଭିମାନ ମଞ୍ଚର ସଭାପତି ସତ୍ୟକାମ ମହାନ୍ତି, କୃଷକ ନେତା ରାମଚନ୍ଦ୍ର ରାଉତ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିବା ସହିତ ଧାନ କ୍ରୟ ସମୟରେ ଆର୍‌ଏମ୍‌ସିର କର୍ମଚାରୀଙ୍କ ଅନୁପସ୍ଥିତି ଯୋଗୁ ଚାଷୀ ମିଲରଙ୍କ ଦ୍ୱାରା ଶୋଷଣ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି। ତେବେ ଆଗାମୀ ଦିନରେ ଏଭଳି କଟ୍‌ନୀ ଛଟ୍‌ନୀ ପ୍ରତି ସରକାର ଦୃଷ୍ଟି ନ ଦେବେ ତା'ହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚାଷୀ ମାନସ କୁମାର ଜେନା, ପରମାନନ୍ଦ ଜେନା, ମନ୍ମଥ ରାଉତ, ଆଶୁତୋଷ ଭୂୟାଁ, ମଧୁ ଗିରି ଚେତାବନୀ ଦେଇଛନ୍ତି।

## ପ୍ରାଣୀଧନ ନିରୀକ୍ଷକ କାର୍ଯ୍ୟାଳୟରେ ନାହିଁ ବିଦ୍ୟୁତ୍ ସଂଯୋଗ: ଛଟପଟ ଚିକିତ୍ସକ, ଗୋପାଳକ

ଖଇରା, ୪ା୬(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବର୍ଦ୍ଧନା ପ୍ରାଣୀଧନ ନିରୀକ୍ଷକ କାର୍ଯ୍ୟାଳୟ ବହୁବିଧ ସମସ୍ୟା ଦେଇ ଗତି କରୁଛି । ବିଶେଷ କରି ଏହି କାର୍ଯ୍ୟାଳୟରେ ବିଦ୍ୟୁତ ସଂଯୋଗ ନ ଥିବାରୁ ପ୍ରାଣୀ ଚିକିତ୍ସକ ଉମାକାନ୍ତ ବହଳି ଉପଯୁକ୍ତ ସେବା ପ୍ରଦାନରେ ବାଧକ ସାଜିବା ସହ ଦୈନିକ ଆସୁଥିବା ଗୋପାଳକମାନେ ଗୁଳୁଗୁଳି ଯନ୍ତ୍ରଣାରେ ଛଟପଟ ହେଉଛନ୍ତି । ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷ ବିଦ୍ୟୁତ ସଂଯୋଗ ପାଇଁ ଆବଶ୍ୟକ ଅର୍ଥ ଯୋଗାଇଦେବାକୁ ବର୍ଦ୍ଧନା ସମେତ ରତିଣା ଓ ବଡନୂଆଗାଁ ଗ୍ରାମବାସୀ ଦାବି କରିଛନ୍ତି।

ଏହି କାର୍ଯ୍ୟାଳୟ ଉପରେ ଦୈନିକ ଉପରୋକ୍ତ ୩ ପଞ୍ଚାୟତର ଗୋପାଳକମାନେ ନିଜର ଗୋରୁ ଚିକିତ୍ସା, ବୀମା କରିବା ତଥା ପ୍ରଜନନ ପାଇଁ ନିର୍ଭର କରିଥାନ୍ତି । ଦୈନିକ ହାରାହାରି ୨୦ରୁ ଅଧିକ ଗୋପାଳକ ଡାକ୍ତରଙ୍କ ପରାମର୍ଶ ପାଇଁ ଆସିଥାନ୍ତି। ହେଲେ କାର୍ଯ୍ୟାଳୟରେ ବିଦ୍ୟୁତ ସଂଯୋଗ ନ ଥିବାରୁ ୪୦ ଡିଗ୍ରୀ ତାପମାତ୍ରା ରହୁଥିବାରୁ ଗୋପାଳକମାନେ ହଇରାଣ ହୋଇ ଫେରୁଥିବା ଅଭିଯୋଗ ହୋଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଗୃହପାଳିତ ପ୍ରାଣୀମାନଙ୍କ ପାଇଁ ଫାଟୁଆ, ଚକ୍ମିଆଁ, ପିପିଆର, ଥାଲେରିଆ, ଆଣ୍ଟି ରାବିଜ ଭଳି ଇଞ୍ଜେକଶନ ପାଇଁ ଫ୍ରିଜର ଆବଶ୍ୟକତା ଥିବା ବେଳେ ବିଦ୍ୟୁତ ସଂଯୋଗ ନ ଥିବାରୁ ଏହି ଇଞ୍ଜେକଶନ ରଖିବା ପ୍ରାଣୀ ଚିକିତ୍ସକଙ୍କ ପକ୍ଷେ ସମ୍ଭବ ହେଉନାହିଁ । ଏ ସମ୍ପର୍କରେ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଦେବେନ୍ଦ୍ର ସୋଲାଙ୍କିଙ୍କୁ ଯୋଗାଯୋଗ କରିବାରେ ଏ ସମ୍ପର୍କରେ ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



ବର୍ଦ୍ଧନା ପ୍ରାଣୀ ଚିକିତ୍ସାଳୟ

# ନିଜ ଲୋକ ଥାଇ ବି ଫୁଟପାଥ୍‌ରେ

ସିମୁଳିଆ, ୪ା୬(ସନ୍ତୋଷ ନାୟକ)

ଭାଗ୍ୟ ମଣିଷକୁ କେତେବେଳେ କେଉଁଠି ଠିଆ କରାଏ, ତାହା ମଣିଷ ନିଜେ ମଧ୍ୟ ଜାଣିପାରେ ନାହିଁ। ଭୁଲ୍ ଠିକ୍‌ର ହିସାବ କରୁ କରୁ ଜୀବନ ସରିଯାଏ। ଏମିତି ଘଟିଛି ୬୦ବର୍ଷୀୟା କାଞ୍ଚନ ସାହୁଙ୍କ ଭାଗ୍ୟରେ । ଆଖିକୁ ଦିଶୁ ନ ଥିବା କାଞ୍ଚନଙ୍କ ବାସସ୍ଥାନ ଏବେ ଫୁଟ୍‌ପାଥ୍‌ରେ। ଝଡ଼ ବର୍ଷା ମଶା ଡାଆଁଶରେ ସେ ପଡିରହିଛନ୍ତି। ମୋ ଟଙ୍କା ନେଇଗଲେ, ଭତ୍ତା ଖାଇଗଲେ ଏମିତି କିଛି ଅସ୍ପଷ୍ଟ ସ୍ୱରରେ ଗପି ଚାଲିଛନ୍ତି । ଆଖପାଖରେ ଆପଣାର କିଛି ଲୋକ ଥାଇ ମଧ୍ୟ ସେ ବେସାହାରା ପାଲଟି ଯାଇଛନ୍ତି।

କାଞ୍ଚନ ସାହୁଙ୍କ ବାପଘର ସିମୁଳିଆ ବ୍ଲକ ଅଧୀନ ବାଉରିପଦା ପଞ୍ଚାୟତର ଭୁବନପୁର ଅଞ୍ଚଳରେ। ତାଙ୍କ ଶ୍ୱଶୁର ଘର ନିକଟସ୍ଥ ବାଙ୍ଗରଖଡିଗଡିଆ ପଞ୍ଚାୟତ ଛଚିନ୍ଦା ଅଞ୍ଚଳରେ । ତାଙ୍କ ସ୍ୱାମୀ ମୁକୁନ୍ଦ ସାହୁ ଚାଷ କାମ କରିବା ସହିତ କଳାକାର ରୂପେ ତବଲା ଢୋଲକି ବଜାଇ ପରିବାର ପୋଷଣ କରନ୍ତି । ତେବେ ମୁକୁନ୍ଦ ନିଜ ଅଞ୍ଚଳର ମାଳତୀ ନାମକ ଅନ୍ୟ ଜଣେ ମହିଳାଙ୍କୁ ବିବାହ କରି ଘରକୁ ନେଇଆସିବାରୁ କାଞ୍ଚନ ରାଗି ଯାଇ ଘରଛାଡି ଅନ୍ୟତ୍ର ଚାଲିଯାଇଥିଲେ। ନିଜର ଏକମାତ୍ର ଝିଅକୁ ଉତ୍ତରପ୍ରଦେଶରେ ବିବାହ ଦେଇଥିଲେ। ସେଠାରେ ତାଙ୍କ ଝିଅର ମୃତ୍ୟୁ ହୋଇସାରିଛି। ଦୀର୍ଘ ୨୦ବର୍ଷ ଧରି କାଞ୍ଚନ ମୁକୁନ୍ଦଙ୍କଠାରୁ ଦୂରେଇ ରହିଥିଲେ। ଗତ ପ୍ରାୟ ୬ବର୍ଷ ପୂର୍ବେ ମୁକୁନ୍ଦଙ୍କ ମୃତ୍ୟୁ ଘଟିଥିବାର ଖବର ପାଇ କାଞ୍ଚନ ସ୍ୱାମୀଙ୍କୁ ଶୁଦ୍ଧି ହେବାପାଇଁ ନିଜ ଶାଶୁଘର ଗାଁରେ ପହଞ୍ଚିଥିଲେ । କାଞ୍ଚନଙ୍କ ପାଇଁ ଗାଁରେ ସଭା ହେଲା, ସ୍ୱାମୀଙ୍କୁ ଛାଡି ୨୦ବର୍ଷ ଚାଲିଯାଇଥିବାରୁ ସେ ତାଙ୍କୁ ଶୁଦ୍ଧି ହୋଇପାରିବେ ନାହିଁ କିମ୍ବା ଗାଁରେ ରହିପାରିବେ ନାହିଁ ବୋଲି ମୁଖିଆମାନେ ମତ ଦେଇଥିଲେ। ସେବେଠାରୁ ସେ ଏଠିସେଠି ବୁଲି ଖିଆପିଆ କରୁଥିଲେ। ତେବେ ଗତ ପ୍ରାୟ ୨ ମାସ ହେବ ତାଙ୍କ ଆଖିକୁ ଆଦୌ ଦେଖାଯାଉ ନ ଥିବାରୁ ସେ ମାର୍କୋଣା ଷ୍ଟେଶନର ଉତ୍ତା କ୍ୟାବିନ ନିକଟସ୍ଥ ବସ୍‌ଷ୍ଟାଣ୍ଡ ପାର୍ଶ୍ୱରେ ପଡିରହିଛନ୍ତି।

କାଞ୍ଚନଙ୍କ ବଡ ଭାଇଙ୍କୁ ଯୋଗଯୋଗ କରିବାରୁ ସେମାନେ ଦୁଇ ଭାଇ ଦୁଇ ଭଉଣୀ ହୋଇଥିବାରୁ ସାନ ଭଉଣୀର ଦାୟିତ୍ୱ ଭାର ସାନ ଭାଇ ଭାଗରେ ଥିବା ସେ କହିଛନ୍ତି। ସେହିପରି ତାଙ୍କ ସାନ ଭାଇଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ସ୍ତ୍ରୀ ଗତ ୨୫ବର୍ଷ ପୂର୍ବେ ଆରପାରିକୁ ଚାଲିଯିବା ପରେ ସେ ନିଜେ ଏବେ ବେସାହାରା ବୋଲି କହିଛନ୍ତି । ଏ ସମ୍ପର୍କରେ ବାଉରିପଦାର ସରପଞ୍ଚ ଧରଣୀଧର ନାୟକଙ୍କୁ ଯୋଗାଯୋଗ କରିବାରୁ ପୂର୍ବରୁ କାଞ୍ଚନଙ୍କୁ ନେଇ ଏକ ଆଶ୍ରମରେ ଛଡାଯାଇଥିଲା। ସେଠାରୁ ସେ ଚାଲିଆସିଥିବା କହିଥିଲେ । ସାହାରା ନ ମିଳିଲେ ଅନାହାରରେ ରାସ୍ତା ପାର୍ଶ୍ୱରେ ପଡି ପଡି କାଞ୍ଚନଙ୍କ ଜୀବନ ଚାଲିଯିବାର ଆଶଙ୍କାକୁ ଏଡାଇ ଦେବନାହିଁ।



ରାସ୍ତା ପାର୍ଶ୍ୱରେ ଅସହାୟା କାଞ୍ଚନ।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

ଢେଙ୍କିକୋଟ,୪।୬(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ ହାଉସ ଅନ୍ତର୍ଗତ ଢେଙ୍କିକୋଟ ପଞ୍ଚାୟତ ଟିକିରା ଗ୍ରାମରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଗ୍ରାମର ବିଜୟ ନାଏକ (୪୫)। ବୁଧବାର ଅପରାହ୍ନରେ ଛେଳି ଚରାଇବାକୁ ଜଙ୍ଗଲକୁ ଯାଇଥିବା କେତେଜଣ ଆମ୍ବ ଗଛରେ ବିଜୟ ଝୁଲିଥିବା ଦେଖିଥିଲେ। ଢେଙ୍କିକୋଟ ପୋଲିସ ବିଟ ହାଉସ୍ ଅଧିକାରୀ ତ୍ରିନାଥ ନାୟକ ପହଞ୍ଚି ମୃତଦେହ ଜବତ କରିଥିଲେ। ଘଟଗାଁ ଥାନାରେ ଏକ ମାମଲା (ନଂ.୨୩/୨୫) ରୁଜୁ ହୋଇଛି।

### ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଚମ୍ପୁଆ,୪।୬(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ଚମ୍ପୁଆ ଓଡ଼ିଶା ରକ୍ତକେନ୍ଦ୍ରଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୩ ଜଣ ରକ୍ତଦାନ କରିଥିଲେ। ଶିବିରକୁ ଉପଖଣ୍ଡ ଚିକିତ୍ସାଧିକାରୀଙ୍କ ଉପସ୍ଥିତିରେ ରକ୍ତକେନ୍ଦ୍ର ଡାକ୍ତର ଜ୍ୟୋତିରଞ୍ଜନ ମଲ୍ଲିକ ପରିଚାଳନା କରିଥିଲେ।

### ବିକଶିତ କୃଷି ସଂକଳ୍ପ ଅଭିଯାନ

ଯୋଡ଼ା,୪।୬(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ସେରେଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ଓ ଭଦ୍ରାସାହି କଲ୍ୟାଣ ମଣ୍ଡପଠାରେ ବୁଧବାର ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୋଡ଼ା ବ୍ଲକ୍ କୃଷି ଅଧିକାରିଣୀ ସଂଯୁକ୍ତା ମୁଣ୍ଡାଙ୍କ ଅଧ୍ୟକ୍ଷତାରେ କୃଷି ବୈଜ୍ଞାନିକ ନିଗମାନନ୍ଦ ବେହେରା, ସମୀରଣ ନନ୍ଦୀ, ନୀତିଶ କୁମାର, ଅତିରିକ୍ତ କୃଷି ଅଧିକାରୀ ଦେବବ୍ରତ ମିଶ୍ର, ସେରେଣ୍ଡା ସରପଞ୍ଚ ସୁସ୍ମିତା ସିଦୁ, କୃଷି ଅଧିକାରିଣୀ ରିତାଞ୍ଜଳି ରାଉଳ ପ୍ରମୁଖ ଯୋଗଦେଇ ଅତ୍ୟାଧୁନିକ ଜ୍ଞାନ କୌଶଳ ବ୍ୟବହାର ସତ୍ତ୍ୱେ କମୁଥିବା ଚାଷୀଙ୍କ ଆୟର କିପରି ବୃଦ୍ଧି ପାଇବ ସେନେଇ ଅବଗତ କରାଇଥିଲେ। ମାଛ ଚାଷ ପାଇଁ ପାଣିର ସୁବିଧା ରହିଥିବା ବେଳେ ମତ୍ସ୍ୟ ଚାଷୀମାନେ ଅଧିକରୁ ଅଧିକ ସଂଖ୍ୟାରେ ସାମିଲ ହୋଇ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ମାଧ୍ୟମରେ ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ। ଚାଷୀର ଉନ୍ନତି ଓ ପ୍ରଗତି ପାଇଁ ବିକଶିତ କୃଷି ସଂକଳ୍ପ ଅଭିଯାନ ଆୟୋଜନ କରାଯାଉଥିବା ଅତିଥିମାନେ କହିଥିଲେ। ବୈଜ୍ଞାନିକ ନିଗମାନନ୍ଦ ଚାଷ ସମ୍ପର୍କିତ ରୋଗ, ପୋକ ବିଷୟରେ ଚାଷୀଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ। ପ୍ରାୟତଃ ଚାଷୀଙ୍କ ଫସଲ କିପରି ଦ୍ୱିଗୁଣିତ ହେବ ସେ ନେଇ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତି ମଧ୍ୟ ସରକାର ସବ୍‌ସିଡିରେ ମିଳୁଥିବା କହିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଚାଷୀ, ସ୍ୱୟଂ ସହାୟିକା ଗୋଷ୍ଠୀ, କୃଷି ଅଧିକାରୀ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଶିକ୍ଷକ ନିଯୁକ୍ତି, ଜଳଯୋଗାଣକୁ ଗୁରୁତ୍ୱ

## ଯୋଡ଼ା ପଞ୍ଚାୟତ ସମିତି ଦଶମ ବୈଠକ

ଯୋଡ଼ା,୪।୬(ମାନସ ମହାନ୍ତି)



ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ।

କେନ୍ଦୁଝର ଜିଲା ଯୋଡ଼ା ପଞ୍ଚାୟତ ସମିତିର ଦଶମ ବୈଠକ ବୁଧବାର ପୂର୍ବାହ୍ନ ୧୦ ଟାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ କବିନ୍ଦ୍ର ନାଏକ, ଉପାଧ୍ୟକ୍ଷା ମାଳତୀ ଖଟୁଆ, ଯୋଡ଼ା ବିଡିଓ ଡେନିସ ବେହେରା, ସହକାରୀ ଯନ୍ତ୍ରୀ ଅଜୟ ସାହୁ, କେନ୍ଦୁଝର ଏମ୍‌ପିଙ୍କ ପ୍ରତିନିଧି ଅଗ୍ନୁ ଚରଣ ମହାନ୍ତ, ଚମ୍ପୁଆ ବିଧାୟକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ନାଏକ, ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡା. ଅଭିଜିତ ଦୀକ୍ଷିତ ଉପସ୍ଥିତ ରହି ବିଭିନ୍ନ ପଞ୍ଚାୟତର ଉନ୍ନୟନ ଯୋଜନା, ଶିକ୍ଷକ ଅଭାବ, ପାନୀୟ ଜଳ ସମସ୍ୟାର ଉପରେ ଆଲୋଚନା କରିଥିଲେ।

ବୈଠକରେ ୨୮ ନଂ. ଜୋନ୍ ଜିଲା ପରିଷଦ ସଦସ୍ୟ ଡମ୍ବରୁଧର କୁଦାଦା ଶିକ୍ଷକ ସମସ୍ୟା ନେଇ ପ୍ରଶ୍ନ କରିଥିଲେ। ବିରିକଳା, ଦେଓଝର, ଅସେଇଁକଳା, କଣ୍ଡରା ଓ ଚମକପୁର୍ ପଞ୍ଚାୟତରେ ଥିବା ୧୧ ପ୍ରାଥମିକ ବିଦ୍ୟାଳୟରେ ଜଣେ ଲେଖାଏ ଶିକ୍ଷକ ଅଛନ୍ତି। ଫଳରେ ଦିନକୁ ଦିନ ବିଦ୍ୟାଳୟରେ ପାଠପଢ଼ା ହେଉ ନ ଥିବାରୁ ଛାତ୍ରୀଛାତ୍ରଙ୍କ ସଂଖ୍ୟା ହ୍ରାସ ପାଉଛି। ବ୍ଲକ୍ ଶିକ୍ଷା ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ବିଦ୍ୟାଳୟଗୁଡ଼ିକର ଉନ୍ନତି ଦିଗରେ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉନାହିଁ। ଅଧିକାରୀମାନେ ବିଦ୍ୟାଳୟ ପରିଦର୍ଶନ କରୁ ନ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେବା ସହିତ ମଧ୍ୟାହ୍ନ ଭୋଜନରେ ମଧ୍ୟ ଅବ୍ୟବସ୍ଥା ଦେଖାଦେଇଛି। ଯଥାଶୀଘ୍ର ଶିକ୍ଷକ ନିଯୁକ୍ତି କରିବା ପାଇଁ ଦାବି କରିଥିଲେ। ଯୋଡ଼ା ବ୍ଲକର ୧୯ ପଞ୍ଚାୟତଗୁଡ଼ିକୁ ଦୀର୍ଘ ୩ ବର୍ଷ ପରେ ମଧ୍ୟ ମେଗା ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଜଳ ଯୋଗାଣ ବ୍ୟବସ୍ଥା କରାଯାଉନାହିଁ। ମାତ୍ର ୨ ପଞ୍ଚାୟତ ମଧ୍ୟରେ ଜଳ ଯୋଗାଣ ସୀମିତ ହୋଇ ରହିଛି। ଅନେକ ବର୍ଷ ଧରି ପାଇପ୍ ବିଛାଇବା କାର୍ଯ୍ୟ ଚାଲିଥିଲେ ମଧ୍ୟ ବିଭାଗୀୟ ଅବହେଳା ଯୋଗୁ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଏବେ ବି ଅଧିକାଂଶ ପଞ୍ଚାୟତରେ ଝରଣା, ନଦୀ ନାଳ ଓ ଚୁଆରୁ ଦୂଷିତ ଜଳକୁ ବ୍ୟବହାର କରୁଛନ୍ତି। ମେଗା ପାନୀୟ ଜଳ ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ସରପଞ୍ଚମାନେ ଦାବି କରିଥିଲେ। ଏଥିସହ ଗୁଆଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭାଗ ପକ୍ଷରୁ ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବି କରାଯାଇଛି। ଅନ୍ୟପକ୍ଷେ ଯୋଡ଼ା ବ୍ଲକ୍‌କୁ ୭୬ ହଜାର ୨୧ଟି ଆୟୁଷ୍ମାନ ଭାରତ କାର୍ଡ ସରକାରଙ୍କ ପକ୍ଷରୁ ମଞ୍ଜୁର ହୋଇଛି। ଏଥିରେ କିଛି ହିତାଧିକାରୀଙ୍କ ନାମ ତ୍ରୁଟି ଥିବାରୁ ଖୁବ୍‌ଶୀଘ୍ର ସଂଶୋଧନ ପାଇଁ ପଠାଯାଇଥିବା ବ୍ଲକ୍ ଜିପି ଓ କାହ୍ନୁ ମାଝୀ ସୂଚନା ଦେଇଥିଲେ। ପୂର୍ବରୁ ବିଦ୍ୟୁତ୍ କରଣ ପାଇଁ ଦାବି ହେଉଥିବା ଗ୍ରାମଗୁଡ଼ିକରେ ଜିଲା କମିଟି ପକ୍ଷରୁ ବିଦ୍ୟୁତ୍ ସଂଯୋଗୀକରଣ ପାଇଁ ଅନୁମୋଦନ ମିଳିଛି। ଏ ଦିଗରେ ବ୍ଲକ୍ ପକ୍ଷରୁ ଖୁବ୍ ଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବୈଠକରେ କୁହାଯାଇଥିଲା। ୨୦୨୫ – ୨୬ ଆର୍ଥିକ ବର୍ଷର ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନା ଆଗତ କରାଯାଇ ଅନୁମୋଦନ କରାଯାଇଥିଲା।

# ପଲାଣଘାଟି ପଞ୍ଚାୟତର ୩ ୱାର୍ଡ ସଦସ୍ୟ ଅଯୋଗ୍ୟ ଘୋଷିତ

ପାଟଣା,୪।୬(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ପଲାଣଘାଟି ପଞ୍ଚାୟତର ୩ ଜଣ ୱାର୍ଡ ସଦସ୍ୟା, ସଦସ୍ୟ ଅଯୋଗ୍ୟ ଘୋଷିତ ହୋଇଛନ୍ତି। ଏକାଧିକ ସନ୍ତାନ ଓ ସନ୍ତତି ଥିବା ଅଭିଯୋଗରେ କେନ୍ଦୁଝର ଜିଲାପାଳ ବିଶାଲ ସିଂ ସେମାନଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ପଞ୍ଚାୟତର ୬ ନଂ. ୱାର୍ଡ ସଦସ୍ୟ ଶିବ ଲିଆଙ୍ଗିଙ୍କର ୪ ଜଣ ସନ୍ତାନ, ୮ନଂ. ୱାର୍ଡ ସଦସ୍ୟା ସୁମିତ୍ରା ମୁଣ୍ଡାଙ୍କ ୩ ଓ ୩ ନଂ. ୱାର୍ଡ ସଦସ୍ୟ ଗୋପାଳ ମୁଣ୍ଡାଙ୍କ ୨ ସ୍ତ୍ରୀ ଏବଂ ୬ ସନ୍ତାନ ଥିବା ସରପଞ୍ଚ ରାଉତ ମୁଣ୍ଡା ଅଭିଯୋଗ କରିଥିଲେ। ତଦନ୍ତ ପରେ ସତ୍ୟ ପ୍ରମାଣିତ ହେବା ପରେ ଜିଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ପଲାଣଘାଟି ସରପଞ୍ଚ ରାଉତ ମୁଣ୍ଡାଙ୍କ ବିରୋଧରେ ନାଏବ ସରପଞ୍ଚ ସୋନାଲି ମୁଣ୍ଡାଙ୍କ ସହ ଏହି ୱାର୍ଡ ସଦସ୍ୟମାନେ ଅନାସ୍ଥା ନେଇ କେନ୍ଦୁଝର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ରାଉତ ମୁଣ୍ଡା ୩ ନଂ. ୱାର୍ଡ ସଦସ୍ୟଙ୍କ ବିରୋଧରେ ହାଇକୋର୍ଟରେ ଅଯୋଗ୍ୟ ଘୋଷଣା ପାଇଁ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ୩ ୱାର୍ଡ ସଦସ୍ୟଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୫୭୧/ଜିପି ୨୯ ମେ ୨୦୨୫ ରେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ପାଟଣା ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନ ବ୍ୟବସ୍ଥାରେ ୨ ରୁ ଅଧିକ ସନ୍ତାନ ଥିବା ବ୍ୟକ୍ତି ନିର୍ବାଚନରେ ଅଂଶ ଗ୍ରହଣ ନ କରିବାର ନିୟମ ରହିଛି। ଏହି ଅଯୋଗ୍ୟ ଘୋଷିତ ୩ ୱାର୍ଡ ସଦସ୍ୟା, ସଦସ୍ୟଙ୍କ ୨ରୁ ଅଧିକ ସନ୍ତାନ ଥିଲେ ହେଁ ତଥ୍ୟ ଲୁଚାଇ ନିର୍ବାଚନ ବୈତରଣୀ ପାର ହୋଇଥିଲେ।

## ଖଣି ଅଞ୍ଚଳବାସୀଙ୍କ ସମସ୍ୟା ସମାଧାନ କରିବାକୁ ଚିଠି

କେନ୍ଦୁଝର,୪।୬(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ଯୋଡ଼ା ଖଣି ଅଞ୍ଚଳର ଲୋକଙ୍କ ସମସ୍ୟା ଦୂର କରିବାକୁ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି) କେନ୍ଦୁଝର ଜିଲା ଜିଲାପାଳଙ୍କୁ ଚିଠି କରିଛନ୍ତି। ଆଇନ୍‌ଜୀବୀ ତଥା ମାନବାଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀ ଅଭିଯୋଗର ଶୁଣାଣି କରି ଜାତୀୟ ମାନବାଧିକାର କମିଶନ ବୁଧବାର କେନ୍ଦୁଝର ଜିଲାପାଳଙ୍କୁ ଚିଠି କରି ୪ ସପ୍ତାହ ମଧ୍ୟରେ ଆବଶ୍ୟକ ପଦକ୍ଷେପ ନେଇ ଜଣାଇବାକୁ ଆଦେଶ କରିଛନ୍ତି। ୩୧ ଡିସେମ୍ବର ୨୦୨୪ରେ ସାମାଜିକକର୍ମୀ ତ୍ରିପାଠୀ ଯୋଡ଼ା ଖଣି ଅଞ୍ଚଳରେ ବହୁ ଲୋକ ରହିବାକୁ ଘର ନାହିଁ, ଅବହେଳିତ ହୋଇଥିବା ନେଇ ମାନବାଧିକାର କମିଶନଙ୍କୁ ଲିଖିତ ଜଣାଇଥିଲେ। ଏଥିରେ ହସ୍ତକ୍ଷେପ କରି ସମାଧାନ କରିବାକୁ ନିବେଦନ କରିଥିଲେ।

## ଧାନ ଗୋଦାମ ଆଜବେଷ୍ଟସ୍ ଭାଙ୍ଗି ଚୋରି

ପାଟଣା,୪।୬(ବୀରକିଶୋର ଦାଶ):କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ସାଧୁପଡ଼ା ଛକ ନିକଟରେ ଥିବା ଅରବିନ୍ଦ ଦାଶଙ୍କ ଧାନ ଗୋଦାମର ଆଜବେଷ୍ଟସ୍ ତାଡ଼ି ଦୁର୍ବୃତ୍ତ ୨୦ହଜାର ଟଙ୍କା ନେଇଯାଇଛନ୍ତି। ପାଟଣା ଥାନା ଅଧିକାରୀ ମାନସ ମହାକୁଡ଼ ତଦନ୍ତ କରିଛନ୍ତି। ଏକ ମାମଲା(ନଂ.୧୧୪/୨୫)ରୁଜୁ ହୋଇଛି।

# ୮୯.୭୪ ପ୍ରତିଶତ ପାସ୍ ହାର

## ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷା ଫଳ ପ୍ରକାଶ

କେନ୍ଦୁଝର,୪।୬(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ପାସ୍‌ହାର ୮୯.୭୪ ପ୍ରତିଶତ ରହିଛି। ଧରଣୀଧର ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇବା ପରେ ଏହି କଲେଜର ଶେଷ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଣୁ ପରୀକ୍ଷାର୍ଥିଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

ଚଳିତ ବର୍ଷ ସମୁଦାୟ ୬୪୩ ଜଣ ପରୀକ୍ଷା ପାଇଁ ପଞ୍ଜୀକୃତ ହୋଇଥିବା ବେଳେ ୫୯୧ ଜଣ ପାସ କରିଛନ୍ତି। ସେଥିରୁ ୩୬୮ ଜଣ ପ୍ରଥମ ଶ୍ରେଣୀ (ଡିଷ୍ଟିଙ୍କସନ)ରେ ପାସ କରିଥିବା ବେଳେ ୧୩୦ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। ସେହିପରି ୩୯ ଜଣ ଦ୍ୱିତୀୟ ଶ୍ରେଣୀ (ଡିଷ୍ଟିଙ୍କସନ)ରେ ପାସ କରିଥିବା ବେଳେ ୫୪ ଜଣ ଦ୍ୱିତୀୟ ଶ୍ରେଣୀରେ ପାସ କରିଛନ୍ତି। ସମୁଦାୟ ୫୨ ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। କଳାରେ ୩୧୩ରୁ ୨୭୫ ଜଣ ପାସ କରିଥିବା ବେଳେ (ପାସ ହାର ୮୭.୮୫), ବିଜ୍ଞାନରେ ୨୨୨ ରୁ ୨୦୮ ଜଣ ( ୯୩.୬୯), ବାଣିଜ୍ୟରେ ୧୫୬ରୁ ୧୪୧ ଜଣ (୯୦.୩୮), ବିବିଏରେ ୪୫ ଜଣ ମଧ୍ୟରୁ ୩୬ ଜଣ (୮୦), ବିସିଏରେ ୫ ରୁ ୫ (୧୦୦ ପ୍ରତିଶତ) ଜଣ ପାସ କରିଥିବା ଜଣାପଡ଼ିଛି।

କଳାରେ ୨୮୯ ଜଣ ରେଗୁଲାରଙ୍କ ମଧ୍ୟରୁ ୨୫୮ ଜଣ ଏବଂ ୨୪ ଜଣ ବ୍ୟାକ ମଧ୍ୟରୁ ୧୭ ଜଣ ପାସ କରିଛନ୍ତି। ବିଜ୍ଞାନରେ ୨୧୨ ରେଗୁଲାରଙ୍କ ମଧ୍ୟରୁ ୨୦୧ ଜଣ ଓ ୧୦ ଜଣ ବ୍ୟାକ ମଧ୍ୟରୁ ୭ ଜଣ ଏବଂ ବାଣିଜ୍ୟରେ ୧୪୨ ରେଗୁଲାର ମଧ୍ୟରୁ ୧୩୨ ଜଣ ଏବଂ ୧୪ ବ୍ୟାକ ମଧ୍ୟରୁ ୯ ଜଣ ପାସ କରିଥିବା ଜଣାପଡ଼ିଛି। ଶ୍ରେଷ୍ଠ ଗ୍ରାଜୁଏଟ ଜିଓଲୋଜିର ଧୃତିପ୍ରିୟା ସାହୁ ହୋଇଥିବା ବେଳେ କଳା ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବା ଇଂରାଜୀ ବିଭାଗର ସ୍ୱୟମସ୍ମିତା ପଣ୍ଡା ଶ୍ରେଷ୍ଠ ହୋଇଛନ୍ତି। ବିଜ୍ଞାନରେ ଜିଓଲୋଜିର ଧୃତିପ୍ରିୟା ସାହୁ ଓ ବାଣିଜ୍ୟରେ ପ୍ରୀୟଙ୍କା ରାଉତ ଶ୍ରେଷ୍ଠ ହୋଇଛନ୍ତି। କଳା ବିଭାଗରେ ବିଭିନ୍ନ ଅନର୍ସରେ – ନୃତତ୍ତ୍ୱବିଜ୍ଞାନରେ ଶୁଭମଲାଲ ଶଙ୍କର, ଅର୍ଥନୀତିରେ ଆଶୀଷ ବାରିକ, ଇଂରାଜୀରେ ସ୍ୱୟମସ୍ମିତା ପଣ୍ଡା, ଇତିହାସରେ ଭାଗ୍ୟଶ୍ରୀ ଥାପା, ଗଣିତରେ ଜ୍ୟୋତିପ୍ରିୟା ନାୟକ, ଓଡ଼ିଆରେ ତନିଷ୍ଠା ସାହୁ, ଦର୍ଶନଶାସ୍ତ୍ରରେ ଦିପାଳି ଲେଙ୍କା, ମନସ୍ତତ୍ତ୍ୱରେ ପୂଜାରାଣି ନନ୍ଦ, ସଂସ୍କୃତରେ ନମିତା ମହାନ୍ତ, ଶିକ୍ଷାରେ ସୁଦେସନା ନାୟକ, ସମାଜ ବିଜ୍ଞାନରେ ରତ୍ନୁପର୍ଣା ମହାନ୍ତ ଟପ୍ପର ହୋଇଥିବା ଜଣାପଡ଼ିଛି। ବିଜ୍ଞାନ ବିଭାଗରେ ଉଦ୍ଭିଦ ବିଜ୍ଞାନରେ ବିଶ୍ୱଜିତ ଦାସ, ରସାୟନ ବିଜ୍ଞାନରେ ସୁଚରିତା ମହାନ୍ତ, କମ୍ପ୍ୟୁଟର ବିଜ୍ଞାନରେ ବିସ୍ମୟ କୁମାର ନାୟକ, ଭୂତତ୍ତ୍ୱ ବିଜ୍ଞାନରେ ଧୃତିପ୍ରିୟା ସାହୁ, ଗଣିତରେ ହେମାନନ୍ଦ ପ୍ରଧାନ, ଭୌତିକ ବିଜ୍ଞାନରେ ଲିପ୍ସା ପ୍ରିୟାଦର୍ଶିନୀ ମହାନ୍ତ, ପ୍ରାଣୀ ବିଜ୍ଞାନରେ ସୁଚିସ୍ମିତା ସାହୁ ଏବଂ ବାଣିଜ୍ୟରେ ଅଙ୍କିତା ସାହୁ ଟପ୍ପର ହୋଇଥିବା ଜଣାପଡ଼ିଛି।

# ପଦାର୍ପଣରେ ଦାରା ସିଂହଙ୍କୁ ସ୍ୱର୍ଣ୍ଣ

## ଅନ୍ତର୍ଜାତୀୟ ଓପନ ମାଷ୍ଟର୍ସ ଆଥଲେଟିକ ଚାମ୍ପିୟନଶିପ୍

କେନ୍ଦୁଝର,୪।୬(ନରେଶ ଚନ୍ଦ୍ର ପଟ୍ଟନାୟକ)



ଶ୍ରୀଲଙ୍କାର ସୁଗଥାଦାସା ଷ୍ଟାଡ଼ିୟମ କଲମ୍ବୋଠାରେ ମେ ୨୪, ୨୫ ତାରିଖ ୨ ଦିନ ଧରି ଭେଟେରାନ କ୍ରୀଡ଼ାବିତ୍‌ଙ୍କ ନିମନ୍ତେ ଏକାଦଶ ଅନ୍ତର୍ଜାତୀୟ ଓପନ ଆଥ୍‌ଲେଟିକ ଚାମ୍ପିୟନଶିପ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୫ ବର୍ଷରୁ ଊର୍ଦ୍ଧ୍ୱ ଆଥଲେଟିକ ଚାମ୍ପିୟନସିପ୍‌ରେ ଭାରତରୁ ୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଭାରତୀୟ ଦଳରେ କେନ୍ଦୁଝରର ଉପାନ୍ତ ଅଞ୍ଚଳ ବଲାଣି ସ୍ଥିତ ଏକ ରାଷ୍ଟ୍ରାୟତ ଖଣିରେ କାର୍ଯ୍ୟରତ ଦାରା ସିଂହ ୩୪.୪୦ ମିଟର ଦୂରତ୍ୱକୁ ଜାଭେଲିନ ଫିଙ୍ଗି ଏହି ପ୍ରତିଯୋଗିତାରେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ବିଜୟୀ ହାସଲ କରିଛନ୍ତି। ପ୍ରତିଯୋଗିତାଟି ବର୍ଷାରେ ବାଧାପ୍ରାପ୍ତ ହେବାରୁ ସେ ତାଙ୍କର ଅନ୍ୟ ୨ ଇଭେଣ୍ଟ ଲଙ୍ଗ୍ ଜମ୍ପ, ଶଟପୁଟ୍ ଥ୍ରୋରେ ଆଶାନୁରୂପ ଫଳ ପାଇ ପାରି ନ ଥିଲେ। ତାଙ୍କର ଏହି ସଫଳତାରେ କେନ୍ଦୁଝର ଜିଲା କ୍ରୀଡ଼ା ସଂସ୍ଥାର ଯୁଗ୍ମ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ଯୁବାବସ୍ଥାରେ ଜଣେ ଆଦର୍ଶ କ୍ରିକେଟ୍‌ର ଭାବେ ଖ୍ୟାତି ଅର୍ଜନ କରିଥିବା ଦାରା ସିଂହ ଆଜି ଜୀବନର ଅପରାହ୍ନରେ ଏହି ସଫଳତା ହାସଲ କରିଛନ୍ତି। ସଫଳତା ପାଇଁ ଜିଲାର କୋଣ ଅନୁକୋଣରୁ ତାଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।

# ଜିଲାରୁ ୧୨ଜଣ ପାଇବେ ପ୍ରକୃତିବନ୍ଧୁ ପୁରସ୍କାର

କେନ୍ଦୁଝର,୪।୬ (ନରେଶ ଚନ୍ଦ୍ର ପଟ୍ଟନାୟକ): ଜଙ୍ଗଲ ସୁରକ୍ଷା, ଚାରାରୋପଣ ଓ ପରିବେଶ ସୁରକ୍ଷା ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା କେନ୍ଦୁଝର ଜିଲାର ୧୨ଜଣଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରାଯିବ। ଏହାକୁ ନେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପରିବେଶୀୟ ଅଧ୍ୟୟନ ସଂସ୍ଥା ପକ୍ଷରୁ ଏହି ବ୍ୟକ୍ତି ବିଶେଷଙ୍କୁ ଚୟନ କରାଯାଇଛି ବୋଲି କେନ୍ଦୁଝର ବନଖଣ୍ଡ ଅଧିକାରୀ ତଥା ଜିଲା ପରିବେଶ ସମିତିର ସମ୍ପାଦକ ଏଚ୍‌ଡି ଧନରାଜ ସୂଚନା ଦେଇଛନ୍ତି। ପ୍ରକୃତିବନ୍ଧୁ ପୁରସ୍କାର ପାଇବାକୁ ଚୟନ ହୋଇଥିବା ବ୍ୟକ୍ତିମାନେ ହେଲେ ପାଟଣା ବ୍ଲକ୍ ଖାରବେଡ଼ାର ମନମୋହନ ବାରିକ, କେନ୍ଦୁଝର ସଦର ବ୍ଲକ୍ ପାଇଁ ଜେଲରୋଡ୍‌ର ସନ୍ଦୀପ କୁମାର ପଟ୍ଟନାୟକ, ହରିଚନ୍ଦନପୁର ଯାଉଁଳିପୋଖରୀର ବିଶ୍ୱଦୀପ ମହାନ୍ତ, ଚମ୍ପୁଆ ବ୍ଲକ୍ ବିରିକୁଆଁର ନବକିଶୋର ମହାନ୍ତ, ଯୋଡ଼ା ବ୍ଲକ୍ ଜଗନ୍ନାଥପୁରର ଜଗବନ୍ଧୁ କର, ଆନନ୍ଦପୁର ବ୍ଲକ ଫକୀରପୁରର ମନୋଜ କୁମାର ସାହୁ, ଘଷିପୁରା ବ୍ଲକ୍ କୁଶଳେଶ୍ୱରର ଶଙ୍କର୍ଷଣ ଜେନା, ହାଟଡ଼ିହୀ ବ୍ଲକ୍ ଛେନାପଦିର ରାଧାକୃଷ୍ଣ ପତି, ଘଟଗାଁ ବ୍ଲକ୍ ବାରାହାଟିପୁରାର ରମାକାନ୍ତ ପ୍ରଧାନ, ବାଂଶପାଳ ବ୍ଲକ୍ ଉପରଚମ୍ପେଇର ବିଦ୍ୟାଧର ପରିଡ଼ା, ତେଲକୋଇ ବ୍ଲକ ଦେଉଳଡିହାର କ୍ଷୀରୋଦ ମହାକୁଡ ଓ ସାହାରପଡ଼ା ବ୍ଲକ୍ ପୁରୁଣାପାଣିର ଡମ୍ବରୁଧର ମହାନ୍ତ। ଏହି ପ୍ରକୃତିବନ୍ଧୁ ପୁରସ୍କାର ପାଇବାକୁ ଥିବା ବ୍ୟକ୍ତିବିଶେଷ ଜୁନ୍ ୫ତାରିଖ ଦିନ କେନ୍ଦୁଝର ସଂସ୍କୃତି ଭବନଠାରେ ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମରେ ପୁରସ୍କାର ଗ୍ରହଣ କରିବେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.18/ET/SBP/ENGG/ 2025-26, ତା.30.05.2025ରିଖ

(1)ଇ-ଟେଣ୍ଡର ସଂ.11-eT-DENE-SBP-25

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ମଣ୍ଡଳ ଯନ୍ତ୍ରୀ/ସେଣ୍ଟ୍ରାଲ ଏବଂ ମଣ୍ଡଳ ଯନ୍ତ୍ରୀ/ପୂର୍ବ ପରିସୀମା ଅଧୀନରେ 110 ସଂଖ୍ୟକ କର୍ଭରେ ଟ୍ରାକ୍ ମାଉଣ୍ଟେଡ୍ ଅଟୋମେଟିକ୍ (ହାଇଡ୍ରୋଲିକ୍ ଟାଇପ୍) ଗେଜ୍ ଫେସ୍ (Gauge face) ଲୁବ୍ରିକେଟରଗୁଡ଼ିକର ସଂସ୍ଥାପନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :9,51,90,150/, ବିଡ୍ ସିକ୍ୟୁରିଟି (ଟଙ୍କାରେ): 6,26,000/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 11,800/-।

(2)ଇ-ଟେଣ୍ଡର ସଂ.15-eT-DENE-SBP-25

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ମଣ୍ଡଳ ଯନ୍ତ୍ରୀ/ସେଣ୍ଟ୍ରାଲ ଏବଂ ମଣ୍ଡଳ ଯନ୍ତ୍ରୀ/ପୂର୍ବ ପରିସୀମା ଅଧୀନରେ 58 ସଂଖ୍ୟକ କର୍ଭରେ ଟ୍ରାକ୍ ମାଉଣ୍ଟେଡ୍ ଅଟୋମେଟିକ୍ (ଇଲେକ୍ଟ୍ରୋନିକ୍ ଟାଇପ୍) ଗେଜ୍ ଫେସ୍ (Gauge face) ଲୁବ୍ରିକେଟରଗୁଡ଼ିକର ସଂସ୍ଥାପନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 8,84,54,222.40, ବିଡ୍ ସିକ୍ୟୁରିଟି (ଟଙ୍କାରେ): 5,92,300/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 11,800/-।

(3)ଇ-ଟେଣ୍ଡର ସଂ.14-eT-DENE-SBP-25

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ 17 ସଂଖ୍ୟକ କର୍ଭରେ ଟ୍ରାକ୍ ମାଉଣ୍ଟେଡ୍ ଅଟୋମେଟିକ୍ (ଇଲେକ୍ଟ୍ରୋନିକ୍ ଟାଇପ୍) ଗେଜ୍ ଫେସ୍ (Gauge face) ଲୁବ୍ରିକେଟରଗୁଡ଼ିକର ସଂସ୍ଥାପନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 2,41,62,300.60, ବିଡ୍ ସିକ୍ୟୁରିଟି (ଟଙ୍କାରେ): 2,70,900/-,ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 11,800/-।

(4)ଇ-ଟେଣ୍ଡର ସଂ.26-eT-DENE-SBP-25

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ ପଏଣ୍ଟ ଏବଂ କ୍ରସିଙ୍ଗଗୁଡ଼ିକର MCI ଇନ୍‌ସର୍ଟର ଇନ୍-ସିଟୁ (In-situ) ରିକଣ୍ଡିସନିଙ୍ଗ୍।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :5,07,05,779.20, ବିଡ୍ ସିକ୍ୟୁରିଟି (ଟଙ୍କାରେ): 4,03,500/-।

କାର୍ଯ୍ୟ ଶେଷ ହେବା ଅବଧି : 66 ମାସ (କ୍ରମ ସଂ.1 ରୁ 3 ପର୍ଯ୍ୟନ୍ତ) ଏବଂ 24 ମାସ (କ୍ରମ ସଂ.4 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :ତା.26.06.2025 ରିଖ 1500 ଘଣ୍ଟିକାରେ (ସମସ୍ତ ଟେଣ୍ଡର ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିନ୍ଦବଳ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଙ୍ଗ), ସମ୍ବଲପୁର

PR-197/Q/25-26



**WATCO**
**OFFICE OF THE MANAGING DIRECTOR**
Ground Floor, Unnati Bhawan,
H.B. Colony, Satyanagar, Bhubaneswar-751007, Odisha, India
Telefax:- +91-674-2571444, E-mail: directorprojects@watcoodisha.in
No.C-419
**INVITATION FOR BID (IFB)**
Bid Identification No. WATCO (P)-02/2025-26, Dtd.29.05.2025
WATCO No.3756, Date:29.05.2025

| | | | |
|---|---|---|---|
| 1. | Name of the Work | : | 1. Annual maintenance of Facultative Pond, Wet well and Pumping Station at Basuaghai, STP Campus, Under sewerage Dist-II, Bhubaneswar. |
| 2. | Estimated Cost | : | Rs.35.66 Lakh. |
| 3. | Period of Completion | : | 01 (One) Years |
| 4. | Date & Time of availability of bid document in the portal | : | From 5.00 PM of Dt.05.06.2025 to 5.00 PM of 20.06.2025 |
| 5. | Last date/time of receipt of bids in the portal | : | 5.00 PM of 20.06.2025 |
| 6. | Date & Time of opening of technical bids | : | 12.30 PM of 21.06.2025 |
| 7. | Name and address of the Officer Inviting Bid | : | DIRECTOR PROJECTS, WATCO, Telefax:-0674-2571444, E-Mail:directorprojects@watcoodisha.in |

8. The bidders have to participate in ONLINE bidding only.
Further details can be seen from the website www.tendersodisha.gov.in
OIPR- Sd./- (Director Projects) WATCO



**OFFICE OF THE EXECUTIVE ENGINEER**
**ROAD CONSTRUCTION DEPARTMENT**
**ROAD DIVISION, DUMKA**
Very-Very Short Time
2nd Call PR. NO 352760 Road(25-26):D
e-Procurement Notice
Tender Reference No. RCD/DUMKA/938Date 04.06.2025

| | | |
|---|---|---|
| 1 | Name of Work | Surface Renewal of different Roads under Basukinath Dham area including Paver Block Laying, Road Marking, Installation of Sign Boards, Painting of various culverts, Bridges, trees, Flank Repair and cleaning work under Non Plan (Shrawani Mela 2025) for the year 2025-26. |
| 2 | Estimated cost(In Rs) | Rs 1,73,97,239.00 |
| 3 | Time of completion | Three Months |
| 4 | Date of Publication of Tender on Website | 06.06.2025 at 10.30 AM |
| 5 | Last date/Time for receipt of bids | 12.06.2025 Up to 12.00 Noon |
| 6 | Date of opening of Tender | 13.06.2025 at 12.30 PM |
| 7 | Name & address of office Inviting tender | Office of The Executive Engineer Road Construction Department Road Division, Dumka. |
| 8 | Contact no. of Procurement Officer | 8252424164 |
| 9 | Helpline number of e-Procurement cell | 0651-2401010 |

Further details can be seen on website http://jharkhandtenders.gov.in
Executive Engineer,
Road Construction Department,
Road Division, Dumka
PR 354211 Road(25-26).D



**वरीय पुलिस अधीक्षक का कार्यालय**
**पूर्वी सिंहभूम, जमशेदपुर**
लापताः आवश्यक सूचना



गुमशुदा पुरूष मो0 उमर, उम्र–करीब 35 वर्ष

सर्व साधारण को सूचित किया जाता है कि आवेदक अब्दुल रासीद के द्वारा अपने छोटे भाई **मो0 उमर, उम्र–करीब 35 वर्ष** की गुमशुदगी के संबंध में संबंधित थाना मानगो में लिखित आवेदन दिया गया है। आवेदन में इनके द्वारा बताया गया है कि **छोटा भाई मो0 उमर, उम्र–करीब 35 वर्ष, पिता–अब्दुल मजीद, पता–मकान नं0–205, रोड नं0–13, थाना–मानगो, जिला–पूर्वी सिंहभूम, जमशेदपुर** जो दिनांक–27.05.2025 को समय रात करीब 10:00 बजे घर से बिना बताये कहीं चला गया है लेकिन अभी तक वापस नहीं लौटा है। आवेदक एवं इनके परिवारवालों के द्वारा अपने स्तर से काफी खोजबीन किया गया परन्तु कुछ पता नहीं चल सका। **गुमशुदा पुरूष का हुलिया निम्न प्रकार है:–उम्र–35 वर्ष, कद–05 फीट, रंग–गोरा, बाल–काला, ऑख–काला, पहनावा–कुर्त्ता–पैजामा, भाषा–हिन्दी।**

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

| | |
|---|---|
| वरीय पुलिस अधीक्षक, पूर्वी सिंहभूम, जमशेदपुर | : 0657–2431006 |
| पुलिस अधीक्षक (नगर), पूर्वी सिंहभूम, जमशेदपुर | : 9471190203 |
| पुलिस उपाधीक्षक, मु0–01 | : 9431706481 |
| थाना प्रभारी, मानगो | : 9431706488 |

वरीय पुलिस अधीक्षक,
पूर्वी सिंहभूम, जमशेदपुर
PR 354233 Police(25-26).D


See Career Appointment on every Wednesday & Saturday


**OFFICE OF THE COLLECTOR & DISTRICT MAGISTRATE, KEONJHAR**
Letter No. 531/Culture Dt.: 04.06.2025
**TENDER CALL NOTICE**
Sealed quotations are hereby invited from different interested reputed firms/agencies/individual for erection of (i) Stage, (ii) Sound & Light and (iii) Catering for smooth management of cultural programmes on the eve of Rath Yatra - 2025 of Lord Shree Shree Baladevjew Bije, Old Town, Keonjhar to be held from 27.06.2025 to 05.07.2025.
The intending reputed firms/agencies/individual may submit sealed quotations along with other supporting documents like GST No., Experience Certificate & Undertaking at District Culture Office, Keonjhar latest by 01.00 P.M. of 18.06.2025 by putting in sealed drop box placed at the District Culture Office, Keonjhar or by Registered Post. The prescribed quotations along with detailed terms & conditions are available in the website **https://kendujhar.odisha.gov.in/** vide Letter No. 528/Culture/ Dt.04.06.2025.
The authority reserves rights to reject all or any of the quotations without assigning any reason thereof.
Sd./- Addl. District Magistrate, Keonjhar



**OFFICE OF THE PRINCIPAL**
**GOVERNMENT COLLEGE, SUNDARGARH**
No. 1381 **ADVERTISEMENT** Date: 04.06.2025
A Walk-in-Interview will be conducted on 19.06.2025, 20.06.2025 and 21.06.2025 for the session 2025-26 for engagement of Guest Faculty in different **UG, PG and B.Ed. Subjects** at Government College, Sundargarh.
Reporting Time: **10.00 A.M. to 11.00 A.M.** & Time of Interview: **11.00 A.M. onwards**
Interested candidates may attend the interview with all required documents on scheduled date and time mentioned above. The undersigned reserves the right to cancel part or whole of the Walk-in-Interview without assigning any reason thereof. No TA/DA is admissible for attending the interview. For more details visit the College website i.e. **govtcollegesundargarh.ac.in**.
Sd./- Principal, Government College, Sundargarh



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
No. A-249 **AUL EMBANKMENT DIVISION, AUL**
Dist.: Kendrapara, Odisha - 754219, Tel/Fax: 06729-295188
Mail id: aulembankment@gmail.com
**'e' Procurement Notice No. AED-04 of 2025-26**

| | | | |
|---|---|---|---|
| 1. | No. of the Work | : | 14 Nos. Flood Control & Road Works |
| 2. | Tender Cost | : | Varies from Rs.46,41,339.00 to 84,67,033.00 |
| 3. | Bid document cost | : | Rs.6000.00 to 10000.00 |
| 4. | Bid Security | : | Varies from Rs.46,500.00 to 84,700.00 |
| 5. | Class of Contractor | : | B Class |
| 6. | Period of Completion | : | Six Calendar Months |

7. Other details are as follows

| Procurement Officer | Bid Identification No. | Availability of Tender Online for Bidding | | Date of Opening of Technical Bid |
|---|---|---|---|---|
| | | From | To | |
| Superintending Engineer, Aul Embankment Division, Aul | AUL 01 of 2024-25 to AUL 14 of 2024-25 (14 Nos. Work) | 06.06.2025 10.00 A.M. | 16.06.2025 5.00 P.M. | 17.06.2025 11.00 A.M. |

8. e-mail Id : **aulembankment@gmail.com**
9. If required Lottery will be held on Dtd.08.07.2025 at 11.00 A.M.
Further detail conditions can be seen from the Govt. website **www.tendersodisha.gov.in**.
OIPR- Sd./- Superintending Engineer
Aul Embankment Division, Aul



Govt. of Jharkhand
**OFFICE OF THE EXECUTIVE ENGINEER**
Field Survey Division, Advance Planning, Road Construction Department, Nirupan Bhawan, 4th floor, 56-Set Chowk, Doranda, Ranchi-834002
e-mail--- eercdapfsdran-jhr@nic.in
**e-Procurement very Short Notice**
e-Tender Reference No .-RCD/FSD /AP/ RAN/04/25-26 Dated 03.06.2025

| | | |
|---|---|---|
| 1- | Name of Work | Consultancy services for preparation of Detailed project report for construction of- Bakutoli - Kurkura- Bano road including replacement of culverts and bridges, proposal of new culverts and bridges etc., complete Land Acquisition Proposal including ownership details, Resettlement and Rehabilitation Proposal and Forest Diversion Proposal including clearance of all stages etc as required all complete as per latest guidelines, at Gumla in the state of Jharkhand from Consultants empanelled in Category-I with the Road Construction Department, Government of Jharkhand vide letter no -3063(S) W.E dated 22-08-2022 are allowed to bid. |
| 2- | Tentative Length | 34.650 KM |
| 3- | Work completion time | 60 Days |
| 4- | Cost of Tender Document & Earnest Money Deposit (EMD) | **Cost of Tender Document** - Rs 5,000/- (Rupees Five Thousand) (Non-Refundable) through online mode only. **EMD :-** Rs 70,000/- (Rupees Seventy Thousand) through online mode only. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (https://jharkhandtenders.gov.in ) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5- | Date and Time of Publishing of Tender on official website | 06.06.2025, 05.00 PM |
| 6- | Last date and Time of submission of Tender (With Tender Fee and EMD) | 16.06.2025, 12.30 PM |
| 7- | Date and Timing of Bid opening | 17.06.2025, 12.30 PM |
| 8- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhavan, 56 set Chowk, Doranda, Ranchi-834002, Mobile No-8051090751 |
| 9- | Mode of Bid Submission | e-Tendering (http://jharkhandtenders.gov.in) |

For further information please go through the website http://jharkhandtenders.gov.in
Executive Engineer
Field Survey Division, A.P
Road Construction Department, Ranchi
PR 354255 Road (25-26)_D

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରିଦ୍ଧି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଜଙ୍ଗଲକୁ ବିପଦ ଦେଶୀ ମଦଭାଟି

**ମୋରଡ଼ା,୪।୬(ସ୍ମାରକ ମାଜୀ)**

### ଆଜି ବିଶ୍ୱ ପରିବେଶ ଦିବସ

ଜୁନ ୫ ବିଶ୍ୱ ପରିବେଶ ଦିବସ। ପରିବେଶକୁ ସଫା, ସୁତୁରା ରଖି ଏକ ସୁସ୍ଥ ସୁନ୍ଦର ପରିବେଶ ଗଢ଼ି ତୋଳିବା ପାଇଁ ସରକାର ଲୋକଙ୍କୁ ସଚେତନ କରାଉଛନ୍ତି। ତେବେ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ଅଞ୍ଚଳର ପରିବେଶ ଦିନକୁ ଦିନ ଦୂଷିତ ହେବାରେ ଲାଗିଛି। ଏଥିପାଇଁ ଅନେକ କାରଣ ଥିବା ବେଳେ ଅଞ୍ଚଳରେ ଗଢ଼ି ଉଠିଥିବା ମାଳ ମାଳ ବେଆଇନ ଦେଶୀ ମଦ ଭାଟି ମୁଖ୍ୟତଃ ଦାୟୀ। ଉକ୍ତ ବ୍ଲକ ତଥା ବେତନଟୀ ରେଞ୍ଜ ଅଧୀନ ଭାଲୁକଟୁଆ ଜଙ୍ଗଲରେ ୧୫ରୁ ଊର୍ଦ୍ଧ୍ୱ ଦେଶୀ ମଦ ଭାଟି ରହିଛି। ମଦ ପ୍ରସ୍ତୁତି ପାଇଁ କାଠ ଚୁଲା ବ୍ୟବହୃତ ହେଉଥିବା ବେଳେ ମଦ ବେପାରୀମାନେ ଭାଲୁକଟୁଆ ଜଙ୍ଗଲରୁ ବେଧଡ଼କ ଭାବେ ବଡ଼ ବଡ଼ ଗଛ କାଟି ଜାଳେଣି ଭାବେ ବ୍ୟବହାର କରୁଛନ୍ତି। ତେଣୁ ଜଙ୍ଗଲ ପରିବେଶ ଦ୍ରୁତ ଭାବରେ


ଭାଲୁକଟୁଆ ଜଙ୍ଗଲରେ ଥିବା ମଦଭାଟି।

କ୍ଷୟ ହେବାରେ ଲାଗିଛି। ଅଞ୍ଚଳର ଜଳବାୟୁ ଉପରେ ଏହା ବେଶ ପ୍ରଭାବ ପକାଉଛି ବୋଲି ପରିବେଶବିତ୍ ତଥା ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

ସେହିପରି ଜଙ୍ଗଲ ମାଟିକୁ ଖୋଳି ମଦ ତିଆରି ପାଇଁ ବ୍ୟବହାର ହେଉଥିବା ଚୁଲା ତିଆରି କରାଯାଉଛି। ଏହାଦ୍ୱାରା ମୃତ୍ତିକା କ୍ଷୟ ମଧ୍ୟ ପ୍ରବଳ ମାତ୍ରାରେ ହେଉଛି। ସେପଟେ ମଦ ତିଆରି ପାଇଁ ମୁଖ୍ୟ ଉପାଦାନ ମାବେ ବ୍ୟବହାର କରାଯାଉଥିବା ମହୁଲକୁ ପଚା ଯାଇଥାଏ। ପରେ ହାଣ୍ଡିରେ ରଖି ଚୁଲିରେ ବସାଯାଏ। ପଚା ଯାଇଥିବା ମହୁଲରୁ ବାହାରୁଥିବା ଗନ୍ଧ ପାଖାପାଖି ୧୦ କି.ମି.ଅଞ୍ଚଳକୁ ଖେଳେଇ ହୋଇ ଯାଉଛି। ଯାହାକୁ ନେଇ ଭବିଷ୍ୟତରେ ମୋରଡ଼ା ବାସୀ ଶ୍ୱାସକ୍ରିୟା ଜନିତ ଅସୁବିଧାରେ ପଡ଼ିବାର ସମ୍ଭାବନା ରହିଛି। ପ୍ରଶାସନ ମଦ ବେପାରୀମାନଙ୍କୁ ଧରି ମଦ ଭାଟି ସମ୍ପୂର୍ଣ୍ଣ ବନ୍ଦ ନ କଲେ ଆଗାମୀ ଦିନରେ ମୋରଡ଼ା ଅଞ୍ଚଳର ପରିବେଶ ଅଧିକ ପ୍ରଦୂଷିତ ହେବ। ଏହି ବ୍ଲକ୍ର ହାଣ୍ଡିଭଙ୍ଗା ଓ ବନ୍ଧ ସାହିରେ ମଧ୍ୟ ଅନେକ ମଦ ଭାଟି ଗଢ଼ି ଉଠିଛି। କିଛି ବର୍ଷ ହେବ ମୋରଡ଼ା ଅଞ୍ଚଳରେ ବର୍ଷ ତମାମ ହାତୀ ରହୁଥିବାବେଳେ ମଦ ଭାଟି ଯୋଗୁ ସେମାନଙ୍କ ଜୀବନ ପ୍ରତି ମଧ୍ୟ ବିପଦ ଆଶଙ୍କା ରହିଛି।

ପରିବେଶ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ବେଆଇନ ମଦଭାଟି ବନ୍ଦ ହେବା ଆବଶ୍ୟକ। ଅବକାରୀ ବିଭାଗ, ବନ ବିଭାଗ ଏବଂ ପୋଲିସ ପ୍ରଶାସନ ଏକାଠି ହୋଇ ଦୃଢ଼ ପଦକ୍ଷେପ ନେବା ଜରୁରୀ ବୋଲି ସାମାଜିକକର୍ମୀ ରାଜେଶ କୁମାର ପଡ଼ିଆରୀ, ପରିତୋଷ ବାରିକ, ତାପସ ରଞ୍ଜନ ରାଉତ, ପ୍ରକାଶ ମହାନ୍ତ, ହୃଷିକେଶ ମହାନ୍ତ, ଅମୂଲ୍ୟ ଦାସ, ରାମାୟ ମାର୍ଣ୍ଡି, ଅମ୍ବରିଶ ବେହେରା ପ୍ରମୁଖ ମତପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ମୋରଡ଼ା ଅବକାରୀ ଅଧିକାରୀ ଦୀପକ ରାଉତ ଏବଂ ବେତନଟୀ ରେଞ୍ଜର ମନୱାର ଖାଁଙ୍କୁ ପଚାରିବାରୁ ମଦ ଭାଟି ଯୋଗୁ ପରିବେଶ ପ୍ରଦୂଷିତ ହେଉଥିବା ସ୍ୱୀକାର କରିଛନ୍ତି। ମିଳିତ ଚଢ଼ାଉ କଲେ ବେଆଇନ ମଦ ଭାଟି ବନ୍ଦ ହେବ ବୋଲି କହିଛନ୍ତି।

# ୩୦୩ ଗୋରୁ ଜବତ


ପୋଲିସ ଗୋରୁଗୁଡ଼ିକୁ ଉଦ୍ଧାର କରୁଛି।

**ବୈଶିଙ୍ଗା,୪।୬(ରତନ ଦାଶ)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ କଳମା ପଞ୍ଚାୟତର ଗୋବିନ୍ଦରାୟପୁର ଓ ତାଳପଦା ଗ୍ରାମରେ ବୁଧବାର ଭୋର ୪ଟା ସମୟରେ ପୋଲିସ ଚଢ଼ାଉ କରି ୩୦୩ ଗୋରୁ ଜବତ କରିଛି। ଏହି ଗୋରୁଗୁଡ଼ିକ ପଶ୍ଚିମବଙ୍ଗ ଚାଲାଣ ପାଇଁ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରଖାଯାଇଥିଲା।

ବାରିପଦା ଏଏସ୍ପି ଦୀପକ କୁମାର ଗୋଛାୟତଙ୍କ ନେତୃତ୍ୱରେ ବୈଶିଙ୍ଗା, ବଡ଼ସାହି, ବେତନଟୀ ଓ ରାସଗୋବିନ୍ଦପୁର ଥାନା ପୋଲିସ ସମେତ ୩ ପ୍ଲାଟୁନ ଫୋର୍ସ ଚଢ଼ାଉରେ ସାମିଲ ହୋଇଥିଲେ। ମାଜିଷ୍ଟ୍ରେଟ ଭାବେ ବେତନଟୀ ଅତିରିକ୍ତ ତହସିଲଦାର ଈଶ୍ୱରଚନ୍ଦ୍ର ରଣା ଉପସ୍ଥିତ ଥିଲେ। ପ୍ରାଣୀସମ୍ପଦ ବିଭାଗର ଅଧିକାରୀମାନେ ନିଜର ଟିମ୍ ସହ ଉଦ୍ଧାର ଗୋରୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅସ୍ଥାୟୀ ଟେଣ୍ଟରୁ ଉଦ୍ଧାର ଗୋରୁଗୁଡ଼ିକୁ ସ୍ୱତନ୍ତ୍ର ଟ୍ରକ୍ ଯୋଗେ ବାଲେଶ୍ୱର ଗୋଶାଳାକୁ ହସ୍ତାନ୍ତର କରାଯାଇଛି। ଆଖପାଖ ବିଭିନ୍ନ ଗାଁରୁ ଚୋରି ହୋଇଥିବା ବଳଦ ଏବଂ ଗାଈଗୁଡ଼ିକୁ ମଧ୍ୟ ସ୍ଥାନୀୟ ବାସିନ୍ଦା ଚିହ୍ନଟ କରିଥିବା ସୂଚନା ମିଳିଛି।

**8th Birthday**




Ridhi Riyanshi Debata
Mina bazar, Dhenkanal
Blessings: Aja, Aal Papa, mummy, baba, Maa, Dhi, Sonu Mama and Raju Bhai
ଧ-୮୧୮

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

# ଉଦଳା ରଥଯାତ୍ରା ପ୍ରସ୍ତୁତି ବୈଠକ

**ଉଦଳା,୪।୬(ସନ୍ତୋଷ କୁମାର ବାଛିନୀ)**

କପ୍ତିପଦା ଉପଖଣ୍ଡର ସଦର ମହକୁମା ଉଦଳା ରଥଯାତ୍ରା ପାଳନ ନେଇ ପ୍ରଶାସନିକ ସ୍ତରରେ ଏକ ବୈଠକ ସୋମବାର ଅପରାହ୍ଣ ୫ଟା ସମୟରେ ଉଦଳା ଉପଜିଲାପାଳଙ୍କ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟିର ସଭାପତି ଯଜ୍ଞନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଉପଜିଲାପାଳ ସୁଶାନ୍ତ କୁମାର ବାରିକ, ଏନଏସି ଅଧକ୍ଷା ପ୍ରମିଳା ପଣ୍ଡା, ଉପାଧକ୍ଷା ଲିଲି ଭୋଳ, ପରିଚାଳନା କମିଟିର ସମ୍ପାଦକ ଲକ୍ଷ୍ମଣ ନାୟକ, ଆଇନଜୀବୀ ବସନ୍ତ କୁମାର ପରିଡା, ଲମ୍ବୋଦର ବେହେରା, ଉଦଳା ତହସିଲଦାର ସୁପ୍ରଭା ଦାସଙ୍କ ସମେତ ପରିଚାଳନା କମିଟିର ସମସ୍ତ କାର୍ଯ୍ୟକର୍ତ୍ତା ସଦସ୍ୟ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏହି ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିଲେ। ଉଦଳା ରଥଯାତ୍ରା ପାଇଁ ଖର୍ଚ୍ଚ ଅଟ୍ଟକଳ ସହିତ ଆସନ୍ତା ୧୧ ତାରିଖରେ ହେବାକୁ ଥିବା ଦେବସ୍ନାନ ପୂର୍ଣ୍ଣିମା, ନବଯୌବନ ଦର୍ଶନ, ୨୭ ତାରିଖ ରଥଯାତ୍ରାଠାରୁ ଆରମ୍ଭ କରି ଠାକୁରଙ୍କ ନିଳାଦ୍ରି ବିଜେ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ସମସ୍ତ ନୀତି ନିର୍ଘଣ୍ଟ ଉପରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ଜେନା ଉପସ୍ଥିତ ରହି ଏନଏସି ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି ସୂଚନା ଦେବା ସହିତ ଉପସ୍ଥିତ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଡ଼ିଲା ସଚେତନତା ରଥ


ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

**ବାରିପଦା,୪।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ତତ୍ତ୍ୱାବଧାନରେ ବିଶ୍ୱ ତମାଖୁ ବର୍ଜନ ଦିବସଠାରୁ ନିଶା ସେବନ ଓ ବେଆଇନ ମଦ କାରବାର ନିରୋଧ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ରାଜ୍ୟବ୍ୟାପି କରାଯାଉଥିବା ଏହି ଅଭିଯାନର ଶୀର୍ଷକ ରହିଛି ଆମ ସଂକଳ୍ପ - 'ନିଶା ନୁହେଁ, ଜୀବନ'। ଗାଁରୁ ସହର ସମ୍ପୂର୍ଣ୍ଣ ଓଡ଼ିଶାକୁ ଘାତକ ନିଶା କବଳରୁ ମୁକ୍ତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରାଜ୍ୟ ସରକାର ତେଣୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏକ ସୁସଂଯୋଜିତ ଏବଂ ବ୍ୟାପକ ନିଶାମୁକ୍ତି ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ଅବସରରେ ଗାଁ ଗାଁରେ ବୁଲୁଛି ସଚେତନତା ରଥ। ବୁଧବାର ଜିଲା ଅବକାରୀ ବିଭାଗ ତରଫରୁ ସଚେତନତା ରଥକୁ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉକ୍ତ ରଥ ବିଭିନ୍ନ ଅଞ୍ଚଳ ପରିକ୍ରମା କରି ମାଦକ ଓ ନିଶା ଦ୍ରବ୍ୟ ବ୍ୟବହାରର କୁପରିଣାମ ଏବଂ ଅପମିଶ୍ରିତ ବିଷାକ୍ତ ଚୋରା ମଦ କାରବାର ବିରୋଧରେ ସଚେତନତା ବାର୍ତ୍ତା ଘରେ ଘରେ ପହଞ୍ଚାଇବ।

ଜିଲା ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଂସ୍କୃତି ଅଧିକାରୀ ଅନନ୍ତ ସେଠୀ, ଅବକାରୀ ଉପ ଅଧୀକ୍ଷକ ତପସ୍ୱିନୀ ନାଏକ, ଶ୍ରୀଧର ମହାନ୍ତି ଅବକାରୀ ନିରୀକ୍ଷକ, ବ୍ରଜମୋହନ ମଲ୍ଲିକ, ବାରିପଦା ସଦର ଅବକାରୀ ଥାନା ଅଧିକାରୀ, ଜ୍ଞାନେଶ୍ୱରୀ ବିଶ୍ୱାଳ, କୁଳିଅଣା ଅବକାରୀ ଥାନା ଅଧିକାରିଣୀ, ପ୍ରଦୀପ ବେହେରା ଦେଉଳି ଅବକାରୀ ଥାନା ଅଧିକାରୀ, ପ୍ରକାଶ କୁମାର ସାହୁ ବେତନଟୀ ଅବକାରୀ ଥାନା ଅଧିକାରୀ,ମମତା ଦାଶ ଖୁଣ୍ଟା ଅବକାରୀ ଥାନା ଅଧିକାରିଣୀ, ଶୁଭଦର୍ଶିନୀ ସାହୁ ଉଦଳା ଅବକାରୀ ଥାନା ଅଧିକାରିଣୀ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସମେତ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ୩ ବାଲି ଚାଲାଣକାରୀ ଗିରଫ

**ଉଦଳା,୪।୬(ସନ୍ତୋଷ କୁମାର ବାଛିନୀ)**

### ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ ଘଟଣା

■ଥାନା ଘେରିଲେ ଉତ୍ୟକ୍ତ ଗ୍ରାମବାସୀ

ମୟୂରଭଞ୍ଜ ଜିଲା କପ୍ତିପଦା ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝୀଙ୍କୁ ଆକ୍ରମଣ ଘଟଣାରେ ପୋଲିସ ୩ ବାଲି ଚାଲାଣକାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କପ୍ତିପଦା ଅଞ୍ଚଳର ଆକାଶ ନାୟକ, ମାନସ କୁମାର ପୁହାଣ ଓ ରଜତ କୁମାର ମହାନ୍ତି। ଅନ୍ୟପକ୍ଷରେ ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମମଭଣ ଘଟଣାର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି। ୧୫ରୁ ଅଧିକ ବାଲି ଚାଲାଣକାରୀ ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ କରିଥିବା ବେଳେ ପୋଲିସ ମାତ୍ର ୩ ଜଣଙ୍କୁ ଧରିପାରିଛି। ତଦନ୍ତ ଜାରି ରହିଥିବା ବେଳେ ଖୁବ୍ଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଉପଖଣ୍ଡ ପୋଲିସ ଅଧିକାରୀ ହୃଷିକେଶ ନାଏକ କହିଛନ୍ତି। ଅନ୍ୟ ଅଭିଯୁକ୍ତ ଗଲେ କୁଆଡେ, ପୋଲିସ କାହିଁକି ସେମାନଙ୍କ ପାଖରେ ପହଞ୍ଚି ପାରୁନାହିଁ ତାହାକୁ ନେଇ ଉଠିଛି ପ୍ରଶ୍ନ। ତେବେ ଆକ୍ରମଣ ଘଟଣାରେ ପୋଲିସ ତଦନ୍ତ ଶିଥିଳତାକୁ ବିରୋଧ କରି ବୁଧବାର ପୂର୍ବାହ୍ଣ ୧୦ଟାରେ ସ୍ଥାନୀୟ ବାସିନ୍ଦା ଓ ଭାଜପା କର୍ମୀ ଥାନା ଘେରାଉ କରିଥିଲେ। ଏନେଇ ଥାନା ପରିସରରେ ଚାପା ଉତ୍ତେଜନା ଦେଖାଦେଇଥିଲା।


ଉତ୍ୟକ୍ତ ଗ୍ରାମବାସୀ ଥାନା ଘେରାଉ କରିଛନ୍ତି।

# ଶିକ୍ଷକ ଅଭାବକୁ ନେଇ ହଟ୍ଟଗୋଳ
## ସାରସକଣା ପଞ୍ଚାୟତ ସମିତି ବୈଠକ


ବୈଠକରେ ଉପସ୍ଥିତ ଲୋକ ପ୍ରତିନିଧିମାନେ।

**ଝାରପୋଖରିଆ,୪।୬ (ସୁଧିର କୁମାର ମହାନ୍ତ)**

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକର ସାଧାରଣ ବୈଠକ ବୁଧବାର ପୂର୍ବାହ୍ଣ ୧୧ରେ ପଞ୍ଚାୟତ ସମିତି ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ରାଜା ମହାନ୍ତି ଉଦ୍ଘାଟନ କରିଥିଲେ। ବୈଠକରେ ପଞ୍ଚାୟତ ସମିତିର ଅଧକ୍ଷା ତୁଳସୀ ମୁଣ୍ଡା, ଉପାଧକ୍ଷ ମିହିର କୁମାର ଘୋଷ, ସହକାରୀ ଯନ୍ତ୍ରୀ ଗଗନ ବିହାରୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମ ପଞ୍ଚାୟତ ଅଧିକାରୀ ବିନୋଦ କୁମାର ଜେନା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରକାରଙ୍କ 'ବିକଶିତ ଗାଁ ବିକଶିତ ଓଡ଼ିଶା'ର ୨୦୨୪-୨୫ ବର୍ଷ ଅନୁଦାନରେ ସାରସକଣା ବ୍ଲକର ୧୭ଟି ଗ୍ରାମ ପଞ୍ଚାୟତସ୍ତରରୁ ଗ୍ରାମସଭା ମଧ୍ୟରୁ ପ୍ରେରିତ ଅନୁମୋଦିତ ବିଭିନ୍ନ ପ୍ରକଳ୍ପ ଗୁଡିକ ସମ୍ବନ୍ଧରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ବୈଠକରେ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟଙ୍କ ସହିତ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀମାନେ ଅଂଶ ଗ୍ରହଣ କରିଥିଲେ। ବିଶେଷ କରି ବ୍ଲକରେ ଥିବା ମୋଟ ୧୭୬ଟି ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ୪ଟି ବିଦ୍ୟାଳୟରେ ଶିକ୍ଷକ ନ ଥାଇ ଶିକ୍ଷାଦାନ ଓ ୩୯ଟି ବିଦ୍ୟାଳୟରେ ଜଣେ ଲେଖାଏ ଶିକ୍ଷକକୁ ନେଇ ଚାଲିଥିବା ପ୍ରାଥମିକ ଶିକ୍ଷାଦାନ ପାଇଁ ବୈଠକରେ ଲୋକ ପ୍ରତିନିଧି ହଟ୍ଟଗୋଳ କରିଥିଲେ। ଗ୍ରୀଷ୍ମ ଛୁଟି ଖୋଲିବା ପୂର୍ବରୁ ଶିକ୍ଷକ ନିଯୁକ୍ତି କରିବାକୁ ବିଡିଓ ବ୍ଲକ ଶିକ୍ଷା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।


**Classified Everyday**
**0674-2580101, 9692975378**


REAL ESTATE
SALE

ଭୁବନେଶ୍ୱର, Puri bypass ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ Residential Plot, 2/3BHK Flat ବିକ୍ରିହେବ। 8327785834. D-76266

Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call- 9861642492. D-738

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Ground Floor single room attached toilet for office space at VSS Nagar. 7873657633. D-781




Full body massage by experience therapist with homely atmosphere. 9114559860. D-780

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-730

Wellness relax body massage & joint pain treatment by trend therapist. 7327020180. D-76917

Newly open SPA positively health benefits (expert therapist). Contact- 7749034655. D-76919

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By affidavit CF No.-49 before Executive Magistrate, Bhubaneswar on dt. 03.06.2025, I, Urmila Kumari Rout will be known as Urmila Lenka for all purpose. D-821

By virtue of an affidavit sworn before Executive Magistrate, Bhubaneswar, dated- 3.05.2025, I, Nirakar Rath, Address: At- Ghantiali, P.O.-Baniapal, Dist.-Jajapur, Odisha, PIN-755027 declared that I have changed my name from Niranjan Rath to Nirakar Rath. Henceforth, I shall be known as Nirakar Rath for all purposes.
NIRAKAR RATH
D-816

**NOTICE**

ଆମ୍ଭେ ଲୋପାମୁଦ୍ରା ମହାନ୍ତି, ସ୍ୱାମୀ: ସତ୍ୟଜିତ ମହାନ୍ତି, ଏତଦ୍ୱାରା ଘୋଷଣା କରୁଅଛୁ କି, ଆମ୍ଭର ଡେଲାଙ୍ଗଠାରେ ଥିବା ''ଜିନାଲ ମାର୍ଟ'' (ଲେଡିଜ୍ କର୍ଣ୍ଣର) ଗତ ତା୨୨।୦୪।୨୦୨୪ଠାରୁ ବନ୍ଦ କରାଯାଇଛି। ତେଣୁ ଉକ୍ତ ଦୋକାନ ନାମରେ କେହି ଦେଣନେଣ କଲେ ଆମ୍ଭେ ଦାୟୀ ରହିବୁ ନାହିଁ।
ସ୍ୱା./- ଲୋପାମୁଦ୍ରା ମହାନ୍ତି
ଧ-୭୬୭୭୪

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତଃ ପ୍ରସନ୍ନ କୁମାର ମିଶ୍ର
(ଆଡ୍ଭୋକେଟ୍)
ବାଙ୍କି, କଟକ
ଆବିର୍ଭାବ: ୨୩।୦୯।୧୯୩୨
ତିରୋଧାନ: ୧୬।୦୬।୨୦୨୪
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକାକୁଳ ପରିବାରବର୍ଗ: ଶାନ୍ତା ମିଶ୍ର, ସଦାଶିବ ନନ୍ଦ ଓ ଅନ୍ୟମାନେ
ଧ-୮୧୭

# ସରକାରୀ ଜମି ଜବରଦଖଲମୁକ୍ତ କର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୪।୬(ସୁନିତ୍ ମିଶ୍ର)

- ୪ ଡେସିମିଲରୁ କମ୍ ଜମି ଥିଲେ ଭୂମିହୀନ ଭାବେ ଗଣାହେବେ
- ଜମି କିଣାବିକାରେ ଅନିୟମିତତା ହେଲେ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ
- ଶିଳ୍ପ ପାଇଁ ସରକାରୀ ଜମି ନ ଥିଲେ ଲୋକଙ୍କଠାରୁ ଅଧିଗ୍ରହଣ କର
- ପ୍ରଥମ ଅଧିବେଶନରେ ଉପଜିଲାପାଳ, ଅତିରିକ୍ତ ଜିଲାପାଳ, ତହସିଲଦାର ସାମିଲ



ଶାସନ-ପ୍ରଶାସନ ବ୍ୟବସ୍ଥାରେ ତହସିଲଦାରମାନେ ହେଉଛନ୍ତି ରାଜସ୍ୱ ପ୍ରଶାସନର ମେରୁଦଣ୍ଡ। ତହସିଲଦାରମାନେ ଲୋକଙ୍କ ଅଭିଯୋଗ ଶୁଣିବା ସହ ତାହାର ତ୍ୱରିତ ସମାଧାନ ପାଇଁ ଚେଷ୍ଟାକରନ୍ତୁ। ତହସିଲ ଅଫିସ୍ ଲୋକଙ୍କ ପାଇଁ ଭୟର ନୁହେଁ, ବିଶ୍ୱାସର ସ୍ଥାନ ହେଉ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ରାଜସ୍ୱ ଅଧିକାରୀମାନଙ୍କ ସମ୍ମିଳନୀରେ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାଜପା ସରକାର ଭୂମି ପ୍ରଶାସନକୁ ଆଧୁନିକ ଏବଂ ଲୋକାଭିମୁଖୀ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଓଡ଼ିଶାରେ କେହି ବି ଭୂମିହୀନ ରହିବେ ନାହିଁ। ଯେଉଁମାନଙ୍କର ୪ ଡେସିମିଲରୁ କମ୍ ଜମି ଅଛି, ସେମାନେ ମଧ୍ୟ ଭୂମିହୀନ ଭାବେ ଗଣାହେବେ। ସରକାର ସେମାନଙ୍କୁ ଜମି ଯୋଗାଇଦେବେ। ଏହି ଯୋଜନାକୁ ପ୍ରଭାବୀ ଭାବେ ଲାଗୁକରିବା ପାଇଁ ତହସିଲଦାରମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସମାଜର ଶେଷଧାଡ଼ିରେ ଥିବା ଲୋକ ପର୍ଯ୍ୟନ୍ତ ସେବା ପହଞ୍ଚାନ୍ତୁ। ଯେଉଁମାନେ ଦୀର୍ଘଦିନ ଧରି ବଞ୍ଚିତ ଓ ଅବହେଳିତ– ସେମାନେ ହେଉଛନ୍ତି ସରକାରଙ୍କ ପ୍ରାଥମିକତା। ବହୁ ମୂଲ୍ୟବାନ୍ ସରକାରୀ ଜମି ଜବରଦଖଲରେ ଅଛି। ସେହି ସରକାରୀ ଜମିକୁ ଜବରଦଖଲମୁକ୍ତ କରି ତାହାର ସୁରକ୍ଷା କରନ୍ତୁ। ଆଗାମୀ ଦିନରେ ସରକାର ରାଜସ୍ୱ କ୍ଷେତ୍ରରେ ଅନେକ ସଂସ୍କାର ଆଣିବାକୁ ଯାଉଛନ୍ତି। ସମୟସୀମା ମଧ୍ୟରେ ଦାଖଲ ଖାରଜ ମାମଲା ଓ ଅନ୍ୟାନ୍ୟ ଜମିଜମା ମାମଲାର ତ୍ୱରିତ ଫଇସଲା କରନ୍ତୁ। ଜମିଜମା ସଂକ୍ରାନ୍ତୀୟ ମାମଲା ବିଚାର କଲାବେଳେ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ କରିବା ଦରକାର ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଜନଜାତି ଏବଂ ଅନୁସୂଚିତ ଜାତିଙ୍କ ଜମି କିଣାବିକାରେ ଅନେକ ସମୟରେ ଅନିୟମିତତା ଦେଖାଯାଇଥାଏ। ଏହି କିଣାବିକା ତହସିଲଦାରଙ୍କ ଅଗୋଚରରେ ହେବା ପ୍ରାୟତଃ ଅସମ୍ଭବ। ତେଣୁ ଏହି ସମ୍ବନ୍ଧୀୟ ସବୁ ବିବାଦ, କିଣାବିକାରେ ସାମାନ୍ୟତମ ବ୍ୟତିକ୍ରମ ହେବା ଉଚିତ ନୁହେଁ। ଯଦି ଜ୍ଞାତସାରରେ କିଛି ତ୍ରୁଟି ହୁଏ, ଏହାର ପରିଣାମ ସେହି ଅଧିକାରୀ ଭୋଗିବେ। ଏଥିରେ ସରକାରଙ୍କ 'ଶୂନ୍ୟ ସହନଶୀଳତା' ନୀତି ରହିଛି। ରାଜସ୍ୱ ବିଭାଗ ହେଉଛି ସ୍ୱଚ୍ଛ ଏବଂ ଉତ୍ତମ ସରକାରର ଦର୍ପଣ। ଯଦି ସରକାର ଆପଣଙ୍କ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା କରିବାକୁ ଯାଉଛନ୍ତି, ଆପଣମାନେ ଆବଶ୍ୟକ ଜମି ଯୋଗାଡ଼ କରିବେ। ଯଦି ସରକାରଙ୍କ ପାଖରେ ଜମି ନାହିଁ, ଲୋକଙ୍କ ଠାରୁ ଅଧିଗ୍ରହଣ କରିବାକୁ ପଡ଼ିବ ଏବଂ ଏହି କାର୍ଯ୍ୟ ସବୁବେଳେ ବିଶ୍ୱାସର ସହ କରିବାକୁ ହେବ ବୋଲି ସେ କହିଛନ୍ତି।

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଚିରାଚରିତ କାର୍ଯ୍ୟପଦ୍ଧତିରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ତେଣୁ ସମସ୍ତେ ନିଜର ମାନସିକତା ବଦଳାନ୍ତୁ। ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ଲୋକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରନ୍ତୁ। ସମୟ ଅନୁଯାୟୀ ରାଜସ୍ୱ ସେବା ଯୋଗାଇଦେବା ପାଇଁ ଯତ୍ନବାନ୍ ହୁଅନ୍ତୁ ବୋଲି ପୂଜାରୀ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ବି. ପରମେଶ୍ୱରନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଏହି ୨ ଦିନିଆ କର୍ମଶାଳାର ପ୍ରଥମ ଅଧିବେଶନରେ ସମସ୍ତ ଜିଲାର ଉପଜିଲାପାଳ, ଅତିରିକ୍ତ ଜିଲାପାଳ ଓ ତହସିଲଦାରମାନେ ଅଂଶଗ୍ରହଣ କରିଛନ୍ତି।

## ବିଶ୍ୱବିଦ୍ୟାଳୟ, ୮୦୦ ମହାବିଦ୍ୟାଳୟରେ ୧୦ ଲକ୍ଷ ଚାରା ଲଗାଇବ ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୪।୬(ସୁନିତ୍ ମିଶ୍ର)

ରାଜ୍ୟରେ ଜଳବାୟୁ ପରିବର୍ତ୍ତନ ଦ୍ୱାରା ହେଉଥିବା ପ୍ରାକୃତିକ ବିପର୍ଯ୍ୟୟ ଯଥା ବାତ୍ୟା, ବନ୍ୟା, ବଜ୍ରପାତ ଓ ଭୂସ୍ଖଳନକୁ ଏଡ଼ାଇବା ପାଇଁ ବ୍ୟାପକ ବୃକ୍ଷରୋପଣର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଦେଶ ଛାତ୍ର କଂଗ୍ରେସ ଦ୍ୱାରା ଗ୍ରୀନ୍ ୟୁନିଭର୍ସିଟି ରିଭୋଲ୍ୟୁଶନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ରାଜ୍ୟରେ ଥିବା ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ପ୍ରାୟ ୮୦୦ ମହାବିଦ୍ୟାଳୟରେ ପ୍ରାୟ ୧୦ ଲକ୍ଷ ଚାରା ଲଗାଇବାକୁ ଲକ୍ଷ୍ୟ ରଖାଯାଇଛି। ଏହି କ୍ରମରେ ବୁଧବାର ପ୍ରଥମ ପର୍ଯ୍ୟାୟରେ ୧୦ ହଜାର ମଞ୍ଜି ବଲ୍ ବଣ୍ଟନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନଙ୍କ ରଚନାତ୍ମକ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଛନ୍ତି। ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଓଡ଼ିଶା ପ୍ରଦେଶକୁ ସବୁଜ ସୁନ୍ଦର କରିବା ପାଇଁ ଉଦିତଙ୍କ ଉଦ୍ୟମକୁ ସାଧୁବାଦ ଜଣାଇଛନ୍ତି।

## ପିସିସିକୁ କୁଚିଣ୍ଡା ଘଟଣାର ରିପୋର୍ଟ ଦେଲା ଅନୁଧ୍ୟାନକାରୀ କମିଟି

ଭୁବନେଶ୍ୱର, ୪।୬(ସୁନିତ୍ ମିଶ୍ର)

ଚାରବାଟି କୁଚିଣ୍ଡା ସେମିନାରି ଖ୍ରୀଷ୍ଟିଆନି ମିଶନାରି ଫାଦର ସେଲ୍‌ଭିନ୍ ଏବଂ ରୋଷେୟା ମର୍ଶିଲୀନାଙ୍କ ପ୍ରତି ହୋଇଥିବା ଆକ୍ରମଣ ଘଟଣାର ତଦନ୍ତ ଲାଗି ପ୍ରଦେଶ କଂଗ୍ରେସ ପକ୍ଷରୁ ବିଧାୟକ ରାଜନ ଏକ୍କାଙ୍କ ନେତୃତ୍ୱରେ ଏକ ଅନୁଧ୍ୟାନ କମିଟି ଗଠନ କରିଥିଲା। ଏହି କମିଟି ଗତ ୨ତାରିଖରେ ଘଟଣାସ୍ଥଳକୁ ଯାଇ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରିବା ସହ ତା'ର ଏକ ରିପୋର୍ଟ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତିଙ୍କୁ ପଠାଇଛନ୍ତି। ସୂଚନାଯୋଗ୍ୟ, ଏହି ଘଟଣାରେ ସମ୍ପୃକ୍ତ ଅପରାଧୀମାନେ ଫାଦର ସିଲ୍‌ଭିନ୍‌ଙ୍କୁ ଲୁହାରଡ଼ରେ ଅତି ନିର୍ମମ ଭାବେ ମାରିବା ସହ ସେଠାରେ ଥିବା ରୋଷେୟାଙ୍କୁ ବାନ୍ଧି ବାଡ଼େଇଥିଲେ। ମେସ୍ ପରିଚାଳନା ପାଇଁ ଥିବା ଟଙ୍କାରୁ ୨,୮୦,୦୦୦ ଟଙ୍କା ଆଲମିରା ଭାଙ୍ଗି ନେଇଯାଇଛନ୍ତି। ଏହି ଘଟଣାକୁ ନେଇ ସେଦିନ କୁଚିଣ୍ଡା ଥାନାରେ ଏକ କେସ୍ ଦାୟର କରାଯାଇଛି ବୋଲି ଦଳ ପକ୍ଷରୁ କୁହାଯାଇଛି।

# ଶ୍ୱେତପତ୍ର ଜାରି କରିବାକୁ କହିଲା ବିଜେଡି

**କୋରାପୁଟ: ଇଞ୍ଜେକ୍ସନ ନେବା ପରେ ୬ ଜଣଙ୍କ ମୃତ୍ୟୁ ଘଟଣା**

**କଂଗ୍ରେସର ଦାବି ୨୫ ଲକ୍ଷର ଅନୁକମ୍ପା ଦିଅ**

ଭୁବନେଶ୍ୱର, ୪।୬(ସୁନିତ୍ ମିଶ୍ର)

କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ୬ଜଣ ରୋଗୀଙ୍କ ଗୋଟିଏ ଦିନରେ ମୃତ୍ୟୁ ଘଟଣାକୁ ନେଇ ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥା ଉଦ୍‌ବେଗଜନକ ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ସରକାର ଶ୍ୱେତପତ୍ର ଜାରି କରନ୍ତୁ ବୋଲି ବିଜେଡି ଦାବି କରିଥିବା ବେଳେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ଲେଖାଏ ଦେବାକୁ ଦାବି କରିଛନ୍ତି।

ଶଙ୍ଖ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର କହିଛନ୍ତି, ମେଡିକାଲ କଲେଜରେ ଚିକିତ୍ସା ଅବହେଳା ଯୋଗୁ ଆଇସିୟୁରେ ୫ ଓ ୱାର୍ଡରେ ଜଣେ ରୋଗୀଙ୍କ ଅକାଳ ମୃତ୍ୟୁବରଣ ଘଟଣା ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତାକୁ ସୂଚାଉଛି। ପୂର୍ବରୁ ଅବିଭକ୍ତ କୋରାପୁଟ ଜିଲାର ଲୋକମାନେ ଚିକିତ୍ସା ପାଇଁ ଆନ୍ଧ୍ର ମୁହାଁ ହେଉଥିଲେ। ଏହାକୁ ଅନୁଭବକରି ବିଜେଡି ସରକାର ସମୟରେ କୋରାପୁଟରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କରାଯାଇଥିଲା। ବର୍ତ୍ତମାନର ସରକାର ବର୍ଷକ ମଧ୍ୟରେ ସବୁକିଛି କରିବାର ପ୍ରଚାର କରୁଥିଲେ ମଧ୍ୟ ଏହି ଘଟଣା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ବେପରୁଆ ମନୋଭାବ ଓ ବିକଳ ଚିତ୍ରକୁ ପଦାରେ ପକାଇଛି। ତୁରନ୍ତ ସରକାର ଏହି ଘଟଣାରେ ଶ୍ୱେତପତ୍ର ଜାରି କରିବା ସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଭୃଗୁ କହିଛନ୍ତି।

କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କାଡାମ୍ କହିଛନ୍ତି, କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭୁଲ୍ ଇଞ୍ଜେକ୍ସନ ଯୋଗୁ ୬ ଜଣଙ୍କ ଜୀବନ ଚାଲିଯାଇଛି। ସେଠାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନ ଥିବାରୁ ସରକାରଙ୍କ ଭୁଲ୍ ପାଇଁ ନିରୀହ ଲୋକଙ୍କ ଜୀବନ ଯାଇଛି। ମୃତ୍ୟୁବରଣ କରିଥିବା ପରିବାରକୁ ୨୫ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ଦେବା ସହ ଭୁଲ୍ ଇଞ୍ଜେକ୍ସନ ଦେଇଥିବା ଅପରାଧୀଙ୍କୁ କଠୋର ଦଣ୍ଡ ଦିଆଯାଉ ବୋଲି ସେ ଦାବି କରିଛନ୍ତି।

## ଏୟାରଷ୍ଟ୍ରିପ୍ ପାଇଁ ନିୟମ ନ ମାନି ଆଦିବାସୀ ବସ୍ତି ଉଚ୍ଛେଦ କରାଯାଇଛି: କାଡାମ

ଭୁବନେଶ୍ୱର, ୪।୬(ସୁନିତ୍ ମିଶ୍ର)

ରାଇରଙ୍ଗପୁର ଏୟାରଷ୍ଟ୍ରିପ୍ ପାଇଁ ଗତ କିଛିଦିନ ତଳେ ଆଦିବାସୀ ପରିବାରକୁ ସରକାର ଜୋର ଜବରଦସ୍ତ ଉଚ୍ଛେଦ କରିଛନ୍ତି। ଏହାଦ୍ୱାରା ସବୁ ନିୟମ ଉଲ୍ଲଂଘନ କରିଛନ୍ତି। ନିୟମ ଅନୁଯାୟୀ ବିନା ପଲ୍ଲିସଭାରେ କୌଣସି ଆଦିବାସୀ ବସ୍ତି ଉଚ୍ଛେଦ କରିବା କଥା ନୁହେଁ। ରାଇରଙ୍ଗପୁର ଅଞ୍ଚଳରେ ଏକ ଏୟାରଷ୍ଟ୍ରିପ୍ ନିର୍ମାଣ ପାଇଁ ଉକ୍ତ ବସ୍ତି ଉଚ୍ଛେଦ କରାଯାଇଛି। ସେଥିରେ ୪୩ ପରିବାର ଉଚ୍ଛେଦ ହୋଇଥିବା ବେଳେ କ୍ଷତିଗ୍ରସ୍ତ ହୋଇଛନ୍ତି। କିନ୍ତୁ ସେଠାରେ କୌଣସି ପଲ୍ଲିସଭା କରାଯାଇନାହିଁ, ପେସା ଆଇନ ଲାଗୁହୋଇନାହିଁ ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି। କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ କାଡାମ କହିଛନ୍ତି, ଉଚ୍ଛେଦ ହୋଇଥିବା ଆଦିବାସୀ ପରିବାର ଆନ୍ଦୋଳନକରି ଏପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି। ହେଲେ ଏଯାଏଁ କିଛି ଫଳପ୍ରଦ ହେଲାନାହିଁ। ଆଦିବାସୀମାନେ ବାସହରା ହୋଇଛନ୍ତି। ତେଣୁ ରାଜ୍ୟ ସରକାରଙ୍କ ପାଖରେ କଂଗ୍ରେସ ଦାବି କରୁଛି ଘର ଭଙ୍ଗାଯାଇଥିବା ଲୋକଙ୍କୁ ୪୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବା ସହ ଯେତିକି ଜାଗା ଯାଇଛି ତା'ର ୨ଗୁଣା ଜାଗା ଅନ୍ୟ ସ୍ଥାନରେ ଦେଇ ସେମାନଙ୍କୁ ଥଇଥାନ କରାଯାଉ। ଆଦିବାସୀ ନାମରେ ହୋଇଥିବା ମାମଲା ପ୍ରତ୍ୟାହାର ହେଉ। ନଚେତ୍ କଂଗ୍ରେସ ଆଗାମୀ ଦିନରେ ଆନ୍ଦୋଳନ କରିବ ବୋଲି କାଡାମ୍ କହିଛନ୍ତି। ସୂଚନାଯୋଗ୍ୟ, ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ସେ ଏବଂ ଅନ୍ୟ ନେତୃବୃନ୍ଦ ଆଦିବାସୀଙ୍କ ବସ୍ତି ଉଚ୍ଛେଦ ସ୍ଥାନ ଗ୍ରସ୍ତକରି ସବିଶେଷ ତଥ୍ୟ ପିସିସିକୁ ପ୍ରଦାନ କରିଛନ୍ତି।

## ଶୁଭେନ୍ଦୁ ମହାନ୍ତି କଂଗ୍ରେସ ରାଜ୍ୟ ସେବା ଦଳ ଅଧ୍ୟକ୍ଷ

ଭୁବନେଶ୍ୱର, ୪।୬(ସୁନିତ୍ ମିଶ୍ର)

ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସେବା ଦଳ ଅଧ୍ୟକ୍ଷ ଭାବେ ଶୁଭେନ୍ଦୁ ମହାନ୍ତିଙ୍କୁ ନିଯୁକ୍ତି ମିଳିଛି। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଅନୁମୋଦନକ୍ରମେ ଏହି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏନେଇ ବୁଧବାର ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳଙ୍କ ଦସ୍ତଖତରେ ବିଜ୍ଞପ୍ତି ଜାରି କରାଯାଇଛି।

## କନ୍ଧମାଳରେ ଗର୍ଭବତୀଙ୍କ ମୃତ୍ୟୁର ତଦନ୍ତ ପାଇଁ ଗଠନ ହେଲା ଟିମ୍

ଭୁବନେଶ୍ୱର, ୪।୬(ସୁନିତ୍ ମିଶ୍ର)

କନ୍ଧମାଳ ଜିଲା ଅନ୍ତର୍ଗତ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗର୍ଭବତୀ ମହିଳା ସୁନିମା ପ୍ରଧାନଙ୍କ ମୃତ୍ୟୁ ବିଷୟରେ ଜଣାପଡ଼ିବା ପରେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଲାଗି ନିର୍ଦ୍ଦେଶ ଦେଇଛି। ଘଟଣାର ବିଧିବଦ୍ଧ ତଦନ୍ତ କରିବାକୁ କନ୍ଧମାଳ ମେଡିକାଲ କଲେଜ ଏବଂ ହସ୍ପିଟାଲର ବରିଷ୍ଠ ବିଶେଷଜ୍ଞମାନଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ଉକ୍ତ ଟିମ୍ ପକ୍ଷରୁ ତଦନ୍ତ ପ୍ରକ୍ରିୟା ଆରମ୍ଭ କରାଯାଇଛି। ୭ ଦିନ ମଧ୍ୟରେ ବିଶେଷଜ୍ଞ ଟିମ୍‌ଙ୍କ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି, ଗର୍ଭବତୀ ମହିଳାଙ୍କ ଚିକିତ୍ସାରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବ ନାହିଁ। ଅବହେଳା କରିଥିବା ଡାକ୍ତର ଏବଂ ନର୍ସିଂ, ଷ୍ଟାଫ୍ କିମ୍ବା ଅନ୍ୟ ଷ୍ଟାଫ୍‌ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ସୂଚନା ଦେଇଛି।

**ପ୍ରଥମ ପୃଷ୍ଠାରୁ...**

## ଇଞ୍ଜେକ୍ସନ ନେବା ...

ବୁଧବାର ରାତି ସୁଦ୍ଧା କୋରାପୁଟରେ ପହଞ୍ଚି ଘଟଣାର ତଦନ୍ତ କରିବେ ବୋଲି କୋରାପୁଟ ମେଡିକାଲ କଲେଜ ଅଧୀକ୍ଷକ ଡା. ସୁଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ସମସ୍ତ ରୋଗୀ ଗୁରୁତର ଅବସ୍ଥାରେ ମଙ୍ଗଳବାର କୋରାପୁଟ ମେଡିକାଲ କଲେଜରେ ଭର୍ତ୍ତି ହୋଇଥିଲେ। କଳାହାଣ୍ଡିର ଫୁଲମତି କର୍କଟ ରୋଗରେ ଏବଂ ବତୀ ଓ ଭଗବାନ ପେଟ ଯନ୍ତ୍ରଣାରେ ପୀଡ଼ିତ ଥିଲେ। ଅନ୍ୟପକ୍ଷରେ ଗଣ୍ଡଗୋଳ ବେଳେ ଛୁରି ଆକ୍ରମଣରେ ଆହତ ହୋଇଥିବା ଶୁକ୍ରା ମାଝି ଓ ଦୁର୍ଘଟଣାରେ ଗୁରୁତର ହୋଇଥିବା ରୁକ୍ମିଣୀ ଓ ଜଗନ୍ନାଥଙ୍କୁ କୋରାପୁଟ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଫୁଲମତି, ଶୁକ୍ରା ଓ ରୁକ୍ମିଣୀଙ୍କୁ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେମାନଙ୍କ ଚିକିତ୍ସା ଚାଲିଥିଲା। ନର୍ସ ରାତି ପ୍ରାୟ ୯ଟାରୁ ୯ଟା ୩୦ ମଧ୍ୟରେ ଫୁଲମତି, ଶୁକ୍ରା ଓ ରୁକ୍ମିଣୀଙ୍କୁ ଇଞ୍ଜେକ୍ସନ ଦେଇଥିଲେ। ଏହାର ପ୍ରାୟ ଘଣ୍ଟାଏ ମଧ୍ୟରେ ସମସ୍ତେ ଥରିବାକୁ ଲାଗିଥିଲେ। ଏହି ସମୟରେ ଡାକ୍ତର ଆସି ଦେଖିଥିଲେ। ହେଲେ ଫୁଲମତିଙ୍କ ପ୍ରଥମେ ମୃତ୍ୟୁ ହୋଇଥିଲା। ଏହାର ଅଧଘଣ୍ଟା ଭିତରେ ଶୁକ୍ରା ଓ ରୁକ୍ମିଣୀ ଆଖିବୁଜିଥିଲେ। ସେହିଭଳି ୱାର୍ଡରେ ଥିବା ବତୀ, ଜଗନ୍ନାଥ ଓ ଭଗବାନଙ୍କୁ ଇଞ୍ଜେକ୍ସନ ଦିଆଯାଇଥିଲା। ସେମାନେ ମଧ୍ୟ କିଛି ସମୟ ଥରିବା ପରେ ଜଣଙ୍କ ପରେ ଜଣେ ପ୍ରାଣ ହରାଇଥିଲେ। ପ୍ରଥମେ ବତୀଙ୍କ ରାତି ପ୍ରାୟ ୧୧ଟାରେ ମୃତ୍ୟୁ ହୋଇଥିଲା। ଏହାର ପାଖାପାଖି ୧୫ରୁ ୨୦ ମିନିଟ୍ ମଧ୍ୟରେ ଭଗବାନ ଓ ରାତି ୩ଟା ୩୩ରେ ଜଗନ୍ନାଥଙ୍କର ମୃତ୍ୟୁ ହୋଇଥିଲା। ତେବେ ମୃତ୍ୟୁ ପରେ ପରେ ଫୁଲମତି ଓ ବତୀଙ୍କ ପରିବାର ଲୋକେ ମୃତଦେହ ନେଇ ହସ୍ପିଟାଲରୁ ପଳାଇଥିଲେ। ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଅଜାଣତରେ ମୃତଦେହ ନିଆଯାଇଥିବା କୁହାଯାଉଛି, ଯାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ବୁଧବାର ଅପରାହ୍ନ ୨ଟା ମଧ୍ୟରେ ଅନ୍ୟ ୪ଜଣଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା କୋରାପୁଟ ଟାଉନ ଥାନାଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି।

## ବେଙ୍ଗାଲୁରୁରେ ...

ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିବାରୁ ଏପରି ଘଟିଥିବା କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ସୂଚନା ଦେଇଛନ୍ତି। ଏଥିପାଇଁ ଶିବକୁମାର କ୍ଷମା ମାଗିଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ସେ ସମବେଦନା ଜଣାଇଛନ୍ତି। ଅହମ୍ମଦାବାଦସ୍ଥିତ ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରୁ ବେଙ୍ଗାଲୁରୁ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌କୁ ଆର୍‌ସିବି ଟିମ୍ ଫେରିବା ପରେ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ବେଙ୍ଗାଲୁରୁ ମେଟ୍ରୋରେ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ଏପରି ସ୍ଥିତି ଉପୁଜିଥିଲା ଯେ, ବେଙ୍ଗାଲୁରୁ ମେଟ୍ରୋ ରେଳ କର୍ପୋରେଶନ୍ ପକ୍ଷରୁ ଟ୍ରେନ୍‌ଗୁଡ଼ିକରେ ଅଧିକ ଯାତ୍ରୀ ନ ଯିବାକୁ ଘୋଷଣା କରିବାକୁ ପଡ଼ିଥିଲା। ଇତିମଧ୍ୟରେ ନିଜ ପ୍ରିୟ ଖେଳାଳିଙ୍କ ଝଲକ୍ ଟିକିଏ ପାଇବା ପାଇଁ ଷ୍ଟାଡିୟମ୍‌ର ଏକାଧିକ ପ୍ରବେଶପଥରେ ବହୁସଂଖ୍ୟକ କ୍ରୀଡ଼ାପ୍ରେମୀ ରୁଣ୍ଡହୋଇ ସାରିଥିଲେ। ସେଠାରେ ଲୋକେ ହୋହଲ୍ଲା କରିବାରେ ଲାଗିଥିଲେ। ଏପରି କି ବହୁ ଦର୍ଶକ ଷ୍ଟାଡିୟମ୍ କାନ୍ଥକୁ ଚଢ଼ିଯାଇଥିଲେ। ପୋଲିସ ଯେତେ ବାରଣ କରିଥିଲେ ବି କେହି ଶୁଣି ନ ଥିଲେ। ଦେଖୁ ଦେଖୁ ସ୍ଥିତି ଅଣାୟତ୍ତ ହୋଇଯାଇଥିଲା। ଫଳରେ ଭିଡ଼ ପରିଚାଳନା ପାଇଁ ପୋଲିସକୁ ମୃଦୁ ଲାଠିଚାର୍ଜ କରିବାକୁ ପଡ଼ିଥିଲା। ସୋସିଆଲ ମିଡିଆରେ ଜନସମୁଦ୍ରର ଫଟୋ ଓ ଭିଡିଓ କ୍ଲିପ୍‌ଗୁଡ଼ିକୁ ଦେଖିଲେ ସ୍ଥିତି ବୁଝି ହେଉଛି। କେହି କେହି ଏହାକୁ ପର୍ବପର୍ବାଣିର ଭିଡ଼ ସହ ତୁଳନା କରିଥିବାବେଳେ ଆଉ କେତେଜଣ ୟୁଜର୍ସ ରାଜନୈତିକ ରାଲି ସଦୃଶ ଭିଡ଼ ବୋଲି ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ଅବ୍ୟବସ୍ଥା ପାଇଁ ସ୍ଥାନୀୟ ସରକାର ଓ କର୍ତ୍ତୃପକ୍ଷଙ୍କୁ ଲୋକେ ଦାୟୀ କରି ସମାଲୋଚନା କରୁଛନ୍ତି। ରାଜ୍ୟ ଭାଜପା ସଭାପତି ବି.ୱାଇ. ବିଜୟେନ୍ଦ୍ର ଦଳାଚକଟାରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିବା କହି ବିଚାରବିଭାଗୀୟ ତଦନ୍ତ ଦାବି କରିଛନ୍ତି।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**
Mail i.d - los84thircbhubaneswar2025@gmail.com
**Notice Inviting Request for Proposal No.02 of 2025-26**
RFP No. 3186 /IRC Bhubaneswar Dated 31st May-2025

**No.B-174** : The Chief Construction Engineer, Central(R&B) Circle, Bhubaneswar intends to slect an agency for selection of consultancy firm for conceptualisation, planning, coordination, management, monitoring & supervision of the entire event of 84th Indian Road Congress Annual Session-2025 at Bhubaneswar (Odisha).

Interested agencies may participate in this tender and submit their proposal. The RFP documents will be available from 5.00 P.M. of 03.06.2025 to 5.00 P.M of 18.06.2025, date of opening 5.30 P.M. of 18.06.2025 and can be downloaded from https://tendersodisha.gov.in. The completed proposal, as per instruction in the RFP documents, should be submitted on the portal latest by 18.06.2025 up to 17.00 hours. Please refer to the RFP documents for further details.

The undersigned reserves the right to cancel this invitation and / or invite fresh bid / RFP with or without amendments to this invitation, without liability or any obligation for such invitation and without assigning any reason. The Tender invitation Authority also reserves the right to accept or reject any or all proposals without assigning any reason whatsoever.

The e-bid document is available on e_tender portal https://tendersodisha.gov.in. Interested Bidders may view, download the e-bid document, seek clarification and submit their e-bids online only on e_tender portal https://tendersodisha.gov.in.

Sd./- Er.M.K.Mahananda
Chief Costruction Engineer
Central (R&B) Circle, Bhubaneswar



**ODISHA STATE SEEDS CORPORATION LIMITED**
(A Government Undertaking)
Santarapur, Bhubaneswar-751002
Tel-MD 0674-2340573, E-mail : mdosscltd456@gmail.com
NIT No.OSSC/Mktg(Hort)-36/2025
**Short e-Tender Call Notice for Procurement of Pineapple Suckers for the Year-2025-26**

**No.CAD-634** : OSSC Ltd. invites short e-Tender from Producers/Licensed suppliers only on itemwise rate contract basis for Procurement of Pineapple Suckers for the Year-2025-26 in double cover system through online mode only for the work below.

| | |
|---|---|
| Name of the work | Purchase of Pineapple Suckers for the Year 2025-26 |
| No. of work | One |
| Availability of bid documents in portal | 15 hours on dt.02.06.2025 to 17 hours of dt.11.06.2025 |
| Last date of receipt of tender in portal | 17 hours of dt.11.06.2025 |
| Date and time opening of Bid | 10.30 hours of dt.12.06.2025 |

The detailed descriptions of crops, varieties, quantity, parameters, terms and conditions and other details of tender specified in the tender schedule would be made available in the e-Tender portal www.tendersodisha.gov.in. Any addendum/corrigendum/ cancellation can also be seen in the said website.

Sd./- Managing Director
OSSC Ltd.



**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, CENTRAL IRRIGATION CIRCLE,BHUBANESWAR**
No.A-246:
**'e' Procurement Notice No. ACECIC-03/2025-26**

| Procurement Officer | Bid Identification No. | Name of Work | Cost of Work (Rs.in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding From | To | Date of opening of Technical Bid | Period of Completion of work |
|---|---|---|---|---|---|---|---|---|---|---|
| ACE, CIC, Bhubaneswar | PRD-01/2025-26 | Protection to Scoured Bank on KSDR Embankment from RD 24.30 Km to 24.80 Km | 462.57 | 462600/- (Online) | 10000/- (Online) | "A" Class | 05.06.2025 At 10.00 Hours | 19.06.2025 At 17.00 Hours | 20.06.2025 At 11.00 Hours | 11 (Eleven) Calendar Months |
| | PRD- 02/ 2025-26 | Protection to Scoured Bank of KSDR Embankment from RD 41.00 Km to 41.50 Km | 465.38 | 465400/- (Online) | 10000/- (Online) | "A" Class | 05.06.2025 At 10.00 Hours | 19.06.2025 At 17.00 Hours | 20.06.2025 At 11.00 Hours | 11 (Eleven) Calendar Months |

e-mail Id:secic_dowr@yahoo.com.
Further details conditions can be seen from Govt. website www.tenderorissa.gov.in.
OIPR-
Sd./- Additional Chief Engineer, Central Irrigation Circle



**GOVERNMENT OF ODISHA**
**DEPARTMENT OF SOCIAL SECURITY & EMPOWERMENT OF PERSONS WITH DISABILITIES**
No. 5948//SSEPD Dated 31.05.2025
**CORRIGENDUM NOTICE**

**No.gg-5** : In the RFP issued vide SSEPD Department Notice No. 5015 dt 06.05.2025, published on 07.05.2025 in The Sambad, The Dharitri and The Times of India titled **'Implementation of Comprehensive IT solutions for the Social Security & Empowerment of Persons with Disabilities(SSEPD) Department'**, the deadline for receiving RFP in the Department is extended to **5 P.M. on 09.06.2025**. A few modifications are made based on suggestions received from the prospective bidders. Details of the Corrigendum Notice is available at **www.ssepd.gov.in.**

Sd./- Director



**DHARANIDHAR UNIVERSITY, KEONJHAR**
PIN-758001, ODISHA, INDIA
Email Id:registrar@dduniversity.ac.in
No.1742/Dt.30.05.2025
**TENDER NOTICE**

**No.CAD-606**:Sealed quotations are invited from reputed & registered firms for supply of "Outdoor Gym Equipments" to this University. Details of the specification and requirement is available in the University website https://dduniversity.ac.in. The quotations must reach the Registrar on or before 09.06.2025 by 4.00 PM and the quotation will be opened on same day at 4.30 P.M. by the Purchase Committee in presence of the Bidders or their authorized representatives.

Sd./- Registrar
Dharanidhar University, Keonjhar
OIPR-



**Government of Odisha**
**General Administration & Public Grievance Department**
**QUOTATION CALL NOTICE**

**No.T-30**:Sealed quotations are invited in the prescribed format from Travel agencies/ Tour Operators/ Individual vehicle owners (preferably from Bhubaneswar) having valid uptodate PAN/GST Registration Number for providing 3 (Three) vehicle (Zest/ Tigor/ Swift Dzire/ Xcent/ Etios (Petrol) or equivalent class) for engagement in G.A. & P.G. Department on monthly rent basis. The details of the terms and conditions of the above service alongwith the tender document can be downloaded from State Government website https://ga.odisha.gov.in/tenders-advertisement. Last date for submission of quotation is 10.06.2025 at 02.00 PM.

Sd./-
Under Secretary to Government
OIPR-



**OFFICE OF THE DIRECTOR**
**ACHARYA HARIHAR POST GRADUATE INSTITUTE OF CANCER**
(Formerly: Acharya Harihar Regional Cancer Centre)
CUTTACK-753007 (Odisha)
Tel.No : 0671-2304264 , Website - www.ahpgic.in
Email: ahrccdirector@gmail.com
Tender Notice No. 2129 /AHPGIC, Cuttack Date: 02.06.2025
S-43/2016-25

**No.E-137** : Sealed tenders are invited in two-bid system by the Director, Acharya Harihar Post Graduate Institute of Cancer, Cuttack-753007 (formerly known as Acharya Harihar Regional Cancer Centre) for supply of Medical consumables, suture materials, Anesthesia Disposables, surgical dressings and disinfectants on rate contract basis for the period of two years. The bid document and all details can be downloaded only from the website of AHPGIC, www.ahpgic.in.

The tender schedule dates are as mentioned below :

| Sl. No. | Particulars | Date & Time |
|---|---|---|
| 1 | Last date & time of tender submission (by speed post/registered post) only | 09/07/2025 by 5.00 P.M. |
| 2 | Last date & time of receipt of pre-bid queries through mail (ahrccdirector@gmail.com/ntstore.ahrcc.2019@gmail.com) | 17/06/2025 by 12.30 P.M. |
| 3 | Date and time of pre-bid meeting | 18/06/2025 at 1 P.M. |
| 4 | Date & time of opening of technical bid (in presence of bidders/their authorized agents) | 10/07/2025 at 1 P.M. |
| 5 | Date of opening of price bid | To be informed to qualified bidders only |

The authority reserves the right to accept/reject any/all bids without assigning any reason thereof.

In case any modifications/corrections are made to the original tender document after the pre-bid meeting, the same shall be updated in the website of AHPGIC only and no corrigendum in this regard shall be published in newspapers. In case of any bid amendment and/or clarification, it is the sole responsibility of the prospective bidder to download the same from the website of AHPGIC, Cuttack.

In case the last date of submission of bid/date of pre-bid meeting/date of opening of technical bids falls on a holiday, then the next working day shall be the default for the same:

Sd./- Director
AHPGIC, Cuttack


See Career Appointment on every Wednesday & Saturday

# ନକଲି ମୋବିଲ କାରଖାନା ଠାବ





## ୨ କର୍ମଚାରୀ ଗିରଫ, ମାଲିକ ଫେରାର

**ବଢ଼ିଚାଲିଛି ଅପମିଶ୍ରମଣ କାରବାର। ଖାଦ୍ୟ ପଦାର୍ଥଠାରୁ ଆରମ୍ଭ କରି ବିଭିନ୍ନ ନକଲି ସାମଗ୍ରୀ ପ୍ରସ୍ତୁତ କରି ବଜାରରେ ଛଡ଼ାଯାଉଛି। ସାଧାରଣରେ ଯେପରି ସନ୍ଦେହ ନ ହେବ ସେଥିପାଇଁ ନାମୀଦାମୀ ବ୍ରାଣ୍ଡର ଲୋଗୋ ବ୍ୟବହାର କରୁଛନ୍ତି। କଟକ ଜଗତପୁର ଅଞ୍ଚଳ ଏବେ ଏକ ପ୍ରକାର ନକଲି କାରଖାନାର ଏକ ହବ୍ ପାଲଟିଲାଣି। ଅତୀତରେ ଏଠାରୁ ବହୁ ନକଲି ଖାଦ୍ୟ ସାମଗ୍ରୀ କାରଖାନା ଠାବ ହୋଇଥିବାବେଳେ ବୁଧବାର ଏକ ନକଲି ମୋବିଲ କାରଖାନା ଠାବ ହୋଇଛି। ପୋଲିସ ଚଢ଼ାଉ କରି ବହୁ ସାମଗ୍ରୀ ଜବତ କରିଛି। ଏଥିସହ ଉକ୍ତ କାରଖାନାରେ କାର୍ଯ୍ୟରତ ୨ କର୍ମଚାରୀଙ୍କୁ ଗିରଫ କରିଥିବାବେଳେ ମାଲିକ ଫେରାର ଥିବା ଜଣାପଡ଼ିଛି।**

ମଙ୍ଗୁଳି-ଜଗତପୁର,୪।୬(ମାନସ ସାମଲ)

ଜଗତପୁର ଥାନା ଚମ୍ପତି ପଞ୍ଚାୟତ ଗୋପୀନାଥପୁର ଅଧୀନ ସୁନାରିବଣ ଅଞ୍ଚଳରେ ବୁଧବାର ଜଗତପୁର ଥାନା ଅଧିକାରୀ ଅନିରୁଦ୍ଧ ନାୟକଙ୍କ ନେତୃତ୍ୱରେ ଏସ୍ଆଇ ଦିଲୀପ ମହାନ୍ତିଙ୍କ ସମେତ ଓଜନ ମାପ ବିଭାଗ ସହକାରୀ ନିୟନ୍ତ୍ରକ ରମାକାନ୍ତ ନାୟକ ଓ ସିଟି ଜିଏସ୍‌ଟି ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ କରିଥିଲା। ଚଢ଼ାଉବେଳେ କାରଖାନା ମଧ୍ୟରୁ ବିପୁଳ ପରିମାଣର କଞ୍ଚାମାଲ, ନକଲି ମୋବିଲ, ବ୍ରେକ୍ ଅଏଲ, ଇଞ୍ଜିନ ଅଏଲ, ଗିୟର ଅଏଲ, ଗ୍ରିସ୍ ଏବଂ ପ୍ରସ୍ତୁତିରେ ବ୍ୟବହୃତ ଯନ୍ତ୍ରାଂଶ, ଶତାଧିକ ଖାଲି ଓ ମୋବିଲ ବୋଝେଇ ଡ୍ରମ୍ ମୋଟ ୪୫୯ ପେଟିରେ ବିଭିନ୍ନ ବ୍ରାଣ୍ଡ ଲୋଗୋର ଆକର୍ଷଣୀୟ ପ୍ୟାକିଂ ୧୩ ହଜାର ୯୫୨ଟି ମୋବିଲ ଡବା ସହ ବ୍ୟବସାୟରେ ପରିବହନ କାର୍ଯ୍ୟରେ ବ୍ୟବହୃତ ଟାଟା ଏସିଇକୁ ପୋଲିସ ଜବତ କରିଛି। ଏନେଇ ପୋଲିସ ନିଜ ଆଡୁ ଏକ ମାମଲା(୩୮୬/୨୫)ରେ ଏକ ମାମଲା ରୁଜୁ କରିବା ସହ କାରଖାନାର ପ୍ରଶାନ୍ତ କୁମାର ସାହୁ ଏବଂ କ୍ରିଷ୍ଣା ଅଗ୍ରୱାଲଙ୍କୁ ଗିରଫ କରିଛି। ମାଲିକ ଫେରାର ଅଛନ୍ତି। ତାଙ୍କୁ ଧରିବାପାଇଁ ଚେଷ୍ଟା ଚାଲିଛି ବୋଲି ଏଏସ୍ଆଇ ମହାନ୍ତି କହିଛନ୍ତି।

ସୂଚନା ମୁତାବକ, ଉକ୍ତ କାରଖାନାରେ ନକଲି ମୋବିଲ ତିଆରି କରାଯାଇ କଟକ, ଯାଜପୁର, ଜଗତ୍‌ସିଂପୁରର ବିଭିନ୍ନ ମାର୍କେଟକୁ ବିକ୍ରି କରାଯାଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। କାରଖାନା କାନ୍ଥରେ ଲେଖାଯାଇଥିବା ଜିଏସ୍‌ଟି ନମ୍ବର ଅସଲି କି ନୁହେଁ, ତାହା ପୋଲିସକୁ ଅଧିକ ସନ୍ଦେହ ଘେରକୁ ଆଣିଥିଲା। ଅଭିଯୋଗକୁ ଭିତ୍ତି କରି ପୋଲିସ ବୁଧବାର ଉକ୍ତ କାରଖାନା ଉପରେ ଛାପା ମାରିଥିଲା। ଅପରପକ୍ଷେ ୨୦୧୯ରୁ ଲଗାତର ଭାବେ ଜଗତପୁର ପୋଲିସ ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ, ଜିଏସ୍‌ଟି ଅଧିକାରୀଙ୍କ ଦ୍ୱାରା ଜଗତପୁରର ବିଭିନ୍ନ ଅଞ୍ଚଳରେ ନକଲି ପ୍ରସ୍ତୁତ କାରଖାନା ଉପରେ (ସସ୍, ଘିଅ, ରିଫାଇନ, ସିମେଣ୍ଟ, ସୋରିଶ ତେଲ, ମୃଦୁ ପାନୀୟ, ଲୁଣ, ଟାୟାର, ସର୍ଫ, କ୍ଷୀର, ଦହି, ଘିଅ) ଚଢ଼ାଉ କରିଥିଲେ ମଧ୍ୟ ଏହା ବନ୍ଦ ହେବାର ନା ନେଉନାହିଁ। ଏହା କେବଳ ପ୍ରକ୍ରିୟା କାର୍ଯ୍ୟ ଭାବେ ଚାଲୁ ରହିଛି ବୋଲି ଚର୍ଚ୍ଚା ହେଉଥିବାବେଳେ ସଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ଯୁବତୀଙ୍କୁ ବଳାତ୍କାର, ଜେଲଗଲେ ସଂସ୍କୃତ ଶିକ୍ଷକ

**ଦିଗପହଣ୍ଡି,୪।୬(ଅଶେଷ ନାଥ ମିଶ୍ର):** ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଅଧୀନ ଏକ ହାଇସ୍କୁଲର ସଂସ୍କୃତ ଶିକ୍ଷକଙ୍କୁ ପାଟପୁର ପୋଲିସ ବୁଧବାର ବଳାତ୍କାର ଅଭିଯୋଗରେ ଗିରଫ କରିଛି। ସେ ହେଲେ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ବେତନଟୀ ବ୍ଲକ୍ ଜନକଦେଇପୁର ଗ୍ରାମର ମୃତ୍ୟୁଞ୍ଜୟ ଗଣା। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଥାନା ମାମଲା ନଂ.୨୭୬/୨୫ ଅନୁଯାୟୀ ଜାମିନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ହାଇସ୍କୁଲରେ ସଂସ୍କୃତ ଶିକ୍ଷକ ଥିବାରୁ ମୃତ୍ୟୁଞ୍ଜୟ ରାତ୍ରି ଜଗୁଆଳଙ୍କ ଘରକୁ ନିୟମିତ ଯା’ ଆସ କରୁଥିଲେ। ସମ୍ପର୍କ ବଢିବା ପରେ ସେ ରାତ୍ରି ଜଗୁଆଳଙ୍କ ଝିଅଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ମୃତ୍ୟୁଞ୍ଜୟ ଗତ ୨୩ ତାରିଖରେ ଅନ୍ୟତ୍ର ବିବାହ କରିଥିବା ଜଣାପଡ଼ିବା ପରେ ପ୍ରତାରିତା ଯୁବତୀ ଜଣକ ପାଟପୁର ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ଆଇଆଇସି ଦୀପ୍ତି ରଞ୍ଜନ ବେହେରା ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରିବା ସହ ଏସଆଇ ସଲମାନ ଭୁଁୟାଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଶିକ୍ଷକ ମୃତ୍ୟୁଞ୍ଜୟଙ୍କ ମୋବାଇଲ ଫୋନ ଟ୍ରାକିଂ କରାଯିବା ପରେ ସେ ବ୍ରହ୍ମପୁରରେ ଥିବା ଜଣାପଡିଥିଲା। ତଦନ୍ତକାରୀ ଅଧିକାରୀ ବ୍ରହ୍ମପୁରରୁ ତାଙ୍କୁ ଥାନାକୁ ଉଠାଇ ଆଣିଥିଲେ। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଅଭିଯୁକ୍ତ ଏବଂ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯିବା ସହ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି।

# ବିବାହର ୭ ମାସ ପରେ ଦମ୍ପତିଙ୍କ ଆତ୍ମହତ୍ୟା

ରାୟଗଡ଼ା/ଟିକିରି,୪।୬(ଆଶିଷ ରଞ୍ଜନ ପଣ୍ଡା/ପ୍ରଫୁଲ୍ଲ କୁମାର ବେହେରା)

ପରସ୍ପରକୁ ପ୍ରେମକରି ବିବାହ କରିଥିଲେ। ବିବାହ ପରେ ପରିବାରଠାରୁ ଅଲଗା ହୋଇ ଭଡ଼ାଘର ନେଇ ରହୁଥିଲେ। ହେଲେ ବୈବହିକ ଜୀବନଟା ମାତ୍ର ୭ମାସ ପରେ ମଙ୍ଗଳବାର ବିଳମ୍ବିତ ରାତିରେ ଉଭୟ ସ୍ୱାମୀସ୍ତ୍ରୀ ଗଛରେ ଫାଶ ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଅନ୍ତର୍ଗତ ଅଣ୍ଡିରାକଞ୍ଚ ଥାନା ଅଧୀନ ମାଇକଞ୍ଚ ପଞ୍ଚାୟତର ପାଇକକୁପାଖାଲ ଗ୍ରାମରେ। ମୃତକ ହେଲେ ଅଭି ଝୋଡ଼ିଆ (୨୭) ଓ ତାଙ୍କ ସ୍ତ୍ରୀ ଅମିତା ଝୋଡ଼ିଆ (୨୪)।

ପୋଲିସ ସୂଚନା ଅନୁଯାୟୀ, ବୁଧବାର ସକାଳେ ପାଇକକୁପାଖାଲ ଗ୍ରାମ ନିକଟ ଏକ ଗଛରେ ଉଭୟଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଗ୍ରାମବାସୀ ଦେଖି ପୋଲିସକୁ ସୂଚନା ଦେଇଥିଲେ। ଅଣ୍ଡିରାକଞ୍ଚ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେଠାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଅଣ୍ଡିରାକଞ୍ଚ ଥାନାରେ କେସ୍ ନଂ. ୩/୨୫ରେ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ କରୁଛି। ତେବେ ଆତ୍ମହତ୍ୟାର କାରଣ ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଥିବା ପୋଲିସ କହିଛି। ଏହି ଘଟଣାକୁ ନେଇ ଉଭୟ ଅଭି ଓ ଅମିତାଙ୍କ ବାପା ପୋଲିସକୁ ଦେଇଥିବା ଲିଖିତ ଅଭିଯୋଗ ଅନୁସାରେ ଉଭୟେ ପ୍ରେମ ବିବାହକରି ପରିବାରଠାରୁ ଅଲଗା ହୋଇ ରହୁଥିଲେ। ତେବେ ବିବାହର ୭ ମାସ ପରେ କାହିଁକି ଦୁହେଁ ଆତ୍ମହତ୍ୟା କଲେ ସେ ବିଷୟରେ ସେମାନେ ଜାଣି ନ ଥିବା ଉଲ୍ଲେଖ କରିଛନ୍ତି। ତେବେ ଏହା ଆତ୍ମହତ୍ୟା ନା ହତ୍ୟା ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହି ଘଟଣାରେ ଉଭୟ ପରିବାରବର୍ଗଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଥିବାବେଳେ ତଦନ୍ତ ପରେ ପ୍ରକୃତ ସତ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

# ଲାଞ୍ଚ ନେଇ ଧରାପଡ଼ିଲେ ପୋଲିସ ଏଏସ୍ଆଇ

ବ୍ରହ୍ମପୁର,୪।୬(ସୁବାସ ଚନ୍ଦ୍ର ପାଢ଼ୀ)



ଗିରଫ ପୋଲିସ ଏଏସ୍ଆଇ ବବିତା ସୁନା।

ବ୍ରହ୍ମପୁର ମହିଳା ଥାନାର ଜଣେ ମହିଳା ଏଏସ୍ଆଇ ବୁଧବାର ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସେ ହେଲେ ବବିତା ସୁନା। ତାଙ୍କୁ ଗିରଫ କରାଯାଇଥିବା ଭିଜିଲାନ୍ସ ଏସ୍‌ପି ପ୍ରଦୀପ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଅଭିଯୁକ୍ତା ପୋଲିସ ଅଧିକାରୀଙ୍କ ବାସଭବନ ସମେତ କାର୍ଯ୍ୟାଳୟ ଓ ଅନ୍ୟ ସ୍ଥାନରେ ଚଢାଉ ଜାରି ରହିଥିବା ସେ କହିଛନ୍ତି।

ଘଟଣାରୁ ପ୍ରକାଶ,ଏଏସ୍ଆଇ ବବିତା ଏକ ଘରୋଇ ହିଂସା ମାମଲାର ତଦନ୍ତକାରୀ ଅଧିକାରୀ ରହିଥିଲେ। ମାମଲାର ଅଭିଯୁକ୍ତଙ୍କୁ ସେ ଗିରଫ ଭୟ ଦେଖାଇଥିଲେ। ମାମଲା ରଫାଦଫା କରିଦେବାକୁ ଅଭିଯୁକ୍ତଙ୍କୁ ଲାଞ୍ଚ ମାଗିଥିଲେ। ୧୦ ହଜାର ଟଙ୍କା ଦେଲେ ଅଭିଯୁକ୍ତ ଓ ତାଙ୍କ ମା’ଙ୍କ ନାମ ମାମଲାରୁ ବାଦ୍ ଦିଆଯିବ ବୋଲି କହିଥିଲେ। ପୋଲିସ କଥାରେ ରାଜି ହୋଇଯାଇ ବ୍ୟକ୍ତି ଜଣଙ୍କ ପରେ ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ସେ ବୁଧବାର ପୂର୍ବାହ୍ନରେ ମହିଳା ଥାନାକୁ ଯାଇ ଏଏସ୍ଆଇ ବବିତାଙ୍କୁ ଭେଟି ଦାବି ମୁତାବକ ୧୦ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ଏହି ସମୟରେ ଥାନା ବାହାରେ ପୂର୍ବରୁ ଜଗି ରହିଥିବା ଭିଜିଲାନ୍ସ କର୍ମଚାରୀମାନେ ଚଢାଉ କରି ଉକ୍ତ ଟଙ୍କା ଜବତ କରିଥିଲେ। ଏଥିସହ ଅଭିଯୋଗକାରୀଙ୍କ ମାମଲା ସମ୍ପର୍କିତ ସମସ୍ତ କାଗଜପତ୍ର ଏଏସ୍ଆଇଙ୍କ ନିକଟରୁ ଭିଜିଲାନ୍ସ ଟିମ୍ ଜବତ କରିଛି। ଏ ନେଇ ନଂ.୭/୨୫ରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଭିଜିଲାନ୍ସ ଏସ୍‌ପି ପ୍ରଧାନ ସୂଚନା ଦେଇଛନ୍ତି।

# ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ: କନ୍‌ଷ୍ଟେବଲ ବହିଷ୍କୃତ

ସମ୍ବଲପୁର,୪।୬(ପ୍ରମୋଦ ବହିଦାର)

ଜଣେ ୧୪ବର୍ଷୀୟା ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ସମ୍ବଲପୁର ଜିଲା ବରେଇପାଲି ଥାନାର ଓଏପିଏଫ୍ କନ୍‌ଷ୍ଟେବଲଙ୍କୁ ମହଙ୍ଗା ପଡ଼ିଛି। ଅଭିଯୁକ୍ତ କନ୍‌ଷ୍ଟେବଲ ହେଲେ ବିରଞ୍ଚି ମୁଣ୍ଡା(୩୮)। ପୀଡ଼ିତା ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ଦଫା ୧୨୬(୨), ୭୫(୨) ଏବଂ ୧୨ ପୋକ୍‌ସୋ ଆଇନରେ ଏକ ମାମଲା (ନଂ.୯୬/୨୫) ରୁଜୁ କରି ତାଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି। ଅପରପକ୍ଷରେ ତାଙ୍କ ବିରୋଧରେ ବଳିଷ୍ଠ ପ୍ରମାଣ ହସ୍ତଗତ ହୋଇଥିବାରୁ ବୁଧବାର ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ପୂର୍ବରୁ ମଧ୍ୟ ତାଙ୍କ ବିରୋଧରେ ଏଭଳି ମାମଲା ରହିଛି। ବିଭାଗ ପକ୍ଷରୁ ତାଙ୍କ ବିରୋଧରେ ପ୍ରୋସିଡିଂ ହୋଇଛି। ଘଟଣାର ଅଧିକ ତଦନ୍ତ ପୂର୍ବକ ତାଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ କହିଛନ୍ତି।

ଅଭିଯୁକ୍ତ କନ୍‌ଷ୍ଟେବଲ ମୁଣ୍ଡା ପୀଡ଼ିତାଙ୍କ ଘରେ ଭଡ଼ାରେ ରହୁଥିଲେ। ଏପରି କି ପୀଡ଼ିତାଙ୍କ ମା’ଙ୍କୁ ସେ ଭଉଣୀ ବୋଲି ସମ୍ବୋଧନ କରୁଥିଲେ। ଘନିଷ୍ଠତା ହେତୁ ପରିବାର ଲୋକେ ମଧ୍ୟ ତାଙ୍କ ଉପରେ ବିଶ୍ୱାସ ରଖିଥିଲେ। ଗତ ରବିବାର ରାତିରେ ପରିବାର ଲୋକେ ତାଙ୍କ ଭରସାରେ ଝିଅକୁ ଛାଡ଼ି ସମ୍ବଲପୁର ଶୀତଳଷଷ୍ଠୀ ଶୋଭାଯାତ୍ରା ଦେଖିବାକୁ ଯାଇଥିଲେ। ଏହି ସମୟରେ ନାବାଳିକାଙ୍କୁ ଏକା କି ପାଇ କନ୍‌ଷ୍ଟେବଲ ମୁଣ୍ଡା ତାଙ୍କୁ ଏକ ନିର୍ଜନ ସ୍ଥାନକୁ ନେଇ ବଳାତ୍କାର ଉଦ୍ୟମ କରିଥିଲେ। ହେଲେ ସେ କୌଣସିମତେ ଅଭିଯୁକ୍ତଙ୍କ କବଳରୁ ଖସି ଆସି ପଡ଼ାବାସୀଙ୍କୁ ଜଣାଇଥିଲେ। ଏହି ଖବର ପ୍ରଚାରିତ ହେବାପରେ ପଡ଼ାରେ ଉତ୍ତେଜନା ପ୍ରକାଶ ପାଇଥିଲା।

## BUSINESS

# ସ୍ଥାୟୀ ପରିବର୍ତ୍ତନରେ ବେଦାନ୍ତର ଭୂମିକା ଅତୁଳନୀୟ

ଭୁବନେଶ୍ୱର,୪।୬



ବର୍ତ୍ତମାନ ସମୟରେ ପରିବେଶକୁ ନେଇ ଉଭୟ ସରକାର ଓ ଘରୋଇ ସଂସ୍ଥା ବ୍ୟାପକ ପଦକ୍ଷେପ ଗ୍ରହଣ କରୁଛନ୍ତି। ବିଶେଷକରି ସ୍ଥାୟୀ ପରିବର୍ତ୍ତନ କ୍ଷେତ୍ରରେ ବେଦାନ୍ତ ଆଲୁମିନିୟମର ଭୂମିକା ଅତୁଳନୀୟ ରହିଛି। ବେଦାନ୍ତ ଆଲୁମିନିୟମ୍ ଡିକାର୍ବୋନାଇଜେଶନ ପଦକ୍ଷେପର ବ୍ୟାପକ ସିରିଜ୍ ସହ ଏକ ସ୍ଥାୟୀ ଭବିଷ୍ୟତ ପାଇଁ ସାହସିକ ପଥ ପ୍ରସ୍ତୁତ କରୁଛି, ଯାହା ମହତ୍ତ୍ୱାକାଂକ୍ଷା ଏବଂ ନବସୃଜନ ଉଭୟକୁ ପ୍ରତିଫଳିତ କରିଥାଏ। ବିଶ୍ୱ ଜଳବାୟୁ କାର୍ଯ୍ୟ ଉପରେ ଏହାର ଧ୍ୟାନକୁ ତୀବ୍ର କରୁଥିବାରୁ ବେଦାନ୍ତ ବିଶ୍ୱ ଆଲୁମିନିୟମ୍ ଶିଳ୍ପ ମଧ୍ୟରେ ସ୍ଥାୟିତ୍ୱରେ ଏକ ନେତା ଭାବେ ଉଭାହେଉଛି। ଏକ ଦାୟିତ୍ୱପୂର୍ଣ୍ଣ ବ୍ୟବସାୟିକ କାର୍ଯ୍ୟର ଅନେକ ଦିଗକୁ କମ୍ପାନୀ ଏକତ୍ରିତ କରୁଛି। ଏହି ଦିଗରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ମଧ୍ୟରୁ ଗୋଟିଏ ହେଉଛି ସେରେଂଟିକା ରିନ୍ୟୁଏବଲ୍ସ ସହ ଏକ ଦୀର୍ଘକାଳୀନ ସହଭାଗିତା ଦ୍ୱାରା କମ୍ପାନୀର ତ୍ୱରାନ୍ୱିତ ଶକ୍ତି ପରିବର୍ତ୍ତନ ହୋଇଛି। ଏହି ସହଯୋଗ ମାଧ୍ୟମରେ ବେଦାନ୍ତ ଆଲୁମିନିୟମ୍ ଓଡ଼ିଶା ଏବଂ ଛତିଶଗଡ଼ କାର୍ଯ୍ୟ ପରିସର ଅଞ୍ଚଳରେ ଏହାର ମେଗା କାର୍ଯ୍ୟକୁ ଶକ୍ତି ପ୍ରଦାନ କରିବା ପାଇଁ ୧୩୧୫ ଏମ୍‌ଡବ୍ଲ୍ୟୁ ନବୀକରଣୀୟ ଶକ୍ତି ଉତ୍ସ ପ୍ରଦାନ କରୁଛି। ଏହି ପଦକ୍ଷେପ ୨୦୩୦ ସୁଦ୍ଧା ନବୀକରଣ ଶକ୍ତିକୁ ଏହାର ଶକ୍ତି ବ୍ୟବହାରର ୩୦% କରିବା ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ, ଯାହା ୨୦୫୦ ସୁଦ୍ଧା ନେଟ୍-ଶୂନ୍ୟ ନିର୍ଗମନ ପଥରେ ଏକ ପ୍ରମୁଖ ମାଇଲଖୁଣ୍ଟ ହେବ। ଏହାକୁ ପରିପୂରକ କରିବା ହେଉଛି ରଣନୈତିକ ମେଣ୍ଟ ଏବଂ ଅଭିନବ ସମାଧାନର ମିଶ୍ରଣ। ଯାହା ବ୍ୟାପକ ଶିଳ୍ପର ପରିବର୍ତ୍ତନରେ ସାହାଯ୍ୟ କରୁଛି। ଉଦାହରଣ ସ୍ୱରୂପ, ବେଦାନ୍ତ ଏହାର କାଷ୍ଟହାଉସ୍ କାର୍ଯ୍ୟକୁ ଶକ୍ତି ପ୍ରଦାନ କରିବା ପାଇଁ ପ୍ରାକୃତିକ ଗ୍ୟାସ୍, ଏକ ସ୍ୱଚ୍ଛ ଇନ୍ଧନ ଉତ୍ସ, ଉତ୍ସ କରିବା ପାଇଁ ଗେଲ୍ (ଇଣ୍ଡିଆ) ଲିମିଟେଡ୍ ସହିତ ଏକ ସହଭାଗିତାରେ ପ୍ରବେଶ କରିଛି। କମ୍ପାନୀ ବାୟୋମାସ୍ ସହ-ଫାୟାରିଂ ମାଧ୍ୟମରେ ନିର୍ଗମନ ହ୍ରାସ କରିବାରେ ମଧ୍ୟ ପ୍ରଭାବଶାଳୀ ପ୍ରଗତି କରୁଛି। ଓଡ଼ିଶାର ଲାଞ୍ଜିଗଡ଼ ଆଲୁମିନା ରିଫାଇନେରି ଏବଂ ଛତିଶଗଡ଼ର ବାଲ୍‌କୋ ସ୍ମେଲଟର ପ୍ଲାଣ୍ଟରେ କମ୍ପାନୀ ସହ-ଫାୟାରିଂ ପ୍ରୟୋଗ ପାଇଁ କୃଷି ଅବଶିଷ୍ଟାଂଶରୁ ତିଆରି ବାୟୋମାସ ବ୍ରିକେଟ ବ୍ୟବହାର କରିବା ଆରମ୍ଭ କରିଛି। କେବଳ ଲାଞ୍ଜିଗଡ଼ରେ ପ୍ରତିଦିନ ୨୦ଟନ୍ ବାୟୋମାସ ସହ-ଫାୟାର କରାଯାଏ, ଯାହା ବାର୍ଷିକ ୧୦,୦୦୦ ଟନ୍‌ରୁ ଅଧିକ ସିଓ୨ ସମତୁଲ୍ୟ ନିର୍ଗମନ ହ୍ରାସ କରିଥାଏ। ଏହି ପଦକ୍ଷେପ କେବଳ ପରିବେଶକୁ ସମର୍ଥନ କରେ ନାହିଁ ବରଂ କୃଷି ବର୍ଜ୍ୟବସ୍ତୁ ପାଇଁ ଏକ ବଜାର ସୃଷ୍ଟି କରି ସ୍ଥାନୀୟ ଚାଷୀମାନଙ୍କୁ ଉନ୍ନତ କରିଥାଏ। ପ୍ରଦୂଷଣ ସମସ୍ୟାକୁ ଗ୍ରାମୀଣ ସମ୍ପ୍ରଦାୟ ପାଇଁ ଏକ ସ୍ଥାୟୀ ଜୀବିକା ସୁଯୋଗରେ ପରିଣତ କରିଥାଏ। ଏହିପରି ହସ୍ତକ୍ଷେପଗୁଡ଼ିକ ଶକ୍ତି ଦକ୍ଷତା ବୃଦ୍ଧି କରିବା ଏବଂ କମ-କାର୍ବନ ବିକଳ୍ପ ସହିତ ବେଦାନ୍ତର ଶକ୍ତି ପୋର୍ଟଫୋଲିଓକୁ ବିବିଧ କରିବା ପାଇଁ ଡିଜାଇନ କରାଯାଇଛି। ଡିକାର୍ବନାଇଜେଶନ ପ୍ରତି କମ୍ପାନୀର ପ୍ରତିବଦ୍ଧତା ଶକ୍ତି ଉତ୍ପାଦନଠାରୁ ପ୍ଲାଣ୍ଟ ଲଜିଷ୍ଟିକ୍ସ ଏବଂ ଗତିଶୀଳତା ପର୍ଯ୍ୟନ୍ତ ବ୍ୟାପ୍ତ ରହିଛି।

# ଶେୟାର ବଜାର କାରବାରରେ ଉତ୍ସାହ

ମୁମ୍ବାଇ,୪।୬

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ହେଉଛି। ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିପାରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୨୬୧ (୨୬୦.୭୪) ପଏଣ୍ଟ ବୃଦ୍ଧିଘଟି ୮୦,୯୯୮ (୮୦,୯୯୮.୨୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ ରେ ମଧ୍ୟ ୭୮ ( ୭୭.୭୦) ପଏଣ୍ଟ ବଢି ୨୪,୬୨୦ (୨୪,୬୨୦.୨୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ବ୍ୟାଙ୍କ ଅଫ୍ ଇଣ୍ଡିଆର ନୂତନ ଶାଖା ଉଦ୍‌ଘାଟିତ



ଉଦ୍‌ଘାଟନୀ ଅବସରରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୪।୬

ବ୍ୟାଙ୍କ ଅଫ୍ ଇଣ୍ଡିଆର ନୂତନ ଶାଖା ନିକଟରେ ଯାଜପୁରର କୁଆଖିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ଅଫ୍ ଇଣ୍ଡିଆ କେନ୍ଦୁଝର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଅମିତ କୁମାର ପାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଲ୍‌ଡିଏମ୍ ରାଧାକାନ୍ତ ନାୟକ, କେନ୍ଦୁଝର ଆଞ୍ଚଳିକ ଶାଖା ଅଧିକାରୀ ଦେବାଶିଷ ସାହୁ, କୁଆଖିଆ ଶାଖାର ଶାଖା ଅଧିକାରୀ ତୁଷାରକାନ୍ତି ପଲେଇଙ୍କ ସମେତ ସମ୍ବିତ ରାଉତ, ରାକେଶ ପଣ୍ଡା, ଲକ୍ଷ୍ମୀକାନ୍ତ ବେହେରା, ସୁପ୍ରତିମ ସାହା ଏବଂ ସୌମ୍ୟରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ବ୍ୟାଙ୍କ ଅଫ୍ ଇଣ୍ଡିଆର କେନ୍ଦୁଝରେ ଆଞ୍ଚଳିକ କାର୍ଯ୍ୟାଳୟ କ୍ଷେତ୍ର ଅଧୀନ କେନ୍ଦୁଝର, ଯାଜପୁର, ଢେଙ୍କାନାଳ, ଅନୁଗୋଳ ଓ ଦେବଗଡ ଜିଲାରେ ବ୍ୟାଙ୍କର ମୋଟ୍ ୫୫ଟି ଶାଖା ରହିଛି। ଏପରିକି ଗ୍ରାହକଙ୍କୁ ସର୍ବୋତ୍ତମ ସେବା ଯୋଗାଇ ଦେବାରେ କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟ ସାରା ଦେଶରେ ସୁନାମ ଅର୍ଜନ କରିଥିବାବେଳେ ଲୋକମାନଙ୍କ ଆର୍ଥିକ ଉନ୍ନତି ପାଇଁ ବ୍ୟାଙ୍କ ପ୍ରତିଶ୍ରୁତିବଦ୍ଧ ଥିବା ଆଞ୍ଚଳିକ ପ୍ରବନ୍ଧକ ପାଲ କହିଛନ୍ତି। ସେହିଭଳି ଗ୍ରାହକଙ୍କୁ ହାତ ପାହାନ୍ତାରେ ଉତ୍କୃଷ୍ଟ ସେବା ଯୋଗାଇବା ତଥା ଆର୍ଥିକ, ବ୍ୟବସାୟିକ ଓ ଶିଳ୍ପଭିତ୍ତିକ ଋଣ ପ୍ରଦାନକରି ଦେଶ ପ୍ରଗତିରେ ସାମିଲ କରାଇବା ଉଦ୍ଦେଶ୍ୟରେ ଏହି ଶାଖା ଖୋଲାଯାଇଛି ବୋଲି ପାଲ ମତପ୍ରକାଶ କରିଛନ୍ତି।

# ଗ୍ରାହକ ଆବଶ୍ୟକତାକୁ ସର୍ବାଧିକ ଗୁରୁତ୍ୱ

ଭୁବନେଶ୍ୱର,୪।୬

ଅଭିଭା ଇଣ୍ଡିଆର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର ଆଗାମୀ କାରବାର ଓ କାର୍ଯ୍ୟପନ୍ଥା ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲାବେଳେ ୨୦୨୪-୨୫ ଆର୍ଥିକ ବର୍ଷର ଫଳାଫଳକୁ ମଧ୍ୟ ଘୋଷଣା କରାଯାଇଛି, ଯାହା କମ୍ପାନୀର ସ୍ଥିର ପ୍ରଗତି ଏବଂ ସ୍ଥାୟୀ ଅଭିବୃଦ୍ଧି ଉପରେ ଏକ ସ୍ପଷ୍ଟ ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି। ୨୦୨୪-୨୫ବର୍ଷରେ କମ୍ପାନୀର ଗ୍ରସ୍ ରିଟେନ ପ୍ରିମିୟମ ୧୩୦୭ କୋଟି ଟଙ୍କାରେ ସ୍ଥିର ରହିଥିବାବେଳେ ଆସେଟ୍ସ ଅଣ୍ଡର ମ୍ୟାନେଜମେଣ୍ଟ (ଏୟୁଏମ୍) ୬% ବୃଦ୍ଧି ହୋଇ ୧୪,୭୩୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ସେହିଭଳି ଏହା ନିବେଶକଙ୍କ ନିରନ୍ତର ବିଶ୍ୱାସ ଓ ସ୍ଥିର ଫଣ୍ଡ୍ ପର୍‌ଫର୍ମାନ୍ସକୁ ସୂଚିତ କରୁଛି। ୧୩ତମ ମନ୍ଥ ପର୍‌ସିଷ୍ଟେନ୍ସି ରେଟ୍ ୨୦୨୪-୨୫ରେ ୭୩%କୁ ବୃଦ୍ଧି ପାଇଛି। କମ୍ପାନୀ ପୂର୍ବ ଆର୍ଥିକ ବର୍ଷର ୮୯.୬୬ କୋଟି ଟଙ୍କା ତୁଳନାରେ ୨୦୨୪-୨୫ରେ ୧୦୭.୫୨ କୋଟି ଟଙ୍କାର ଲାଭ ହାସଲ କରିଛି ଏବଂ ଏହାର ସଲ୍‌ଭେନ୍ସି ରେସିଓ ୧୯୩%କୁ ବୃଦ୍ଧି ପାଇଛି। ଏହି ଆର୍ଥିକ ବର୍ଷରେ କମ୍ପାନୀର ନେଟ୍ ୱର୍ଥ ୧୪% ବୃଦ୍ଧି ପାଇଛି। ଏ ସମ୍ପର୍କରେ ଅଭିଭାର ଏମ୍‌ଡି ତଥା ସିଇଓ ଅସିତ ରଥ କହିଛନ୍ତି, ୨୦୨୪-୨୫ ଆର୍ଥିକ ବର୍ଷ ଏକ ସାର୍ଥକ ପ୍ରଗତି ଓ ଉଦ୍ଦେଶ୍ୟରେ ସ୍ପଷ୍ଟତାର ବର୍ଷ ଥିଲା। ଆମେ ଗ୍ରାହକ ଆବଶ୍ୟକତା ଉପରେ ଆମର ଗୁରୁତ୍ୱକୁ ସ୍ପଷ୍ଟ କରିଥିଲୁ, ଦୃଢତାର ସହ ଉଦ୍ଭାବନକୁ ଗ୍ରହଣ କରିଥିଲୁ ଏବଂ ହିତାଧିକାରୀଙ୍କୁ ନିରନ୍ତର ମୂଲ୍ୟ ପ୍ରଦାନ କରିଥିଲୁ।

କମ୍ପାନୀ ପକ୍ଷରୁ ଏକ ସତେଜ ଓ ନୂଆ ବ୍ରାଣ୍ଡ କାହାଣୀକୁ ଶୀଘ୍ର ଶୁଭାରମ୍ଭ କରାଯିବ- ଯାହା ସୁସ୍ଥତାକୁ ଆର୍ଥିକ ସୁରକ୍ଷାର ଏକ କେନ୍ଦ୍ରୀୟ ଅଂଶରେ ପରିଣତ କରୁଛି। ଅଭିଭାର ଆଗାମୀ ପ୍ରଡକ୍ଟ ଲଞ୍ଚଗୁଡିକୁ ଦୈନନ୍ଦିନ ଜୀବନ ପାଇଁ ପରିକଳ୍ପନା କରାଯାଇଛି, ଯାହା ସୁଲଭ, ପହଞ୍ଚଯୋଗ୍ୟ ହେବା ସହ ଭାରତରେ ବାସ କରୁଥିବା ଲକ୍ଷ ଲକ୍ଷ ଲୋକଙ୍କ ବାସ୍ତବତା ସହ ଜଡିତ ରହିଛି। ଅପରପକ୍ଷରେ ଅଭିଭା ଏକ ବିତରଣ-ଆଧାରିତ ମଡେଲରୁ ଅଧିକ ଉତ୍ପାଦ-ପରିଚାଳିତ ଓ ଗ୍ରାହକ-କୈନ୍ଦ୍ରିକ ଆଭିମୁଖ୍ୟକୁ ସ୍ଥାନାନ୍ତରିତ ହୋଇଛି।

# ଖିମ୍‌ଜୀ ଜୁଏଲର୍ସଙ୍କୁ ବିଜ୍‌ନେସ୍ ଏକ୍ସିଲେନ୍ସ ଆୱାର୍ଡ

ଭୁବନେଶ୍ୱର,୪।୬ (ଅଭୟ ଦାଶ)



ନିମ୍ରତ କୌରଙ୍କ ଠାରୁ ଖିମଜୀ ଜୁଏଲର୍ସର ସିଇଓ ରୁତେଶ ଶାହା ପୁରସ୍କାର ଗ୍ରହଣ କରୁଛନ୍ତି।

ପୂର୍ବ ଭାରତର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ତଥା ଗହଣା ବ୍ରାଣ୍ଡ ‘ଖିମ୍‌ଜୀ ଜୁଏଲର୍ସ’ କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ ବିଜ୍‌ନେସ୍ ଏକ୍ସିଲେନ୍ସ ଆୱାର୍ଡ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଟାଇମ୍ସ ନାଓର ବିଜ୍‌ନେସ୍ ଏକ୍ସିଲେନ୍ସ ଆୱାର୍ଡସ୍-ଇଷ୍ଟ ୨୦୨୫ କାର୍ଯ୍ୟକ୍ରମରେ ଖିମ୍‌ଜୀ ଜୁଏଲର୍ସଙ୍କୁ ‘ମୋଷ୍ଟ ଟ୍ରଷ୍ଟେଡ ଜୁଏଲେରି ଚେନ୍ ଅଫ୍ ଦି ଇୟର’ ଭାବେ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସମ୍ମାନ ସମାରୋହ ଉତ୍ସବରେ ଖିମ୍‌ଜୀ ଜୁଏଲର୍ସର ସିଇଓ ରୁତେଶ ଶାହା ଯୋଗଦେଇ ବଲିଉଡ୍ ଅଭିନେତ୍ରୀ ନିମ୍ରତ କୌରଙ୍କଠାରୁ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ।

ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ସିଇଓ ରୁତେଶ ଶାହା କହିଛନ୍ତି, ଟାଇମ୍ସ ନାଓର ଏହି ସମ୍ମାନ ଓ ସ୍ୱୀକୃତି ଆମକୁ ଗର୍ବିତ କରିଛି। ଏହି ସମ୍ମାନ ଆମକୁ ନିରନ୍ତର ନବସୃଜନ ଏବଂ ଉତ୍କୃଷ୍ଟତା ପ୍ରଦାନ କରିବାକୁ ପ୍ରେରଣା ଦେଇଛି। ସେହିଭଳି ଏହି ପୁରସ୍କାର ଆମର ଦୂରଦର୍ଶୀ ନେତୃତ୍ୱ, ଟିମ୍ ପ୍ରତି ଅସୀମ ଆଗ୍ରହ ଏବଂ ଗ୍ରାହକମାନଙ୍କ ବିଶ୍ୱାସର ଫଳ ହୋଇଥିଲାବେଳେ ଖିମ୍‌ଜୀ ଜୁଏଲର୍ସରେ ଆମେ କେବଳ ଅଳଙ୍କାର ତିଆରି କରୁନାହୁଁ ବରଂ ଜୀବନର ସୁନ୍ଦର ସ୍ମୃତିଗୁଡ଼ିକୁ ସଜାଇଥାଉ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

୧୯୩୬ରେ ଦୟାଭାଇ ଖିମ୍‌ଜୀଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ଖିମ୍‌ଜୀ ଜୁଏଲର୍ସ ପ୍ରାୟ ୯ ଦଶକ ଧରି ବିଶ୍ୱାସ ଏବଂ କାରିଗରିର ପରିପୂରକ ଭାବେ ପରିଚିତ ରହିଛି। ଏହାର ପାରମ୍ପରିକ, ସମସାମୟିକ ଓ ଗ୍ରାହକଙ୍କ ପସନ୍ଦ ଅନୁଯାୟୀ ଗହଣାଗୁଡ଼ିକ ସାରା ଓଡ଼ିଶାରେ ସୁନ୍ଦରତା ଓ ବିଳାସର ନୂତନ ମାନଦଣ୍ଡ ନିର୍ଦ୍ଧାରଣ ଜାରି ରଖିଛି।

ଟାଇମ୍ସନାଓବିଜ୍‌ନେସ୍‌ଏକ୍ସଲେନ୍ସଆୱାର୍ଡସ୍-ଇଷ୍ଟ ୨୦୨୫ ସେହି ଉଦ୍ୟୋଗଗୁଡ଼ିକ ପାଇଁ ଏକ ଉଜ୍ଜ୍ୱଳ ଚିହ୍ନ ଯେଉଁମାନେ ନବସୃଜନ, ସ୍ଥିରତା ଏବଂ ଦୂରଦର୍ଶୀ ନେତୃତ୍ୱ ମାଧ୍ୟମରେ ଶିଳ୍ପର ପୁନର୍ବିନ୍ୟାସ କରୁଛନ୍ତି।

# କର୍ପୋରେଟ୍ କନେକ୍ସନର ଶୁଭାରମ୍ଭ

ଭୁବନେଶ୍ୱର,୪।୬

ଦେଶର ପ୍ରମୁଖ ଉଦ୍ୟୋଗପତିମାନଙ୍କ ପ୍ରିମିୟମ ବାଣିଜ୍ୟିକ ପ୍ଲାଟ୍‌ଫର୍ମ କର୍ପୋରେଟ୍ କନେକ୍ସନର ଭୁବନେଶ୍ୱର ଚାପ୍ଟର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କର୍ପୋରେଟ୍ କନେକ୍ସନ ଭୁବନେଶ୍ୱର ଚାପ୍ଟର ପ୍ରଥମ ଅଧ୍ୟାୟ କାର୍ଯ୍ୟକ୍ରମ ବୁଧବାର ଲାଇଫ୍ ହୋଟେଲରେ ଆୟୋଜିତ ହୋଇଯାଇଛି। ଏହି ସ୍ୱତନ୍ତ୍ର ସମାବେଶରେ ୫୦ରୁ ଅଧିକ ବିଶିଷ୍ଟ ବ୍ୟବସାୟିକ ବ୍ୟକ୍ତିବିଶେଷଙ୍କୁ ସ୍ୱାଗତ କରାଯାଇଥିଲା। କର୍ପୋରେଟ୍ କନେକ୍ସନ ଭାରତର ୨୩ଟି ସହର ସମେତ ବିଶ୍ୱବ୍ୟାପୀ ୩୩ଟି ଦେଶ ଏବଂ ୮୫ଟି ସହରରେ ଉପସ୍ଥିତି ରହିଛି। ଏପରିକି ୮୫୦ରୁ ଅଧିକ ଅଭିଜ୍ଞ ସଦସ୍ୟଙ୍କ ବର୍ଦ୍ଧିତ ନେଟ୍‌ୱର୍କ ସହ ଭୁବନେଶ୍ୱର ଚାପ୍ଟରର ଶୁଭାରମ୍ଭ ସହରକୁ ‘ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ଗଠନ’ପାଇଁ ପ୍ରତିବଦ୍ଧ ଉଚ୍ଚ ପ୍ରଭାବଶାଳୀ ନେତୃତ୍ୱ ନେଟ୍‌ୱର୍କର ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିଛି। ଏହି ଅବସରରେ କର୍ପୋରେଟ୍ କନେକ୍ସନ ଭାରତର ଜାତୀୟ ନିର୍ଦ୍ଦେଶକ ଗୌରବ ଭି.କେ. ସିଂଘଭି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭୁବନେଶ୍ୱରର ଅପାର ସମ୍ଭାବନା ଏବଂ ବ୍ୟବସାୟିକ ପରିବର୍ତ୍ତନ, ରଣନୈତିକ ମେଣ୍ଟ ଏବଂ ଦୀର୍ଘକାଳୀନ ଦୃଷ୍ଟିକୋଣ ଗଠନ ପାଇଁ କର୍ପୋରେଟ୍ କନେକ୍ସନ କିପରି କାର୍ଯ୍ୟ କରିଛି, ତାହା ଉପରେ ଆଲୋକପାତ କରିଥିଲେ। ସେହିଭଳି ଭୁବନେଶ୍ୱର ଚାପ୍ଟରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ.ସଞ୍ଜିବ ପାତ୍ର ଏବଂ ସିଏସ୍ ସୁନିତା ମହାନ୍ତିଙ୍କ ନେତୃତ୍ୱରେ ଏହି ପଦକ୍ଷେପକୁ ସହରରେ ଅଣାଯାଇପାରିଛି।





## ଏ ପଟେ ଖୁସି ସେପଟେ ଟେନ୍‌ସନ୍

ସାରା ଅଲ୍ଲୀ ଖାଁଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ହିନ୍ଦୀ ସିନେମା 'କେଦାରନାଥ'ରୁ। ଏହା ତ ନିଶ୍ଚୟ ତାଙ୍କ ପାଇଁ ଖୁସି ଖବର ଥିଲା। ଏକ କଳାକାର ପରିବାରରେ ଜନ୍ମିତ ସାରାଙ୍କୁ ଏହାପୂର୍ବରୁ ବେଶ୍ କଷ୍ଟ କରିବାକୁ ପଡିଥିଲା। କାହିଁକି ଜାଣନ୍ତି ? ଓଜନ। ବଲିଉଡ୍‌ରେ ନିଜ କ୍ୟାରିୟର ଆରମ୍ଭ କରିବାକୁ ସେ ଯେତେବେଳେ ପ୍ରାକ୍ ପ୍ରସ୍ତୁତି ଆରମ୍ଭ କଲେ ସେତେବେଳେ ଓଜନ ତାଙ୍କ ସାମନାରେ ଏକ ପ୍ରମୁଖ ସମସ୍ୟା ଭାବରେ ଠିଆ ହୋଇଥିଲା। କିନ୍ତୁ ଯୋଜନାବଦ୍ଧ ଭାବରେ ସେ ନିଜର ଓଜନ କମାଇବାରେ ସକ୍ଷମ ହୋଇଥିଲେ। ଏ ନେଇ ସାରା କହନ୍ତି, ''ସେତେବେଳେ ମୋର ମୁଖ୍ୟ ସମସ୍ୟା ଥିଲା ଓଜନ। ମାତ୍ର କେଇଟା ମାସ ଭିତରେ ମୁଁ ପାଖାପାଖି ୩୦ କିଗ୍ରା ଓଜନ କମାଇବାରେ ସକ୍ଷମ ହୋଇଥିଲି। ଏଥିପାଇଁ ମୋତେ ନିୟମିତ ଏକ୍ସରସାଇଜ କରିବା ସହ ଜିମ୍ ଯିବାକୁ ପଡୁଥିଲା। ତା'ସହ ଡାଏଟିଂ ମଧ୍ୟ କରୁଥିଲି। ଏବେ ମଧ୍ୟ ନିଜ ଓଜନକୁ ସନ୍ତୁଳିତ ରଖିପାରିଛି।'' ସାରାଙ୍କ ଅଭିନୀତ ପ୍ରଥମ ସିନେମାର ପ୍ରଯୋଜନା କରିଥିଲେ ରୋନି ସ୍କ୍ରୁୱାଲା, ପ୍ରୟାଗ କପୁର ଏବଂ ଅଭିଷେକ କପୁର। ନିର୍ଦ୍ଦେଶନା ଦେଇଥିଲେ ଅଭିଷେକ କପୁର। ଏଥିରେ ତାଙ୍କ ଅପୋଜିଟ୍‌ରେ ନାୟକ ସାଜିଥିଲେ ସୁଶାନ୍ତ ସିଂ ରାଜପୁତ। ୬୮ କୋଟି ବଜେଟ୍‌ରେ ନିର୍ମିତ ଏହି ଫିଲ୍ମଟି ବକ୍ସ ଅଫିସରେ ପ୍ରାୟ ୧୦୨ କୋଟି ଆୟ କରିଥିଲା।


ସାରା


ହରି

ନୂଆ ସିନେମା

## ଆଇ ଆମ୍ କାଳିଆ

ଖୁବ୍ ଶୀଘ୍ର ଦର୍ଶକ ଓଡ଼ିଆ ସିନେମା ଜଗତର ଅନ୍ୟତମ ଲୋକପ୍ରିୟ ହାସ୍ୟାଭିନେତା ହରିହର ମହାପାତ୍ର ଓରଫ ହରି ଭାଇଙ୍କୁ ଏକ ଭିନ୍ନ 'ଧରଣର ଗେଟଅପରେ ଦେଖିବାକୁ ପାଇବେ। ସନ୍ନ୍ୟାସୀ ପୋଷାକ ପିନ୍ଧି ଲଣ୍ଡିତ ମସ୍ତକରେ ସେ ଦର୍ଶକଙ୍କ ସାମନାକୁ ଆସିବେ। ତେବେ ଏଭଳି ରୂପ ପଛରେ କି କାରଣ ରହିଛି। ସେ ତ ଦର୍ଶକଙ୍କୁ ହସାଇବା କଥା। ତେବେ ହାସ୍ୟରସର ଏହା କ'ଣ ଆଉ ଏକ ଫର୍ମୁଲା ? ନା, ଆପଣମାନେ ଯାହା ଭାବୁଛନ୍ତି ଅସଲ କଥା ସେଇଆ ନୁହେଁ। ଏକ ଭିନ୍ନ ଧରଣର କାହାଣୀଟିଏ ପରିକଳ୍ପନା କରିଛନ୍ତି ହରିଭାଇ। କେବଳ ସେତିକି ନୁହେଁ, ଏହାକୁ ଆଧାର କରି ପ୍ରସ୍ତୁତ ହେବାକୁ ଯାଉଥିବା ଓଡ଼ିଆ ସିନେମାର ସେ ମୁଖ୍ୟ ଭୂମିକାରେ ଅଭିନୟ କରିବେ। ତା'ସହ ଏହାର ନିର୍ଦ୍ଦେଶନା ମଧ୍ୟ ଦେବେ। ଏହି ନୂଆ ସିନେମାର ଟାଇଟଲ ରହିଛି 'ଆଇ ଆମ କାଳିଆ'। ଏ ସମ୍ପର୍କରେ ହରି କହନ୍ତି, ''ଗୋଟିଏ ପଟେ ଜଗନ୍ନାଙ୍କ ଭକ୍ତିରେ ସେ ନିଜକୁ ତଲ୍ଲୀନ କରିଦେଇଛି। ସେପଟେ ଜଣେ ରୂପସୀ ପ୍ରେମରେ ପଡିଯାଇଛି। ଏଭଳି ଏକ ସମୟରେ ସେ ନିଜକୁ ଜଣେ ଭକ୍ତ ନା ସଚ୍ଚା ପ୍ରେମିକ ଭାବରେ ପ୍ରମାଣ କରିପାରୁଛି ତାହାକୁ ନେଇ ଡା. ମୋନାଲିସା ମହାପାତ୍ରଙ୍କ ରଚିତ କାହାଣୀ ଆଗେଇଛି।' ଲି ବ୍ଲିସ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ସୁବାସ ସାହୁ। ଗୀତଗୁଡିକୁ ସ୍ୱର ଦେଉଛନ୍ତି ଆଗଧାଡିର ସ୍ୱର ସଂଯୋଜକ ବୈଦ୍ୟନାଥ ଦାଶ।

## ମନେପକାନ୍ତି ସାନ୍ୟା

'ଦଙ୍ଗଲ' ଫିଲ୍ମର ସେହି ଚର୍ଚ୍ଚିତ ବବିତା ପୋଘଟ ଭୂମିକାରେ ଅଭିନୟ କରିଥିଲେ ନବାଗତା ସାନ୍ୟା ମାଲହୋତ୍ରା। ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ଆମୀର ଖାନ୍‌ଙ୍କ ସହ ତାଙ୍କୁ ବଡ ପରଦାରେ ଦେଖିବାକୁ ମିଳିଥିଲା। ୨୦୧୭ରେ ମୁକ୍ତିଲାଭ କରିଥିଲା ହିନ୍ଦୀ ସିନେମା 'ସିକ୍ରେଟ ସୁପରଷ୍ଟାର'। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଆମୀର। ଏଥିରେ 'ସେକ୍ସି ବାଲିୟେ' ଶୀର୍ଷକ ଏକ ଗୀତରେ ସାନ୍ୟାଙ୍କୁ କୋରିଓଗ୍ରାଫି କରିବାର ସୁଯୋଗ ମିଳିଥିଲା। ଆଉ ଯେତେବେଳେ ଗୀତିଟର ଶୁଟିଂ ଶେଷ ହେଲା ସେତେବେଳେ ସାନ୍ୟାଙ୍କ କାମକୁ ଆମୀର ପ୍ରଶଂସା ନ କରି ରହି ପାରି ନ ଥିଲେ। ଆଜି ବି ଆମୀରଙ୍କର ସେହି କେଇ ପଦ କଥାକୁ ମନେ ପକାଇଥାଆନ୍ତି ଏହି ଅଭିନେତ୍ରୀ। 'ମୁଁ କେବେ ଭାବି ନ ଥିଲି ଯେ ଦିନେ ଯାହାଙ୍କର ଏକ ଗୀତ ପାଇଁ କୋରିଓଗ୍ରାଫି କରୁଛି ଦିନ ଆସିବ ତାଙ୍କ ସହ ମୁଁ ଅଭିନୟ କରିବି। ସେହି ଗୀତଟିର ଶୁଟିଂ ପରେ ସେ ମୋତେ ବେଶ୍ ପ୍ରଶଂସା କରିଥିଲେ। ଶେଷରେ ଏଭଳି ସଂଯୋଗ ଯେ ଆମୀରଙ୍କ ହୋମ୍ ବ୍ୟାନରରେ ପ୍ରସ୍ତୁତ 'ଦଙ୍ଗଲ'ରେ ମୁଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଥିଲି ବୋଲି କହନ୍ତି ସାନ୍ୟା।''


ସାନ୍ୟା

## ନିର୍ଦ୍ଦେଶନାର ଅନୁଭୂତି ନିଶ୍ଚୟ ନିଆରା

କର୍ମ ସ୍ଥଳ ସୁଦୂର ମୁମ୍ବାଇ ଓ ଚେନ୍ନାଇ । ଓ ହିନ୍ଦୀ ଓ ଅନ୍ୟାନ୍ୟ ଭାଷାଭାଷୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ଶତାଧିକ ଚଳଚ୍ଚିତ୍ରରେ ମୁଖ୍ୟ ସହଯୋଗୀ ନିର୍ଦ୍ଦେଶକ ତଥା କ୍ୟାମେରାଡମ୍ୟାନ ଭାବେ କାର୍ଯ୍ୟ କରି ବେଶ ସୁନାମ ଅର୍ଜନ କରିଛନ୍ତି। ଆଉ ଏବେ ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ସିନେମା 'ଅନନ୍ତା'ର ଅନ୍ୟତମ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇଛନ୍ତି ବିଶିଷ୍ଟ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ ପୁତ୍ର କୁମାର ସି ଦେବ ମହାପାତ୍ର। ''ପିଲାଟି ଦିନୁ ମୋର କ୍ରିକେଟ ଖେଳ ପ୍ରତି ରୁଚି ଥିଲା। ବଲିଉଡ୍‌ରେ ଟେକ୍ନିସିଆନ୍ସ ଭାବରେ କାମ ଆରମ୍ଭ କରିଥିଲି। ବିଶେଷ ଭାବରେ ଜିମିଜିପ୍ କ୍ୟାମେରା ବିଷୟରେ ଟ୍ରେନିଂ ନେବା ପରେ ତାହା ମୋତେ ଜଣେ ନାମୀ କ୍ୟାମେରାମ୍ୟାନ୍‌ର ମାନ୍ୟତା ଦେଇଥିଲା। ସମୟକ୍ରମେ ମଣିରତ୍ନମଙ୍କ ସଂସ୍ପର୍ଶରେ ଆସିଲି। ପ୍ରଥମେ 'ଗୁରୁ' ତା'ପରେ 'ପୁଷ୍ପା ୧', 'ପୁଷ୍ପା ୨', 'ପଠାନ', 'କଭି ଖୁସି କଭି ଗମ' ଆଦି ଚଳଚ୍ଚିତ୍ରରେ ମୁଖ୍ୟ ସହଯୋଗୀ ଭାବେ କାର୍ଯ୍ୟ କରଥିଲି। '' ଅନ୍ୟପକ୍ଷରେ ସବ୍ୟସାଚୀ ଏବଂ ସୂର୍ଯ୍ୟମୟୀଙ୍କୁ ନେଇ ପ୍ରସ୍ତୁତ 'ଅନନ୍ତା'ର ସଫଳତାକୁ ନେଇ ଦୃଢ଼ ଆଶାବାଦୀ ଅଛନ୍ତି କୁମାର। ପ୍ରଥମ ଥର ପାଇଁ ନିର୍ଦ୍ଦେଶକ ଭାବରେ କାମ କରିବାର ଅନୁଭୂତି ନିଶ୍ଚୟ ନିଆରା ବୋଲି କହନ୍ତି ସେ।'' ୨୦୧୩ ରେ ଏକ ଇଂରାଜୀ ଚଳଚ୍ଚିତ୍ର 'ଦିଲ୍ଲୀ ଇନ ଏ ଡେ'ର ପ୍ରଯୋଜନା ମଧ୍ୟ କରିଥିଲେ। ଏହାପୂର୍ବରୁ ସବ୍ୟସାଚୀ ମହାପାତ୍ରଙ୍କର 'ଶଳାବୁଢ଼ା', 'ଆଦିମ ବିଚାର', 'ପାହାଡ଼ର ଲୁହ' ଆଦି ଚଳଚ୍ଚିତ୍ରରେ ସହଯୋଗୀ ନିର୍ଦ୍ଦେଶକ ଭାବେ କାମ କରିଛନ୍ତି। 'ଶଳାବୁଢ଼ା ବଦଲା'ର ପ୍ରଯୋଜନା ଭାର ସମ୍ଭାଳିଥିଲେ କୁମାର । ଏହି ଫିଲ୍ମ ପାଇଁ ସେ ଶ୍ରେଷ୍ଠ ପ୍ରଯୋଜକ ଭାବରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇସାରିଛନ୍ତି।


କୁମାର

ମୋ କଥା/କୁମାର ସି ଦେବ ମହାପାତ୍ର

## କେବେ ଭାବି ନ ଥିଲେ କାଜଲ...

ଦକ୍ଷିଣ ଭାରତୀୟ ସିନେମାରେ କାଜଲ ଅଗ୍ରୱାଲ ଅନ୍ୟତମ ପରିଚିତ ଅଭିନେତ୍ରୀ। ୨୦୦୯ ତାଙ୍କ ଆକ୍ଟିଂ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା। ଏହି ବର୍ଷ ରିଲିଜ ହୋଇଥିଲା ସୁପର ଡୁପର ହିଟ୍ ରୋମାଣ୍ଟିକ-ଆକ୍ସନଭିତ୍ତିକ ତେଲୁଗୁ ସିନେମା ଯାହାର ଟାଇଟଲ ଥିଲା 'ମଗଧୀରା'। ଫିଲ୍ମଟି ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଥିଲା। ମାତ୍ର ୩୫କୋଟି ବଜେଟରେ ନିର୍ମିତ ଏହି ଫିଲ୍ମ କେତେ ଆୟ କରିଥିଲା ଜାଣନ୍ତି ? ପ୍ରାୟ ୧୫୦କୋଟି। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ରାମଚରଣ ଏବଂ କାଜଲ। କିନ୍ତୁ ଯେତେବେଳେ ଏହାର ଶୁଟିଂ ଚାଲିଥିଲା ସେତେବେଳେ କାଜଲ କେବେ ଭାବି ନ ଥିଲେ ଏହି ସିନେମାଟି ଏତେ ଦର୍ଶକାଦୃତ ହେବ। ଏ ସମ୍ପର୍କରେ ସେ କହନ୍ତି, ''ଅବଶ୍ୟ ଏହାର କାହାଣୀ ମୋ ମନକୁ ଛୁଇଁଥିଲା। ରାମଚରଣଙ୍କ ପରି ଅଭିନେତା ଏବଂ ଏସ.ଏସ. ରାଜମୌଳିଙ୍କ ପରି ବିଶିଷ୍ଟ ନିର୍ଦ୍ଦେଶକଙ୍କ ବଳିଷ୍ଠ ନିର୍ଦ୍ଦେଶନା ଏହି ସିନେମାକୁ ସଫଳତାର ଶୀର୍ଷ ଦେଶରେ ପହଞ୍ଚାଇବାରେ ସକ୍ଷମ ହୋଇଥିଲା। କିନ୍ତୁ ଶୁଟିଂ ସମୟରେ ଏହାର ସଫଳତାକୁ ନେଇ ମୁଁ ଟିକେ ଦୋଛକିରେ ପଡିଥିଲି। ହେଲେ ସ୍ପେଶାଲ ସ୍କ୍ରିନିଂ ଦିନ ଫିଲ୍ମଟିକୁ ଦେଖିବା ପରେ ମୁଁ ନିଜେ ଚକିତ ହୋଇଯାଇଥିଲି।'' କେବଳ ସେତିକି ନୁହେଁ, ଏହି ଫିଲ୍ମ ପାଇଁ କାଜଲଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ଫିଲ୍ମ ଫେୟାର ପୁରସ୍କାର ମିଳିଥିଲା।


କାଜଲ

ପରଦାରେ...

## ଫାଷ୍ଟ ଲଭ୍

ପ୍ରେମର ପହିଲି ସ୍ପର୍ଶ କେବଳ ପ୍ରେମିକା ନୁହେଁ, ପ୍ରେମିକର ମନକୁ ରଙ୍ଗିନ କରିଦିଏ। ସେପଟେ ପ୍ରେମ କେତେବେଳେ,କେମିତି ହୋଇଯାଏ ତାହା ଆକଳନ କରିବା କଷ୍ଟକର। ତେବେ ସେଭଳି ଏକ ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଫାଷ୍ଟ ଲଭ୍'। ତେବେ ଏହି ଫିଲ୍ମରେ କି ମସଲା ରହିଛି ତାହା ଜାଣିବାକୁ ଚାହୁଁଛନ୍ତି ନା ! ବାସ୍, ଆପଣମାନଙ୍କର ସମସ୍ତ ପ୍ରତୀକ୍ଷାର ଅବସାନ ଘଟିବାକୁ ଯାଉଛି। ଏହି ଫିଲ୍ମଟି ଆସନ୍ତାକାଲି ଅର୍ଥାତ୍ ଜୁନ୍ ୬ ତାରିଖରେ ଆମ ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଅଭିଷେକ ମିତ୍ର। ରେଞ୍ଜ ରୟାଲ ସିନେ ଲାବ ବ୍ୟାନରରେ ଏବଂ ଜୀ ସାର୍ଥକ ସହଯୋଗିତାରେ ଏହାକୁ ପ୍ରସ୍ତୁତ କରାଯାଇଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଶ୍ରୀଧର ମାର୍ଥା ଏବଂ କିଶୋର ନାୟକ । ସଂଳାପ ରଚନା କରିଛନ୍ତି ଡା. ନିର୍ମଳ ନାୟକ। ଏହି ଚଳଚ୍ଚିତ୍ର ବିଷୟରେ ଓଲିଉଡ୍‌ର ଅନ୍ୟତମ ଆଗଧାଡିର ପ୍ରଯୋଜକ ଶ୍ରୀଧର ମାର୍ଥା କହନ୍ତି, ''ମୁଁ ଯେ କୌଣସି ସିନେମା ନିର୍ମାଣ କରିବା ପୂର୍ବରୁ କାହାଣୀକୁ ଭଲ ଭାବରେ ତର୍ଜମା କରିଥାଏ। 'ଫାଷ୍ଟ ଲଭ'ର କାହାଣୀରେ ଦର୍ଶକ ନିଶ୍ଚିତ ଡିଫରେଣ୍ଟ ଚାର୍ମ ପାଇବେ।'' ଏହାର ଗୀତଗୁଡିକୁ ସ୍ୱର ଦେଇଛନ୍ତି ସୋମେଶ ଶତପଥୀ, ସାନ୍ତୋଜିତ ଚାଟାର୍ଜୀ, ନବ୍ବ ଏବଂ ସରୋଜ। ଶୈଳେନ୍ଦ୍ର, ଦିବ୍ୟା ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଅନ୍ୟାନ୍ୟ ଚରିତ୍ରରେ ଚୌଧୁରୀ ଜୟ ପ୍ରକାଶ ଦାସ, ଉଷସୀ ମିଶ୍ର, ଶୁଭ୍ରାଂଶୁ ନାୟକ, ମିଲି ମହାନ୍ତି, ବୁଲୁ ପଣ୍ଡା ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ''ଓଡ଼ିଆ ଯୁବ ଦର୍ଶକଙ୍କ ପସନ୍ଦକୁ ଧ୍ୟାନ ରଖାଯାଇ 'ଫାଷ୍ଟ ଲଭ' ଚଳଚ୍ଚିତ୍ର ନିର୍ମାଣ କରାଯାଇଛି ବୋଲି କହନ୍ତି ଜୀ ସାର୍ଥକର ଚିଫ ଚ୍ୟାନେଲ ଅଫିସର ପ୍ରତୀକ ସିଲ।''


'ଫାଷ୍ଟ ଲଭ୍' ଫିଲ୍ମରେ ଦିବ୍ୟା-ଶୈଳେନ୍ଦ୍ର

## ଖ ବ ର ଟ ବ ର

⏭ନୂଆ ଓଡ଼ିଆ ସିନେମା 'ଟୁଆଁ ଟୁଇଁ'ର ପ୍ରାରମ୍ଭିକ କାମ ଆଗେଇ ଚାଲିଛି। ଏହାର କାହାଣୀ, ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି ଅନ୍ୟତମ ଆଗଧାଡିର ନିର୍ଦ୍ଦେଶକ ରଞ୍ଜନ ମିଶ୍ର। ସଂଳାପ ଲେଖୁଛନ୍ତି ଡ. ରଜନୀ ରଞ୍ଜନ।

⏭'ଚକ୍ରାନ୍ତ' ପରେ ନିର୍ଦ୍ଦେଶକ ପିନୁ ନାୟକ ଆଉ ଏକ ସିନେମାର ନିର୍ଦ୍ଦେଶନା ଦେବେ। ଏହାର ଟାଇଟଲ ଫାଇନାଲ ହୋଇନାହିଁ।

⏭ନିର୍ଦ୍ଦେଶକ ଏସ. ଦିଲୀପ ପଣ୍ଡାଙ୍କର ନୂଆ ସିନେମା 'ଶମ୍ଭୁ'ର ପୋଷ୍ଟ ପ୍ରଡକ୍ସନ କାମ ଶେଷ ହୋଇଛି। ଏହାର ନାୟିକା ସାଜିଛନ୍ତି ତମନ୍ନା। ଅପେରା ଜଗତର ବ୍ୟାଡ୍ ମ୍ୟାନ୍ ପୀୟୂଷ ତ୍ରିପାଠୀଙ୍କୁ ଏଥିରେ ଦେଖିବାକୁ ମିଳିବ।

⏭ବିଶିଷ୍ଟ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କର ନୂଆ ସିନେମା 'ଅନ୍ତନା' (ସବ୍ୟସାଚୀ)ର ପୋଷ୍ଟ ପ୍ରଡକ୍ସନ କାମ ଶେଷ ହୋଇଛି। ଏହା ହେଉଛି ସଂଳାପକାର ଡ. ରଜନୀ ରଞ୍ଜନଙ୍କର ୧୦୦ତମ ଫିଲ୍ମ।

⏭ଅଶୋକ ପତିଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ନୂଆ ଓଡ଼ିଆ ସିନେମା 'ଲଢ଼େଇ'ର ଶୁଟିଂ କାମ ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି। ଏହି ଫିଲ୍ମରୁ ନାୟକ ଭାବରେ ଡେବ୍ୟୁ କରୁଛନ୍ତି ଲୋହିତାକ୍ଷ ପଟ୍ଟନାୟକ। ତାଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରୁଛନ୍ତି ନବାଗତା ଅଭିଲୀପ୍ସା। ଫିଲ୍ମଟି ଏଥର ରଜରେ ରିଲିଜ ହେବାର ଯୋଜନା ରହିଛି।

⏭ନିର୍ଦ୍ଦେଶକ ସୁଧାଂଶୁ ସାହୁ ଏବେ ଏକ ନୂଆ ସିନେମାର ପ୍ରାରମ୍ଭିକ କାମରେ ବ୍ୟସ୍ତ ଅଛନ୍ତି। ଏହାର ଟାଇଟଲ ରହିଛି 'ନାୟିକା'। ଚିତ୍ରଟିର ଶୀର୍ଷକ ଭୂମିକାରେ ଅଭିନୟ କରୁଛନ୍ତି ମହାଶ୍ୱେତା ରାୟ।

ଧରିତ୍ରୀ
DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜୁନ୍ ୫/୨୦୨୫ Bhubaneswar, Thursday, June 5/ 2025






ଆଇପିଏଲ୍‌ର ନୂଆ ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦଳର ବିଜୟ ଉତ୍ସବ ଅବସରରେ ବୁଧବାର ବେଙ୍ଗାଲୁରୁରେ ଦର୍ଶକଙ୍କ ଅସମ୍ଭବ ଭିଡ଼।



କର୍ନାଟକ ବିଧାନସଭା ସମ୍ମୁଖରେ ମୁଖ୍ୟମନ୍ତ୍ରୀ ସିଦ୍ଦରମେୟା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦଳକୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଭାବମୟ ପରିବେଶ

## ଆଇପିଏଲ୍ ଚାମ୍ପିୟନ ଆର୍‌ସିବିର ବିଜୟ ଉତ୍ସବ

ବେଙ୍ଗାଲୁରୁ,୪।୬(ପି.ଟି.)

ଆଇପିଏଲ୍‌ର ନୂଆ ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଦଳ ବୁଧବାର ଅପରାହ୍ଣରେ ବେଙ୍ଗାଲୁରୁରେ ପହଞ୍ଚିବାପରେ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା। ବିମାନବନ୍ଦରରେ ଆର୍‌ସିବି ଦଳର ସଦସ୍ୟମାନେ ପହଞ୍ଚିବା ପରେ ସେମାନଙ୍କୁ କର୍ନାଟକ ଉପମୁଖ୍ୟମନ୍ତ୍ରୀ ଡି. କେ. ଶିବକୁମାର ସ୍ୱାଗତ କରିଥିବା ବେଳେ ବାହାରେ ପ୍ରଶଂସକଙ୍କ ଅସମ୍ଭବ ଭିଡ଼ ଜମି ରହିଥିଲା। ସେଠାରୁ ଖେଳାଳିଙ୍କୁ ବିଧାନସଭା ଅଭିମୁଖେ ନିଆଯାଇଥିଲା। ସେଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆର୍‌ସିବି ଖେଳାଳିଙ୍କୁ କର୍ନାଟକ ସରକାରଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସିଦ୍ଦରମେୟା, ଉପମୁଖ୍ୟମନ୍ତ୍ରୀ ଶିବକୁମାର ଓ ସରକାରଙ୍କ ଅନ୍ୟ ଅଧିକାରୀ ଓ ମନ୍ତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶିବକୁମାର କହିଥିଲେ, ବିରାଟ କୋହଲି ଗତ ୧୮ ବର୍ଷ ହେଲା ଆର୍‌ସିବିକୁ ଯୌବନ, ଅଭିଜ୍ଞତା, ତାଙ୍କ ଭଲପାଇବା ଓ ତାଙ୍କ ହୃଦୟ ଦେଇଛନ୍ତି ଏବଂ ଆମ ରାଜ୍ୟକୁ ଗର୍ବିତ କରିଛନ୍ତି। କର୍ନାଟକ ସରକାରଙ୍କ ପକ୍ଷରୁ ସଭିଙ୍କୁ ହୃଦୟରୁ ଅଭିନନ୍ଦନ ଓ ସେମାନଙ୍କ ସଫଳତା ଜାରି ରହୁ ମୋର କାମନା। ୧୮ ବର୍ଷର ସଂଘର୍ଷ ଛୋଟ ନୁହେଁ।

ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରେ ଆର୍‌ସିବି ଦଳକୁ ବିଧାନ ସୌଧରୁ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ ନିଆଯାଇଥିଲା। ଖେଳାଳିଙ୍କୁ ନିଆଗଲା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ପ୍ରଶଂସକ ଛିଡ଼ା ହୋଇ ରହିଥିଲେ। ଭିକ୍ଟ୍ରି ପରେଡ ଲାଗି ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଅନୁମତି ଦେଇଥିଲେ। ପୂର୍ବରୁ ଭିକ୍ଟ୍ରି ପରେଡ ହୋଇ ନ ପାରେ ବୋଲି ବେଙ୍ଗାଲୁରୁ ଟ୍ରାଫିକ ପୋଲିସ ପକ୍ଷରୁ କୁହାଯାଇଥିଲା। ଆମେ ସମସ୍ତ ଫ୍ୟାନ୍ସଙ୍କୁ ପୋଲିସ ଓ ଅନ୍ୟ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଗାଇଡ୍‌ଲାଇନ୍ସ ପାଳନ କରିବାକୁ ଅନୁରୋଧ କରୁଛୁ; ଯାହା ଫଳରେ ସମସ୍ତେ ଶାନ୍ତିରେ ରୋଡ୍ ଶୋ'କୁ ଉପଭୋଗ କରିପାରିବେ ବୋଲି ଆର୍‌ସିବି ପକ୍ଷରୁ ଏକ୍ସ'ରେ ପୋଷ୍ଟ କରାଯାଇଥିଲା। ଖେଳାଳିମାନେ ଟ୍ରଫି ସହ ଫଟୋ ଉଠାଇବା ସହିତ ଖୁବ୍ ମଜା କରିଥିଲେ। ଆର୍‌ସିବି ଦଳ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ପହଞ୍ଚିବା ପରେ ପୂରା ଷ୍ଟାଡିୟମରେ ଘୂରି ଘୂରି ଉପସ୍ଥିତ ଦର୍ଶକଙ୍କୁ ଆଇପିଏଲ୍ ଟ୍ରଫି ଦେଖାଇଥିଲେ।

# ଈ ସାଲ କପ୍ ନାମଦ୍ଦୁ: କୋହଲି

ଆର୍‌ସିବି ଦଳ ଭିକ୍ଟ୍ରି ପରେଡ ଶେଷ କରି ସନ୍ଧ୍ୟାରେ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ପହଞ୍ଚି ଥିଲା। ଖେଳାଳିମାନେ ଟ୍ରଫି ସହ ଷ୍ଟାଡିୟମରେ ଫଟୋଶୁଟ୍ କରିବା ପରେ ବିରାଟ କୋହଲି ଉପସ୍ଥିତ ହଜାର ହଜାର ଦର୍ଶକଙ୍କୁ ସମ୍ବୋଧିତ କରିଥିଲେ।

"ମୋ ପାଖରେ ଅଧିକ ସମୟ ନାହିଁ। ଆମକୁ ଏହି ଇଭେଣ୍ଟକୁ ଶୀଘ୍ର ଶେଷ କରିବାର ଅଛି ଏବଂ ଆପଣଙ୍କୁ ଟ୍ରଫି ଦେଖାଇବାର ଅଛି। ଏଣୁ ମୋତେ କଥା ହେବାକୁ ଦିଅନ୍ତୁ। ଆମେ ଟ୍ରଫି ଜିତିବା ପରେ ଆମ କ୍ୟାପ୍ଟେନ ଯାହା କହିଥିଲେ, ତାହାକୁ ମୁଁ ଦୋହରାଇବି। ଏବେ ଠାରୁ ଆଉ 'ଈ ସାଲ କପ୍ ନାମଦେ' ନୁହେଁ। ଏବେଠାରୁ 'ଈ ସାଲ କପ୍ ନାମଦ୍ଦୁ'(ଏ ବର୍ଷ କପ୍ ଆମର)। ଆମେ ଏହା କରି ଦେଖାଇଛୁ। ଏହା କେବଳ ଖେଳାଳି କିମ୍ବା ୧୮ ବର୍ଷ ହେଲା ଏଠାରେ ଥିବା ମୋ ପାଇଁ ନୁହେଁ, ବରଂ ଏହା ଆପଣ ସଭିଙ୍କ ଲାଗି। ଗତ ୧୮ ବର୍ଷ ଧରି ଆର୍‌ସିବିକୁ ସମର୍ଥନ କରିଥିବା ଲୋକଙ୍କ ପାଇଁ। ଦଳ ପ୍ରତି ତୁମ ମନରେ ଥିବା ବିଶ୍ୱାସ ଓ ଭଲ ପାଇବା, ସତରେ ଖୁବ୍ ସ୍ୱତନ୍ତ୍ର। ମୁଁ କଦାପି ଏଭଳି ଫ୍ୟାନ ବେସ ବିଶ୍ୱର ଅନ୍ୟ କୌଣସି ସ୍ଥାନରେ ଦେଖି ନାହିଁ। ଏଣୁ ଆପଣ ସଭିଙ୍କୁ ଅଭିନନ୍ଦନ ଜଣାଉଛି'' ବୋଲି କୋହଲି କହିଥିଲେ।


# ବିଜୟ ଉତ୍ସବ ଲାଗି ଉପଯୁକ୍ତ ଯୋଜନା ଆବଶ୍ୟକ ଥିଲା: ବିସିସିଆଇ

ନୂଆଦିଲ୍ଲୀ,୪।୬(ପି.ଟି.)

ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଘଟିଥିବା ଦଳାଚକଟା କାରଣରୁ ଅତିକମ୍‌ରେ ୧୧ଜଣଙ୍କ ମୃତ୍ୟୁ ଘଟଣାକୁ ଦୁର୍ଭାଗ୍ୟଜନକ କହିବା ସହ ଆର୍‌ସିବିର ଆଇପିଏଲ୍ ବିଜୟ ଉତ୍ସବ ଲାଗି ଭଲ ଭାବେ ଯୋଜନ କରାଯିବାର ଆବଶ୍ୟକତା ଥିଲା ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି। ଆର୍‌ସିବି ଦୀର୍ଘ ୧୮ ବର୍ଷର ଅପେକ୍ଷାର ଅନ୍ତ ଘଟାଇବା ପରେ ବେଙ୍ଗାଲୁରୁ ସହର ଉତ୍ସବମୁଖର ହୋଇ ଉଠିଥିଲା। ହେଲେ ଦିନକ ପରେ ସହରରେ ନୈରାଶ୍ୟ ଖେଳିଯାଇଛି। ଲକ୍ଷ ଲକ୍ଷ ପ୍ରଶଂସକ ଷ୍ଟାଡିୟମ ବାହାରେ ଏକତ୍ରିତ ହୋଇଥିଲେ, ଯାହାକୁ ପୋଲିସ ନିୟନ୍ତ୍ରଣ କରିପାରି ନ ଥିଲା। ଫଳରେ ଦଳାଚକଟା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା।

ଏହା ନିଶ୍ଚିତ ରୂପେ ଦୁର୍ଭାଗ୍ୟଜନକ। ଏହା ଲୋକପ୍ରିୟତାର ନକାରାତ୍ମକ ପକ୍ଷ। ଲୋକେ ସେମାନଙ୍କ ପସନ୍ଦୀୟ କ୍ରିକେଟରଙ୍କ ପାଇଁ ପାଗଳ। ଆୟୋଜକମାନେ ଆହୁରି ଭଲ ଭାବେ ବିଜୟ ଉତ୍ସବ ଯୋଜନା କରିବା କଥା। ମୃତକଙ୍କ ପରିବାର ପ୍ରତି ମୋର ସମବେଦନା ରହିଛି। ମୁଁ ଆହତଙ୍କର ଆଶୁ ଆରୋଗ୍ୟ କାମନା କରୁଛି। ଏଭଳି ଆକାରରେ ବିଜୟ ଉତ୍ସବ ଆୟୋଜନ ବେଳେ ଉପଯୁକ୍ତ ସତର୍କତା, ସୁରକ୍ଷା ଓ ନିରପତ୍ତା ଉପରେ ବିଶେଷ ଧ୍ୟାନ ଦିଆଯିବା ଦରକାର। କେଉଁଠି ନା କେଉଁଠି ଏଥିରେ ଭୁଲ୍ ହୋଇଛି। ଆଇପିଏଲ୍‌ର ଚମକପ୍ରଦ ଶେଷ ପରେ ଏଭଳି ଘଟଣା ଘଟିବା ଉଚିତ ନୁହେଁ। ଆଇପିଏଲ୍ ବିଜୟ ଉତ୍ସବ ପୂର୍ବରୁ ବି ହୋଇଛି। ଗତ ବର୍ଷ କୋଲକାତାରେ ବି ହୋଇଥିଲା। କିନ୍ତୁ ସେଭଳି କିଛି ଘଟି ନ ଥିଲା। ଟି୨୦ ବିଶ୍ୱକପ୍ ଜିତିବା ପରେ ଭାରତୀୟ ଦଳ ଲାଗି ମଧ୍ୟ ବିଜୟ ଉତ୍ସବ ଆୟୋଜନ କରାଯାଇଥିଲା। ମୁମ୍ବାଇରେ ଜନ ସମୁଦ୍ର ଦେଖାଯାଇଥିଲା। ତଥାପି କିଛି ଘଟି ନ ଥିଲା। ପୋଲିସ ଓ ସ୍ଥାନୀୟ ଅଧିକାରୀ ଲୋକଙ୍କ ସୁରକ୍ଷା ନିଶ୍ଚିତ କରିବା ଦିଗରେ ମିଳିତ ଭାବେ କାର୍ଯ୍ୟ କରିଥିଲେ। ମୁଁ ଆଶା କରୁଛି, ଆଗକୁ ଏଭଳି କିଛି ଘଟିବ ନାହିଁ। ଏପରି କି ଅହମଦାବାଦରେ ଆଇପିଏଲ୍ ଫାଇନାଲ ପାଇଁ ଷ୍ଟାଡିୟମରେ ୧.୨୦ ଲକ୍ଷ ଲୋକ ଏକତ୍ରିତ ହୋଇଥିଲେ। କିନ୍ତୁ ବିସିସିଆଇ ପାଖରେ ଦର୍ଶକଙ୍କ ସୁରକ୍ଷା ଓ ନିରପତ୍ତା ଲାଗି ସ୍ଥାନୀୟ ଜିଲା ପ୍ରଶାସନ ଓ ଆଇନ ପ୍ରଣୟନ ଅଧିକାରୀଙ୍କ ସହ ମିଳିତ ସହଯୋଗରେ ଉପଯୁକ୍ତ ଯୋଜନା ସହ କାର୍ଯ୍ୟ କରନ୍ତି ବୋଲି ସାଇକିଆ କହିଛନ୍ତି।

# ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ




ଜୋନ୍ ଚାମ୍ପିୟନ ଭୁବନେଶ୍ୱର ଏଫ୍‌ସି ଦଳ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୪।୬ (ତପନ ସ୍ୱାଇଁ)


ସିଏମ୍ ଟ୍ରଫି ୧୫ ବର୍ଷରୁ କମ୍ ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟର ଅନ୍ତିମ କ୍ୱାର୍ଟର ଫାଇନାଲ ଭୁବନେଶ୍ୱର ଜୋନ୍‌ରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଏଫ୍‌ସି ୯-୧ ଗୋଲରେ କଟକ ଏଫ୍‌ସିକୁ ହରାଇ ଜୋନ୍ ଚାମ୍ପିୟନ ହୋଇଛି। ଏଥିସହ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍‌ଅପ୍ ହୋଇଛି। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ଘଡ଼େଇ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଫୁଟବଲ ସମ୍ପାଦକ ଦିଲୀପ କୁମାର ଦାସ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିୟନ ଦଳକୁ ୫୦,୦୦୦ ଓ ରନରଅପ୍ ଦଳକୁ ୨୫,୦୦୦ ଟଙ୍କା ପ୍ରଦାନ କରାଯାଇଛି। ଗୁରୁବାର କ୍ୟାପିଟାଲ ଫୁଟବଲ ଆରେନାରେ ନବରଙ୍ଗପୁର ଓ ଭୁବନେଶ୍ୱର ମଧ୍ୟରେ ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହେବ। ଝାରସୁଗୁଡ଼ାର ଓଏସ୍‌ଏପି ମିନି ଷ୍ଟାଡିୟମରେ ଦ୍ୱିତୀୟ ସେମିଫାଇନାଲ ଯାଜପୁର ଓ ବରଗଡ଼ ମଧ୍ୟରେ ଖେଳାଯିବ। ୨ଟି ଯାକ ମ୍ୟାଚ ଅପରାହ୍ଣ ୪ଟା ୩୦ରେ ଅନୁଷ୍ଠିତ ହେବ।

# ସେମିରେ ଗଫ, ବୋଇସନ

## ଫ୍ରେଞ୍ଚ ଓପନ

**ପ୍ୟାରିସ,୪।୬:** ୨୦୨୨ ସଂସ୍କରଣର ଚାମ୍ପିୟନ ତଥା ୱାର୍ଲ୍ଡ ନଂ-୨ କୋକୋ ଗଫ ଓ ଅଣସିଡ୍ ଫ୍ରାନ୍ସର ଲୋଇସ ବୋଇସନ ଚଳିତ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି।

ବୁଧବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ଗଫ ୬-୭(୬-୮), ୬-୪, ୬-୧ ସେଟ୍‌ରେ ସପ୍ତମ ସିଡ୍ ମାଡିସନ କିଜଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ଏକ କ୍ୱାର୍ଟର ଫାଇନାଲ ମୁକାବିଲାରେ ବୋଇସନ ୭-୬(୮-୬), ୬-୩ ସିଧାସଳଖ ସେଟ୍‌ରେ ଷଷ୍ଠ ସିଡ୍ ମିରା ଆଣ୍ଡ୍ରିଭାଙ୍କୁ ହରାଇଛନ୍ତି। ସେମିଫାଇନାଲରେ ଗଫ ଓ ବୋଇସନ ପରସ୍ପରକୁ ଭେଟିବେ। ଅନ୍ୟ ଏକ ସେମିଫାଇନାଲରେ ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କା ଓ ଗତ ୩ ଥରର ଚାମ୍ପିୟନ ଇଗା ସ୍ୱିକେଟଙ୍କ ମଧ୍ୟରେ ମୁକାବିଲା ହେବ।



ମ୍ୟାଚ୍ ଜିତିବା ପରେ ଫ୍ରାନ୍ସର ଲୋଇସ ବୋଇସନ।

# ଥାଇଲାଣ୍ଡଠାରୁ ହାରିଲା ଭାରତ

**ପଥୁମ ଥାନି,୪।୬(ପି.ଟି.):** ଥାଇଲାଣ୍ଡ ବିପକ୍ଷରେ ବୁଧବାର ଖେଳାଯାଇଥିବା ଇଣ୍ଟରନ୍ୟାସନାଲ ଫୁଟବଲ ଫ୍ରେଣ୍ଡଲୀ ମ୍ୟାଚ୍‌ରେ ଭାରତ ୦-୨ ଗୋଲରେ ପରାସ୍ତ ହୋଇଛି। ବିଜୟୀ ଦଳ ପକ୍ଷରୁ ବେଞ୍ଜାମିନ ଡେଭିସ (ଅଷ୍ଟମ ମିନିଟ୍) ଓ ପୋରାମେଟ ଆର୍ଜଭିଲାଇ (୫୯ତମ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଏହି ପରାଜୟ ପୂର୍ବରୁ ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ଦୁଇଟି ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଥିଲା। ଥାଇଲାଣ୍ଡ ଫିଫା ର୍‍ୟାଙ୍କିଙ୍ଗ୍ସରେ ୯୯ତମ ସ୍ଥାନରେ ରହିଥିବା ବେଳେ ଭାରତ ୧୨୭ତମ ସ୍ଥାନରେ ରହିଛି। ଏସିଆନ କପ୍ ଫାଇନାଲ କ୍ୱାଲିଫାଇଙ୍ଗ ରାଉଣ୍ଡ ଲାଗି ଭାରତୀୟ ଦଳ ପ୍ରସ୍ତୁତ ହେବା ପାଇଁ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳୁଛି। ଆସନ୍ତା ୧୦ ତାରିଖରେ ଭାରତ କୋଲୁନଠାରେ ହଂକଂକୁ ଭେଟିବ।

# ସୁଚିତ୍ରାଙ୍କୁ ରୌପ୍ୟ ଓ ବ୍ରୋଞ୍ଜ

## ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଗ୍ରାଁ ପ୍ରି

ଭୁବନେଶ୍ୱର, ୪।୬ (ତପନ ସ୍ୱାଇଁ)

ଓଡ଼ିଶା ପାରା ଆଥ୍‌ଲେଟ୍ ସୁଚିତ୍ରା ପରିଡ଼ା ପ୍ୟାରିସରେ ଅନୁଷ୍ଠିତ ୱାର୍ଲ୍ଡ ପାରା ଆଥଲେଟିକ୍ସ ଗ୍ରାଁ ପ୍ରିରେ ପ୍ରଭାବୀ ପ୍ରଦର୍ଶନ କରି ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ମହିଳା ଜାଭେଲିନ୍ ଥ୍ରୋ ଏଫ୍୫୪/ଏଫ୍୫୫ ବର୍ଗରେ ସେ ବ୍ୟକ୍ତିଗତ ଶ୍ରେଷ୍ଠ ୧୭.୯୮ ମିଟର ଥ୍ରୋ କରି ରୌପ୍ୟ ପଦକ ହାସଲ କରିଛନ୍ତି। ମେକ୍ସିକୋର ନାଭାରୋ ଏଚ୍.ଏମ୍‌ଜି ନୂଆ ଆମେରିକାନ ରେକର୍ଡ ସହ ୧୯.୬୬ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ମହିଳା ଶଟ୍ ପୁଟ୍ ଏଫ୍୩୪/ଏଫ୍/୫୪/ଏଫ୍୫୫ ବର୍ଗରେ ସେ ୫.୪୩ ମିଟର ଥ୍ରୋ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ମେକ୍ସିକୋର ଗ୍ଲୋରିଆ ଜର୍ଜ ଗ୍ୱାଡର୍ମା (୭.୭୨ ମିଟର) ସ୍ୱର୍ଣ୍ଣ ଓ ନେଦରଲାଣ୍ଡ୍ସର ନର୍ଜେ ଭାନ୍ ବିନ୍ଦସବର୍ଗେନ ୫.୪୭ ମିଟର ସହିତ ରୌପ୍ୟ ପଦକ ହାସଲ କରିଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ ସୁଚିତ୍ରାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।



ସୁଚିତ୍ରା ପରିଡ଼ା

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ